# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୦/୨୦୨୪ (୧୪ ପୃଷ୍ଠା) | Bhubaneswar, Wednesday, April 10/2024 | Page 14 | ₹ 7.00

୫୦ଶ ଭାଗ ୧୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 136 | ମୂଲ୍ୟ ₹୭/-




**ହେରେରାଙ୍କ ଗୋଲ୍‌ରେ ଗୋଆ ବିଜୟୀ**

ଆଇଏସ୍ଏଲ୍‌ର ମଙ୍ଗଳବାର ମ୍ୟାଚ୍‌ରେ ଇଞ୍ଜୁରୀ ଟାଇମରେ ବୋର୍ଜା ହେରେରାଙ୍କ ଗୋଲ୍‌ରେ ଜାମସେଦପୁର ଏଫ୍‌ସିକୁ ହରାଇଛି ଏଫ୍‌ସି ଗୋଆ।


୧୪



୦୨


**୧୧ରେ 'ମଇଦାନ' ରିଲିଜ୍**

ବଲିଉଡ୍ ଅଭିନେତା ଅଜୟ ଦେବଗନ୍‌ଙ୍କ ଫିଲ୍ମ 'ମଇଦାନ'ର ରିଲିଜ୍ ତାରିଖକୁ ଗୋଟିଏ ଦିନ ଘୁଞ୍ଚାଇ ଦିଆଯାଇଛି। ଏପ୍ରିଲ ୧୧ରେ ଏହି ଚଳଚ୍ଚିତ୍ର ରିଲିଜ୍ ହେବ।



# ହାଇକୋର୍ଟରେ କେଜ୍‌ରିୱାଲ ନିରାଶ

## ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ଆପ୍



**ନୂଆଦିଲ୍ଲୀ,୯।୪**

ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ମନି ଲଣ୍ଡରିଂ ମାମଲାରେ ଗିରଫ ହୋଇ ତିହାର ଜେଲରେ ଥିବା ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ମଙ୍ଗଳବାର ହାଇକୋର୍ଟରୁ ନିରାଶ ହେବାକୁ ପଡ଼ିଛି। କେଜ୍‌ରିୱାଲ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଗିରଫଦାରିକୁ ଚ୍ୟାଲେଞ୍ଜକରି ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ତେବେ ଆଇନଗତ ପ୍ରକ୍ରିୟାର ଉଲ୍ଲଂଘନ ହୋଇ ନ ଥିବା ଦର୍ଶାଇ ଅଦାଲତ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି। କେଜ୍‌ରିୱାଲ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପକ୍ଷରୁ କୁହାଯାଇଛି।

ଗତ ମାର୍ଚ୍ଚ ୨୧ରେ ହାଇକୋର୍ଟ କେଜ୍‌ରିୱାଲଙ୍କୁ ସୁରକ୍ଷା ଦେବାକୁ ମନା କରିବା ପରେ ଇଡି ତାଙ୍କୁ ଗିରଫ କରିଥିଲା। ରିମାଣ୍ଡ ଅବଧି ଶେଷ ହେବା ପରେ ରାଉଜ୍ ଆଭେନ୍ୟୁ କୋର୍ଟ ତାଙ୍କୁ ଏପ୍ରିଲ ୧୫ ପର୍ଯ୍ୟନ୍ତ ବିଚାରବିଭାଗୀୟ ହାଜତକୁ ପଠାଇଥିଲେ। କେଜ୍‌ରିୱାଲ ନିଜ ଗିରଫଦାରି ଏବଂ ଇଡି ରିମାଣ୍ଡକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଅନୁରୂପ ଭାବେ ତାଙ୍କ ଗିରଫଦାରିକୁ ଚ୍ୟାଲେଞ୍ଜ କରିଆଉ ଏକ ରିଟ୍‌ପିଟିଶନ୍ ମଧ୍ୟ ଦାଖଲ ହୋଇଥିଲା। ଜଷ୍ଟିସ୍ ସ୍ୱରଣାକାନ୍ତ ଶର୍ମା କେଜ୍‌ରିୱାଲଙ୍କ ଆବେଦନର ଶୁଣାଣି କରି କହିଛନ୍ତି, ଇଡି ନିକଟରେ 'ପର୍ଯ୍ୟାପ୍ତ ପ୍ରମାଣ' ରହିଛି, ଯାହାକୁ ନେଇ ଏଜେନ୍ସି ତାଙ୍କୁ ଗିରଫ କରିଛି। ଏହି ପ୍ରମାଣ ବଳରେ ତଳ କୋର୍ଟ ଇଡିକୁ ରିମାଣ୍ଡ୍ ଅନୁମତି ଦେଇଥିଲେ। ରିମାଣ୍ଡକୁ ବେଆଇନ ଦର୍ଶାଯାଇପାରିବ ନାହିଁ ବୋଲି ୨୫ ମିନିଟ୍ ଧରି ରାୟ ଶୁଣାଇବା ବେଳେ ବିଚାରପତି ଶର୍ମା କହିଥିଲେ। ଜଷ୍ଟିସ୍ ଶର୍ମା ଆହୁରି କହିଥିଲେ, ଅଦାଲତ କେଜ୍‌ରିୱାଲଙ୍କ ଜାମିନ ଆବେଦନର ଶୁଣାଣି କରି ନାହାନ୍ତି, ବରଂ ଗିରଫଦାରିକୁ ଚ୍ୟାଲେଞ୍ଜ କରି ସେ ଦାଖଲ କରିଥିବା ରିଟ୍ ପିଟିଶନ ଉପରେ ଏହି ରାୟ ଦେଇଛନ୍ତି। ଆଇନ ସମାନ ଭାବେ ସମସ୍ତ ଅଦାଲତରେ ଲାଗୁ ହୋଇଥାଏ। କୋର୍ଟଗୁଡ଼ିକ ରାଜନୈତିକ ନୈତିକତା ପରିବର୍ତ୍ତେ ସାମ୍ବିଧାନିକ ନୈତିକତାକୁ ଗୁରୁତ୍ୱ ଦେଇଥାଆନ୍ତି। ଲୋକ ସଭା ନିର୍ବାଚନରେ କେଜ୍‌ରିୱାଲଙ୍କୁ ପ୍ରଚାର କରାଇ ନ ଦେବା ପାଇଁ ତାଙ୍କୁ ଗିରଫ କରାଯାଇଛି ବୋଲି ଆପ୍ ଦର୍ଶାଉଥିବାବେଳେ ☞ପୃଷ୍ଠା-୪



ହିନ୍ଦୁ ରାଷ୍ଟ୍ରୀୟ ନବବର୍ଷ ମହୋତ୍ସବ ପାଳନ ଅବସରରେ ସୋମବାର କଟକ ପିଠାପୁର ମଦନ ମୋହନ ମନ୍ଦିର ନିକଟରୁ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରୁଛି। **(ଫଟୋ: ରାଜକିଶୋର ମହାନ୍ତି)**

# ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ମନା

**ସମ୍ବଲପୁର,୯।୪ (ପ୍ରମୋଦ ବହିଦାର)**

ଗତବର୍ଷ ହନୁମାନ ଜୟନ୍ତୀ ଅବସରରେ ସମ୍ବଲପୁର ସହରରେ ବାହାରିଥିବା ଶୋଭାଯାତ୍ରା ବେଳେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ହୋଇଥିଲା। ବ୍ୟାପକ ପୋଡ଼ାଜଳା ସାଙ୍ଗକୁ ଜୀବନହାନି ଘଟିଥିଲା। ଏଥିଯୋଗୁ ୬ ଥାନା ଅଞ୍ଚଳରେ ପ୍ରାୟ ୧୦ ଦିନ ଧରି କର୍ଫ୍ୟୁ ଲାଗୁ କରାଯିବା ସହ ଇଣ୍ଟରନେଟ୍ ସେବା ବନ୍ଦ କରିଦିଆଯାଇଥିଲା। ଆଗକୁ ନିର୍ବାଚନ ଥିବାବେଳେ ଗତବର୍ଷର ଭୟାବହ ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତବର୍ଷ ସମ୍ବଲପୁରରେ ହନୁମାନ ଜୟନ୍ତୀରେ ଶୋଭାଯାତ୍ରା, ବାଇକ୍ ରାଲି ଓ ଆଖଡ଼ାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। କେବଳ ବିଧି ଅନୁସାରେ ଅନ୍ୟାନ୍ୟ ପୂଜାର୍ଚ୍ଚନା କରାଯିବ। ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

ହନୁମାନ ଜୟନ୍ତୀକୁ ଶାନ୍ତି ଓ ଭାଇଚାରା ମଧ୍ୟରେ ପାଳନ କରିବାକୁ ସମ୍ବଲପୁର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ସହରବାସୀଙ୍କୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ବିଭିନ୍ନ ସଙ୍ଗଠନର ପ୍ରତିନିଧି ତଥା ବୁଦ୍ଧିଜୀବୀଙ୍କ ମତ ଲୋଡ଼ାଯାଇଥିଲା। ଏଥିରେ ଏସ୍‌ପି ମୁକେଶ ଭାମୁ ଉପସ୍ଥିତ ଥିଲେ। ଆଗକୁ ନିର୍ବାଚନ ଥିବାରୁ ଏଥର ହନୁମାନ ଜୟନ୍ତୀ ଶୋଭାଯାତ୍ରା ବନ୍ଦ ରଖିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିବା ଜିଲାପାଳ କହିଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଏପ୍ରିଲ ୧୨ରେ ସମ୍ବଲପୁରରେ ହନୁମାନ ଜୟନ୍ତୀ ସଚେତନତା ପାଇଁ ବାଇକ୍ ରାଲି ଓ ମୁଖ୍ୟ ଶୋଭାଯାତ୍ରା ସମୟରେ ହିଂସାକାଣ୍ଡ ହୋଇଥିଲା। ବାଇକ୍ ରାଲି ସମୟରେ ପୋଲିସର ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଫଳ ହୋଇଥିଲା। ଫଳରେ ମୋତିଝରଣ ନିକଟରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ପକ୍ଷରୁ ବାଇକ୍ ରାଲି ଉପରେ ପଥରମାଡ଼ ହୋଇଥିଲା। ଏଥିରେ ଶତାଧିକ ହନୁମାନ ଭକ୍ତ ଆହତ ହୋଇଥିଲେ। ଏହି ଘଟଣା ପରେ ମଧ୍ୟ ପୋଲିସର ଚେତା ପଶି ନ ଥିଲା। ଫଳସ୍ୱରୂପ ଗୋଟିଏ ଦିନ ପରେ ଅର୍ଥାତ୍ ଏପ୍ରିଲ ୧୪ରେ ଜିଲା ସୁରକ୍ଷା ବ୍ୟବସ୍ଥାର ସୁଯୋଗରେ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ପକ୍ଷରୁ ହନୁମାନ ଜୟନ୍ତୀ ମୁଖ୍ୟ ଶୋଭାଯାତ୍ରା ଉପରେ ପୁନର୍ବାର ପଥରମାଡ଼ ହେବା ସହ ଦୁଇଜଣ ଯୁବକଙ୍କ ଉପରେ ☞ପୃଷ୍ଠା-୪

# ଘରୋଇ ଓଡ଼ିଆ ମିଡିୟମ ସ୍କୁଲ ପିଲାଙ୍କୁ ମିଳିବ ମାଗଣା ପୁସ୍ତକ

**ଭୁବନେଶ୍ୱର, ୯।୪(ଅସମାପିକା ସାହୁ)**

ରାଜ୍ୟର ସମସ୍ତ ଘରୋଇ ଏବଂ ଅନୁଦାନପ୍ରାପ୍ତ ଓଡ଼ିଆ ମିଡିୟମ ସ୍କୁଲର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାର ମାଗଣା ପୁସ୍ତକ ପ୍ରଦାନ କରିବେ। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏଥିପାଇଁ ଟେକ୍ସଟ ବୁକ୍ ପ୍ରଡକ୍ସନ ଆଣ୍ଡ ମାର୍କେଟିଂ (ଟିବିପିଏମ୍)କୁ ପୁସ୍ତକ ଛପା ଓ ବଣ୍ଟନ ନିମନ୍ତେ ଶ୍ରେଣୀ, ବ୍ଲକ ଏବଂ ଜିଲାସ୍ତରରେ ନାମଲେଖା ତଥ୍ୟ ଦିଆଯାଇଛି। ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମକୁ ସୁରୁଖୁରୁରେ କରିବା ପାଇଁ ୨୦୨୪-୨୫ ଶିକ୍ଷାବର୍ଷର ସମସ୍ତ ଘରୋଇ ଏବଂ ଅନୁଦାନପ୍ରାପ୍ତ ଓଡ଼ିଆ ମିଡିୟମ ସ୍କୁଲ ତାଲିକା ମାଗିଛି ଗଣଶିକ୍ଷା ବିଭାଗ। ଏ ନେଇ ଓସେପା ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ମାଗଣା ପୁସ୍ତକ କିପରି ସୁରୁଖୁରୁରେ ଦିଆଯିବ, ସେ ଦିଗରେ ଉଚିତ ପଦକ୍ଷେପ ନେବା ପାଇଁ କୁହାଯାଇଛି।

# ଆଙ୍ଗୁଠିରେ ଭୋଟ୍ କାଳି ଲାଗିଥିଲେ ପରୀକ୍ଷା ହଲ୍‌କୁ ବାରଣ ନାହିଁ: ଏନ୍‌ଟିଏ

**ଭୁବନେଶ୍ୱର, ୯।୪ (ଅସମାପିକା ସାହୁ)**

ଆଙ୍ଗୁଠିରେ ଭୋଟ୍ କାଳି ଲାଗିଥିଲେ ପରୀକ୍ଷା ହଲ୍‌କୁ ଯିବା ପାଇଁ ବାରଣ ନାହିଁ। ଆଙ୍ଗୁଠିରେ ଭୋଟ୍ କାଳି ଲାଗିଥିଲେ ମଧ୍ୟ ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ସବୁ ପରୀକ୍ଷା ଦେଇହେବ। ଏ ନେଇ ଏନ୍‌ଟିଏ ମଙ୍ଗଳବାର ନୋଟିସ ଜାରି କରିଛି। ସାଧାରଣ ନିର୍ବାଚନର ଭୋଟ୍ କାଳି ଆଙ୍ଗୁଠିରେ ଲାଗିଥିଲେ ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବାକୁ ବାରଣ କରାଯିବା ନେଇ ସୋସିଆଲ ମିଡିଆରେ ଯେଉଁ ପ୍ରଚାର ହେଉଛି ତାହା ଗୁଜବ ବୋଲି ଏନ୍‌ଟିଏ କହିଛି। ଉପରୋକ୍ତ ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଭିତ୍ତିହୀନ ଏବଂ ସେପରି କୌଣସି ସୂଚନା ପ୍ରଦାନ କରାଯାଇନାହିଁ ବୋଲି ଏନ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏପରି ଗୁଜବ ପ୍ରତି ଧ୍ୟାନ ନ ଦେବା ଏବଂ ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଏନ୍‌ଟିଏ ଅନୁରୋଧ କରିଛି। ନିର୍ବାଚନରେ ମତଦାନ ସେମାନଙ୍କର ପରୀକ୍ଷା ଦେବାକୁ ଯୋଗ୍ୟତା ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ପ୍ରାର୍ଥୀମାନଙ୍କୁ ସେମାନଙ୍କ ଅଧ୍ୟୟନ ଉପରେ ଧ୍ୟାନ ଦେବାକୁ ଏବଂ ଆଗାମୀ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଏନ୍‌ଟିଏ ପରାମର୍ଶ ଦେଇଛି। ପରୀକ୍ଷାର୍ଥୀଙ୍କୁ ଏନ୍‌ଟିଏର ଅଫିସିଆଲ୍ ୱେବ୍‌ସାଇଟ୍ www.nta.ac.in ଏବଂ https://exams.nta.ac.in/NEET/ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି।

# ପଣାସଂକ୍ରାନ୍ତି ତାରିଖକୁ ନେଇ ହାଇକୋର୍ଟରେ ମାମଲା

## ମୁକ୍ତିମଣ୍ଡପ ପଣ୍ଡିତସଭାର ନିଷ୍ପତ୍ତିକୁ ବିରୋଧ

**କଟକ,୯।୪ (କାର୍ତ୍ତିକ ସାହୁ)**

ଅଧିବର୍ଷ କାରଣରୁ ୨୦୨୪ ମସିହା ୩୬୫ ଦିନ ବଦଳରେ ୩୬୬ ଦିନ ହୋଇଛି। ଫଳରେ ଚଳିତବର୍ଷ ଏପ୍ରିଲ ୧୪ ବଦଳରେ ୧୩ ତାରିଖରେ ମହାବିଷୁବ ସଂକ୍ରାନ୍ତି ଅର୍ଥାତ୍ ପଣା ସଂକ୍ରାନ୍ତି ପାଳନ ହେବ। ହେଲେ କେତେକ ପଞ୍ଜିକାରେ ଏପ୍ରିଲ ୧୪ ତାରିଖରେ ପଣା ସଂକ୍ରାନ୍ତି ପାଳନ କରାଯିବ ବୋଲି ମୁଦ୍ରିତ ହୋଇଛି। ଏହି ପଞ୍ଜିକାଗୁଡ଼ିକୁ ପୁରୀ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା ଅନୁମୋଦନ ଦେଇଥିବାରୁ ଏହା ବିରୋଧରେ ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ମଙ୍ଗଳବାର ରୁଜୁ କରାଯାଇଛି।

ମାମଲାର ବିବରଣୀ ଅନୁସାରେ, ଓଡ଼ିଶାର ପ୍ରାୟ ସମସ୍ତ ପାଞ୍ଜି ଗଣନାରେ ବିଶେଷ ଭାବେ ଅବଲମ୍ବନ କରାଯାଉଥିବା ସାମନ୍ତ ଚନ୍ଦ୍ରଶେଖରଙ୍କ ସିଦ୍ଧାନ୍ତ ଦର୍ପଣ, ଯାଜପୁର ଜିଲାରେ ବିରଜା ପାଞ୍ଜି ଗଣନାରେ ବ୍ୟବହୃତ ଶତାନନ୍ଦଙ୍କ ଭାସ୍ୱତୀ, ଭାରତରେ ପାରମ୍ପରିକ ପାଞ୍ଜି ଗଣନାରେ ବ୍ୟବହୃତ ସୂର୍ଯ୍ୟସିଦ୍ଧାନ୍ତ ଏବଂ ଆଧୁନିକ ବୈଜ୍ଞାନିକ ପଦ୍ଧତି ଗଣନା ଅନୁସାରେ ଏପ୍ରିଲ ୧୩ରେ ପଣା ସଂକ୍ରାନ୍ତି ପଡୁଛି। ଓଡ଼ିଶା ତଥା ସର୍ବଭାରତୀୟ ସ୍ତରରେ ପ୍ରାୟ ସମସ୍ତ ପଞ୍ଜିକାରେ ଏପ୍ରିଲ ୧୩ରେ ହିଁ ମେଷ ରାଶିକୁ ନିରୟଣ ରବି ଚଳନ ହେଉଥିବା ଦର୍ଶାଯାଇଛି। ଭାରତ ସରକାରଙ୍କ ରାଷ୍ଟ୍ରୀୟ ପଞ୍ଚାଙ୍ଗ, ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦର ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା, ଜ୍ୟୋତିର୍ବିଦ୍ୟା ବାଚସ୍ପତି ମେଡେନ କୁମାର ବିଶିଙ୍କ ଦ୍ୱାରା ଗଣିତ ଭାଗ୍ୟଜ୍ୟୋତି ପ୍ରକାଶନର ପରମେଶ୍ୱରୀ ପଞ୍ଜିକା ଓ ଶ୍ରୀକ୍ଷେତ୍ର ପାଞ୍ଜି, ☞ପୃଷ୍ଠା-୪

# ୧୯୫୧ ପରେ ଏଥର ଲମ୍ବା ନିର୍ବାଚନ

**ନୂଆଦିଲ୍ଲୀ,୯।୪**




୧୯୫୧ରେ ହୋଇଥିବା ସାଧାରଣ ନିର୍ବାଚନ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିଲା। ୨୦୨୪ର ଲୋକ ସଭା ନିର୍ବାଚନ ପ୍ରକ୍ରିୟାର ଅବଧି ହେଉଛି ୮୨ ଦିନ। ଗତ ମାର୍ଚ୍ଚ ୧୬ରେ ନିର୍ବାଚନ ତାରିଖ ଘୋଷଣା ଦିନଠାରୁ ଫଳାଫଳ ଆସିବା ପର୍ଯ୍ୟନ୍ତ ୮୨ ଦିନ ହେଉଥିବାରୁ ଏହା ହେଉଛି ଦେଶର ଦ୍ୱିତୀୟ ଲମ୍ବା ନିର୍ବାଚନ।

ଚଳିତ ଲୋକ ସଭା ନିର୍ବାଚନ ୭ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବାବେଳେ ଜୁନ୍ ୪ରେ ଭୋଟ ଗଣତି କରାଯିବ। କାର୍ଯ୍ୟସୂଚୀ ଅନୁଯାୟୀ ଦେଶର ବିଭିନ୍ନ ଭାଗରେ ଏପ୍ରିଲ ୧୯, ୨୬, ମେ' ୭, ୧୩, ୨୦, ୨୫ ଏବଂ ଜୁନ୍ ୧ରେ ଭୋଟ ଗ୍ରହଣ କରାଯିବ ବୋଲି ଗତ ୧୬ ତାରିଖରେ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଘୋଷଣା କରିଥିଲେ। ତେବେ ପ୍ରଥମ ପର୍ଯ୍ୟାୟରୁ ସପ୍ତମ ପର୍ଯ୍ୟାୟ ପର୍ଯ୍ୟନ୍ତ ଭୋଟଗ୍ରହଣକୁ ଦେଖିଲେ ମତଦାନ ଅବଧି ୪୪ ଦିନ ହେଉଛି। ସ୍ୱାଧୀନତା ପରେ ୧୯୫୧-୫୨ରେ ୪ ମାସରୁ ଊର୍ଦ୍ଧ୍ୱ ସମୟ ଧରି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୧୯୮୦ରେ ମାତ୍ର ୪ ଦିନରେ ସାରା ଦେଶରେ ନିର୍ବାଚନ ସମ୍ପୂର୍ଣ୍ଣ ହୋଇଥିଲା। ୨୦୦୪ରେ ଏପ୍ରିଲ ୨୦ରୁ ମେ' ୧୦ ମଧ୍ୟରେ ୪ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ହୋଇଥିଲା। ୨୦୦୯ରେ ଏପ୍ରିଲ ୧୬ରୁ ମେ ୧୩ ଭିତରେ ୫ ପର୍ଯ୍ୟାୟରେ ଦେଶର ଭୋଟରମାନେ ନିଜ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଥିଲେ। ଏହା ପରେ ୨୦୧୪ରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ଏପ୍ରିଲ ୭ରୁ ମେ' ୧୨ ପର୍ଯ୍ୟନ୍ତ ସର୍ବାଧିକ ୯ ପର୍ଯ୍ୟାୟରେ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନ ବେଳେ ଏପ୍ରିଲ ୧୧ରୁ ମେ' ୧୯ ପର୍ଯ୍ୟନ୍ତ ୭ ପର୍ଯ୍ୟାୟରେ ଭୋଟ ଗ୍ରହଣ କରାଯାଇଥିଲା। କେନ୍ଦ୍ର ସରକାର ନିର୍ବାଚନୀ ଖର୍ଚ୍ଚ କାଟ୍ ଓ ପ୍ରଶାସନିକ ବୋଝ ହ୍ରାସ ପାଇଁ ସାରା ଦେଶରେ ଏକକାଳୀନ ନିର୍ବାଚନ କରାଇବା ଉପରେ ଗୁରୁତ୍ୱ ଦେଉଛନ୍ତି। 'ଏକ ଦେଶ ଗୋଟିଏ ନିର୍ବାଚନ' ପାଇଁ ଅନୁଧ୍ୟାନ କରିବା ଲାଗି ସରକାର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ କମିଟି ମଧ୍ୟ ଗଠନ କରିଛନ୍ତି। କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ କେନ୍ଦ୍ରରେ ମୋଦି ସରକାର ଆସିବା ପରଠୁ ଦେଶରେ ନିର୍ବାଚନ ଅବଧି ଲମ୍ବି ଚାଲିଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଉଛନ୍ତି।

# ଆଣ୍ଟୋନି କହିଲେ ପୁଅ ହାରିଯାଉ



ଏ.କେ. ଆଣ୍ଟୋନି



ଅନିଲ ଆଣ୍ଟୋନି

**ଥିରୁଭାନନ୍ତପୁରମ୍,୯।୪**

ବରିଷ୍ଠ କଂଗ୍ରେସ ନେତା ଏ.କେ. ଆଣ୍ଟୋନିଙ୍କ ପୁଅ ଅନିଲ ଆଣ୍ଟୋନି କେରଳର ପଥନମ୍‌ଥିଟ୍ଟାରେ ଭାଜପା ଟିକେଟରେ ନିର୍ବାଚନ ଲଢ଼ୁଛନ୍ତି। ଅନିଲ ଜିତିବା ପାଇଁ ପ୍ରାଣପଣେ ଉଦ୍ୟମ ଜାରି ରଖିଥିବାବେଳେ ଆଣ୍ଟୋନି ପୁଅଙ୍କ ପରାଜୟ କାମନା କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଆଣ୍ଟୋନି କହିଛନ୍ତି, ପୁଅର ଦଳ ଭାଜପା ହାରିବା ଉଚିତ। ଏହି ଆସନରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଆଣ୍ଟୋ ଆଣ୍ଟୋନି ଜିତିବା କଥା। ଏହି ଅବସରରେ ସେ କଂଗ୍ରେସ ନେତାମାନଙ୍କ ପିଲାମାନଙ୍କ ଭାଜପାରେ ଯୋଗଦାନକୁ ନାପସନ୍ଦ କରିଛନ୍ତି। ଭେଟେରାନ୍ ଆଣ୍ଟୋନି କଂଗ୍ରେସକୁ ନିଜ ଧର୍ମ ବୋଲି ଅଭିହିତ କରିଛନ୍ତି। ପ୍ରକାଶ ଯେ, ୨୦୦୨ ଗୁଜରାଟ ଦଙ୍ଗା ଉପରେ ଗତବର୍ଷ ବିବିସି ପକ୍ଷରୁ ପ୍ରସାରିତ ଡକ୍ୟୁମେଣ୍ଟାରୀକୁ ନେଇ ବିବାଦ ଉଠିବା ପରେ ଅନିଲ କଂଗ୍ରେସରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିଲେ। କେରଳର ୨୦ ଲୋକ ସଭା ଆସନରେ ଏପ୍ରିଲ ୨୬ରେ ନିର୍ବାଚନ ହେବ।

# ଏବର୍ଷର ମାର୍ଚ୍ଚ ସବୁଠୁ ଉତ୍ତପ୍ତ

## ୧୨ ମାସର ହାରାହାରି ତାପମାତ୍ରାରେ ନୂଆ ରେକର୍ଡ

**ନୂଆଦିଲ୍ଲୀ,୯।୪(ପି.ଟି.)**

ଚଳିତବର୍ଷର ମାର୍ଚ୍ଚ ବିଶ୍ୱରେ ସବୁଠୁ ଉତ୍ତପ୍ତ ମାସ ଭାବେ ଅନୁଭୂତ ହୋଇଛି। ଏଲ୍ ନିନୋ ସ୍ଥିତି ଏବଂ ମାନବକୃତ ଜଳବାୟୁ ପରିବର୍ତ୍ତନର ମିଳିତ ପ୍ରଭାବ ଯୋଗୁ ଗତବର୍ଷର ଜୁନ୍‌ରୁ କ୍ରମାଗତ ୧୦ ମାସ ତାପମାତ୍ରାରେ ନୂଆ ରେକର୍ଡ ସୃଷ୍ଟି ହୋଇଥିବା ୟୁରୋପୀୟ ସଂଘର ଜଳବାୟୁ ସଂସ୍ଥା କୋପରନିକସ୍ କ୍ଲାଇମେଟ ଚେଞ୍ଜ୍ ସର୍ଭିସ (ସିଥ୍ରିଏସ୍) ପକ୍ଷରୁ କୁହାଯାଇଛି। ଚଳିତ ମାର୍ଚ୍ଚରେ ହାରାହାରି ତାପମାତ୍ରା ୧୪.୧୪ ଡିଗ୍ରୀ ସେଲ୍‌ସିୟସ୍ ଥିଲା। ତେବେ ୧୮୫୦ରୁ ୧୯୦୦ ମଧ୍ୟରେ ମାର୍ଚ୍ଚ ମାସଗୁଡ଼ିକର ହାରାହାରି ତାପମାତ୍ରାକୁ ଦେଖିଲେ, ଏହା ତା'ଠାରୁ ୧.୬୮ ଡିଗ୍ରୀ ସେଲ୍‌ସିୟସ୍ ଅଧିକ। ସେହିପରି ଏଥର ମାର୍ଚ୍ଚର ତାପମାତ୍ରା ୧୯୯୧ରୁ ୨୦୨୦ ମଧ୍ୟରେ ମାର୍ଚ୍ଚ ମାସଗୁଡ଼ିକର ହାରାହାରି ତାପମାତ୍ରାଠାରୁ ଏହା ୦.୭୩ ଡିଗ୍ରୀ ସେଲ୍‌ସିୟସ ଅଧିକ ଥିବା ଜଣାପଡ଼ିଛି। ୨୦୧୬ ମାର୍ଚ୍ଚରେ ତାପମାତ୍ରା ସର୍ବାଧିକ ହୋଇଥିବାବେଳେ ଏଥର ମାର୍ଚ୍ଚ ତାକୁ ଟପିଯାଇଛି।

୨୦୨୩ ଏପ୍ରିଲରୁ ୨୦୨୪ ମାର୍ଚ୍ଚ ଗତ ୧୨ ମାସର ବୈଶ୍ୱିକ ହାରାହାରି ତାପମାତ୍ରା ସର୍ବାଧିକ ରେକର୍ଡ ହୋଇଛି, ଯାହା ୧୯୯୧-୨୦୨୦ ହାରାହାରିଠାରୁ ୦.୭୦ ଡିଗ୍ରୀ ସେଲ୍‌ସିଅସ୍ ଅଧିକ ଏବଂ ୧୮୫୦-୧୯୦୦ର ହାରାହାରି ତାପମାତ୍ରାଠାରୁ ୧.୫୮ ଡିଗ୍ରୀ ସେଲ୍‌ସିୟସ ବେଶୀ ବୋଲି ଜଳବାୟୁ ସଂସ୍ଥା କହିଛି। ଜାନୁଆରୀରେ ପ୍ରଥମ ଥର ପାଇଁ ସାରା ବର୍ଷରେ ହାରାହାରି ତାପମାତ୍ରା ବୃଦ୍ଧି ଧାର୍ଯ୍ୟ ସୀମା ୧.୫ ଡିଗ୍ରୀ ସେଲ୍‌ସିଅସ୍ ବଢ଼ିଥିବା ସିଥ୍ରିଏସ୍ କହିଛି। ଜଳବାୟୁ ପରିବର୍ତ୍ତନର ଖରାପ ପ୍ରଭାବରୁ ମୁକ୍ତି ପାଇବାକୁ ହେଲେ ତାପମାତ୍ରା ବୃଦ୍ଧି ସୀମା ପ୍ରାକ୍ ଶିଳ୍ପ ଯୁଗର ତାପମାତ୍ରାଠାରୁ ୧.୫ ଡିଗ୍ରୀ ସେଲ୍‌ସିଅସ୍ ମଧ୍ୟରେ ସୀମିତ ରଖିବାକୁ ପ୍ୟାରିସ୍ ଚୁକ୍ତିନାମାରେ ସ୍ଥିର ହୋଇଥିଲା। ଉତ୍ତାପ ବଢ଼ିବା କାରଣରୁ ବିଶ୍ୱବ୍ୟାପୀ ଅନାବୃଷ୍ଟି, ବନାଗ୍ନି ଏବଂ ବନ୍ୟା ଆଦି ପ୍ରାକୃତିକ ଦୁର୍ବିପାକ ବୃଦ୍ଧି ପାଇଛି। ବାୟୁମଣ୍ଡଳରେ ସବୁଜ ଗୃହ ବାଷ୍ପର ଘନତା ବିଶେଷ କରି ଅଙ୍ଗାରକାମ୍ଳ ଏବଂ ମିଥେନ୍ ଦ୍ରୁତ ବୃଦ୍ଧି ଯୋଗୁ ହାରାହାରି ବୈଶ୍ୱିକ ତାପମାତ୍ରା ବଢ଼ିଚାଲିଛି। ଗତ ୧୦ ମାସରେ ଉଭୟ ସ୍ଥଳଭାଗ ଓ ଜଳଭାଗର ତାପମାତ୍ରାରେ ରେକର୍ଡ ବୃଦ୍ଧି ହୋଇଛି।

**ଆଜିର ସମ୍ପାଦକୀୟ**

**ମଣିପୁରର ପ୍ରମାଣ**






ସୋମବାର ରାତିରେ ସୂର୍ଯ୍ୟୋପରାଗ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମେକ୍ସିକୋର ମାଜାଟ୍‌ଲାନ୍‌ରେ ନିଆଯାଇଥିବା ଫଟୋ।

# ମୋଦି ଜିତିଲେ ଦେଶର ମାନଚିତ୍ର ବଦଳିଯିବ: ସୀତାରାମନ୍‌ଙ୍କ ସ୍ୱାମୀ

ଚଳିତ ଲୋକ ସଭା ନିର୍ବାଚରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ ନିର୍ବାଚିତ ହେଲେ ଭାରତର ମାନଚିତ୍ର ବଦଳିଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସ୍ୱାମୀ ପରକଲା ପ୍ରଭାକର ସତର୍କ କରାଇଛନ୍ତି। ଅର୍ଥନୀତିଜ୍ଞ ପ୍ରଭାକର ଏକ ସାକ୍ଷାତ୍‌କାରରେ କହିଛନ୍ତି, ଭାଜପା ଏଥର କ୍ଷମତାକୁ ଆସିଲେ ସାରା ଦେଶରେ ଲଦାଖ-ମଣିପୁର ଭଳି ସ୍ଥିତି ଉପୁଜିବ। ମୋଦି ପୁନର୍ବାର ପ୍ରଧାନମନ୍ତ୍ରୀ ହେଲେ ଦେଶରେ ଆଉ ନିର୍ବାଚନ ମଧ୍ୟ ହେବ ନାହିଁ। ଯେଉଁମାନଙ୍କୁ



ପରକଲା ପ୍ରଭାକର

ପାକିସ୍ତାନ ଯିବାର ଅଛି, ଯିବାକୁ ଦିଅ ଭଳି ଘୃଣା ମନ୍ତବ୍ୟ ଦିଲ୍ଲୀର ଲାଲକିଲ୍ଲାରୁ ଶୁଣିବାକୁ ମିଳିବ। ମୋଦି ନିଜେ ଖୋଲାଖୋଲି ଭାବେ ଏପରି ମନ୍ତବ୍ୟ ଦେବେ ବୋଲି ପ୍ରଭାକର କହିଛନ୍ତି।

## କଂଗ୍ରେସରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରେନ୍ଦ୍ର ସିଂ

**ନୂଆଦିଲ୍ଲୀ,୯।୪:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ବୀରେନ୍ଦ୍ର ସିଂ ଏବଂ ତାଙ୍କ ସ୍ତ୍ରୀ ତଥା ପୂର୍ବତନ ବିଧାୟିକା ପ୍ରେମଲତା ମଙ୍ଗଳବାର କଂଗ୍ରେସରେ ସାମିଲ ହୋଇଛନ୍ତି। ମାସକ ପୂର୍ବରୁ ସେମାନଙ୍କ ପୁଅ ବ୍ରିଜେନ୍ଦ୍ର ସିଂ ହିସାର ଏମ୍‌ପି ପଦ ଏବଂ ଭାଜପାରୁ ଇସ୍ତଫା ଦେଇ କଂଗ୍ରେସରେ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ୭୮ ବର୍ଷୀୟ ବୀରେନ୍ଦ୍ର ୨୦୧୪ରେ କଂଗ୍ରେସ ଛାଡ଼ି ଭାଜପାରେ ଯୋଗଦେଇଥିଲେ ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରଥମ ପାଳି ସରକାରରେ ଇସ୍ପାତ, ଗ୍ରାମାଞ୍ଚଳ ବିକାଶ, ପଞ୍ଚାୟତିରାଜ ମନ୍ତ୍ରୀ ରହିଥିଲେ। ସୋମବାର ସେ ଭାଜପା ଛାଡ଼ିଥିଲେ। କଂଗ୍ରେସରେ ଯୋଗଦେବା ଅବସରରେ ସେ କହିଛନ୍ତି, ଏହା କେବଳ ମୋର ଘରବାହୁଡ଼ା ନୁହେଁ, ବିଚାର ବାହୁଡ଼ା।

## ଖାଇରେ ଭ୍ୟାନ୍ ଖସି ୮ ମୃତ

**ନୈନିତାଲ, ୯।୪:** ଉତ୍ତରାଖଣ୍ଡର ନୈନିତାଲ ଜିଲା ବେତାଲ୍‌ଘାଟ ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣା ଘଟି ୮ ଯାତ୍ରୀଙ୍କର ମୃତ୍ୟୁ ଘଟିଥିବାବେଳେ ୩ ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଉଁଚାକୋଟ ଗ୍ରାମରୁ ଏକ ପିକ୍‌ଅପ୍ ଭ୍ୟାନ ନେପାଳ ଅଭିମୁଖେ ଯାଉଥିବାବେଳେ ଭାରସାମ୍ୟ ହରାଇ ୨୦୦ ମିଟର ଗଭୀର ବିଶିଷ୍ଟ ଏକ ଖାଇ ମଧ୍ୟକୁ ଖସି ପଡ଼ିଥିଲା। ଏହି ଦୁର୍ଘଟଣାରେ ୭ ଜଣ ନେପାଳୀ ନାଗରିକ ରହିଥିବା ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଦୁର୍ଘଟଣା ପରେ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ଦଳ(ଏସ୍‌ଡିଆର୍‌ଏଫ୍) ଘଟଣାସ୍ଥଳରେ ପହଞ୍ଚି ୮ ମୃତଦେହକୁ ଉଦ୍ଧାର କରିଛି।

# ପ୍ରାର୍ଥୀ ସବୁ ସମ୍ପତ୍ତି ଘୋଷଣା କରିବା ଅନାବଶ୍ୟକ

**ନୂଆଦିଲ୍ଲୀ,୯।୪**

## ପ୍ରାର୍ଥୀଙ୍କର ପ୍ରତିଟି ସମ୍ପତ୍ତି ସମ୍ପର୍କରେ ଭୋଟର ଜାଣିବାର ନିରଙ୍କୁଶ ଅଧିକାର ନାହିଁ: ସୁପ୍ରିମକୋର୍ଟ

ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ଲଢ଼ିବାକୁ ଥିବା ପ୍ରାର୍ଥୀମାନଙ୍କୁ ନାମାଙ୍କନପତ୍ର ଦାଖଲ ବେଳେ ସେମାନଙ୍କ ନାଁରେ ଥିବା ଆପରାଧିକ ମାମଲା ଏବଂ ସମ୍ପତ୍ତି ତାଲିକା ସତ୍ୟପାଠ ଜରିଆରେ ଦାଖଲ କରିବାକୁ ପଡ଼ିଥାଏ। ନିର୍ବାଚନୀ ସଂସ୍କାର ଅନୁଯାୟୀ ରାଜନେତା ସେମାନଙ୍କର ତଥା ସେମାନଙ୍କ ସ୍ୱାମୀ ବା ସ୍ତ୍ରୀ ଓ ପରିବାରର ଅନ୍ୟ ସଦସ୍ୟଙ୍କ ଆୟର ଉତ୍ସ ଏବଂ ସମ୍ପତ୍ତି ସମ୍ପର୍କରେ ଜଣାଇବା ନିୟମ ରହିଛି। ତେବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀ ତାଙ୍କର ପ୍ରତ୍ୟେକ ଅସ୍ଥାବର ସମ୍ପତ୍ତି ଘୋଷଣା କରିବା ଆବଶ୍ୟକ ନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିବା ସହ ଅରୁଣାଚଳପ୍ରଦେଶର ସ୍ୱାଧୀନ ବିଧାୟକ କରିଖୋ କ୍ରିଙ୍କ ନିର୍ବାଚନକୁ କାଏମ ରଖିଛନ୍ତି। ଜଣେ ପ୍ରାର୍ଥୀଙ୍କ ମାଲିକାନାରେ ତଥା ତାଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ନାଁରେ ଥିବା ପ୍ରତ୍ୟେକ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ଯଦି ପର୍ଯ୍ୟାପ୍ତ ହୋଇ ନ ଥାଏ



କିମ୍ବା ଏହା ବିଳାସପୂର୍ଣ୍ଣ ଜୀବନଶୈଳୀର ପ୍ରତିଫଳନ କରୁ ନ ଥାଏ, ତେବେ ଘୋଷଣା କରିବା ଦରକାର ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ୨୦୧୯ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ବେଳେ କରିଖୋ ତେଜୁ ଆସନରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ତେବେ ସେ ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠରେ ୩ଟି ଗାଡ଼ି ସମ୍ପର୍କରେ ତଥ୍ୟ ଦେଇ ନ ଥିବା ପିଟିଶନରେ ଅଭିଯୋଗ ହୋଇଥିଲା। ଉକ୍ତ ଗାଡ଼ି କରିଖୋଙ୍କ ସ୍ତ୍ରୀ ଓ ପୁଅଙ୍କ ନାଁରେ ଥିଲା।

ସର୍ବୋଚ୍ଚ ଅଦାଲତ କହିଛନ୍ତି, ଜଣେ ପ୍ରାର୍ଥୀଙ୍କର ପ୍ରତିଟି ସମ୍ପତ୍ତି ସମ୍ପର୍କରେ ଭୋଟର ଜାଣିବାର ନିରଙ୍କୁଶ ଅଧିକାର ନାହିଁ। ଏଥିସହିତ ଜଣେ ପ୍ରାର୍ଥୀଙ୍କର ବିଭିନ୍ନ ବିଷୟରେ ଗୋପନୀୟତା ଅଧିକାର ରହିଥିବା ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ଗୌହାଟି ହାଇକୋର୍ଟ ପୂର୍ବରୁ କରିଖୋଙ୍କ ନିର୍ବାନନକୁ ରଦ୍ଦ ଘୋଷଣା କରିଥିବାବେଳେ ସୁପ୍ରିମକୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, କରିଖୋ ନାମାଙ୍କନପତ୍ର ଦାଖଲ କରିବା ପୂର୍ବରୁ ଗାଡ଼ିଗୁଡ଼ିକୁ ଉପହାର ଦେଇଥିଲେ କିମ୍ବା ବିକିଦେଇଥିଲେ। ତେଣୁ ନିର୍ବାଚନ ସମୟରେ ଉକ୍ତ ଗାଡ଼ି ତାଙ୍କ ପରିବାର ମାଲିକାନାରେ ଥିଲା ବୋଲି ବିବେଚନା କରାଯାଇ ପାରିବ ନାହିଁ। ପ୍ରାର୍ଥୀଙ୍କ ସମ୍ପର୍କରେ ସବୁକିଛି ଜାଣିବା ନେଇ ଭୋଟରଙ୍କ ଅଧିକାର ନିରଙ୍କୁଶ ବୋଲି ଆବେଦନକାରୀ ଦର୍ଶାଇଥିବା ଯୁକ୍ତିକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଥିଲେ। ଜଣେ ପ୍ରାର୍ଥୀ ନିଜ ଜୀବନକୁ ଭୋଟରଙ୍କ କଷଟି ପଥରରେ ପରୀକ୍ଷା କରାଉ ବୋଲି ଲୋକଙ୍କ ଧାରଣା ସହ ଆମେ ଏକମତ ନୋହୁଁ ବୋଲି ଖଣ୍ଡପୀଠ କହିଛନ୍ତି। ପ୍ରାର୍ଥୀଙ୍କର ମଧ୍ୟ ଗୋପନୀୟତା ଅଧିକାର ରହିଛି। ତେଣୁ ସବୁକିଛି ସାଧାରଣରେ ପ୍ରକାଶ କରିବା ପ୍ରାସଙ୍ଗିକ ନୁହେଁ। ପ୍ରାର୍ଥୀଙ୍କ ମାଲିକାନାରେ ଥିବା ପ୍ରତ୍ୟେକଟି ସମ୍ପତ୍ତି ସମ୍ପର୍କରେ ଘୋଷଣା ନ ହେବା ଦୋଷ ନୁହେଁ। ପୋଷାକ, ଜୋତା, ଆସବାବପତ୍ର, ପ୍ରସାଧନୀ ସାମଗ୍ରୀ ଭଳି ଅସ୍ଥାବର ସମ୍ପତ୍ତି ଘୋଷଣା କରିବା ଆବଶ୍ୟକ ନାହିଁ। ତେବେ ପ୍ରାର୍ଥିତ୍ୱ ଉପରେ ସମ୍ପତ୍ତିର ପର୍ଯ୍ୟାପ୍ତ ପ୍ରଭାବ ଥିଲେ, ତାହା ଘୋଷଣା କରିବାକୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ରାଜୀବଙ୍କ ସତ୍ୟପାଠ ଯାଞ୍ଚ କରିବ ସିବିଡିଟି

**ନୂଆଦିଲ୍ଲୀ,୯।୪**

## କଂଗ୍ରେସର ଅଭିଯୋଗ ପରେ ଇସିଙ୍କ ନିର୍ଦ୍ଦେଶ

କେନ୍ଦ୍ରମନ୍ତ୍ରୀ ତଥା ଥିରୁଭାନନ୍ତପୁରମ୍ ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ରାଜୀବ ଚନ୍ଦ୍ରଶେଖର ଦାଖଲ କରିଥିବା ନିର୍ବାଚନୀ ସତ୍ୟପାଠରେ ତାଳମେଳ ନ ଥିବା ନେଇ କଂଗ୍ରେସ ଅଭିଯୋଗ କରିଥିଲା। ତାଙ୍କ ସତ୍ୟପାଠକୁ ଯାଞ୍ଚ କରିବା ଲାଗି ନିର୍ବାଚନ କମିଶନ (ଇସି) ମଙ୍ଗଳବାର କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)କୁ ନିର୍ଦ୍ଦେଶ ଦେଇଛନ୍ତି। ଚନ୍ଦ୍ରଶେଖର କଂଗ୍ରେସ ନେତା ଶଶୀ ଥରୁରଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ସେ ସତ୍ୟପାଠରେ ଘୋଷଣା କରିଥିବା ସମ୍ପତ୍ତି ତଥ୍ୟ ଏବଂ ପ୍ରକୃତ ସମ୍ପତ୍ତି ମଧ୍ୟରେ ତାଳମେଳ ନ ଥିବା କଂଗ୍ରେସ ଅଭିଯୋଗରେ ଦର୍ଶାଇଥିଲା। ତଥ୍ୟରେ ତାଳମେଳ ନ ଥିଲେ କିମ୍ବା ଭୁଲ୍ ତଥ୍ୟ ଦେଇଥିଲେ,



କେନ୍ଦ୍ରମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର

ଜନପ୍ରତିନିଧି ଆଇନର ଧାରା ୧୨୫ଏ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଇନ ଅନୁଯାୟୀ ନାମାଙ୍କନପତ୍ର କିମ୍ବା ସତ୍ୟପାଠରେ କୌଣସି ତଥ୍ୟ ଲୁଚାଇବା ଦଣ୍ଡନୀୟ। ଏଥିପାଇଁ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ଜରିମାନା ଅଥବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି।

# ସିଇସି ରାଜୀବ କୁମାରଙ୍କୁ ଜେଡ୍ ସୁରକ୍ଷା

**ନୂଆଦିଲ୍ଲୀ,୯।୪**

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାରଙ୍କ ଜୀବନ ପ୍ରତି ସମ୍ଭାବ୍ୟ ବିପଦ ରହିଥିବା ସୂଚନା ମିଳିବା ପରେ କେନ୍ଦ୍ର ସରକାର ତାଙ୍କୁ ଜେଡ୍ ବର୍ଗର ଭିଆଇପି ସୁରକ୍ଷା ଯୋଗାଇଦେଇଛନ୍ତି। ତାଙ୍କ ସୁରକ୍ଷାରେ ସଶସ୍ତ୍ର କମାଣ୍ଡୋମାନେ ନିୟୋଜିତ ହେବେ। ଏଥିପାଇଁ ସିଆର୍‌ପିଏଫ୍ ୪୦ରୁ ୪୫ ଯବାନ ଯୋଗାଇଦେବ। ଏପ୍ରିଲ ୧୯ରୁ ୭ ପର୍ଯ୍ୟାୟରେ ଲୋକ ସଭା ନିର୍ବାଚନ ଆରମ୍ଭ ହେବାକୁ ଯାଉଥିବାବେଳେ ସିଇସିଙ୍କୁ କଡ଼ା ସୁରକ୍ଷା ଯୋଗାଇଦେବା ପାଇଁ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥା ସୁପାରିସ କରିଥିଲା। ତଦନୁଯାୟୀ ସିଇସିଙ୍କ ଗସ୍ତ ବେଳେ ସଶସ୍ତ୍ର କମାଣ୍ଡୋମାନେ ତାଙ୍କୁ ଜଗିରହିବେ। ୧୯୮୪ ବ୍ୟାଚ୍‌ର ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରାଜୀବ କୁମାର ୨୦୨୨ ମେ' ୧୫ରେ ଦେଶର ୨୫ତମ ସିଇସି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ୨୦୨୦ ସେପ୍ଟେମ୍ବରରେ ସେ ନିର୍ବାଚନ କମିଶନର ନିଯୁକ୍ତ ହୋଇଥିଲେ।

## ଆମେରିକାରେ ଆଉ ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ନ୍ୟୁୟର୍କ, ୯।୪:** ଆମେରିକାରେ ଆଉ ଜଣେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଗତମାସରୁ ନିଖୋଜ ଥିବା ମହମ୍ମଦ ଅବଦୁଲ ଆର୍‌ଫାତଙ୍କ ମୃତଦେହ ମଙ୍ଗଳବାର ଓହିଓସ୍ଥିତ କ୍ଲିଭଲ୍ୟାଣ୍ଡରୁ ମିଳିଛି। ସପ୍ତାହେ ମଧ୍ୟରେ ଆମେରିକାରେ ଦ୍ୱିତୀୟ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ହୋଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୧୧ରେ ପହଞ୍ଚିଛି।

# ଏମ୍‌ଭିଏରେ ଆସନ ବୁଝାମଣା

**ନୂଆଦିଲ୍ଲୀ,୯।୪**

## ଉଦ୍ଧବ ୨୧, କଂଗ୍ରେସ ୧୭, ଏନ୍‌ସିପି ୧୦

ଲୋକ ସଭା ନିର୍ବାଚନ ଲାଗି ମହାରାଷ୍ଟ୍ରର ବିରୋଧୀ ମେଣ୍ଟ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ମଙ୍ଗଳବାର ଆସନ ବୁଝାମଣା ଚୁକ୍ତି ଘୋଷଣା କରିଛି। ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି) ମହାରାଷ୍ଟ୍ରର ୨୧ ଲୋକ ସଭା ଆସନରେ ଲଢ଼ିବାକୁ ଥିବାବେଳେ କଂଗ୍ରେସ ୧୭ ଏବଂ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ୧୦ ଆସନରେ ଲଢ଼ିବ। ଦୀର୍ଘଦିନର ଆଲୋଚନା ପରେ ଶରଦ ପାୱାର, ଉଦ୍ଧବ ଏବଂ କଂଗ୍ରେସ ରାଜ୍ୟ ସଭାପତି ନାନା ପାଟୋଲେ ମିଳିତ ଭାବେ ଖବରଦାତା ସମ୍ମିଳନୀରେ ମହାରାଷ୍ଟ୍ରର ୪୮ ଆସନ ପାଇଁ ଆସନ ବୁଝାମଣା ଚୁକ୍ତି ଘୋଷଣା କରିଛନ୍ତି। କଂଗ୍ରେସ ସାଙ୍ଗଲି ଏବଂ ଭିୱନ୍ଦି ଆସନ ପାଇଁ କରିଆସୁଥିବା ଦାବିରୁ ଓହରିଯିବା ପରେ ଆଗାମୀ ନିର୍ବାଚନରେ ୩ ସହଯୋଗୀ ଦଳ ଏକାଠି ଲଢ଼ିବା ପାଇଁ ପଥ ପରିଷ୍କାର ହୋଇଥିଲା।



ମୁମ୍ବାଇର ଗିରଗାଓଁରେ ମହାରାଷ୍ଟ୍ରୀୟ ନବବର୍ଷ 'ଗୁଡ଼ି ପଡ଼ୱା' ପାଳନ ଅବସରରେ ମହିଳାମାନେ ପାରମ୍ପରିକ ବେଶଭୂଷାରେ ଶୋଭାଯାତ୍ରା କରୁଛନ୍ତି।

# ତିହାର ଜେଲରେ କବିତାଙ୍କୁ ସିବିଆଇ ଜେରା

**ନୂଆଦିଲ୍ଲୀ, ୯।୪(ପି.ଟି.)**

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ତିହାର ଜେଲରେ ଥିବା ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ସିବିଆଇ ମଙ୍ଗଳବାର ଜେରା କରିଛି। ମଦ ଲବି ସପକ୍ଷରେ ଅବକାରୀ ନୀତି ପ୍ରସ୍ତୁତ କରିବା ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଆପ୍)କୁ ୧୦୦ କୋଟି ଟଙ୍କା ଲାଞ୍ଚ ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏହା ପୂର୍ବରୁ ହୋଇଥିବା ଜମି ଡିଲ୍‌ର ଦସ୍ତାବିଜ୍ ଏବଂ ହ୍ୱାଟ୍ସଆପ୍ ଚାଟ୍ ସହଅଭିଯୁକ୍ତ ବୁଚି ବାବୁଙ୍କ ଫୋନ୍‌ରୁ ମିଳିଥିବାରୁ ଏହା ଉପରେ କବିତାଙ୍କୁ ଜେରା ପାଇଁ ସ୍ୱତନ୍ତ୍ର କୋର୍ଟ ସିବିଆଇକୁ ଅନୁମତି ଦେଇଥିଲେ। ସିବିଆଇ ଅଧିକାରୀମାନେ ତିହାର ଜେଲରେ ପହଞ୍ଚି ମାମଲାର ଉପରୋକ୍ତ



କେ. କବିତା

ଦିଗ ଉପରେ ପ୍ରଶ୍ନ କରିଥିଲେ। କବିତା ବିଚାର ବିଭାଗୀୟ ହାଜତରେ ଥିବାରୁ ତାଙ୍କୁ ଜେରା ପାଇଁ ଅଦାଲତଙ୍କ ଅନୁମତି ବାଧ୍ୟତାମୂଳକ ଥିଲା। ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଇଡି କବିତାଙ୍କୁ ମାର୍ଚ୍ଚ ୧୫ରେ ହାଇଦ୍ରାବାଦରୁ ଗିରଫ କରିଥିଲା। ମଙ୍ଗଳବାର ସ୍ୱତନ୍ତ୍ର କୋର୍ଟ ତାଙ୍କ ହାଜତ ମିଆଦକୁ ଏପ୍ରିଲ ୨୩ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି।

## ଅବକାରୀ ଦୁର୍ନୀତି ଘଟଣାକ୍ରମ

**୨୦୨୧ ନଭେମ୍ବର:** ଦିଲ୍ଲୀ ସରକାର ଏକ ନୂଆ ଅବକାରୀ ନୀତି ପ୍ରଣୟନ କରିଥିଲେ।

**୨୦୨୨ ଜୁଲାଇ:** ଲ୍ୟୁଟ୍‌ନାଣ୍ଟ ଗଭର୍ନର (ଏଲ୍‌ଜି) ଭି.କେ. ସାକ୍ସେନା ଏଥିରେ ଅନିୟମିତତା ଅଭିଯୋଗ ଆଣି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ତଦନ୍ତ ସୁପାରିସ କରିଥିଲେ।

**୨୦୨୨ ଅଗଷ୍ଟ:** ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ମାମଲା ରୁଜୁ କରାଯାଇଥିଲା।

**୨୦୨୨ ସେପ୍ଟେମ୍ବର:** ଦିଲ୍ଲୀ ସରକାର ଅବକାରୀ ନୀତିକୁ ଉଚ୍ଛେଦ କରିଥିଲେ।

**୨୦୨୩ ଅକ୍ଟୋବର ୩୦:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ଇଡ ମନି ଲଣ୍ଡରିଂ ମାମଲାରେ ନଭେମ୍ବର ୨ରେ ହାଜର ହେବା ପାଇଁ ପ୍ରଥମ ନୋଟିସ କରିଥିଲା।

**୨୦୨୩ ଡିସେମ୍ବର:** ଇଡି ଡିସେମ୍ବର ୨୧ ଓ ଜାନୁୟାରୀ ୩ରେ ହାଜର ହେବାକୁ କେଜ୍‌ରିୱାଲଙ୍କୁ ଆଉ ୨ଟି ନୋଟିସ କରିଥିଲା।

**୨୦୨୩ ଜାନୁୟାରୀ:** ଜାନୁୟାରୀ ୧୮ ଓ ଫେବୃୟାରୀ ୨ରେ ହାଜିରା ପାଇଁ ଆହୁରି ୨ଟି ନୋଟିସ ପଠାଯାଇଥିଲା।

**୨୦୨୪ ଫେବୃୟାରୀ ୩:** କେଜ୍‌ରିୱାଲ ହାଜର ନ ହେବାରୁ ତାଙ୍କ ବିରୋଧରେ କୋର୍ଟକୁ ଯାଇଥିଲା ଇଡି।

**୨୦୨୪ ମାର୍ଚ୍ଚ ୭:** ମାଜିଷ୍ଟ୍ରେଟ୍ କୋର୍ଟ କେଜ୍‌ରିୱାଲଙ୍କୁ ସମନ କରିଥିଲେ।

**୨୦୨୪ ମାର୍ଚ୍ଚ ୧୫:** କେଜ୍‌ରିୱାଲଙ୍କ ବିରୋଧରେ ଶୁଣାଣି ଉପରେ ସ୍ଥଗିତାଦେଶ ଜାରି କରିବାକୁ ସେସନ୍ସ କୋର୍ଟ ମନା କଲେ।

**୨୦୨୪ ମାର୍ଚ୍ଚ ୧୬:** ମାଜିଷ୍ଟ୍ରେଟ୍ କୋର୍ଟ କେଜ୍‌ରିୱାଲଙ୍କୁ ଜାମିନ ଦେଲେ।

**୨୦୨୪ ମାର୍ଚ୍ଚ ୨୧:** ଦିଲ୍ଲୀ ହାଇକୋର୍ଟ କେଜ୍‌ରିୱାଲଙ୍କୁ ସୁରକ୍ଷା ଦେବାକୁ ମନା କରିବା ପରେ ଇଡି ତାଙ୍କୁ ଗିରଫ କଲା।

**୨୦୨୪ ମାର୍ଚ୍ଚ ୨୩:** ଇଡି ଗିରଫଦାରିକୁ ଚ୍ୟାଲେଞ୍ଜ କରି କେଜ୍‌ରିୱାଲ ହାଇକୋର୍ଟ ଗଲେ।

**୨୦୨୪ ଏପ୍ରିଲ ୯:** କେଜ୍‌ରିୱାଲଙ୍କ ଆବେଦନକୁ ହାଇକୋର୍ଟ ଖାରଜ କଲେ।

ଫୁର୍‌ସତ୍

# ଗବେଷଣାକୁ ପ୍ରୋତ୍ସାହନରେ ଦକ୍ଷତାର ବିକାଶ

## ଆଜି ବିଶ୍ୱ ହୋମିଓପ୍ୟାଥି ଦିବସ

ପ୍ରତିବର୍ଷ ଏପ୍ରିଲ ୧୦ ତାରିଖକୁ 'ବିଶ୍ୱ ହୋମିଓପ୍ୟାଥି ଦିବସ' ଭାବରେ ପାଳନ କରାଯାଇଥାଏ। ହୋମିଓପ୍ୟାଥି ଚିକିତ୍ସାର ଜନକ ଡା. ସାମୁଏଲ ହ୍ୟାନିମାନଙ୍କ ଜନ୍ମଦିନକୁ ଏଭଳି ଦିନ ଭାବରେ ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ପ୍ରସଙ୍ଗ ରହିଛି- 'ଗବେଷଣାକୁ ପ୍ରୋତ୍ସାହନ ଦେଇ ଦକ୍ଷତାର ବିକାଶ'। ବର୍ତ୍ତମାନ ବିଭିନ୍ନ ରୋଗର ଚିକିତ୍ସା କ୍ଷେତ୍ରରେ ହୋମିଓପ୍ୟାଥି ଚିକିତ୍ସାର ମଧ୍ୟ ଭୂମିକା ରହିଛି। ''ହୋମିଓପ୍ୟାଥି ଚିକିତ୍ସା କ୍ଷେତ୍ରରେ ସାମୁଏଲ ହ୍ୟାନିମାନଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ଏହି ବୈଜ୍ଞାନିକ ଚିକିତ୍ସା ପଦ୍ଧତି ୧୭୯୬ରେ



ଜନ୍ମନେଇଥିଲା। ଦୀର୍ଘ ବର୍ଷ ଧରି ଏହି ଚିକିତ୍ସା ସମଗ୍ର ବିଶ୍ୱରେ ଜନାଦୃତ ହେବାରେ ସକ୍ଷମ ହୋଇଛି। ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ଦେଶରେ ଏହି ଚିକିତ୍ସା ପ୍ରଣାଳୀ ପ୍ରଚଳିତ। ଏହାକୁ ଆହୁରି ଲୋକାଭିମୁଖୀ କରାଇବା ସହ ଏହି ଚିକିତ୍ସା ବିଜ୍ଞାନରେ ଗବେଷଣା ଏବଂ ଗ୍ରହଣୀୟତା ବଢ଼ାଇବା ଲାଗି ସମସ୍ତେ ଚେଷ୍ଟା କଲେ ଏହି ଚିକିତ୍ସା ପ୍ରଣାଳୀ ଆହୁରି ଲୋକପ୍ରିୟ ହୋଇପାରିବ। ହୋମିଓପ୍ୟାଥିକ ଚିକିତ୍ସା ମାଧ୍ୟମରେ ସାଧାରଣ ରୋଗ-ଥଣ୍ଡା, କାଶ, ଜ୍ୱର ବ୍ୟତୀତ ଜଟିଳ ତଥା ପୁରାତନ ରୋଗ ଯଥା-ଶ୍ୱାସ (ଆଜ୍‌ମା), ଆଣ୍ଠୁଗଣ୍ଠି ସମସ୍ୟା, ଗ୍ୟାଷ୍ଟ୍ରିକ୍, ସ୍ନାୟୁ ରୋଗ, ସ୍ପଣ୍ଡିଲୋସିସ, ପକ୍ଷାଘାତ (ପାରାଲିସିସ), ମାନସିକ ରୋଗ ଏବଂ ଜୀବନଶୈଳୀ ସହ ଜଡ଼ିତ ଉଚ୍ଚ ରକ୍ତଚାପ, ମଧୁମେହ (ଡାଇବେଟିସ୍)ର ସଫଳ ଚିକିତ୍ସା କରାଯାଇପାରୁଛି। ସବୁଠାରୁ ଖାସ୍ କଥା ହେଲା, ଏହି ଚିକିତ୍ସା ହେଉଛି ପାର୍ଶ୍ୱ ପ୍ରତିକ୍ରିୟା ବିହୀନ। ହୋମିଓପ୍ୟାଥିକ ଡାକ୍ତରଙ୍କର ପରାମର୍ଶ ଅନୁସାରେ ଠିକ୍ ଭାବରେ ଚିକିତ୍ସିତ ହେଲେ ଚିକିତ୍ସା କରାଯାଉଥିବା ରୋଗର ମୂଳୋତ୍ପାଟନ ସମ୍ଭବ ହୋଇଥାଏ। ତେଣୁ ଦିନକୁ ଦିନ ହୋମିଓପ୍ୟାଥି ଚିକିତ୍ସା ଜନାଦୃତ ହେବାରେ ଲାଗିଛି। ଏହି ଚିକିତ୍ସାରେ ରୋଗୀର ରୋଗକୁ ନୁହେଁ, ବରଂ ରୋଗୀର ଶାରୀରିକ ଏବଂ ମାନସିକ ସ୍ତରର ଅବସ୍ଥାକୁ ଲକ୍ଷଣ ରୂପେ ବିଚାରକୁ ନେଇ ଚିକିତ୍ସା କରାଯାଏ। ସରକାରଙ୍କ ସହାୟତା ଯୋଗୁ ଆମ ଦେଶ ଏବଂ ରାଜ୍ୟରେ ଏହି ଚିକିତ୍ସା ଉତ୍ତମ ବିକଳ୍ପ ଏବଂ ସାହାଯ୍ୟକାରୀ ଚିକିତ୍ସା ପଦ୍ଧତି ଭାବେ ସୁନାମ ପାଇପାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହି ଚିକିତ୍ସାକୁ ମାନ୍ୟତା ଦେବା ଏହି ଚିକିତ୍ସାର ଗୁଣବତ୍ତାକୁ ଦର୍ଶାଉଛି। ତେଣୁ ପ୍ରତିଟି ସ୍ତରରେ ହେଉଥିବା ଗବେଷଣା ଏବଂ ଏହାର ନିର୍ଯ୍ୟାସର ଠିକ୍ ବିନିଯୋଗ ହୋଇପାରିଲେ ଏହି ଚିକିତ୍ସାର ପ୍ରଚାର ପ୍ରସାର ଅଧିକ ହୋଇପାରିବ- ଏହା ନିଃସନ୍ଦେହରେ କୁହାଯାଇପାରେ।''

**-ଡା. ସୁକାନ୍ତି ସୁଚରିତା ଷଡ଼ଙ୍ଗୀ,**
ଅଧ୍ୟାପିକା, ବିଜୁ ପଟ୍ଟନାୟକ ହୋମିଓପ୍ୟାଥି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ବ୍ରହ୍ମପୁର

# ୧୧ରେ 'ମଇଦାନ' ରିଲିଜ

**ମୁମ୍ବାଇ**



ଅଜୟ ଦେବଗନ୍

ବଲିଉଡ୍ ଅଭିନେତା ଅଜୟ ଦେବ୍‌ଗନ୍ ଫିଲ୍ମ 'ମଇଦାନ'ର ପ୍ରସ୍ତୁତି ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି। ପୂର୍ବରୁ ଏହି ଚଳଚ୍ଚିତ୍ର ଏପ୍ରିଲ୍ ୧୦ରେ ପ୍ରେକ୍ଷାଳୟରେ ମୁକ୍ତିଲାଭ ହେବାନେଇ ସ୍ଥିର ହୋଇଥିଲା। କିନ୍ତୁ ଏବେ ଫିଲ୍ମ ନିର୍ମାତାମାନେ ଏହାର ରିଲିଜ୍ ତାରିଖକୁ ଗୋଟିଏ ଦିନ ଘୁଞ୍ଚାଇ ଦେଇଛନ୍ତି। ଭାରତରେ ଆସନ୍ତା ଏପ୍ରିଲ ୧୧ରେ ଇଦ୍ ପାଳନ ହେଉଥିବାରୁ, ସେହିଦିନ ଏହି ଚଳଚ୍ଚିତ୍ର ରିଲିଜ୍ ହେବ। ଅଜୟ ତାଙ୍କ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ 'ମଇଦାନ' ଚଳଚ୍ଚିତ୍ରର ପୋଷ୍ଟର ଶେୟାର କରି ଏନେଇ ସୂଚନା ଦେଇଛନ୍ତି। ତେବେ ବୁଧବାର ସନ୍ଧ୍ୟା ୬ ଟାରୁ ଭାରତର ସିନେମା ହଲ୍ ଗୁଡ଼ିକରେ 'ମଇଦାନ' ଫିଲ୍ମର ସ୍ୱତନ୍ତ୍ର ସ୍କ୍ରିନିଂ କରାଯିବ ବୋଲି ସେ କହିଛନ୍ତି। ସେହିପରି 'ମଇଦାନ' ସହ ସମାନ ଦିନ ରିଲିଜ୍ ହେବାକୁ ଥିବା ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ୍‌ଙ୍କ 'ବଡେ ମିୟାଁ ଛୋଟେ ମିୟାଁ' ଫିଲ୍ମ ମଧ୍ୟ ନିଜ ରିଲିଜ୍ ଡେଟ୍‌କୁ ପରିବର୍ତ୍ତନ କରିଛି।୧୦ ଏପ୍ରିଲ ପରିବର୍ତ୍ତେ ଏହି ଫିଲ୍ମ ୧୧ ଏପ୍ରିଲରେ ରିଲିଜ୍ ହେବ। ଏନେଇ ଉଭୟ ଅଭିନେତା ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି ସୂଚନା ଦେଇଛନ୍ତି। ଭାରତୀୟ ଫୁଟ୍‌ବଲ ପ୍ରଶିକ୍ଷକ ସୟଦ ଅବଦୁଲ ରହିମଙ୍କ ଉପରେ 'ମଇଦାନ' ଫିଲ୍ମଟି ଆଧାରିତ। ସୟଦଙ୍କ ନେତୃତ୍ୱରେ ଭାରତୀୟ ଫୁଟ୍‌ବଲ ଦଳ ୧୯୫୧ ଏବଂ ୧୯୬୨ରେ ଏସିଆନ ଗେମ୍ସରେ ଜିତିଥିଲା। ଅଜୟ ଏହି ଚଳଚ୍ଚିତ୍ରରେ ସୟଦ ଅବଦୁଲ ରହିମଙ୍କ ଭୂମିକାରେ ଅଭିନୟ କରିଛନ୍ତି। ଅଜୟଙ୍କ ବ୍ୟତୀତ ଏହି ଚଳଚ୍ଚିତ୍ରରେ ପ୍ରିୟାମଣି, ଗଜ୍‌ରାଜ୍ ରାଓ ଏବଂ ଅନ୍ୟ ଯୁବ ଅଭିନେତାମାନେ ମଧ୍ୟ ଅଭିନୟ କରିଛନ୍ତି।

**ଗାଡ଼ି ଯାଞ୍ଚ ବେଳେ ୩.୭ ଲକ୍ଷ ଟଙ୍କା ଜବତ**

ମାଲକାନଗିରି,୯।୪ (ଦୁର୍ଯ୍ୟୋଧନ ପାତ୍ର) ନିର୍ବାଚନକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲାରେ ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ମଙ୍ଗଳବାର ସଦର ବ୍ଲକ ଅନ୍ତର୍ଗତ ଚାଲାଣଗୁଡା ନିକଟରେ ଫ୍ଲାଇଂ ସ୍କ୍ୱାଡ୍ ମାଲକାନଗିରିରୁ ଛତିଶଗଡ଼ ଯାଉଥିବା ଏକ ସଫାରି (ନଂ.ସିଜି-୧୮-ଏଲ-୫୫୫୦)କୁ ଯାଞ୍ଚ କରିବାବେଳେ ସେଥିରେ ୩ ଲକ୍ଷ ୭୦ ହଜାର ଟଙ୍କା ଥିବା ସ୍କ୍ୱାଡ୍ ଦେଖିବାକୁ ପାଇଥିଲେ। ଏହି ଟଙ୍କାକୁ ମାଲକାନଗିରିର ଜଣେ ବ୍ୟକ୍ତି ଏବଂ ଅନ୍ୟଜଣେ ବ୍ୟବସାୟୀ ନେଉଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।




# ତ୍ରୁଟି ସୁଧାରି ଜବାବ ଦାଖଲ କର: ହାଇକୋର୍ଟ

**କଟକ,୯।୪ (କାର୍ତ୍ତିକ ସାହୁ)**

**ଘରୋଇ ସ୍କୁଲରେ ଆର୍ଥିକ ଅନଗ୍ରସର ପିଲାଙ୍କ ନାମଲେଖା ମାମଲା**

- **ଜବାବ ରଖିଲେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ**
- **ତୃତୀୟ ପର୍ଯ୍ୟାୟ ଆବେଦନ ପାଇଁ ସମ୍ମତି**

ରାଜ୍ୟର ଘରୋଇ ବିଦ୍ୟାଳୟରେ ୨୫% ସଂରକ୍ଷଣ ସିଟ୍‌ରେ ନାମଲେଖା ନିମନ୍ତେ ରୁଜୁ ଜନସ୍ୱାର୍ଥ ମାମଲାରେ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର ହାଇକୋର୍ଟରେ ମଙ୍ଗଳବାର ହାଜର ହୋଇ ଜବାବ ରଖିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ତୃତୀୟ ପର୍ଯ୍ୟାୟ ଆବେଦନ ନିମନ୍ତେ ହୋଇଥିବା ପ୍ରାର୍ଥନା ଉପରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ମିଶ୍ର ସମ୍ମତି ଜଣାଇଛନ୍ତି। ଏଥିସହ ନାମଲେଖା ପ୍ରକ୍ରିୟାରେ କେତେକ ତ୍ରୁଟି ବାବଦରେ ହାଇକୋର୍ଟରେ ସ୍ୱୀକାର କରିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ସଂରକ୍ଷିତ ସିଟ୍‌ରେ ନାମଲେଖା ନିମନ୍ତେ ଆଇନ ଅନୁଯାୟୀ ପଦକ୍ଷେପ ନେବା ସହ ତ୍ରୁଟି ସୁଧାରି ପରବର୍ତ୍ତୀ ଶୁଣାଣିରେ ଜବାବ ଦାଖଲ ପାଇଁ ଶିକ୍ଷା ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେହେତୁ ଆଡ୍‌ମିଶନ ପ୍ରକ୍ରିୟା ଜୁନ୍ ପର୍ଯ୍ୟନ୍ତ ଚାଲିବ, ତେଣୁ ମାମଲା ଚାଲୁ ରହିବ। ଯୋଜନାର ଶତ ପ୍ରତିଶତ ରୂପାୟନ ସହ ଆର୍ଥିକ ଅନଗ୍ରସର ପିଲାମାନେ ଯେପରି ଘରୋଇ ବିଦ୍ୟାଳୟର ୨୫% ସିଟ୍‌ରେ ପାଠ ପଢ଼ିବାରେ ସମ୍ପୂର୍ଣ୍ଣ ସୁବିଧା ପାଇବେ, ତାହା ଯୋଗାଇ ଦିଆଯାଇଥିବା ପଦକ୍ଷେପ ଉପରେ ପରବର୍ତ୍ତୀ ଶୁଣାଣିରେ ନିର୍ଦ୍ଦେଶକଙ୍କୁ ଜବାବ ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ମେ' ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ହାଇକୋର୍ଟ ସୋମବାର ମାମଲାର ଶୁଣାଣିବେଳେ ଏହା ପିଲାମାନଙ୍କ ପାଠପଢ଼ା ଭଳି ଜରୁରୀ ଓ ଅତ୍ୟାବଶ୍ୟକ ସମସ୍ୟା ହୋଇଥିବାରୁ ତ୍ୱରିତ ଶୁଣାଣି ପାଇଁ ମଙ୍ଗଳବାର ଗଣଶିକ୍ଷା ବିଭାଗର ମୁଖ୍ୟ ହାଜର ହୋଇ ଜବାବ ରଖିବାକୁ କହିଥିଲେ। ମଙ୍ଗଳବାର ଶୁଣାଣିବେଳେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ତଥା ରାଇଟ୍ ଟୁ ଏଜୁକେଶନ (ଆରଟିଇ)ର ନୋଡାଲ ଅଫିସର ଜ୍ୟୋତି ରଞ୍ଜନ ମିଶ୍ର ହାଜର ହୋଇ ଜବାବ ରଖିଥିଲେ। ଶୁଣାଣିବେଳେ ସେ ଦେଇଥିବା ତଥ୍ୟ ଅନୁସାରେ, ଗତବର୍ଷ ୪,୪୪୨ ବେସରକାରୀ ସ୍କୁଲ ପୋର୍ଟାଲରେ ପଞ୍ଜୀକରଣ କରିଥିଲେ। ଏଗୁଡ଼ିକର ସିଟ୍ ସଂଖ୍ୟା ୬୦,୦୦୦ରୁ ଊର୍ଦ୍ଧ୍ୱ ଥିଲା। ଚଳିତବର୍ଷ ପ୍ରଥମ ପର୍ଯ୍ୟାୟ ଆବେଦନ ପ୍ରକ୍ରିୟା ଆରମ୍ଭବେଳେ ୨,୪୦୯ ସ୍କୁଲ ପୋର୍ଟାଲରେ ଦୃଶ୍ୟମାନ ଥିଲା। ପ୍ରତିଦିନ ସ୍କୁଲ ସଂଖ୍ୟା ବଢ଼ି ଶେଷ ତାରିଖ ସୁଦ୍ଧା ୩,୩୩୧ ସ୍କୁଲ ପଞ୍ଜୀକରଣ କରିଥିଲେ। ଏସବୁ ସ୍କୁଲର ମୋଟ ସିଟ୍ ସଂଖ୍ୟା ମାତ୍ର ୩୩,୦୦୦ ହୋଇଥିଲା। ଅର୍ଥାତ୍ ପୂର୍ବବର୍ଷ ଅପେକ୍ଷା ୨୭,୦୦୦ ସିଟ୍ କମ୍ ହୋଇଗଲା। ଗତବର୍ଷ ପ୍ରି ପ୍ରାଇମେରୀ ବା ନର୍ସରୀ ଶ୍ରେଣୀରେ ମଧ୍ୟ ଆଡ୍‌ମିସନ ପାଇଁ ସୁବିଧା ଥିଲା। ହେଲେ ଚଳିତବର୍ଷ ବହୁ ସ୍କୁଲରେ ଏହି ସୁବିଧା ନ ଥିବା ଏବଂ ସମାନ ସ୍କୁଲରେ ଗତବର୍ଷ ଯେତିକି ସିଟ୍ ଥିଲା ଏବର୍ଷ ସିଟ୍ ସଂଖ୍ୟା ପୋର୍ଟାଲରେ କମ୍ ଦେଖାଉ ଥିଲା। ତେଣୁ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରିବାକୁ ସେ କହିଥିଲେ। ଏହି ଯୋଜନାରେ ୩ଟି ପର୍ଯ୍ୟାୟରେ ଆବେଦନ ଗ୍ରହଣ ସହ ଆଡ୍‌ମିସନ ସୁବିଧା ଥିବାରୁ ଏବର୍ଷ ତୃତୀୟ ପର୍ଯ୍ୟାୟ ଆଡ୍‌ମିସନ କରିବା ପାଇଁ ହାଇକୋର୍ଟଙ୍କ ନିକଟରେ ଆବେଦନ କରାଯାଇଥିଲା। ଶୁଣାଣି ସମୟରେ ନିର୍ଦ୍ଦେଶକ ମିଶ୍ର ତୃତୀୟ ପର୍ଯ୍ୟାୟ ଆବେଦନ ପାଇଁ ସମ୍ମତି ଦେଇଥିଲେ। ସ୍କୁଲରେ ଗତବର୍ଷ ଅପେକ୍ଷା ସିଟ୍ ସଂଖ୍ୟା କମିଯିବାରୁ ସ୍କୁଲ ଅନୁଯାୟୀ ତର୍ଜମା କରି ପଦକ୍ଷେପ ନେବେ। ଯେଉଁ ସ୍କୁଲରେ ପ୍ରି ପ୍ରାଇମେରୀରେ ଗତବର୍ଷ ସିଟ୍ ଥିଲା, ଏବର୍ଷ ଆଡ୍‌ମିସନ ଅସୁବିଧା ହୋଇଛି କି ନାହିଁ ସେନେଇ ତର୍ଜମା କରିବେ। ଶୁଣାଣି ସମୟରେ ସ୍ୱୀକୃତିପ୍ରାପ୍ତ ସ୍କୁଲ ସଂଖ୍ୟା ଓ ପୋର୍ଟାଲରେ ରେଜିଷ୍ଟ୍ରିଭୁକ୍ତ ସ୍କୁଲ ସଂଖ୍ୟାକୁ ନେଇ ଆସୁଥିବା ଦ୍ୱନ୍ଦ୍ୱ ଦୂର ପାଇଁ ବିଭାଗରେ ଏକ ସ୍ୱତନ୍ତ୍ର ପଲିସି ବା ଫର୍ମାଟ ଆଣି ସମସ୍ୟା ଦୂର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ସଭାପତି ବାସୁଦେବ ଭଟ୍ଟଙ୍କ ପକ୍ଷରୁ ରୁଜୁ ମାମଲାକୁ ଆଡ୍‌ଭୋକେଟ ଆଦିଶା ମହାନ୍ତି ପରିଚାଳନା କରୁଛନ୍ତି।

# ପୋଲିସକୁ କାମୁଡ଼ି ଖସିଗଲେ ଅଭିଯୁକ୍ତ

**ରାମଚନ୍ଦ୍ରପୁର, ୯।୪ (ଗଣେଶ୍ୱର ସା)**

ହତ୍ୟା ଉଦ୍ୟମ କରି ଦୀର୍ଘଦିନ ହେଲା ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସମୟରେ ସେ ପୋଲିସ କର୍ମଚାରୀଙ୍କୁ କାମୁଡ଼ି ରକ୍ତାକ୍ତ କରି ଖସି ପଳାଇବା ଘଟଣା ଆନନ୍ଦପୁର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତ ଖସିଯିବା ପରେ ପରିବାର ଲୋକେ ପୋଲିସକୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ରାମଚନ୍ଦ୍ରପୁର ପୋଲିସ ଅଭିଯୁକ୍ତଙ୍କ ମା' ଛବିଲତା ବରାଳଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବାତୋ ପଞ୍ଚାୟତ କରାଡାପାଳ ଗ୍ରାମର ପ୍ରଦୂଷ ବରାଳଙ୍କ ନାମରେ ୩୦୭ ଦଫାରେ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଥିଲା। ବହୁ ଦିନ ଧରି ସେ ଫେରାର ଥିବା ଓ ମଙ୍ଗଳବାର ଗାଁକୁ ଆସିଥିବା ଖବର ପାଇ ସାଇଁକୂଳ ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝି ଗିରଫ କରିବା ପାଇଁ ଚଢ଼ାଉ କରିଥିଲେ। କାବୁ କରିବା ସମୟରେ ସେ ଫାଣ୍ଡି ଅଧିକାରୀଙ୍କ ଡାହାଣ ହାତକୁ କାମୁଡ଼ି ରକ୍ତାକ୍ତ କରି ଫେରାର ହୋଇଯାଇଥିଲେ। ପରେ ପରିବାର ଲୋକେ ପୋଲିସକୁ ଆକ୍ରମଣ କରିଥିଲେ।

# ଗନ୍ଧମାର୍ଦ୍ଦନରେ ମାଓବାଦୀ-ଯବାନ ଗୁଳି ବିନିମୟ

**ପାଇକମାଳ,୯।୪(ବଢ଼ ଶତପଥୀ)**

ବରଗଡ ଜିଲା ପାଇକମାଳ ଥାନା ନୃସିଂହନାଥ ନିକଟସ୍ଥ ଗନ୍ଧମାର୍ଦ୍ଦନ ପର୍ବତରେ ମାଓବାଦୀମାନେ ପୁଣି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ସେଠାରେ କୋମ୍ବିଂ ଅପରେଶନ ବେଳେ ମାଓବାଦୀ-ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଗୁଳି ବିନିମୟରେ କେହି ମୃତାହତ ହୋଇଥିବା ଜଣାପଡିନାହିଁ। ଏହି ଘଟଣା ପରେ କୋମ୍ବିଂ ଅପରେଶନ ଜାରି ରହିଥିବାରୁ ସବିଶେଷ ତଥ୍ୟ ମିଳିପାରିନାହିଁ। ସୂଚନା ଅନୁଯାୟୀ, ମଙ୍ଗଳବାର ଗନ୍ଧମାର୍ଦ୍ଦନ ପର୍ବତରେ କୋମ୍ବିଂ ଅପରେଶନ ବେଳେ ମାଓବାଦୀ ଏବଂ ଯବାନମାନେ ମୁହାଁମୁହିଁ ହୋଇଥିଲେ। ଯବାନମାନଙ୍କୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିବାରୁ ଯବାନମାନେ ମଧ୍ୟ ପାଲଟା ଗୁଳି ଚାଳନା କରିଥିଲେ। ଫଳରେ ମାଓବାଦୀମାନେ କ୍ୟାମ୍ପ ଛାଡି ସେଠାରୁ ଛତ୍ରଭଙ୍ଗ ଦେଇ ଖସି ପଳାଇଥିଲେ। ଏହାପରେ ଯବାନମାନେ ସେଠାରୁ ମାଓବାଦୀଙ୍କ ବ୍ୟବହୃତ ଛତା, ଟୋପି ସମେତ ରାଶନ ସାମଗ୍ରୀ ଆଦି ଜବତ କରିଥିବା ଜଣାପଡିଛି। ପ୍ରକାଶଥାଉକି, ଗତ ଫେବୃଆରୀ ୨୩ତାରିଖରେ ଗନ୍ଧମାର୍ଦ୍ଦନ ପର୍ବତରେ ଯବାନମାନେ ଅନ୍ୟ ଏକ ମାଓବାଦୀ କ୍ୟାମ୍ପ ଠାବ କରିଥିଲେ।

# ୧୧ରେ ପାଳନ ହେବ ଇଦ୍

**କଟକ,୯।୪ (କାର୍ତ୍ତିକ ସାହୁ)**

ଆସନ୍ତା ୧୧ ତାରିଖରେ ଇଦ୍ ପର୍ବ ପାଳନ ହେବ। ଏନେଇ କଟକ ଦିୱାନବଜାରସ୍ଥିତ ଅଞ୍ଜୁମାନ ଇସ୍‌ଲାମିଆ ଅହେଲ ସୁନତ ଓ ଜମାତ୍ ଚାନ୍ଦ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ ଲିଆକତ୍‌ଉଦ୍ଦିନ୍ ଅହେମ୍ମଦ ମଙ୍ଗଳବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି। ଅହେମ୍ମଦଙ୍କ କହିବାନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଚାନ୍ଦ ଦର୍ଶନ ହୋଇପାରିନାହିଁ। ଫଳରେ ବୁଧବାର ଇଦ୍ ପର୍ବ ପାଳନ କରାଯିବ ନାହିଁ। ତେଣୁ ରାଜ୍ୟର ସମସ୍ତ ମୁସଲମାନ ଭଉଣୀଭାଇ ୧୧ ତାରିଖରେ ଏହି ପର୍ବକୁ ଶୃଙ୍ଖଳିତ ଭାବେ ଉତ୍ସାହର ସହ ପାଳନ କରିବାକୁ ସେ ନିବେଦନ କରିଛନ୍ତି।

# ୧୩ରୁ ପୁଣି ବଢ଼ିବ ତାତି

**ଭୁବନେଶ୍ୱର, ୯।୪(ଅସମାପିକା ସାହୁ)**

ରାଜ୍ୟରେ ବର୍ଷା ପାଇଁ ଏବେ ତାତିରୁ ଆଶ୍ୱସ୍ତି ମିଳିଛି। ମଙ୍ଗଳବାର ପାରଳାଖେମୁଣ୍ଡିରେ ସର୍ବାଧିକ ୩୯.୨ ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ମାଲକାନଗିରିରେ ୩୭.୫, ବାରିପଦା ଏବଂ ଅନୁଗୋଳରେ ୩୭.୪ ଡିଗ୍ରୀ ସେଲସିୟସ୍ ତାପମାତ୍ର ରହିଥିଲା। ନୂଆପଡ଼ା, ବଲାଙ୍ଗୀର, ବରଗଡ଼ରେ ସକାଳେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ଲାଗିରହିଥିଲା। ଆସନ୍ତା ୪ଦିନ ପର୍ଯ୍ୟନ୍ତ ଏହିଭଳି ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୧୩ ତାରିଖଠାରୁ ରାଜ୍ୟରେ ପୁଣି ତାତି ବଢ଼ିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୧୩ତାରିଖ ପରଠାରୁ ରାଜ୍ୟରେ ପଶ୍ଚିମ ତଥା ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ହେବା ସହିତ ପୁଣି ଦିନ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ଭାବେ ବୃଦ୍ଧି ସମ୍ଭାବନା ରହିଛି। ଏଥିସହ ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର କିଛି ଅଞ୍ଚଳରେ ୪୦ଡିଗ୍ରୀ ସେଲସିୟସ୍ ତାପମାତ୍ରା ଛୁଇଁବାର ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି।



**ବ୍ରିଟେନ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ସେବା ବନ୍ଦ କରିବ ଓଲା**

ନୂଆଦିଲ୍ଲୀ, ୯।୪: ଅନ୍‌ଲାଇନ ଟାକ୍ସି ବୁକିଂ ସେବା ଯୋଗାଉଥିବା ଓଲା କମ୍ପାନୀ ବ୍ରିଟେନ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ସେବା ବନ୍ଦ କରିବାକୁ ଯାଉଛି। ତେବେ ଭାରତରେ ଏହି ସେବା ଜାରି ରହିବ ବୋଲି ମଙ୍ଗଳବାର ଓଲା ମୋବିଲିଟିର ମୁଖପାତ୍ର ସୂଚନା ଦେଇଛନ୍ତି। ଭାରତରେ ଓଲାର ଅପରେଶନ ଦ୍ରୁତ ଗତିରେ ବଢ଼ୁଥିବାବେଳେ କମ୍ପାନୀ ଏଠାରେ ଲାଭଦାୟକ ସ୍ଥିତିରେ ରହିଛି। ୨୦୧୮ରେ ଓଲା ପକ୍ଷରୁ ଅନ୍‌ଲାଇନ ଟାକ୍ସି ବୁକିଂ ସେବାକୁ ବ୍ରିଟେନ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ପର୍ଯ୍ୟାୟକ୍ରମେ ଆରମ୍ଭ କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଘ ବରଷା**
**ମାଆ ପରଷା।**

ସାଧାରଣତଃ ମାଘ ମାସରେ ବର୍ଷା ହେଲେ ଏହା କୃଷି ବା ଚାଷ ପାଇଁ ଅନୁକୂଳ ହୋଇଥାଏ। ଠିକ୍ ସେହିପରି ମା' ହାତପରଷା ମଧ୍ୟ ସନ୍ତାନମାନଙ୍କୁ ଅଧିକ ତୃପ୍ତି ପ୍ରଦାନ କରାଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ମଞ୍ଚାରୁ ପଡ଼ି ମାମୁ ମଲା**
**ମୋତେ ତ ଦଇବ ରଖିଲା।**

ବିପଦଟି ସ୍ୱତଃପ୍ରବୃତ୍ତ ଅପସାରିତ ହୋଇଗଲେ ବା ଦୂରେଇଗଲେ ଆତଙ୍କିତ ବ୍ୟକ୍ତି ଜଣକ ଆଶ୍ୱସ୍ତି ଲାଭ କରିଥାଏ। ଏହା ଈଶ୍ୱରଙ୍କ ଏକପ୍ରକାର ଆଶୀର୍ବାଦ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାତିସଂଘ ଆବାସିକ ସଂଯୋଜକ

ଭୁବନେଶ୍ୱର,୯।୪(ଅନିଲ ଦାସ)

ଭାରତରେ ନିଯୁକ୍ତ ଜାତିସଂଘ ଆବାସିକ ସଂଯୋଜକ (ରେସିଡେଣ୍ଟ କୋଅର୍ଡିନେଟର) ସୋମ୍ବି ସାର୍ପ ମଙ୍ଗଳବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ଓଡ଼ିଶା ସରକାରଙ୍କ ସହ ଜାତିସଂଘ ଏଜେନ୍ସିଗୁଡ଼ିକର ଦୀର୍ଘଦିନ ଧରି ଫଳପ୍ରଦ ଅଂଶୀଦାର ବିଷୟରେ ସେ ଆଲୋଚନା କରିଛନ୍ତି। ମାନବ ବିକାଶ ସୂଚକାଙ୍କରେ ହୋଇଥିବା ଉନ୍ନତିକୁ ନେଇ ଓଡ଼ିଶା ସରକାରଙ୍କୁ ସାର୍ପ ପ୍ରଶଂସା କରିଛନ୍ତି। ଏଥିସହିତ ସେ ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶା ସରକାରଙ୍କ ଭୂମିକାକୁ ମଧ୍ୟ ପ୍ରଶଂସା କରିଛନ୍ତି।

୧୯୯୯ ମହାବାତ୍ୟାରେ ଓଡ଼ିଶା ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତାକୁ ଆସିବା ପରେ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାକୁ ଗୁରୁତ୍ୱ ଦେବା ସହ ଗୋଷ୍ଠୀ ପରିଚାଳିତ ବ୍ୟବସ୍ଥାକୁ ସୁଦୃଢ଼ କରିଛନ୍ତି। ୨୦୧୩ରେ ଫାଇଲିନ ବାତ୍ୟାର ଠିକ୍ ପରିଚାଳନା କରିପାରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଜାତିସଂଘ ସମ୍ମାନିତ କରିଛି। ସେହିପରି ଓଡ଼ିଶା ଫନି ବାତ୍ୟା ପରିଚାଳନା ସମ୍ପର୍କରେ ନ୍ୟୁୟର୍କ ଟାଇମ୍ସରେ ସ୍ତମ୍ଭ ପ୍ରକାଶ ପାଇବା ସହ ଅନ୍ୟ ଦେଶଗୁଡ଼ିକ ଓଡ଼ିଶାରୁ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଜ୍ଞାନ ଆହରଣ କରିବା ନେଇ ଉଲ୍ଲେଖ କରିଥିଲା। ସାର୍ପ ଓଡ଼ିଶାର ଖାଦ୍ୟ ସୁରକ୍ଷା ସମ୍ପର୍କିତ ସଫଳତା ଉପରେ ଉଲ୍ଲେଖ କରିଛନ୍ତି। ମିଲେଟ ମିଶନ ସମ୍ପର୍କରେ ଉଲ୍ଲେଖ କରି ଓଡ଼ିଶା କିପରି ଭାରତ ଓ ବିଶ୍ୱକୁ ଏ ନେଇ ବାଟ ଦେଖାଇଛି ସେ ସମ୍ପର୍କରେ କହିଛନ୍ତି। ୨୦୨୩କୁ ଜାତିସଂଘ ଅନ୍ତର୍ଜାତୀୟ ମିଲେଟ୍ ବର୍ଷ ଭାବେ ଘୋଷଣା କରିଥିଲା। ଜାତୀୟ ଖାଦ୍ୟ ସୁରକ୍ଷା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଦେଶରେ ଏକ ନମ୍ବର ର୍ୟାଙ୍କରେ ରହିଛି। ପୂର୍ବରୁ ଅନାହାର ରାଜ୍ୟରେ ପରିଗଣିତ ହେଉଥିବା ଓଡ଼ିଶା ଏବେ ଖାଦ୍ୟ ଶସ୍ୟ ବଳକା ରାଜ୍ୟରେ ପରିଣତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗରିବଙ୍କୁ ସୁହାଇବା ଭଳି ନୀତି ଯୋଗୁ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବାରେ ସହାୟକ ହୋଇଛି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି ଭାରତରେ ନିଯୁକ୍ତ ଜାତିସଂଘ ଆବାସିକ ସଂଯୋଜକ ସୋମ୍ବି ସାର୍ପ।

- **ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା, ମିଲେଟ୍ ମିଶନକୁ ପ୍ରଶଂସା**
- **ଜାତିସଂଘ ଏଜେନ୍ସି ସହିତ ସହଭାଗିତା ଜାରି ରଖିବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି**

ସମଗ୍ର ରାଜ୍ୟରେ ଲୋକମାନଙ୍କୁ ୫ଟଙ୍କାରେ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ଓଡ଼ିଶାର ଖାଦ୍ୟ ସୁରକ୍ଷା ଅଭିଜ୍ଞତାକୁ ଜାଣିବା ପାଇଁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫ୍‌ପି) ମୁଖ୍ୟାଳୟ ୨୦୨୨ରେ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଥିଲା। ରାଜ୍ୟରେ ୫-ଟି ବ୍ୟବସ୍ଥା ଓ ଏହାର ପ୍ରଭାବ ସମ୍ପର୍କରେ ସାର୍ପ ଆଲୋଚନା କରିଥିଲେ। ଓଡ଼ିଶା ପରିଦର୍ଶନ କରିଥିବାରୁ ମୁଖ୍ୟମନ୍ତ୍ରୀ ସୋମ୍ବି ସାର୍ପଙ୍କୁ ଧନ୍ୟବାଦ ଦେବା ସହ ବିଶ୍ୱର ବିଭିନ୍ନ କ୍ଷେତ୍ରରେ ଜାତିସଂଘ ଏଜେନ୍ସିଗୁଡ଼ିକର ଉତ୍ତମ କାର୍ଯ୍ୟକ୍ରମଗୁଡ଼ିକ ସହ ଓଡ଼ିଶା ତା'ର ଅଂଶୀଦାର ଭାବେ କାର୍ଯ୍ୟକ୍ରମ ଜାରିରଖିବ ବୋଲି କହିଛନ୍ତି ।

## ଓଡ଼ିଶା କ୍ରୀଡ଼ା ପରିବେଶକୁ ପ୍ରଶଂସା

ଭୁବନେଶ୍ୱର,୯।୪(ଅନିଲ ଦାସ)

**୫-ଟି ଅଧ୍ୟକ୍ଷଙ୍କୁ ଭେଟିଲେ ଜାତିସଂଘ ଆବାସିକ ସଂଯୋଜକ**

- **ଜାତିସଂଘର ସହଯୋଗ ପାଇଁ ପାଣ୍ଡିଆନ ଆଶାବାଦୀ**

ଭାରତରେ ଅବସ୍ଥାପିତ ଜାତିସଂଘର ଆବାସିକ ସଂଯୋଜକ ସୋମ୍ବି ସାର୍ପ ମଙ୍ଗଳବାର ନବୀନ ନିବାସଠାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଓଡ଼ିଶାକୁ କ୍ରୀଡ଼ା କେନ୍ଦ୍ରରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏହା ପୂର୍ବରୁ ଆବାସିକ ସଂଯୋଜକ କଳିଙ୍ଗ ଷ୍ଟାଡିୟମରେ ଇନ୍‌ଡୋର ଆଥ୍‌ଲେଟିକ୍ସ ସେଣ୍ଟର, କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଓ ଆକ୍ୱାଟିକ୍ ସେଣ୍ଟର ସମେତ ଅତ୍ୟାଧୁନିକ ସୁବିଧା ସୁଯୋଗ ପରିଦର୍ଶନ କରିଛନ୍ତି। ଏହିସବୁ ସୁବିଧାକୁ ପ୍ରଶଂସା କରି ସୋମ୍ବି ସାର୍ପ କ୍ରୀଡ଼ା ଉତ୍କର୍ଷକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ାବିତ୍‌ମାନଙ୍କ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଯୋଗାଇଦେବା ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି। ଓଡ଼ିଶାରେ ଯାହା ହାସଲ ହୋଇଛି ତାହା ପ୍ରକୃତରେ ଅବିଶ୍ୱସନୀୟ ଏବଂ ଏହା ରାଜ୍ୟରେ କ୍ରୀଡ଼ାର ଏକ ଉଜ୍ଜ୍ୱଳ ଭବିଷ୍ୟତର ସଙ୍କେତ ବୋଲି ଉଲ୍ଲେଖ କରିବା ସହିତ ତାଙ୍କର ଏହି ବକ୍ତବ୍ୟକୁ ସୋମ୍ବି ସାର୍ପ ଶେୟାର କରିଛନ୍ତି। ତାଙ୍କ ଗସ୍ତ ପାଇଁ ସାର୍ପଙ୍କୁ ପାଣ୍ଡିଆନ ଧନ୍ୟବାଦ ଜଣାଇବା ସହ ଓଡ଼ିଶା ଏବଂ ଭାରତୀୟ କ୍ରୀଡ଼ାକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଜାତିସଂଘ ସହ ସହଯୋଗ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି।

## ମହିଳା ଆଇନଜୀବୀଙ୍କୁ ବ୍ଲାକ୍‌ମେଲିଂ: ୧୪ ଲକ୍ଷ ଲୁଟ୍

ବେଙ୍ଗାଲୁରୁ,୯।୪

ଆଇନଜୀବୀମାନେ ମଧ୍ୟ ଠକଙ୍କ ଦୌରାତ୍ମ୍ୟରୁ ବର୍ତ୍ତିପାରୁନାହାନ୍ତି। ବେଙ୍ଗାଲୁରୁର ଜଣେ ମହିଳା ଆଇନଜୀବୀଙ୍କଠାରୁ ସାଇବର ଠକମାନେ ୧୪ ଲକ୍ଷ ଟଙ୍କା ଲୁଟିଛନ୍ତି। ଏପରି କି ନାର୍କୋଟିକ୍ସ ଟେଷ୍ଟ ପାଇଁ ତାଙ୍କୁ ଉଲଗ୍ନ କରିବା ସହ ଭିଡିଓ ମଧ୍ୟ ଶୁଟ୍ କରିଛନ୍ତି। ୨୯ ବର୍ଷୀୟା ମହିଳା ଆଇନଜୀବୀଙ୍କ ଉଲଗ୍ନ ଭିଡିଓକୁ ନେଇ ସେମାନେ ବ୍ଲାକ୍‌ମେଲିଂ କରି ତାଙ୍କଠାରୁ ଅଧିକ ୧୦ ଲକ୍ଷ ଟଙ୍କା ଆଦାୟ ଉଦ୍ୟମ କରିଥିଲେ। ଶେଷରେ ପୀଡ଼ିତା ଜଣକ ପୋଲିସ ନିକଟରେ ଏତଲା ଦେଇଛନ୍ତି। ଠକମାନେ ନିଜକୁ ମୁମ୍ବାଇ ସାଇବର କ୍ରାଇମ୍ ଟିମ୍ ସଦସ୍ୟ ଦର୍ଶାଇ ତାଙ୍କୁ ଗତ ୩ ଓ ୪ ତାରିଖରେ ୨ ଦିନ ଧରି ପଣବନ୍ଦୀ କରି ରଖିଲେ ବୋଲି ସେ ଅଭିଯୋଗ କରିଛନ୍ତି।

## ପଶ୍ଚିମବଙ୍ଗରେ ନିୟୋଜିତ ହେବେ ଅତିରିକ୍ତ ୧୦୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ

ନୂଆଦିଲ୍ଲୀ, ୯।୪

ଚଳିତ ଲୋକ ସଭା ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ପାଇଁ ପଶ୍ଚିମବଙ୍ଗରେ ଅତିରିକ୍ତ ୧୦୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ନିୟୋଜନ କରିବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ମଙ୍ଗଳବାର ନିର୍ବାଚନ ଆୟୋଗ(ଇସି) ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ଉକ୍ତ ରାଜ୍ୟରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ(ସିଆରପିଏଫ୍)ର ୫୫ କମ୍ପାନୀ ଓ ସୀମା ସୁରକ୍ଷା ବଳର ୪୫ କମ୍ପାନୀ ନିୟୋଜିତ ହେବେ। ୨୦୧୯ ଲୋକ ସଭା ନିର୍ବାଚନରେ ପଶ୍ଚିମବଙ୍ଗର ଅନେକ ସ୍ଥାନରେ ନିର୍ବାଚନୀ ହିଂସା ଦେଖାଦେଇଥିବାରୁ ଇସି ଏପରି ନିଷ୍ପତ୍ତି ନେଇଥିବା କୁହାଯାଉଛି।

## ହାଜତରୁ ଫେରାର ଅଭିଯୁକ୍ତ ୪ବର୍ଷ ପରେ ଗିରଫ

ମୋହନା,୯।୪(ମନ୍ମଥ ମିଶ୍ର)



ଥାନା ହାଜତରୁ ଚମ୍ପଟ ମାରିଥିବା ଫେରାର ଅଭିଯୁକ୍ତଙ୍କୁ ୪ ବର୍ଷ ପରେ ମୋହନା ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଆର.ଉଦୟଗିରି ଥାନା ଏନ୍ ଝାଲର ସିଂ ଗାଁର ସନାତନ କରାଡ (୩୩)। ଗତ ୨୦୨୦ ମସିହାରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ସନାତନ ଥାନା ହାଜତରୁ ବିଳମ୍ବିତ ରାତିରେ ପାଚେରୀ ଡେଇଁ ଚମ୍ପଟ ମାରିଥିଲା। ଘଟଣାରେ ଦୁଇ କନଷ୍ଟେବଳ ଓ ଦୁଇ ଗୃହରକ୍ଷୀଙ୍କୁ ନିଲମ୍ବନ କରିଥିଲେ ଗଜପତି ଏସପି। ଘଟଣାର ୪ ବର୍ଷ ପରେ ମଙ୍ଗଳବାର ଅଭିଯୁକ୍ତ ସନାତନଙ୍କୁ ଅଡବା ଥାନା ବାଟିପଙ୍କା ଗାଁରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

## ଓଡ଼ିଶାରେ ଉତ୍କଟ ହୋଇଛି ଜଳକଷ୍ଟ: ଭାଜପା

ଭୁବନେଶ୍ୱର, ୯।୪(ସୁନିତ୍ ମିଶ୍ର)

ବୈଶାଖ ମାସ ଆରମ୍ଭ ହୋଇନାହିଁ। ଓଡ଼ିଶାରେ ଜଳକଷ୍ଟ କେତେ ଉତ୍କଟ ହୋଇଛି। କେନ୍ଦ୍ରୀୟ ଜଳ ଆୟୋଗ ତଥ୍ୟ ଅନୁଯାୟୀ ଦକ୍ଷିଣ ଓଡ଼ିଶାରେ ୪ଟି ନଦୀ ସମ୍ପୂର୍ଣ୍ଣ ଶୁଖିଯାଇଛି। ମହାନଦୀର ଜଳ ପିଇବା ଯୋଗ୍ୟ ନୁହେଁ। ହୀରାକୁଦରେ ଜଳସ୍ତର କମିବା ସହ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ନଦୀ, ନାଳ, କେନାଲରେ ଜଳସ୍ତର କମିବାରେ ଲାଗିଛି। ମଣିଷର ପ୍ରଥମ ପ୍ରାଥମିକତା ହେଉଛି ପାନୀୟଜଳ, ଦ୍ୱିତୀୟ ପ୍ରାଥମିକତା ହେଉଛି ଜମିକୁ ଜଳ, ତୃତୀୟରେ ଶିଳ୍ପକୁ ଜଳ। କିନ୍ତୁ ରାଜ୍ୟ ସରକାର ଶିଳ୍ପକୁ ପାଣି ଯୋଗାଇବାରେ ପ୍ରାଥମିକତା ଦେଉଛନ୍ତି। ୨୪ ବର୍ଷ ଶାସନରେ ରହି ମଧ୍ୟ ଜଳ ସଂରକ୍ଷଣ ବ୍ୟବସ୍ଥାରେ ଫେଲ୍ ହୋଇଥିବା ରାଜ୍ୟ ସରକାର ଓଡ଼ିଶାରେ ସାମାନ୍ୟ ଜଳଭଣ୍ଡାର କରିବାରେ ବିଫଳ ହୋଇଛନ୍ତି ବୋଲି ଭାଜପା ନେତା ଭର୍ତ୍ତୃହରି ମହତାବ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହତାବ କହିଛନ୍ତି, ମୋଦି ସରକାର ଓଡ଼ିଶାବାସୀଙ୍କୁ ସ୍ୱଚ୍ଛ, ନିର୍ମଳ ପାନୀୟ ଜଳ ପାଇଁ 'ହର୍ ଘର୍ ନଲ୍ ପେ ଜଲ୍' ଯୋଜନା ଜରିଆରେ ପ୍ରଚୁର ମାତ୍ରାରେ ଆର୍ଥିକ ଅନୁଦାନ ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାରଙ୍କ ଅପାରଗତା କାରଣରୁ ତାହା କାର୍ଯ୍ୟକାରୀ ହୋଇ ନ ପାରି ଫେରିଯାଉଛି ବୋଲି ମହତାବ କହିଛନ୍ତି।

## ବିଷ ପିଇଲେ ବାପଝିଅ

ବାସୁଦେବପୁର,୯।୪ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣଗାଁ ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅଧଘଣ୍ଟାଏ ଅନ୍ତରରେ ବାପ ଝିଅ ବିଷ ପିଇବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ବିଷ ପିଇ ଗୁରୁତର ଥିବା ଗ୍ରାମର ଜଣେ ନାବାଳିକାଙ୍କୁ ପରିବାର ଲୋକେ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏହାର କିଛି ସମୟ ପରେ ତାଙ୍କ ବାପାଙ୍କୁ ଡାକ୍ତରଖାନାକୁ ଅଣାଯାଇଥିଲା। ସେ ମଧ୍ୟ ବିଷ ପିଇଥିବା ବେଳେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ କେଉଁ କାରଣରୁ ବାପଝିଅ ବିଷ ପିଇଲେ ତାହା ଜଣାପଡ଼ିନାହିଁ। ଘରୋଇ ସମସ୍ୟାକୁ ନେଇ ଏଭଳି ଘଟଣା ଘଟିଥିବା କୁହାଯାଉଛି।

## ଅଯୋଧ୍ୟା ଯାଇଥିଲେ ୪୨୦: ଜଣେ ମୃତ, ଜଣେ ନିଖୋଜ

ଦାରିଙ୍ଗବାଡି, ୯।୪ (ଅରୁଣ ସାହୁ )

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରୁ ୪୨୦ ଜଣ ରାମଲାଲାଙ୍କୁ ଦର୍ଶନ ପାଇଁ ୭ଟି ବସ୍‌ରେ ଗତ ୨ ତାରିଖରେ ଅଯୋଧ୍ୟା ଯାଇଥିଲେ। ସେମାନଙ୍କୁ ବିଶ୍ୱ ହିନ୍ଦୁ ପରିଷଦର କନ୍ଧମାଳ ପ୍ରାନ୍ତ ଦାୟିତ୍ୱରେ ଥିବା ମନୋଜ ଆଚାର୍ଯ୍ୟ ନେଇଥିଲେ ବୋଲି ଜଣାପଡ଼ିଛି। ତେବେ ୪୨୦ ଜଣଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ହୋଇଛନ୍ତି। ମୃତକ ଜଣକ ହେଲେ ଦାରିଙ୍ଗବାଡିର ଗୋବିନ୍ଦ ସାହୁ ଓ ନିଖୋଜ ବ୍ୟକ୍ତି ହେଲେ ସିମନବାଡି ଅଞ୍ଚଳର ସୁଧାକର ଚୌଧୁରୀ। ସୁଧାକରଙ୍କ ସାନ ପୁଅ ତାଙ୍କ ବାପାଙ୍କ ନିଖୋଜ ସମ୍ପର୍କରେ ଦାରିଙ୍ଗବାଡି ଥାନାରେ ଅଭିଯୋଗ କରିଛନ୍ତି।

୪୨୦ ଯାତ୍ରୀଙ୍କୁ ଅଯୋଧ୍ୟା ଯିବା ଆସିବା ପାଇଁ ୩ ହଜାର ଟଙ୍କା ପୈଠ କରିବାକୁ ପଡ଼ିଥିଲା। ରେଜିଷ୍ଟ୍ରେଶନ ପାଇଁ ସେମାନେ ୧ ଶହ ଟଙ୍କା ଖର୍ଚ୍ଚ କରିଥିଲେ। ସମସ୍ତଙ୍କୁ ଉକ୍ତ ଟଙ୍କାରେ ଜଳଖିଆ ସମେତ ଦୁଇଓଳା ଖାଇବା ପାଇଁ ରନ୍ଧା ଖାଦ୍ୟ ଦିଆଯିବ ବୋଲି କୁହାଯାଇଥିଲା। ତେବେ ଏଥିରେ ବ୍ୟତିକ୍ରମ ହୋଇଥିଲା ବୋଲି ଅଭିଯୋଗ ହୋଇଛି। ଫେରିବା ବେଳେ ସୁଧାକର ଚୌଧୁରୀ ଅଯୋଧ୍ୟାରେ ନିଖୋଜ ହୋଇଥିବାବେଳେ ମଙ୍ଗଳବାର ଭଦ୍ରକରେ ବସ୍‌ଗୁଡିକ ପହଞ୍ଚିବା ସମୟରେ ଗୋବିନ୍ଦଙ୍କ ଅବସ୍ଥା ଗୁରୁତର ହୋଇଯାଇଥିଲା। ତାଙ୍କୁ ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ କଟକ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଛି। ବିଶ୍ୱ ହିନ୍ଦୁ ପରିଷଦର ମନୋଜ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇବାରେ ଅସମର୍ଥ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମନୋଜଙ୍କୁ ପଚାରିବାରୁ କୌଣସି ଅବ୍ୟବସ୍ଥା ହୋଇ ନ ଥିବା ସେ କହିଛନ୍ତି।

## ଅଂଶୁଘାତରେ ଚାଷୀଙ୍କ ମୃତ୍ୟୁ ଅଭିଯୋଗ

ରଘୁନାଥପୁର,୯।୪
(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅଧୀନ ତଅଁରା ପଞ୍ଚାୟତ ଅନ୍ତର୍ଗତ ଖର୍ଦ୍ଦା ସାହି ଗ୍ରାମର ଚାଷୀ ପ୍ରଭାକର ମହାନ୍ତି (୫୮)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ପ୍ରଭାକର ନିଜ ଘର ବାରିତଳ ବିଲରେ ମୁଗ ଓପାଡିବାବେଳେ ଅସହ୍ୟ ତାତିରେ ଟଳି ପଡିଥିଲେ। ପରିବାର ଲୋକେ ପ୍ରଭାକରଙ୍କୁ ରେଡ୍ଡୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

## ବିଜେଡି ସାଙ୍ଗଠନିକ କର୍ମକର୍ତ୍ତା ନିଯୁକ୍ତ

ଭୁବନେଶ୍ୱର,୯।୪(ଅନିଲ ଦାସ)

- **ପବିତ୍ର ପାଣିଗ୍ରାହୀ ଦଶପଲ୍ଲା, ନୀଳମଣି ପଟ୍ଟନାୟକ ରଣପୁର ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ**
- **ଇରାନୀ ରାୟ ନୟାଗଡ଼ ଜିଲା ବିଜେଡି ସଂଯୋଜକ**

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜୁ ଜନତା ଦଳର ବିଭିନ୍ନ ସାଙ୍ଗଠନିକ କର୍ମକର୍ତ୍ତାଙ୍କୁ ନିଯୁକ୍ତି ଦିଆଯାଇଛି। ଏ ନେଇ ମଙ୍ଗଳବାର ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ପବିତ୍ର ମୋହନ ପାଣିଗ୍ରାହୀଙ୍କୁ ନୟାଗଡ଼ ଜିଲା ଦଶପଲ୍ଲା ବିଧାନସଭା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରଣପୁର ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ ଭାବେ ନୀଳମଣି ପଟ୍ଟନାୟକଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଗଞ୍ଜାମ ଜିଲା ବିଜେଡି ଉପସଭାପତି ଭାବେ ଧର୍ମରାଜ ରେଡ୍ଡୀଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଦିଲୀପ କୁମାର ପାତ୍ର, ଏମ୍. ରାମହରି ପାତ୍ର ଏବଂ ଦଣ୍ଡପାଣି ନାୟକଙ୍କୁ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ନୟାଗଡ଼ ଜିଲା ବିଜେଡି ଜିଲା ସଂଯୋଜକ ଭାବେ ଇରାନୀ ରାୟଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ବାଲେଶ୍ୱର ଜିଲା ଅରଡ ବଜାର ଧୀରେନ କୁମାର ନାୟକଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଏବଂ ଗଞ୍ଜାମ ଜିଲା କେନ୍ଦୁପଦରର ହରେକୃଷ୍ଣ ମଲ୍ଲିକଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

## ବକେୟା ପାଇଁ ସ୍କୁଲରେ ତାଲା ପକାଇଲେ ଠିକାଦାର

ବାଲେଶ୍ୱର,୯।୪(ମାନସ ବିଶ୍ୱାଳ)

୫-ଟି ଅଧୀନରେ ରୂପାନ୍ତରଣ ହୋଇଥିବା ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଦହପଡ଼ା ଚିନ୍ତାମଣି ହାଇସ୍କୁଲର ନିର୍ମାଣ କାର୍ଯ୍ୟ ଶେଷ ହେବାର ବର୍ଷେ ବିତିଗଲାଣି। ହେଲେ ଏଯାଏ ବକେୟା ଟଙ୍କା ମିଳ ନ ଥିବାରୁ ଠିକାଦାର ଅସନ୍ତୋଷ ପ୍ରକାଶ କରିବା ସହ ମଙ୍ଗଳବାର ସ୍କୁଲ ଗୃହରେ ତାଲା ପକାଇ ଦେଇଥିଲେ। ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଆସି ବାହାରେ ବୁଲିବା ସହ ଶିକ୍ଷକମାନେ ବାହାରେ ଛିଡ଼ା ହୋଇଥିଲେ। ଖବର ପାଇ ସ୍ଥାନୀୟ ଏବିଡିଓ, ବ୍ଲକ ଆସିଷ୍ଟାଣ୍ଟ ଇଞ୍ଜିନିୟର ଓ ପୋଲିସ ପହଞ୍ଚିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

୫-ଟି ରୂପାନ୍ତର ବେଳେ ଗ୍ରାମର କେତେଜଣ ବ୍ୟକ୍ତିଙ୍କୁ ପକ୍କା ଘର ନିର୍ମାଣ କାମ କରିବା ପାଇଁ ଦିଆଯାଇଥିଲା। ବର୍ଷେରୁ ଅଧିକ ବିତିଯାଇଥିଲେ ବି ବକେୟା ଟଙ୍କା ମିଳିନାହିଁ। ଫଳରେ ସେମାନେ କାମ କରିଥିବା ୫ଟି କ୍ଲାସ ରୁମ୍‌ଗୁଡ଼ିକରେ ତାଲା ପକାଇ ବନ୍ଦ ରଖିଥିଲେ। ଫଳରେ ପିଲାମାନଙ୍କ କ୍ଲାସ କରିବାରେ ବାଧା ସୃଷ୍ଟି ହୋଇଥିଲା। ଅଷ୍ଟମ, ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ଓ ଶିକ୍ଷକମାନେ ମଧ୍ୟ ବାହାରେ ଛିଡ଼ା ହୋଇଥିଲେ। ପ୍ରଶାସନିକ ଅଧିକାରୀମାନେ ଓ ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ବୁଝିବା ସହ ୫-ଟି କାମ ଉକ୍ତ ଠିକାଦାରମାନଙ୍କୁ କିଏ ପ୍ରଦାନ କରିଥିଲା ଓ କେଉଁ ସୂତ୍ରରେ ପ୍ରଦାନ କରିଥିଲେ, କେତେଟଙ୍କା ପୈଠ ହୋଇଛି, କେତେ ଟଙ୍କା ବାକି ଅଛି, ଏ ସମ୍ପର୍କରେ ବୁଝିଥିଲେ। ଠିକାଦାରମାନଙ୍କୁ ବ୍ଲକ ଅଫିସ୍‌କୁ ଡକାଇ ଆଲୋଚନା କରିବା ପାଇଁ ପ୍ରଶାସନିକ ଅଧିକାରୀ ପ୍ରତିଶ୍ରୁତି ଦେବା ପରେ କ୍ଲାସରୁମ୍‌ରେ ପଡ଼ିଥିବା ତାଲା ଖୋଲିଥିଲା।


ଦହପଡ଼ା ଚିନ୍ତାମଣି ହାଇସ୍କୁଲର କ୍ଲାସ ରୁମ୍‌ରେ ତାଲା ପଡ଼ିଥିବା ଯୋଗୁ ବାହାରେ ଛାତ୍ରୀଛାତ୍ର।

## ୧୬ ମାଛର ଓଜନ ୨୧୫ କେଜି

- **ସମୁଦ୍ରରୁ ଧରାହେଲା ତେଲିଆ ବୋରେଇ**
- **୧୩ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇପାରେ**

ପାରାଦୀପ,୯।୪(ଶରତ ରାଉତ)

ପାରାଦୀପ ମାଛଧରା ବନ୍ଦରକୁ ମଙ୍ଗଳବାର ପାର୍ବତୀ ନାମକ ବୋଟ୍‌ରେ ୧୬ଟି ତେଲିଆ ବୋରେଇ ମାଛ ଆସିଥିଲା। ସେଗୁଡ଼ିକର ଓଜନ ୨୧୫ କେଜି ରହିଛି। ଉକ୍ତ ମାଛକୁ ବିକ୍ରି ପାଇଁ ବୋଟ୍ ମାଲିକ ସନ୍ଧ୍ୟାରେ କଲିକତା ଦୀଘା ନେଇ ଯାଇଛନ୍ତି। ଏସବୁ ମାଛର ବଜାର ମୂଲ୍ୟ ୧୩ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡିଛି। କାରଣ ଉକ୍ତ ମାଛକୁ ପାରାଦୀପ ବଜାରରେ ବ୍ୟବସାୟୀମାନେ କେଜି ପିଛା ୬ ହଜାର ଟଙ୍କା ଦେବା ପାଇଁ ରାଜି ହୋଇଥିଲେ। ବୋଟ୍ ମାଲିକ କେଜି ପିଛା ୧୨ ହଜାର ଟଙ୍କା ଡାକିଥିଲେ। ଏଥିରେ ଅସହମତ ହେବାରୁ ଦୀଘା ଯାଇଛି। ସୂଚନାଯୋଗ୍ୟ, ତେଲିଆ ବୋରେଇ ମାଛର ଚାହିଦା ଅନ୍ତର୍ଜାତୀୟ ବଜାରରେ ଅଧିକ। କାରଣ ସେହି ମାଛ ପୁଟିରୁ ଔଷଧ ତିଆରି ହୋଇଥାଏ। ଚଳିତ ବର୍ଷ ମାଛଧରା ସମୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କାରଣ ଏପ୍ରିଲ ୧୫ରୁ ଜୁନ୍ ୧୫ ପର୍ଯ୍ୟନ୍ତ ଦୁଇମାସ ସାମୁଦ୍ରିକ କଟକଣା ଜାରି ହେବ। ଏବେ ମାଛ ଉତ୍ପାଦନ ସ୍ୱାଭାବିକ ଭାବେ କମିଯାଇଛି। ମାତ୍ର ୮୦ ରୁ ୧୦୦ ବୋଟ୍ ଏବେ ସମୁଦ୍ରରେ ମାଛ ଧରିବାକୁ ଯାଇଛନ୍ତି ବୋଲି ଓମ୍ପା (ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ) ସମ୍ପାଦକ ଅରବିନ୍ଦ ସ୍ୱାଇଁ କୁହନ୍ତି। ଏପରି ଅସମୟରେ ଏହି ତେଲିଆ ବୋରେଇ ମାଛ ମିଳିବା ଜଣେ ମାଲିକଙ୍କ ପାଇଁ ଖୁସି କଥା ବୋଲି ସେ କୁହନ୍ତି।



**ନନ୍ଦନକାନନରେ ୱାଲାବି ଅସୁସ୍ଥ**

ବାରଙ୍ଗ,(ଲିଙ୍ଗରାଜ ରାଉତ): ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ପୁଣି ଏକ ଅଣ୍ଡିରା ୱାଲାବି ଅସୁସ୍ଥ ହୋଇପଡ଼ିଛି। ଗତ କିଛିଦିନ ହେବ ୱାଲାବିଟି ଖାଇବା କମାଇ ଦେଇଛି, ଯାହାକୁ ନେଇ ପ୍ରାଣୀ ବିଭାଗର ଚିନ୍ତା ବଢ଼ିଯାଇଛି। ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଥିଲେ ସୁଦ୍ଧା ୱାଲାବିର ସ୍ୱାସ୍ଥ୍ୟରେ ଉନ୍ନତି ହୋଇନାହିଁ। ପୂର୍ବରୁ ଗତ ମାର୍ଚ୍ଚ ୭ରେ ଗୋଟିଏ ଅଣ୍ଡିରା ୱାଲାବି ଗୁରୁତର ଅସୁସ୍ଥ ହୋଇପଡ଼ିଥିଲା। ଚିକିତ୍ସା ପାଇଁ ୱାଲାବିଟିକୁ ପରିସରରେ ଥିବା ଚିକିତ୍ସାଳୟକୁ ଅଣାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରକ୍ତ ନମୁନା ଓୟୁଏଟି ପଠାଯାଇଥିଲା। ପରେ ୧୧ ତାରିଖରେ ତା'ର ମୃତ୍ୟୁ ଘଟିଥିଲା।

## ବୁଲା କୁକୁର ମୁହଁରୁ ହରିଣକୁ ଉଦ୍ଧାରକଲେ ଗ୍ରାମବାସୀ

ବାରଙ୍ଗ,୯।୪(ଲିଙ୍ଗରାଜ ରାଉତ)

କୁଜିମହଲ ଗ୍ରାମବାସୀ ମଙ୍ଗଳବାର ସକାଳେ ବୁଲା କୁକୁରଙ୍କ କବଳରୁ ଏକ ଚିତ୍ରା ହରିଣକୁ ଉଦ୍ଧାରକରି ଚନ୍ଦକା ବନ ବିଭାଗକୁ ହସ୍ତାନ୍ତର କରିଛନ୍ତି। ହରିଣଟି କୌଣସିମତେ ଜଙ୍ଗଲରୁ ବାହାରି ଜନବସତିମୁହାଁ ହୋଇଥିଲା। ଏହା ଦେଖି ବୁଲା କୁକୁରା ସଙ୍ଗବଦ୍ଧ ହୋଇ ହରିଣକୁ ଗୋଡ଼ାଇଥିଲେ। ହରିଣଟି ନିଜ ଜୀବନ ବଞ୍ଚାଇବାକୁ ଯାଇ କୁଜିମହଲ ଗ୍ରାମ ମୁଣ୍ଡକୁ ପଳାଇ ଆସିଥିଲା। ଏହାଦେଖି କିଛି ଯୁବକ ଗ୍ରାମବାସୀଙ୍କ ସହାୟତାରେ କୁକୁର କବଳରୁ ହରିଣକୁ ଉଦ୍ଧାର କରି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଆସି ଗ୍ରାମବାସୀଙ୍କଠାରୁ ହରିଣକୁ ଉଦ୍ଧାର କରିପ୍ରାଥମିକ ଚିକିତ୍ସା ପରେ ଜଙ୍ଗଲରେ ଛାଡ଼ିଦେଇଥିବା ଜଣାପଡ଼ିଛି।

# ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ରୀନିବାସରେ ଅବ୍ୟବସ୍ଥା

## କୁଳପତିଙ୍କ ବାସଭବନ ଘେରିଲେ ଅନ୍ତେବାସୀ

ଭୁବନେଶ୍ୱର,୯।୪ (ଅସମାପିକା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର କୁନ୍ତଳା କୁମାରୀ ଛାତ୍ରୀନିବାସରେ ବ୍ୟାପକ ଅବ୍ୟବସ୍ଥା ନେଇ ଅନ୍ତେବାସୀମାନେ ମଙ୍ଗଳବାର କୁଳପତିଙ୍କ ବାସଭବନ ଘେରାଉ କରିଛନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ହଷ୍ଟେଲ୍‌ରେ ପାଣି ଆସୁନାହିଁ। ଦୈନନ୍ଦିନ ଜୀବନରେ ଅପରିହାର୍ଯ୍ୟ ପାଣି ଆସୁନଥିବାରୁ ଅନ୍ତେବାସୀମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଦିନତମାମ୍ ହଇରାଣ ହୋଇଥିବାବେଳେ ରାତିରେ ବି ପାଣି ନ ଆସିବାରୁ ଅନ୍ତେବାସୀଙ୍କ ଧୈର୍ଯ୍ୟଚ୍ୟୁତି ଘଟିଛି। ଫଳରେ ସେମାନେ କୁଳପତିଙ୍କ ବାସଭବନ ଘେରାଉ କରିବା ସହ ଧାରଣା ଦେଇଛନ୍ତି।




କୁନ୍ତଳା କୁମାରୀ ଛାତ୍ରୀନିବାସର ଅନ୍ତେବାସୀ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ବାସଭବନ ଘେରାଉ କରିଛନ୍ତି।

ଏଥିସହ ଛାତ୍ରୀମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଶୌଚାଳୟଗୁଡ଼ିକୁ ନିୟମିତ ସଫା କରାଯାଉନାହିଁ। ଫଳରେ ପରିମଳ ବ୍ୟବସ୍ଥା ବିଗିଡ଼ିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଦୀର୍ଘଦିନରୁ ଆକ୍ୱାଗାର୍ଡ ଖରାପ ହୋଇଥିବାବେଳେ ଅଭିଯୋଗ ସତ୍ତ୍ୱେ ମରାମତି କରାଯାଉନାହିଁ। ଟ୍ୟାପ୍ ପାଣି ପିଇବାକୁ ସେମାନେ ବାଧ ହେଉଛନ୍ତି। ସେହିପରି ହଷ୍ଟେଲରେ ୱାଇଫାଇ ଚାଲୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ରବିବାର ଛାତ୍ରୀନିବାସ ବାହାରେ ରାତ୍ର ଜଗୁଆଳି ରହୁନାହାନ୍ତି। ସେମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସବୁଦିନ ରାତ୍ର ଜଗୁଆଳି ନିୟୋଜିତ କରିବାକୁ ଅନ୍ତେବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଆନ୍ଦୋଳନରତ ଛାତ୍ରୀମାନଙ୍କ ସହ ଆଲୋଚନା କରି ତୁରନ୍ତ ପାଣି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଅନ୍ୟ ସମସ୍ତ ଦାବି ଶୀଘ୍ର ପୂରଣ କରାଯିବ ବୋଲି ଆଶ୍ୱାସନା ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ୩ଦିନ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ କରାନଗଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଅନ୍ତେବାସୀ କହିଛନ୍ତି।

## ବିଶ୍ୱାସ ସେବିକା ମହାବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ




ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

ଖୋର୍ଦ୍ଧା ଜିଲା ଛତାବରସ୍ଥିତ ବିଶ୍ୱାସ ସେବିକା ମହାବିଦ୍ୟାଳୟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଛି। ଏହି ଅବସରରେ 'କ୍ୟାରିୟର ଇନ୍ ନର୍ସିଂ' ଶୀର୍ଷକ ଏକ ଗୁରୁତ୍ୱପର୍ଣ୍ଣ ସେମିନାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରଜ୍ଞାନ ରଞ୍ଜନ ଘଡେଇ ଏବଂ ସମ୍ପାଦିକା ନନ୍ଦିନୀ ଘଡେଇଙ୍କ ପରାମର୍ଶରେ ମହାବିଦ୍ୟାଳୟର ଅଧ୍ୟକ୍ଷା ସତ୍ୟଭାମା ମିଶ୍ରଙ୍କ ସହଯୋଗରେ ସେମିନାର ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସେବା ସମ୍ପର୍କରେ ପୋଷ୍ଟର ଉପସ୍ଥାପନା ଏବଂ 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର' ବିଷୟବସ୍ତୁ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଡ. ପ୍ରଜ୍ଞାନ ରଞ୍ଜନ ଘଡେଇ ପ୍ରମୁଖ ଅତିଥି, ଡ. ଏଲ୍.ଏନ୍. ପଣ୍ଡା ଏବଂ ଡ. ଅଭୟକୁମାର ବାହିନୀପତି ଯୋଗଦେଇ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅଧିବେଶନରେ ମୋଟ ୧୫୦ଜଣ ଯୁକ୍ତ୨ ପରୀକ୍ଷାର୍ଥୀ ଯୋଗଦେଇଥିଲେ। କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
'ଟିମ୍ ଆଡ୍‌ମାର୍କ', ଭୁବନେଶ୍ୱର ସଂସ୍ଥା ପାଇଁ 'ଫ୍ଲେକ୍ସ ପ୍ରିଣ୍ଟିଂ ମେସିନ ଅପରେଟର' ଦରକାର। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ।
ଫୋନ୍ ନମ୍ବର: ୯୨୩୮୮୨୨୨୫, ୬୩୭୦୯୪୮୫୦୯, ୭୭୩୫୨୨୦୧୮୮

**MARKETING EXECUTIVE REQUIRED**
Bhubaneswar based TILES & GRANITE SHOWROOM requires Marketing Executive. Preferably Matric Pass (ମାଟ୍ରିକ୍ ପାସ୍) with good communication skill, Age- 20 to 25 years, only male. Salary negotiable.
Contact Mobile No.:
8270000024

**REQUIREMENT**
For a Construction Site
- Data Entry Operator
- Machine Maintenance Mngr.
Ph - 7873907777
sitekhorda@gmail.com

ଚେନ୍ନାଇରେ ରହିବା ସୁବିଧା ସହିତ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ/ ଆବଶ୍ୟକ: ୧. ହାଉସକିପିଂ ବୟ, ୨. ବରିଷ୍ଠ ନାଗରିକଙ୍କ ପାଇଁ କେୟାରଟେକର, ୩. ଘର ପାଇଁ ପୁରୁଷ ରୋଷେୟା ତଥା ହାଉସକିପିଂ/ ଅଗରୱାଲ-9884061210

**WANTED**
ଡ୍ରାଇଭର : ୨ ଜଣ (Tata AC)
ପିକ୍‌ଅପ ବଏ : ୧ ଜଣ (+୨ କିମ୍ବା ଅଧିକ)
ପିକ୍‌ଅପ ବଏ : ୨ଜଣ (ସପ୍ତମ ପାସ)
ମେସିନ ସହକାରୀ : ୨ ଜଣ (ନବମ/ଦଶମ ପାସ୍)
ଯୋଗାଯୋଗ- 9861929740, 9945059654
Email: versacare@yahoo.com

**WANTED**
Urgently required for our office
Site Engineer (M/F),
Supervisor (M/F),
Marketing Executive (M/F),
Front Office (F) Peon (M),
Lady Caretaker,
Plumber cum Electrician.
For Details Contact or Whatsapp-
9238482524, 9437706594

## ମା' କଟକଚଣ୍ଡୀଙ୍କୁ ଦର୍ଶନକଲେ ରାଜ୍ୟପାଳ

# 'ସମସ୍ତଙ୍କ ଜୀବନ ସୁଖମୟ ହେଉ'

କଟକ,୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ରାଷ୍ଟ୍ରୀୟ ନବବର୍ଷ ଏବଂ କଟକଚଣ୍ଡୀଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ପାଇଁ ନବଦିନାତ୍ମକ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୯ଟାରେ ମା' କଟକ ଚଣ୍ଡୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ରାଜ୍ୟପାଳଙ୍କ ଗସ୍ତ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ଦାସ କହିଛନ୍ତି, ରାଷ୍ଟ୍ରୀୟ ନବବର୍ଷ ଓ ନବଦିନାତ୍ମକ ପୂଜାରେ ମା'ଙ୍କ ଦର୍ଶନ କରିବା ମୋ ପାଇଁ ସୌଭାଗ୍ୟର ବିଷୟ। ସମୃଦ୍ଧ ଓ ସ୍ୱାବଲମ୍ବୀ ଓଡ଼ିଶା ଗଠନ ସହ ସମସ୍ତଙ୍କ ଜୀବନ ସୁଖମୟ ହେଉ ବୋଲି ମା'ଙ୍କୁ ଜଣାଇଥିଲି। ସୂଚନାନୁଯାୟୀ, କଟକର ଅଧିଷ୍ଠାତ୍ରୀ ଦେବୀ ମା କଟକ ଚଣ୍ଡୀଙ୍କ ମହାନଦୀରୁ ପବିତ୍ର ଜଳ ଆସିବା ପରେ ମା'ଙ୍କ ପୀଠରେ ଘଟ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ନବ ଦିନାତ୍ମକ ପୂଜା ମଧ୍ୟରେ ସପ୍ତମୀ, ଅଷ୍ଟମୀ, ନବମୀରେ ମା'ଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରାଯିବ।



ମା' କଟକଚଣ୍ଡୀଙ୍କ ଦର୍ଶନ କରୁଛନ୍ତି ରାଜ୍ୟପାଳ ରଘୁବର ଦାସ।

## ଶିଶୁଙ୍କ ଚିକିତ୍ସା ପାଇଁ ୧ଲକ୍ଷ ଦେଲେ

ରାଜ୍ୟପାଳ କଟକଚଣ୍ଡୀ ମନ୍ଦିର ଗସ୍ତ କରିବାବେଳେ ସିଡିଏ ସେକ୍ଟର-୧୧ ଅଞ୍ଚଳର ଚନ୍ଦନା ଚୌଧୁରୀ ତାଙ୍କୁ ଭେଟି ନିଜ ମାନସିକ ବିକାରଗ୍ରସ୍ତ ଶିଶୁର ଚିକିତ୍ସା ପାଇଁ ସହାୟତା ଲୋଡ଼ିଛନ୍ତି। ଶିଶୁଟି କାଉଡିଏନ୍‌ସିଣ୍ଡ୍ରମ ଟାଇପ୍-୧ ରୋଗରେ ଆକ୍ରାନ୍ତ। ଏହି ରୋଗର ଚିକିତ୍ସା ପାଇଁ ରାଜ୍ୟପାଳ ୧ଲକ୍ଷ ଟଙ୍କା ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ସମସ୍ତ ସହାୟତା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ଚନ୍ଦନା କହିଛନ୍ତି, ରାଜ୍ୟପାଳଙ୍କ କଟକ ଗସ୍ତ ଖବରପାଇ ସକାଳୁ ମନ୍ଦିର ପାଖରେ ଅପେକ୍ଷା କରି ରହିଥିଲି। ରାଜ୍ୟପାଳଙ୍କ ସହ କଥା ହେବାର ସୁଯୋଗ ପାଇ ମୋ ପୁଅର ରୋଗ ସମ୍ପର୍କ ଜଣାଇଥିଲି। ତୁରନ୍ତ ସେ ୧ ଲକ୍ଷ ଟଙ୍କା ଦେବା ସହ ଭବିଷ୍ୟତରେ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବାସ୍କେଟ୍‌ବଲ ଖେଳାଳିଙ୍କୁ ୨୫ ହଜାର

କଟକ ଚାନ୍ଦିନୀଚୌକ ଅଞ୍ଚଳର ପାୟଲ ପରିଡା ଜଣେ ବାସ୍କେଟ୍‌ବଲ ଖେଳାଳି। ରାଜ୍ୟପାଳ କଟକଚଣ୍ଡୀ ମନ୍ଦିର ଆସିବା ଖବରପାଇ ସେ ସେଠାରେ ଅପେକ୍ଷା କରିଥିଲେ। ରାଜ୍ୟପାଳ ତାଙ୍କୁ ପାଖକୁ ଡାକି କଥା ହୋଇଥିଲେ। ଏନେଇ ପାୟଲ କହିଛନ୍ତି, ରାଜ୍ୟପାଳଙ୍କୁ ଭେଟିବା ପାଇଁ ଥିବା ଇଚ୍ଛା ପୂରଣ ହେଇଛି। ରାଜ୍ୟପାଳ ପାଠପଢ଼ା ଓ ବାସ୍କେଟ୍‌ବଲ ଖେଳ ସମ୍ପର୍କରେ ମୋତେ ପଚାରିଥିଲେ। ବିଶେଷକରି ବାହାରକୁ ଖେଳିବା ପାଇଁ ଯାଉଛି କି ନାହିଁ ବୋଲି ପଚାରିବାରୁ ମୋ ବାପା ଧାର୍, କରଜ କରି ଟଙ୍କା ଆଣି ଖେଳିବାକୁ ପଠାଉଛନ୍ତି ବୋଲି କହିଥିଲି। ଏହାପରେ ରାଜ୍ୟପାଳ ମୋତେ ୨୫ ହଜାର ଟଙ୍କା ଦେଇଥିଲେ।

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ-୧ (ପୋକ୍ସୋ), ବିଚାରପତି ଏସ୍.କେ. ସାହୁ ମଙ୍ଗଳବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ନାରାୟଣ ଭୋଇ ଓରଫ ଅମନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ଜେଲଦଣ୍ଡାଦେଶ ଦେବା ସହ ୫ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ଏକମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ କ୍ଷତିପୂରଣ ବାବଦରେ ପୀଡ଼ିତାଙ୍କୁ ୧ ଲକ୍ଷ ଟଙ୍କା ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମାମଲାର ବିବରଣୀ ଅନୁଯାୟୀ, ଖୋର୍ଦ୍ଧା ଜିଲା ଜଟଣୀ ଅଞ୍ଚଳରେ ୨୦୨୦ ଜୁନ ୨୯ ତାରିଖ ସକାଳ ୬ଟାରେ ଅଭିଯୋଗକାରୀଙ୍କ ୧୩ବର୍ଷର ନାବାଳିକା ଝିଅ କୁଦିଆରି ଅଞ୍ଚଳକୁ ଟିଉସନ୍ ଯାଇ ଘରକୁ ଫେରି ନ ଥିଲେ। ଏନେଇ ଏତଲାକ୍ରମେ ୨୦୨୦ ଜୁନ୍ ୩୦ରେ ଜଟଣୀ ଥାନା ପୋଲିସ ଏକ ମାମଲା (ନଂ. ୨୩୩/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ନାବାଳିକାଙ୍କୁ ଅମନ ଫସାଇ ନେଇଯିବା ସହ ବଳାତ୍କାର କରିଥିବା ତଦନ୍ତରୁ ଜଣାପଡ଼ିଥିଲା। ଏହାପରେ ପୋଲିସ ଅମନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ କୋର୍ଟ ୧୩ଜଣଙ୍କ ସାକ୍ଷ୍ୟ ଓ ୮୦ଟି ଦସ୍ତାବିଜ୍‌କୁ ଆଧାର କରି କୋର୍ଟ ରାୟ ଶୁଣାଇଛନ୍ତି।

**STATE SELECTION BOARD**
**DEPARTMENT OF HIGHER EDUCATION, GOVT. OF ODISHA, BHUBANESWAR - 09**
Advt. No.05/2024
ADDENDUM TO
Advertisement No.05/2024 : Recruitment of P.G.Ts
No.: N-1: In continuation of this office Advertisement No. 05/2024, dated 07.03.2024, details of subject-wise and category-wise vacancy position with reservation for recruitment of Post Graduate Teachers (P.G.Ts) have been notified in the official website of the State Selection Board : www.ssbodisha.ac.in
OIPR-11015/11/0001/2425 Sd/- Secretary, SSB

# ୧୯୨ କୋଟି ଟଙ୍କାର ରାଜସ୍ୱ ଆଦାୟ

**୮୯% ହୋଲ୍ଡିଂ ଟିକସ**
- ମେ'ରୁ ଆରମ୍ଭ ହେବ ବିଏମ୍‌ସିର ରାଜସ୍ୱ ଆଦାୟ ପ୍ରକ୍ରିୟା
- ଅଗ୍ରିମ ରାଜସ୍ୱ ପଇଠ ପାଇ ୩ ଜୋନ୍‌ରେ ସ୍ୱତନ୍ତ୍ର କ୍ୟାମ୍ପ

ଭୁବନେଶ୍ୱର, ୯।୪ (ବନ୍ଦନା ସେଠୀ)

୨୦୨୩-୨୪ ଆର୍ଥିକ ବର୍ଷରେ ରାଜସ୍ୱ ଆଦାୟ ଶତପ୍ରତିଶତ ହୋଇପାରି ନ ଥିଲେ ମଧ୍ୟ ଗତବର୍ଷ ଅପେକ୍ଷା ଭଲ ପ୍ରଦର୍ଶନ କରିଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ୨୦୨୩-୨୪ରେ ମୋଟ୍ ୧୧୫ କୋଟି ଟଙ୍କାର ହୋଲ୍ଡିଂ ଟିକସ ଆଦାୟ କରିବାକୁ ଟାର୍ଗେଟ ଥିବାବେଳେ ୮୩କୋଟି ଟଙ୍କା ଡିମାଣ୍ଡ ରଖାଯାଇଥିଲା। ସେଥିରୁ ବିଏମ୍‌ସି ୭୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟିକସ ଆଦାୟ କରିବାରେ ସଫଳ ହୋଇଛି, ଯାହାକି ଟାର୍ଗେଟ୍ ଟିକସର ୬୪% ହୋଇଥିବାବେଳେ ଡିମାଣ୍ଡର ୮୯%। ଏଥିମଧ୍ୟରେ ସହରରେ ଲାଗିଥିବା ବିଜ୍ଞାପନ ବାବଦରେ ୧୨କୋଟି ଟଙ୍କା ଆଦାୟ ହୋଇଛି। ପୂର୍ବ ଥର ଏ ବାବଦରେ ୪.୫କୋଟି ଟଙ୍କା ଆଦାୟ ହୋଇଥିବାବେଳେ ଏଥର ପ୍ରାୟ ୩ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ମାର୍କେଟ, ପାର୍କିଂ, ବିଜ୍ଞାପନ, ହୋର୍ଡିଂ, କଲ୍ୟାଣ ମଣ୍ଡପ, ଟ୍ରେଡ୍ ଲାଇସେନ୍ସ ଏବଂ ଅନ୍ୟାନ୍ୟ ବାବଦକୁ ମିଶାଇ ମୋଟ୍ ୧୯୨କୋଟି ଟଙ୍କାରୁ ଅଧିକ ରାଜସ୍ୱ ଆଦାୟ ହୋଇଛି। ୨୦୨୨-୨୩ରେ ହୋଲ୍ଡିଂ ଟିକସ ବାବଦରେ ୮୦କୋଟି ଟଙ୍କାର ଡିମାଣ୍ଡ ଥିବାବେଳେ ସେଥିରୁ ୭୦କୋଟି ଅର୍ଥାତ୍ ୮୭% ଟିକସ ଆଦାୟ ହୋଇଥିଲା। ସେହିପରି ମୋଟ୍ ରାଜସ୍ୱ ବାବଦରେ ୧୬୩ କୋଟି ଟଙ୍କା ଆଦାୟ ହୋଇଥିଲା। ତେଣୁ ଗତବର୍ଷ ଅପେକ୍ଷା ଚଳିତ ଆର୍ଥିକ ବର୍ଷରେ ବିଏମ୍‌ସି ଭଲ ପ୍ରଦର୍ଶନ କରିଥିବା ସ୍ପଷ୍ଟ ହୋଇଛି।

ତେବେ ବିଏମ୍‌ସି ଅଞ୍ଚଳରେ ଅନେକ ବଡ଼ ଖିଲାପକାରୀ ଅଛନ୍ତି ଯେଉଁମାନେ କି ଏବେସୁଦ୍ଧା ବକେୟା ଟିକସ ପଇଠ କରିନାହାନ୍ତି। ଫଳରେ ବିଏମ୍‌ସିକୁ ବିପୁଳ ଆର୍ଥିକ କ୍ଷତି ସହିବାକୁ ପଡୁଛି। ଏନେଇ ମାର୍ଚ୍ଚ ପ୍ରଥମ ସପ୍ତାହରେ ବିଏମ୍‌ସି ୫୫ଜଣ ବଡ଼ ଖିଲାପକାରୀଙ୍କ ତଥ୍ୟ ନିଜ ୱେବ୍‌ସାଇଟ୍‌ରେ ପ୍ରକାଶ କରିଥିଲା। ୨୦୨୩-୨୪ରେ ୩ଟି ଯାକ ଜୋନ୍‌ରେ ମୋଟ ୭,୬୪,୪୨,୬୫୧.୧୭ କୋଟି ଟଙ୍କାର ହୋଲ୍ଡିଂ ଟିକସ ବକେୟା ରହିଥିଲା। ସେହିପରି ଚଳିତବର୍ଷ ଓ ପୂର୍ବ ବର୍ଷର ବକେୟାକୁ ମିଶାଇଲେ ବିଏମ୍‌ସି ଏହି ଖିଲାପୀଙ୍କଠାରୁ ମୋଟ ୨୯,୫୦,୪୧,୬୪୩.୫୧ କୋଟି ଟଙ୍କାର ବକେୟା ପାଇବ ବୋଲି ତଥ୍ୟରେ ଦର୍ଶାଇଥିଲା। ତଥ୍ୟ ସାର୍ବଜନୀନ ହେବାପରେ ଖିଲାପକାରୀମାନେ ଟିକସ ପଇଠ କରିବେ ବୋଲି ଆଶା କରାଯାଉଥିଲା। ମାତ୍ର ସେମାନଙ୍କ ମଧ୍ୟରୁ ଏକାଧିକ ବଡ଼ ଖିଲାପକାରୀଙ୍କ ଉପରେ କେସ୍ ଚାଲୁଥିବାରୁ ସେମାନେ ଟିକସ ପଇଠ କରିନାହାନ୍ତି। ସେହିପରି କେତେଜଣ ଖିଲାପକାରୀ ଚେକ୍ ଦେଇଥିଲେ ମଧ୍ୟ କୌଣସି କାରଣ ପାଇଁ ସେଗୁଡିକ ବ୍ୟାଙ୍କରେ ଡିପୋଜିଟ୍ ହୋଇପାରି ନ ଥିବା ସୂଚନା ମିଳିଛି। ତେବେ ମିଳିଥିବା ଚେକ୍‌ଗୁଡିକ ଡିପୋଜିଟ୍ ହୋଇଗଲେ ରାଜସ୍ୱ ଆଦାୟ ପରିମାଣରେ ଆଉ କିଛି ବୃଦ୍ଧି ପାଇବ। ଅପରପକ୍ଷେ ରାଜସ୍ୱ ଆଦାୟ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ବିଏମ୍‌ସି ପକ୍ଷରୁ ଏକ ନୂତନ ପଦକ୍ଷେପ ନିଆଯାଇଛି। ପୂର୍ବ ବର୍ଷଗୁଡ଼ିକରେ ଆର୍ଥିକ ବର୍ଷ ସରିବାର ୨/୩ମାସ ପୂର୍ବରୁ ଟିକସ ଆଦାୟ କରାଯାଉଥିଲା। ତେବେ ଚଳିତ ବର୍ଷ ମେ' ମାସରୁ ହିଁ ରାଜସ୍ୱ ଆଦାୟ ଆରମ୍ଭ କରାଯିବ। ବର୍ଷ ସାରା ରାଜସ୍ୱ ଆଦାୟ ପ୍ରକ୍ରିୟା ଜାରିରହିବା ଦ୍ୱାରା ୱାର୍ଡ ଅଫିସରଙ୍କୁ ଟାର୍ଗେଟ ପୂରଣ କରିବା ପାଇଁ ସୁବିଧା ହେବ ଏବଂ ଟିକସଦାତାଙ୍କୁ ମଧ୍ୟ ଏହା ସୁହାଇବ ବୋଲି ବିଏମ୍‌ସି ରାଜସ୍ୱ ଅଧିକାରୀ କହିଛନ୍ତି।

ଅପରପକ୍ଷେ ୨୦୨୪-୨୫ ଆର୍ଥିକ ବର୍ଷରେ କିଭଳି ଆଖିଦୃଶିଆ ରାଜସ୍ୱ ଆଦାୟ ହୋଇପାରିବ ସେନେଇ ଅଗ୍ରିମ ଭାବେ ଟିକସ ଆଦାୟ ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ ପକାଯାଇଛି। ଯେଉଁ ଟିକସଦାତାମାନେ ଏପ୍ରିଲ ୧ରୁ ୩୦ ତାରିଖ ମଧ୍ୟରେ ଅଗ୍ରିମ ଭାବେ ଗୃହ ଟିକସ ଅନ୍‌ଲାଇନ୍ (bhubaneswar.me) ମାଧ୍ୟମରେ ଦାଖଲ କରିବେ, ସେମାନଙ୍କୁ ଶତକଡ଼ା ୫% ରିହାତି ପ୍ରଦାନ କରାଯିବ। ୧ମାସ ପର୍ଯ୍ୟନ୍ତ ଏହି କ୍ୟାମ୍ପ ପ୍ରତ୍ୟେକ ସରକାରୀ କାର୍ଯ୍ୟଦିବସ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ-ପୂର୍ବ ଜୋନ୍‌ର ୯ଟି, ଦକ୍ଷିଣ ପଶ୍ଚିମ ମଣ୍ଡଳର ୯ଟି ଏବଂ ଉତ୍ତର ମଣ୍ଡଳର ୪ଟି ସ୍ଥାନରେ ରେଭେନ୍ୟୁ କଲେକ୍ସନ କ୍ୟାମ୍ପ ପକାଯାଇଛି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-207
କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ "ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ ଷ୍ଟେସନଠାରେ ରୋମ୍ପ (Ramp) ସହିତ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା" ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 11,62,361.69, EMD / ବିଡ୍ ସୁରକ୍ଷା ଜମା (₹) : 23,300.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରୀ ହେବା ତାରିଖ ଠାରୁ 06 (ଛଅ) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.04.2024 ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm's)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-11/P/24-25

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫, ଫୋନ୍.: ୦୬୭୪-୨୫୪୧୯୩୬/୨୫୩୮୫୦୨/୨୬, ଇ-ମେଲ୍: crld.robhubaneshwar@unionbankofindia.bank

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ "ଗଠନାତ୍ମକ / ସାଙ୍କେତିକ / ଭୌତିକ ଦଖଲ" ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୩୦.୦୪.୨୦୨୪ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ଓ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା।

**ବାଲୁଗାଁ ଶାଖା, ମେନ୍ ରୋଡ୍, ଏଚ୍‌ପି ପେଟ୍ରୋଲ୍ ପମ୍ପ ନିକଟ, ସା/ପୋ.: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦, ଫୋନ୍ ନଂ.: ୯୧୧୩୩୮୨୭୪୧, ଇ-ମେଲ୍: ubin0807427@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ମେସର୍ସ ଶ୍ରୀ ରାମେଶ୍ୱର ଟ୍ରେଡର୍ସ, ୨) ଶ୍ରୀ ଶିବ ପ୍ରସାଦ ଦାସ, ପିତା: ରଜନୀ କାନ୍ତ ଦାସ, ୩) ଶ୍ରୀ ରଜନୀକାନ୍ତ ଦାସ, ପିତା: ଚିନ୍ତାମଣୀ ଦାସ, ୪) ଶ୍ରୀ ବିଶ୍ୱଜିତ୍ ଦାସ, ପିତା: ରଜନୀ କାନ୍ତ ଦାସ, ସମସ୍ତଙ୍କ ଠିକଣା: ସା: ବଡକୁଳ ମେନ୍ ରୋଡ୍, ଥାନା: ବାଲୁଗାଁ, ଖୋର୍ଦ୍ଧା - ୭୫୨୦୩୦ | ୩୧.୧୨.୨୦୨୨ ସୁଦ୍ଧା ଟ.୫୨,୦୦,୫୪୪.୪୭ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୧: ଶ୍ରୀ ରଜନୀ କାନ୍ତ ଦାସଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୦୫ ଏବଂ ୬୧୪, ଖାତା ନଂ.: ୬୫୮, ମୌଜା: ବଡକୁଳ, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୩୦୦ ଡିସିମିଲି
ସଂରକ୍ଷିତ ମୂଲ୍ୟ: ଟ.୯୨,୬୪,୭୮୦/- / ଅମାନତ ଜମା: ଟ.୯,୨୬,୪୭୮/- / ବିଡ୍ ବୃଦ୍ଧି ପରିମାଣ: ଟ. ୧,୦୦,୦୦୦/-

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ମେସର୍ସ ଓମ୍ ନୀଳକଣ୍ଠ ମେଡିସିନ୍ ଷ୍ଟୋର, ୨) ଶ୍ରୀ ପୁରୁଷୋତ୍ତମ ଖୁଣ୍ଟିଆ, ୩) ଶ୍ରୀ ଜଗନ୍ନାଥ ଖୁଣ୍ଟିଆ, ସମସ୍ତଙ୍କ ଠିକଣା- ସା/ପୋ: ନାଟୁଣୀ, ଗଙ୍ଗାଧରପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୩୯ | ୨୭.୦୪.୨୦୨୩ ସୁଦ୍ଧା ଟ.୨୧,୨୯,୦୬୬.୫୩ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୨: ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪୧, ପ୍ଲଟ୍ ନଂ.: ୧୭୦୮, କ୍ଷେତ୍ର: ଏକର ୦.୦୬୫ ଡିସିମିଲି (ଘରବାରୀ) ଏବଂ ଖାତା ନଂ.: ୬୪୨, ପ୍ଲଟ୍ ନଂ.: ୧୭୦୭, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ନାଟୁଣୀ, ସା/ପୋ: ଭବାନୀପୁର, ନାଟୁଣୀ, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୩୯
ସଂରକ୍ଷିତ ମୂଲ୍ୟ: ଟ.୬୨,୩୭,୦୦୦/- / ଅମାନତ ଜମା: ଟ.୬,୨୩,୭୦୦/- / ବିଡ୍ ବୃଦ୍ଧି ପରିମାଣ: ଟ. ୬୦,୦୦୦/-

**ପୁରୀ - ୧ ଶାଖା, ଟାଉନ୍ ପୋଲିସ୍ ଷ୍ଟେସନ୍ ସମ୍ମୁଖ, ଗ୍ରାଣ୍ଡ ରୋଡ୍, ପୁରୀ, ଫୋନ୍ ନଂ.: ୭୦୦୦୩୫୫୫୧୫, ଇ-ମେଲ୍: ubin0539449@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ଶ୍ରୀ ଚିତ୍ତରଞ୍ଜନ ସାହୁ, ୨) ଶ୍ରୀ ନୃସିଂହ ସାହୁ, ଉଭୟଙ୍କ ଠିକଣା- ସା/ପୋ.: ଗୋପାଳଜୀ ନଗର, ବ୍ରାହ୍ମଣ ପୋଖରୀ, ବାଲିଘାଟ, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, ୩) ଶ୍ରୀ ବସନ୍ତ ଚିନେରା, ପିତା: କେଦାରନାଥ ଚିନେରା, ସା: ଗଛକାଳୀ ଲେନ୍, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୧ | ୨୧.୦୭.୨୦୨୨ ସୁଦ୍ଧା ଟ.୨,୭୦,୦୦୦/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୩: ଶ୍ରୀ ଚିତ୍ତରଞ୍ଜନ ସାହୁ ଏବଂ ଶ୍ରୀ ନୃସିଂହ ସାହୁ (ବିକ୍ରୟ ଦଲିଲ ନଂ.: ୧୩୭୬, ତାରିଖ. ୦୫.୦୪.୨୦୦୩)ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଲୁଖଣ୍ଡ, ଖାତା ନଂ.: ୫୭, ପ୍ଲଟ୍ ନଂ.: ୨୨୫ ଏବଂ ୨୨୬, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବସ୍ତି ରୋଡ୍, ଦକ୍ଷିଣ: ଖୋଲା ପ୍ଲଟ୍, ପୂର୍ବ: ଅକ୍ଷୟ କୁମାର ଦଳବେହେରା, ପଶ୍ଚିମ: ଶ୍ରୀ ତ୍ରିପାଠୀ
ସଂରକ୍ଷିତ ମୂଲ୍ୟ: ଟ.୯,୩୫,୨୦୦/- / ଅମାନତ ଜମା: ଟ.୯୪,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/-

ଇ-ନିଲାମ ତାରିଖ ଏବଂ ସମୟ : ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : www.mstcecommerce.com
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ : ଇ-ନିଲାମ ଆରମ୍ଭ ପୂର୍ବରୁ
ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ।
ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/home.aspx or https://ibapi.in/Sale_Info_Home.aspxକୁ ଅନୁଧାନ କରନ୍ତୁ।
ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖାରେ ଯୋଗାଯୋଗ କରନ୍ତୁ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।
ସ୍ଥାନ: ଭୁବନେଶ୍ୱର
ତାରିଖ: ୦୯.୦୪.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବନ୍ୟା ସମୟରେ ମାଗଣା ରନ୍ଧାଖାଦ୍ୟ ଖାଇଛନ୍ତି ମୃତବ୍ୟକ୍ତି

ପୁରୀ,୯।୪( ଅଜିତ୍ ମହାନ୍ତି)

ପୁରୀ ଜିଲା କଣାସ ବ୍ଲକ ବଡ଼ାସ ଗ୍ରାମ ପଞ୍ଚାୟତରେ ମହାଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି। ୨୦୨୨ ଅଗଷ୍ଟ ମାସରେ ହୋଇଥିବା ବନ୍ୟା ସମୟରେ ଲୋକଙ୍କୁ ମାଗଣା ରନ୍ଧା ଖାଦ୍ୟ ବଣ୍ଟନରେ ମୃତ ଲୋକ ଖାଦ୍ୟ ଖାଇଥିବା ନେଇ ମିଥ୍ୟା ବିଲ୍ କରାଯାଇ ଟଙ୍କା ହଡ଼ପ କରାଯାଇଛି। ଏହି ଦୁର୍ନୀତିରେ ବଡ଼ାସ ପଞ୍ଚାୟତ ସରପଞ୍ଚ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ତଦାରଖ କରୁଥିବା କନିଷ୍ଠ ଯନ୍ତ୍ରୀ ଓ ସେହି ସମୟରେ ଥିବା ତତ୍କାଳୀନ କଣାସ ବିଡିଓ ସମ୍ପୃକ୍ତ ଥିବା ଅଭିଯୋଗ ଆଣି ସୂଚନା ଅଧିକାର କର୍ମୀ ଧବଳେଶ୍ୱର ସ୍ୱାଇଁ ଲୋକାୟୁକ୍ତ ଭୁବନେଶ୍ୱରରେ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ଅଗଷ୍ଟ ମାସରେ ବନ୍ୟା ଯୋଗୁ କଣାସ ବ୍ଲକର କେତେକ ଗ୍ରାମରେ ପାଣି ପଶିଯିବା ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅଖିଆ ଅପିଆ ରହିବାକୁ ବାଧ ହୋଇଥିଲେ। ଫଳରେ ସରକାରଙ୍କ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ଗ୍ରାମ ପଞ୍ଚାୟତ ତରଫରୁ ସାତ ଦିନ ପାଇଁ ମାଗଣାରେ ରନ୍ଧାଖାଦ୍ୟ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ତେଣୁ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଲୋକମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିଲା। ବନ୍ୟା ଛାଡ଼ିବା ପରେ ତରପଡ଼ା ଗ୍ରାମର ସୂଚନା ଅଧିକାର କର୍ମୀ ଧବଳେଶ୍ୱର ସ୍ୱାଇଁ ବଡ଼ାସ ପଞ୍ଚାୟତ

## ବଡ଼ାସ ପଞ୍ଚାୟତରେ ମହାଦୁର୍ନୀତି

ତରପଡ଼ା ଗ୍ରାମରେ ବନ୍ୟା ସମୟରେ କେତେ ଲୋକ ମାଗଣା ରନ୍ଧାଖାଦ୍ୟ ଖାଇଥିଲେ, ତାହା ଜାଣିବା ପାଇଁ କଣାସ ବ୍ଲକ୍ ଅଫିସରୁ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। ଉକ୍ତ ତଥ୍ୟରୁ ତରପଡ଼ା ଗ୍ରାମରେ ରନ୍ଧା ଖାଦ୍ୟରେ ହେରଫେର କରାଯାଇଥିବା ଜଣାପଡ଼ିଛି। ଏପରି କି ମିଛ ବିଲ୍ ଓ ମୃତ ଲୋକଙ୍କ ଦରଖାସ୍ତ ନିଆଯାଇଛି। ତରପଡ଼ା ଗ୍ରାମର ପ୍ରସନ୍ନ ବେହେରା ୨୦୨୧ ମସିହାରୁ ମୃତ୍ୟୁ ବରଣ କରିଛନ୍ତି। ତାଙ୍କର ମୃତ୍ୟୁ ପ୍ରମାଣ ପତ୍ର ରହିଛି, ଯାହାର ସଂଖ୍ୟା ୫୫୭୭/୨୦୨୧। ମାତ୍ର ୨୦୨୨ଅଗଷ୍ଟରେ ହୋଇଥିବା ବନ୍ୟାରେ ସେ ମାଗଣା ରନ୍ଧା ଖାଦ୍ୟ ଖାଇଥିବା ପଞ୍ଚାୟତ ଖାତାରେ ତାଙ୍କର ଦସ୍ତଖତ ରହିଛି। ସେହିପରି ତରପଡ଼ା ଗ୍ରାମର ଅନେକ ପରିବାରରେ ସଭ୍ୟ ସଂଖ୍ୟା ଯେତିକି ତା'ଠାରୁ ଢେର ଅଧିକ ତାଲିକାରେ ଦର୍ଶାଯାଇଛି। ପବିତ୍ର ସୁନ୍ଦରାୟଙ୍କ ପରିବାରରେ ବଡ଼ ସାନ ମିଶି ୪ଜଣ ବ୍ୟକ୍ତିଥିବା ବେଳେ ଆକ୍ୟୁଟାନ୍ସ ଖାତାରେ ତାଙ୍କର ମୋଟ ୭ଜଣ ବୋଲି ଉଲ୍ଲେଖ କରାଯାଇଛି। ଏଥିରେ ଦସ୍ତଖତକୁ ଚଞ୍ଚକତା କରାଯାଇଥିବା ସୁନ୍ଦରାୟ ଅଭିଯୋଗ କରିଛନ୍ତି। ବିଭାଗୀୟ ସଚିବ, ପୁରୀ ଜିଲାପାଳ ଏହି ଦୁର୍ନୀତିର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।



ହିନ୍ଦୁ ନବବର୍ଷ ଅବସରରେ ପୁରୀ ବଡଦାଣ୍ଡରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ତରଫରୁ ବାହାରିଥିବା ଘୋଷ ଶୋଭାଯାତ୍ରା ।

## ସଂକ୍ଷେପରେ

### ଜୟନ୍ତଙ୍କ ନିର୍ବାଚନ ପ୍ରଚାର ଅଭିଯାନ ଆରମ୍ଭ

ପୁରୀ,୯।୪(ଅଜିତ୍ ମହାନ୍ତି)

ନିର୍ବାଚନ ବିଗୁଲ ବାଜିବା ପରେ ପ୍ରାର୍ଥୀମାନେ ନିଜନିଜ ନିର୍ବାଚନ ମଣ୍ଡଳୀରେ ପ୍ରଚାର ଆରମ୍ଭ କଲେଣି। ବିଭିନ୍ନ ସଭାସମିତି ମାଧ୍ୟମରେ ଭୋଟରଙ୍କୁ ସପକ୍ଷରେ ଆଣିବା ପାଇଁ ପ୍ରୟାସ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ସଦର ନିର୍ବାଚନମଣ୍ଡଳୀ ପାଇଁ ଭାଜପା ପକ୍ଷରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଜୟନ୍ତ ଷଡ଼ଙ୍ଗୀ ମଙ୍ଗଳବାର ରାଷ୍ଟ୍ରୀୟ ନବବର୍ଷ ଅବସରରେ ମହାପ୍ରଭୁଙ୍କ ଦର୍ଶନ କରି ନିର୍ବାଚନ ପ୍ରଚାରକୁ ଓହ୍ଲାଇଛନ୍ତି। ଆଗାମୀ ଦିନରେ ପୁରୀ ସଦର ନିର୍ବାଚନ ମଣ୍ଡଳୀ ସମେତ ପୁରୀ ସହରର ବିଭିନ୍ନ ସ୍ଥାନରେ ଡୋର ଟୁ ଡୋର ପ୍ରଚାର କରାଯିବା ସହ ପ୍ରଧାନମନ୍ତ୍ରୀଙ୍କ ବିଭିନ୍ନ ଲୋକ କଲ୍ୟାଣ ଯୋଜନା ଓ ମୋଦିଙ୍କ ଗ୍ୟାରେଣ୍ଟିକୁ ପ୍ରସଙ୍ଗ କରି ଲୋକଙ୍କ ନିକଟରେ ପହଞ୍ଚିବେ ବୋଲି ଷଡ଼ଙ୍ଗୀ କହିଛନ୍ତି।

### ଉତ୍କଳମଣି ଗୋପବନ୍ଧୁଙ୍କ ସୁରକ୍ଷା ପାଚେରି ଭାଙ୍ଗିଲା

ଚାରିଛକ,୯।୪(ଶିଶିର ସ୍ୱାଇଁ):

ଚାରିଛକସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସୁରକ୍ଷା ପାଇଁ ଥିବା ପାଚେରିକୁ ଜଣେ ଟ୍ରକ ଚାଳକ ଧକ୍କା ଦେଇ ଭାଙ୍ଗି ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହି ଘଟଣାକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ଗୋପବନ୍ଧୁଙ୍କ ସୁରକ୍ଷା ପାଚୋରି ଉପରେ କାହାରି ଦୃଷ୍ଟି ପଡୁନାହିଁ। ଏଥିନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଥମ ଲୋକ ସଭା ସଦସ୍ୟ ପ୍ରଦ୍ୟୁମ୍ନ ବଳ ଏବଂ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ୧୯୭୭ ମସିହାରେ ଗୋପବନ୍ଧୁଙ୍କ ସୁରକ୍ଷା ନିମନ୍ତେ ଏହି ପାଚେରି ନିର୍ମାଣ ହୋଇଥିଲା। ଚାରିଛକ ଅଞ୍ଚଳରେ ପ୍ରତ୍ୟେକ ରାଜନୈତିକ ଦଳର ନେତା, ମନ୍ତ୍ରୀ, ଅଞ୍ଚଳରେ ସାମାଜିକ କର୍ମୀ ବୁଲାଉଥିବା ବ୍ୟକ୍ତିଙ୍କ ମଧ୍ୟ ନଜର ପଡୁନାହିଁ। ତୁରନ୍ତ ଏହି ପାଚେରିକୁ ପୁନଃ ନିର୍ମାଣ କରିବାକୁ ସ୍ୱାଧୀନତା ସଂଗ୍ରାମୀଙ୍କ ସମେତ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଦାବି ହେଉଛି।

### ନିଖୋଜ ଗଗନଙ୍କ ଝୁଲନ୍ତା ମୃତଦେହ ଜବତ

ଖୋର୍ଦ୍ଧା,୯।୪ (ପ୍ରଭାତ ପାଣିଗ୍ରାହୀ):

ଜଟଣୀ ଥାନା ଅଧୀନ ବଡ଼ତୋଟା ଗ୍ରାମର ଗଗନ ବିହାରୀ ମହାକୁଡ଼ ଗତ ମାର୍ଚ୍ଚ ୨୮ତାରିଖ ସକାଳେ କେଉଁଆଡେ ପଳାଇଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ପାଇକତିଗିରିଆ ଓ ଗୁରୁଜଙ୍ଗ ମଝିରେ ଥିବା ଜଙ୍ଗଲ ବିଭାଗର ହାଇଟେକ ନର୍ସରୀ ଜଙ୍ଗଲରୁ ତାଙ୍କ ମୃତଦେହ ଜବତ ହୋଇଛି। ତେବେ ଶରୀରଟି ପଚି ଗନ୍ଧ ହେଉଥିବା ଜଣାପଡ଼ିଛି। ଖବରପାଇ ଆଦର୍ଶ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଜଣାଇବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅନ୍ୟପଟେ ଗଗନଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।



ପୁରୀ ଝାଡେଶ୍ୱରୀ ମନ୍ଦିର ପରିସରରେ ଚୈତ୍ର ମଙ୍ଗଳବାର ଅବସରରେ ବ୍ରତଧାରୀ ପାଟୁଆମାନେ ନିଆଁରେ ଚାଲୁଛନ୍ତି ।

# ସୃଷ୍ଟି ଆରମ୍ଭ ଦିବସ ପାଳିତ

ପୁରୀ,୯।୪(ଅଜିତ୍ ମହାନ୍ତି)

ସୁନାମଣି ଅଣୁ ପାଠାଗାର ପକ୍ଷରୁ ସୃଷ୍ଟି ଆରମ୍ଭ ଦିବସ ଖୁଣ୍ଟିଆ ସାହି ପାଠାଗାର ପରିସରରେ ପାଳିତ ହୋଇଛି। ପ୍ରାକ୍ତନ ଶିକ୍ଷା ମଣ୍ଡଳାଧିକାରୀ ବିଜୟଲକ୍ଷ୍ମୀ ଦାଶ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ପାଠାଗାରର ପ୍ରତିଷ୍ଠାତା ଶିବ ସୁନ୍ଦର ମିଶ୍ର ଆଲୋଚନା ଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଅତିଥିଭାବେ ସମାଜସେବୀ ବିଜୟ କୁମାର ପଣ୍ଡା, ଶିକ୍ଷାବିତ୍ ଦଶାରଥୀ ମହାପାତ୍ର, ଅଧିବକ୍ତା ଭାଗବତ ପ୍ରସାଦ ପଟ୍ଟନାୟକ, ଭବାନୀ ମିଶ୍ର, ଶିଳ୍ପୀ ଲୋକନାଥ ବାରିକ ପ୍ରମୁଖ ଯୋଗଦେଇଥିଲେ। ଆମର ସୃଷ୍ଟି କର୍ତ୍ତା ବ୍ରହ୍ମା ସୃଷ୍ଟି ସର୍ଜନା କରିଥିଲେ। ଆଜି ହେଉଛି ସୃଷ୍ଟି ଆରମ୍ଭ ଦିବସ। ଆଜି ଚୈତ୍ରଶୁକ୍ଳ ପ୍ରତିପଦା ବିକ୍ରମ ସମ୍ବତ ୨୦୮୧। ଆମର ଚାରିଯୁଗ ରହିଛି। ଆଜି ହେଉଛି ସତ୍ୟ ଯୁଗର ପ୍ରାରମ୍ଭ ଦିବସ। ସେହିପରି ସୃଷ୍ଟିର ପ୍ରାରମ୍ଭ ଶହେ ସତାନବେ କୋଟି ଅଣତିରିଶ ଲକ୍ଷ ଅଣଚାଶ ହଜାର ଶହେ ପଚିଶ ବର୍ଷ ବୋଲି ଅଥର୍ବ ବେଦରୁ ଜଣାଯାଏ। ଏହିଦିନ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ। ତେଣୁ ଏହା ବ୍ରହ୍ମାଙ୍କ ଦ୍ୱାରା କାଳଗଣନାର ପ୍ରାରମ୍ଭ ଅଟେ। ଆଲୋଚନାଚକ୍ରରେ ଅନ୍ୟମାନଙ୍କ ମଧ୍ୟରେ ଶାଶ୍ୱତୀ ମିଶ୍ର, ସ୍ମିତା ପାତ୍ର, ସବିତା ପଣ୍ଡା, ଅନୁକୂଳ ଚନ୍ଦ୍ର ସେଠୀ, ହେମାଙ୍ଗିନୀ ମହାନ୍ତି, ପ୍ରାଧ୍ୟାପକ ଅଭିମନ୍ୟୁ ଭୂୟାଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଅଶୋକ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।



ସୁନାମଣି ଅଣୁ ପାଠାଗାର ପକ୍ଷରୁ ଆୟୋଜିତ ଆଲୋଚନାଚକ୍ର ।

# ଅସଦାଚରଣ ଅଭିଯୋଗରେ ୨ ଦଣ୍ଡିତ

ନିମାପଡ଼ା,୯।୪(ରଞ୍ଜନ ପଟ୍ଟନାୟକ):

ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପ୍ରତି ୨୦୦୮ ଡିସେମ୍ବର ୨୬ରେ ହୋଇଥିବା ଅସଦାଚରଣ ମାମଲା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ବ୍ରଜେଶ ମିଶ୍ର ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉଭୟ ପୂର୍ବତନ ସରପଞ୍ଚ ଏବଂ ୱାର୍ଡସଭ୍ୟଙ୍କୁ ଦୋଷୀ ସାବ୍ୟସ୍ତ କରି ରାୟ ଶୁଣାଇଛନ୍ତି। ଉଭୟଙ୍କୁ ୧ ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦେୟ ବାବଦ ୧୫ ଦିନ ଜେଲ ଦଣ୍ଡ ଦେଇଛନ୍ତି। ସୂଚନାଯୋଗ୍ୟ, ନିମାପଡ଼ା ବ୍ଲକ ଅଧୀନ ତୁଳସୀପୁର ପଞ୍ଚାୟତର ତତ୍କାଳୀନ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରକାଶ ଚନ୍ଦ୍ର ଦୀକ୍ଷିତ କାର୍ଯ୍ୟାଳୟରେ କାମ କରୁଥିଲେ। ହେି ସମୟରେ ପୂର୍ବତନ ସରପଞ୍ଚ ଆର୍ତ୍ତତ୍ରାଣ ଦାଶ ଏବଂ ପୂର୍ବତନ ୱାର୍ଡସଭ୍ୟ ସୁରେନ୍ଦ୍ର ସାହୁ ସେଠାରେ ପହଞ୍ଚି ପ୍ରଥମେ ଆଶାଳୀନ ବ୍ୟବହାର କରିବା ସହିତ ପ୍ରବଳ ପାଟିତୁଣ୍ଡ କରିଥିଲେ। ନିର୍ବାହୀ ଅଧିକାରୀ ଦୀକ୍ଷିତ ଏଥିରେ ପ୍ରତିବାଦ କରିବାରୁ ଉଭୟ ତାଙ୍କୁ କାର୍ଯ୍ୟାଳୟ ମଧ୍ୟରେ ତାଲା ପକାଇ ଦେଇଥିଲେ। ଚାରିଛକ ଫାଣ୍ଡି ପୋଲିସ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କଠାରୁ ଫୋନରେ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ଏନେଇ ଦୀକ୍ଷିତ୍ ନିମାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏଥିରେ ୨୧୬/୨୦୦୮ରେ ଏକ ମାମଲା ରୁଜୁ କରି କୋର୍ଟରେ ଚାର୍ଟସିଟି ଦାଖଲ କରିଥିଲା। ତେବେ ସରକାରଙ୍କ ପକ୍ଷରୁ ଆଇନଜୀବି ଶୈଳେନ୍ଦ୍ର ନାରାୟଣ ସାହୁ ମକଦ୍ଦମା ପରିଚାଳନା କରିଥିଲେ।

# ମୃତକଙ୍କ ପରିବାରକୁ ଭେଟିଲେ ଅରୂପ

ପୁରୀ,୯।୪(ଅଜିତ୍ ମହାନ୍ତି):

## ରାଜ୍ୟସ୍ତରୀୟ ମହିଳା ଖେଳାଳିଙ୍କ ଅକାଳ ମୃତ୍ୟୁ

ରାଜ୍ୟସ୍ତରରେ ଖୋଖୋ ଖେଳୁଥିବା ଡେଲାଙ୍ଗ ବ୍ଲକ ସୁଜନପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜଗଦଳପୁର ଗ୍ରାମର ୨୧ ବର୍ଷିୟା ସରୋଜିନୀ ସୁନ୍ଦରାଙ୍କ ଅକାଳ ମୃତ୍ୟୁ ଖବର ରାଜ୍ୟରେ ଏକ ଆଲୋଡ଼ନ ସୃଷ୍ଟି କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପୁଙ୍ଖାନୁପୁଙ୍ଖ ଭାବେ ଏହାର ତଦନ୍ତ କରିବାକୁ ଭୁବନେଶକବର ଡିସିପିଙ୍କ ସହ ପୁରୀ ଲୋକ ସଭା ଆସନରେ ବିଜେଡି ପ୍ରାର୍ଥୀ ଅରୂପ ପଟ୍ଟନାୟକ ଆଲୋଚନା କରିଛନ୍ତି। ଏଥିସହ ସରୋଜିନୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସରୋଜିନୀ ରାଜ୍ୟସ୍ତରରେ ଖୋଖୋ ଓ ବକ୍ସିଙ୍ଗ୍ ଖେଳି ସୁନାମ ଅର୍ଜନ କରିଥିବାବେଳେ ତାଙ୍କର ଅକାଳ ମୃତ୍ୟୁ ପରିବାରରେ ଶୋକର ଛାୟା ଖେଳାଇଦେଇଛି। ଦୀର୍ଘ ଦେଢ଼ବର୍ଷ ହେବ ସେ ଭୁବନେଶ୍ୱରସ୍ଥିତ ଗୌତମ ନଗରରେ ଏକ ମେସ୍‌ରେ ରହୁଥିଲେ। ପାଠ ପଢ଼ିବା ସହିତ ଛୋଟ ଛୋଟ ପିଲାଙ୍କର ସ୍ପୋର୍ଟ୍ କୋଚ୍ ମଧ୍ୟ ଥିଲେ। ଏସବୁ ଭିତରେ ତାଙ୍କ ସହିତ ଏ ଦୁର୍ଘଟଣା ପରିବାର ବର୍ଗଙ୍କୁ ହତବାକ୍ କରିଦେଇଛି। ଅରୂପ କ୍ୟାପିଟାଲ ହସ୍ପିଟାଲରେ ମୃତକଙ୍କ ମାତାପିତାଙ୍କୁ ଭେଟି ଆଶ୍ୱାସନା ଦେବା ସହିତ ପରିବାରବର୍ଗଙ୍କୁ ସହଯୋଗ ରାଶି ପ୍ରଦାନ କରିଛନ୍ତି। ପିପିଲି ବିଧାୟକ ରୁଦ୍ର ମହାରଥୀ ମଧ୍ୟ ଗଭୀର ଶୋକବ୍ୟକ୍ତ କରି ମୃତକଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇଛନ୍ତି।

# ବିଦ୍ୟାଳୟସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପାଠଚକ୍ର

ସାକ୍ଷୀଗୋପାଳ,୯।୪(ଭରତ ରାଉତ):

ନୂଆ ସୋମେଶ୍ୱରପୁର ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ କ୍ଲବ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ବିଦ୍ୟାଳୟସ୍ତରୀୟ ପାଠଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପାଠଚକ୍ରରେ ମାନବ ସମାଜ ପାଇଁ 'ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆଶୀର୍ବାଦ ନା ଅଭିଶାପ' ବିଷୟ ବସ୍ତୁ ସମ୍ପର୍କରେ ଆଧାରିତ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ମୋହନଚରଣ ପଣ୍ଡା, ଗଣିତ ଶିକ୍ଷକ ମାନସ ରଞ୍ଜନ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରରାଜ ମିଶ୍ର, ବିଦ୍ୟାଳୟ ଆଲୁମ୍ନି କମିଟି ସଭାପତି ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱ ବିକାଶ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଦୀପ୍ତା ମିଶ୍ର ଏଥିରେ ସଂଯୋଜନା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପରିଡ଼ା, ସିପ୍ରା ଷଡ଼ଙ୍ଗୀ, ମଧୁସ୍ମିତା ସାହୁ, ଲୋପାମୁଦ୍ରା ସ୍ୱାଇଁ, ମନୀଷା ଦେବୀ, ମମତା ଦଳାଇ, ଶିକ୍ଷକ ବିଭୁତି ଭୂଷଣ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ବିଜ୍ଞାନ ଓ ଗଣିତ ଉପରେ ଆଧାରିତ କଳାକୃତିଗୁଡ଼ିକ ପରିଦର୍ଶନ କରି କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-207

**କାର୍ଯ୍ୟର ନାମ :** ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ "ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ ଷ୍ଟେସନଠାରେ ରୋମ୍ପ (Ramp) ସହିତ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା" ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 11,62,361.69, EMD / ବିଡ୍ ସୁରକ୍ଷା ଜମା (₹) : 23,300.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରୀ ହେବା ତାରିଖ ଠାରୁ 06 (ଛଅ) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.04.2024 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm's)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର

PR-11/P/24-25

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
'ଟିମ୍ ଆଡ୍‌ମାର୍କ', ଭୁବନେଶ୍ୱର ସଂସ୍ଥା ପାଇଁ 'ଫ୍ଲେକ୍ସ ପ୍ରିଣ୍ଟିଂ ମେସିନ ଅପରେଟର' ଦରକାର। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ।
ଫୋନ୍ ନମ୍ବର: ୯୨୩୮୮୨୨୨୫, ୬୩୭୦୯୪୮୫୦୯, ୭୭୩୫୨୨୦୧୮୮

**MARKETING EXECUTIVE REQUIRED**
Bhubaneswar based TILES & GRANITE SHOWROOM requires Marketing Executive. Preferably Matric Pass (ମାଟ୍ରିକ୍ ପାସ୍) with good communication skill, Age- 20 to 25 years, only male. Salary negotiable.
Contact Mobile No.:
8270000024

**REQUIREMENT**
For a Construction Site
- Data Entry Operator
- Machine Maintenance Mngr.
Ph - 7873907777
sitekhorda@gmail.com

ଚେନ୍ନାଇରେ ରହିବା ସୁବିଧା ସହିତ ଚାକିରି ହିନ୍ଦୀ କହିପାରୁଥିବା ଜରୁରୀ/ ଆବଶ୍ୟକ: ୧. ହାଉସକିପିଂ ବୟ, ୨. ବରିଷ୍ଠ ନାଗରିକଙ୍କ ପାଇଁ କେୟାରଟେକର, ୩. ଘର ପାଇଁ ପୁରୁଷ ରୋଷେୟା ତଥା ହାଉସକିପିଂ/ ଅଗରୱାଲ-9884061210

**WANTED**
ଡ୍ରାଇଭର : ୨ ଜଣ (Tata AC)
ପିକ୍‌ଅପ ବଏ : ୧ ଜଣ (+୨ କିମ୍ବା ଅଧିକ)
ପିକ୍‌ଅପ ବଏ : ୨ଜଣ (ସପ୍ତମ ପାସ)
ମେସିନ ସହକାରୀ : ୨ ଜଣ (ନବମ/ଦଶମ ପାସ୍)
ଯୋଗାଯୋଗ- 9861929740, 9945059654
Email: versacare@yahoo.com

**WANTED**
Urgently required for our office
Site Engineer (M/F),
Supervisor (M/F),
Marketing Executive (M/F),
Front Office (F) Peon (M),
Lady Caretaker,
Plumber cum Electrician.
For Details Contact or Whatsapp-
9238482524, 9437706594

**STATE SELECTION BOARD**
**DEPARTMENT OF HIGHER EDUCATION, GOVT. OF ODISHA, BHUBANESWAR - 09**
Advt. No.05/2024
ADDENDUM TO
Advertisement No.05/2024 : Recruitment of P.G.Ts
No.: N-1: In continuation of this office Advertisement No. 05/2024, dated 07.03.2024, details of subject-wise and category-wise vacancy position with reservation for recruitment of Post Graduate Teachers (P.G.Ts) have been notified in the official website of the State Selection Board : www.ssbodisha.ac.in
OIPR-11015/11/0001/2425
Sd/- Secretary, SSB

यूनियन बैंक ऑफ इंडिया
भारत सरकार का उपक्रम
Union Bank of India
A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫, ଫୋନ୍.: ୦୬୭୪-୨୫୪୧୯୩୬/୨୫୩୮୫୦୨/୨୬,
ଇ-ମେଲ୍: crld.robhubaneshwar@unionbankofindia.bank

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ **"ଗଠନାତ୍ମକ / ସାଙ୍କେତିକ / ଭୌତିକ ଦଖଲ"** ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୪.୨୦୨୪ରିଖରେ** ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ** ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ଓ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ବାଲୁଗାଁ ଶାଖା, ମେନ୍ ରୋଡ୍, ଏଚ୍‌ପି ପେଟ୍ରୋଲ୍ ପମ୍ପ ନିକଟ, ସା/ପୋ.: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦, ଫୋନ୍ ନଂ.: ୯୧୧୩୩୮୨୭୪୧, ଇ-ମେଲ୍: ubin0807427@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ମେସର୍ସ ଶ୍ରୀ ରାମେଶ୍ୱର ଟ୍ରେଡର୍ସ, ୨) ଶ୍ରୀ ଶିବ ପ୍ରସାଦ ଦାସ, ପିତା: ରଜନୀ କାନ୍ତ ଦାସ, ୩) ଶ୍ରୀ ରଜନୀକାନ୍ତ ଦାସ, ପିତା: ଚିନ୍ତାମଣୀ ଦାସ, ୪) ଶ୍ରୀ ବିଶ୍ୱଜିତ୍ ଦାସ, ପିତା: ରଜନୀ କାନ୍ତ ଦାସ, ସମସ୍ତଙ୍କ ଠିକଣା: ସା: ବଡକୁଳ ମେନ୍ ରୋଡ୍, ଥାନା: ବାଲୁଗାଁ, ଖୋର୍ଦ୍ଧା - ୭୫୨୦୩୦ | ୩୧.୧୨.୨୦୨୨ ସୁଦ୍ଧା ଟ.୫୨,୦୦,୫୪୪.୪୭ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧:** ଶ୍ରୀ ରଜନୀ କାନ୍ତ ଦାସଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୦୫ ଏବଂ ୬୧୪, ଖାତା ନଂ.: ୬୫୮, ମୌଜା: ବଡକୁଳ, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୩୦୦ ଡିସିମିଲି
**ସଂରକ୍ଷିତ ମୂଲ୍ୟ: ଟ.୯୨,୬୪,୭୮୦/- / ଅମାନତ ଜମା: ଟ.୯,୨୬,୪୭୮/- / ବିଡ୍ ବୃଦ୍ଧି ପରିମାଣ: ଟ. ୧,୦୦,୦୦୦/-**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ମେସର୍ସ ଓମ୍ ନୀଳକଣ୍ଠ ମେଡିସିନ୍ ଷ୍ଟୋର, ୨) ଶ୍ରୀ ପୁରୁଷୋତ୍ତମ ଖୁଣ୍ଟିଆ, ୩) ଶ୍ରୀ ଜଗନ୍ନାଥ ଖୁଣ୍ଟିଆ, ସମସ୍ତଙ୍କ ଠିକଣା- ସା/ପୋ: ନାଚୁଣୀ, ଗଙ୍ଗାଧରପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୩୯ | ୨୭.୦୪.୨୦୨୩ ସୁଦ୍ଧା ଟ.୨୧,୨୯,୦୬୬.୫୩ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୨:** ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪୧, ପ୍ଲଟ୍ ନଂ.: ୧୭୦୮, କ୍ଷେତ୍ର: ଏକର ୦.୦୬୫ ଡିସିମିଲି (ଘରବାରୀ) ଏବଂ ଖାତା ନଂ.: ୬୪୨, ପ୍ଲଟ୍ ନଂ.: ୧୭୦୭, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ନାଚୁଣୀ, ସା/ପୋ: ଭବାନୀପୁର, ନାଚୁଣୀ, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୩୯
**ସଂରକ୍ଷିତ ମୂଲ୍ୟ: ଟ.୬୨,୩୭,୦୦୦/- / ଅମାନତ ଜମା: ଟ.୬,୨୩,୭୦୦/- / ବିଡ୍ ବୃଦ୍ଧି ପରିମାଣ: ଟ. ୬୦,୦୦୦/-**

**ପୁରୀ - ୧ ଶାଖା, ଟାଉନ୍ ପୋଲିସ୍ ଷ୍ଟେସନ୍ ସମ୍ମୁଖ, ଗ୍ରାଣ୍ଡ ରୋଡ୍, ପୁରୀ, ଫୋନ୍ ନଂ.: ୭୦୦୦୩୫୫୫୧୫, ଇ-ମେଲ୍: ubin0539449@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ଶ୍ରୀ ଚିତ୍ତରଞ୍ଜନ ସାହୁ, ୨) ଶ୍ରୀ ନୃସିଂହ ସାହୁ, ଉଭୟଙ୍କ ଠିକଣା- ସା/ପୋ.: ଗୋପାଳଜୀ ନଗର, ବ୍ରାହ୍ମଣ ପୋଖରୀ, ବାଳିଘାଟ, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, ୩) ଶ୍ରୀ ବସନ୍ତ ଚିନେରା, ପିତା: କେଦାରନାଥ ଚିନେରା, ସା: ଗଛକାଳୀ ଲେନ୍, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୧ | ୨୧.୦୭.୨୦୨୨ ସୁଦ୍ଧା ଟ.୨,୭୦,୦୦୦/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୩:** ଶ୍ରୀ ଚିତ୍ତରଞ୍ଜନ ସାହୁ ଏବଂ ଶ୍ରୀ ନୃସିଂହ ସାହୁ (ବିକ୍ରୟ ଦଲିଲ ନଂ.: ୧୩୭୬, ତାରିଖ. ୦୫.୦୪.୨୦୦୩)ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଲୁଖଣ୍ଡ, ଖାତା ନଂ.: ୫୭, ପ୍ଲଟ୍ ନଂ.: ୨୨୫ ଏବଂ ୨୨୬, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବସ୍ତି ରୋଡ୍, ଦକ୍ଷିଣ: ଖୋଲା ପ୍ଲଟ୍, ପୂର୍ବ: ଅକ୍ଷୟ କୁମାର ଦଳବେହେରା, ପଶ୍ଚିମ: ଶ୍ରୀ ତ୍ରିପାଠୀ
**ସଂରକ୍ଷିତ ମୂଲ୍ୟ: ଟ.୯,୩୫,୨୦୦/- / ଅମାନତ ଜମା: ଟ.୯୪,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/-**

**ଇ-ନିଲାମ ତାରିଖ ଏବଂ ସମୟ : ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : www.mstcecommerce.com**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ : ଇ-ନିଲାମ ଆରମ୍ଭ ପୂର୍ବରୁ**

ପଞ୍ଜୀକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ।

ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/home.aspx or https://ibapi.in/Sale_Info_Home.aspxକୁ ଅନୁଧ୍ୟାନ କରନ୍ତୁ।

ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖାରେ ଯୋଗାଯୋଗ କରନ୍ତୁ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୯.୦୪.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ‘ନିର୍ବାଚନ କାର୍ଯ୍ୟରେ ଅନୁପସ୍ଥିତ ରହିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ’

■ଜିଲାର ୧୯,୭୮୭ କର୍ମଚାରୀ ତାଲିକାଭୁକ୍ତ
■ବାଦ୍ ପଡ଼ିଛନ୍ତି ବେସରକାରୀ ଅନୁଷ୍ଠାନର ୮୯୨ କର୍ମଚାରୀ

କଟକ,୯।୪ (କାର୍ତ୍ତିକ ସାହୁ)

ଆସନ୍ତା ନିର୍ବାଚନ ପରିଚାଳନା ପାଇଁ କଟକ ଜିଲାର ମୋଟ ୧୯,୭୮୭ ଜଣ କର୍ମଚାରୀଙ୍କୁ ତାଲିକାଭୁକ୍ତ କରାଯାଇଛି। ସେଥିମଧ୍ୟରୁ ୧୬,୪୬୮ଜଣ କର୍ମଚାରୀଙ୍କୁ ପ୍ରିଜାଇଡିଂ ଓ ବିଭିନ୍ନ ପୋଲିଂ ଅଫିସର ନିମନ୍ତେ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏଥିସହ ୩,୩୧୯ ଜଣ ବଳକା କର୍ମଚାରୀଙ୍କୁ ଭବିଷ୍ୟତ ନିଯୁକ୍ତି ନିମନ୍ତେ ରଖାଯାଇଛି। ଅଦ୍ୟାବଧି ବେସରକାରୀ ଅନୁଷ୍ଠାନର ୮୯୨ ଜଣ କର୍ମଚାରୀଙ୍କୁ ନିର୍ବାଚନ କାର୍ଯ୍ୟରୁ ବାଦ୍ ଦିଆଯାଇଥିବାବେଳେ ସ୍ୱାସ୍ଥ୍ୟଗତ କାରଣରୁ ୪୫୧ ଜଣଙ୍କୁ ବାଦ୍ ଦେବା ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଡାକ୍ତରୀ ଦଳ ସୁପାରିସ କରିଛନ୍ତି। ଅପରପକ୍ଷରେ ଅତିରିକ୍ତ ଜିଲାପାଳ ତଥା ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ଶିବ ଟପୋ କହିଛନ୍ତି, ଜିଲାପାଳଙ୍କ ଆଦେଶ ଦ୍ୱାରା ନିର୍ବାଚନ କାର୍ଯ୍ୟରୁ ବାଦ୍ ପଡ଼ିଥିବା କର୍ମଚାରୀମାନଙ୍କ ବ୍ୟତୀତ ଅନ୍ୟାନ୍ୟ କର୍ମଚାରୀ ନିର୍ବାଚନ ପ୍ରଶିକ୍ଷଣ କିମ୍ବା ନିର୍ବାଚନ ଦାୟିତ୍ୱ ନିର୍ବାହରେ ଅନୁପସ୍ଥିତ ରହିଲେ ସେମାନଙ୍କ ବିରୋଧରେ ଜିଲା ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜିଲା ପ୍ରଶାସନର ସୂଚନା ଅନୁଯାୟୀ, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ପର୍ଯ୍ୟାୟରେ ଗତ ମାର୍ଚ୍ଚ ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ କଟକ ଜିଲାର ବିଭିନ୍ନ ବ୍ଲକ ଓ ମହାନଗର ନିଗମ ଅଞ୍ଚଳରେ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା। ବିଭିନ୍ନ ବେସରକାରୀ ଅନୁଷ୍ଠାନର କର୍ମଚାରୀଙ୍କ ଅନୁରୋଧକ୍ରମେ ସେହି ଅନୁଷ୍ଠାନଗୁଡ଼ିକର ୭୧୮ ଜଣଙ୍କ ସମେତ ଅନ୍ୟାନ୍ୟ କାରଣ ଯୋଗୁ ୧୭୪ଜଣ କର୍ମଚାରୀ ମିଶି ମୋଟ ୮୯୨ ଜଣଙ୍କୁ ନିର୍ବାଚନ କାର୍ଯ୍ୟରୁ ବାଦ୍ ଦିଆଯାଇଛି। ପ୍ରଶିକ୍ଷଣ କାର୍ଯ୍ୟକ୍ରମବେଳେ ବିଭିନ୍ନ କର୍ମଚାରୀ ସ୍ୱାସ୍ଥ୍ୟଗତ ତଥା ଅନ୍ୟାନ୍ୟ କାରଣ ଦର୍ଶାଇ ନିର୍ବାଚନ କାର୍ଯ୍ୟରୁ ବାଦ୍ ଦେବା ପାଇଁ ଆବେଦନ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଆବେଦନ କରିଥିବା କର୍ମଚାରୀମାନଙ୍କ ନିମନ୍ତେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଡାକ୍ତରୀ ଟିମ୍ ଗଠନ କରାଯାଇ ମାର୍ଚ୍ଚ ୨୭ରୁ ଏପ୍ରିଲ ୪ ତାରିଖ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟଗତ କାରଣରୁ ନିର୍ବାଚନ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଆବେଦନ କରିଥିବା ୧,୨୫୧ ଜଣ କର୍ମଚାରୀଙ୍କ ମଧ୍ୟରୁ ମୋଟ ୪୫୧ ଜଣଙ୍କୁ ବାଦ୍ ଦେବାକୁ ଡାକ୍ତରୀ ଦଳ ସୁପାରିସ କରିଛନ୍ତି। ଡାକ୍ତରୀ ଦଳର ସୁପାରିଶ ତଥା ଉପର ଲିଖିତ ଅନ୍ୟାନ୍ୟ କାରଣ ଯୋଗୁ ଚିହ୍ନଟ ହୋଇଥିବା କର୍ମଚାରୀଙ୍କୁ ବାଦ୍ ଦିଆଯିବା ନିମନ୍ତେ ଜିଲାପାଳଙ୍କ ଆଦେଶ କ୍ରମେ ତାଲିକା ପ୍ରକାଶ ପାଇବ। ସେହିପରି ଅନ୍ୟାନ୍ୟ କାରଣ ଯଥା ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମହିଳା, ଦିବ୍ୟାଙ୍ଗ, ଅନ୍ୟ ସ୍ଥାନକୁ ବଦଳି ହୋଇଥିବା, ଅବସର ନେଇଥିବା ତଥା ନିର୍ବାଚନର ଅନ୍ୟାନ୍ୟ କାର୍ଯ୍ୟ ଯେପରି କି ବିଏଲ୍ଓ ଏବଂ ସେକ୍ଟର ଅଫିସର ଭାବେ ନିୟୋଜିତ ଥିବା କର୍ମଚାରୀମାନଙ୍କୁ ଚିହ୍ନଟ କରାଯାଉଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

# ମନମୋହିଲା ଓଡ଼ିଶୀ ନୃତ୍ୟ

ଚୌଦ୍ୱାର,୯।୪(ଆଶୁତୋଷ ଦାସ)

ଓଡ଼ିଶୀ ନୃତ୍ୟ ଶିକ୍ଷା ଅନୁଷ୍ଠାନ ତ୍ରିନେତ୍ର କଳାକୁଞ୍ଜ ଆନୁକୂଲ୍ୟରେ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଓଟିଏମ୍ କଲୋନୀସ୍ଥିତ ଚନ୍ଦନ ପଡ଼ିଆରେ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ତ୍ରିଧାରା ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର ପଣ୍ଡା, ପଦ୍ମଶ୍ରୀ ଉଚ୍ଛବ ଚରଣ ଦାସ, ଓଡ଼ିଶୀ ନୃତ୍ୟଗୁରୁ ମୁକ୍ତିଲତା ପଲ୍, କଟକ ନୃତ୍ୟ ଉତ୍ସବ କମିଟି ସମ୍ପାଦକ ଦୀପେଶ ମହାପାତ୍ର, ବିଜୟଲକ୍ଷ୍ମୀ ମହାପାତ୍ର, ସାମାଜିକ କର୍ମୀ ହିମାଂଶୁ ଶେଖର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଳାକୁଞ୍ଜର ମୁଖ୍ୟ ଗୁରୁ ରମାକାନ୍ତ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କାଉନ୍ସିଲର ସୁବ୍ରତ ସାମଲ, ପୂର୍ବତନ କାଉନ୍ସିଲର ମନୋଜ ମହାନ୍ତି, ଗୁରୁ ନିରଞ୍ଜନ ରାଉତ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜକିଶୋର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ମାନସ ଖୁଣ୍ଟିଆ, ରାଜକିଶୋର ନାୟକ, ଦିବାକର ବେହେରା ପରିଚାଳନା କରିଥିଲେ। ଭାସ୍କର ମହାପାତ୍ର ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ବିଜେଡି କର୍ମୀ ସମ୍ମିଳନୀ

ଫୁଲନଖରା,୯।୪(ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ପଞ୍ଚବଟୀ ବଜାରସ୍ଥିତ ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଜଗନ୍ନାଥପୁର ପଞ୍ଚାୟତ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ବିଜେଡି ସଭାପତି ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତର ବରିଷ୍ଠ କର୍ମୀମାନେ ଯୋଗଦେଇଥିଲେ। ଆସନ୍ତା ନିର୍ବାଚନରେ ଜୟଦେବ ବିଧାନସଭା ପ୍ରାର୍ଥୀ ନବକିଶୋର ମଲ୍ଲିକଙ୍କୁ ଜିତାଇବା ପାଇଁ କର୍ମୀମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଅନ୍ତା ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଜିଲା ପରିଷଦ ସଭ୍ୟ ମହେଶ୍ୱର ଦାଶ, ଜଗନ୍ନାଥପୁର ସରପଞ୍ଚ ବିଶ୍ୱଜିତ୍ ଭୋଇ, ପ୍ରେମାନନ୍ଦ ପରିଜା, କାଳନ୍ଦୀ ସାସମଲ, ଗଗନ ପରିଜା, ଜଗଦୀଶ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

### ମଦ ଜବତ, ବ୍ୟବସାୟୀ ଗିରଫ

ଚୌଦ୍ୱାର,୯।୪(ଆଶୁତୋଷ ଦାସ)

ବେଆଇନ ମଦ ବିକ୍ରି ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗୁରୁଡ଼ିଝାଟିଆ ଅଞ୍ଚଳର କୃଷ୍ଣଚନ୍ଦ୍ର ସାହୁ। ତାଙ୍କଠାରୁ ୫୦ ଲିଟର ମଦ ଜବତ କରାଯାଇଛି। କୃଷ୍ଣଚନ୍ଦ୍ର ଗୁରୁଡ଼ିଝାଟିଆ ଅଞ୍ଚଳରୁ ଚୋରାରେ ମଦ ଆଣି ବାଣୀପଦା ଅଞ୍ଚଳରେ ବିକ୍ରି କରୁଥିବା ଖବର ପାଇବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ. ୨୦୨/୨୪) ରୁଜୁ ହୋଇଛି।

### ମା’ ଜାଗୁଳେଇଙ୍କ ବାର୍ଷିକ ଉତ୍ସବ

ଚୌଦ୍ୱାର,୯।୪(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୯ ନମ୍ବର ୱାର୍ଡସ୍ଥିତ ମା’ ଜାଗୁଳେଇ ମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା’ଙ୍କ ପୂଜାର୍ଚ୍ଚନା ସହ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ବିଧାୟକ ସୌଭିକ୍ ବିଶ୍ୱାଳ ଏଥିରେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ସ୍ଥାନୀୟ ଲୋକଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ଏଥିରେ ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, କାଉନ୍ସିଲର ଆଶୁତୋଷ ଦାସ, ରଙ୍ଗଲତା ସାହୁ, ଶାରଦା ରଞ୍ଜନ ପରିଜା, ରାଜକିଶୋର ସାମନ୍ତରାୟ, ଜୟନ୍ତୀ ଲେଙ୍କା, ଅଶୋକ ମହାନ୍ତି, ସୁଧାକର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

## ମା’ କଟକଚଣ୍ଡୀଙ୍କୁ ଦର୍ଶନକଲେ ରାଜ୍ୟପାଳ

# ‘ସମସ୍ତଙ୍କ ଜୀବନ ସୁଖମୟ ହେଉ’

କଟକ,୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ରାଷ୍ଟ୍ରୀୟ ନବବର୍ଷ ଏବଂ କଟକଚଣ୍ଡୀଙ୍କ ପୀଠରେ ବାସନ୍ତିକ ଦୁର୍ଗାପୂଜା ପାଇଁ ନବଦିନାତ୍ମକ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ ମଙ୍ଗଳବାର ପୂର୍ବାହ୍ଣ ପ୍ରାୟ ୯ଟାରେ ମା’ କଟକ ଚଣ୍ଡୀଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ରାଜ୍ୟପାଳଙ୍କ ଗସ୍ତ ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ଦାସ କହିଛନ୍ତି, ରାଷ୍ଟ୍ରୀୟ ନବବର୍ଷ ଓ ନବଦିନାତ୍ମକ ପୂଜାରେ ମା’ଙ୍କ ଦର୍ଶନ କରିବା ମୋ ପାଇଁ ସୌଭାଗ୍ୟର ବିଷୟ। ସମୃଦ୍ଧ ଓ ସ୍ୱାବଲମ୍ବୀ ଓଡ଼ିଶା ଗଠନ ସହ ସମସ୍ତଙ୍କ ଜୀବନ ସୁଖମୟ ହେଉ ବୋଲି ମା’ଙ୍କୁ ଜଣାଇଥିଲି। ସୂଚନାନୁଯାୟୀ, କଟକର ଅଧିଷ୍ଠାତ୍ରୀ ଦେବୀ ମା କଟକ ଚଣ୍ଡୀଙ୍କ ମହାନଦୀରୁ ପବିତ୍ର ଜଳ ଆସିବା ପରେ ମା’ଙ୍କ ପୀଠରେ ଘଟ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ନବ ଦିନାତ୍ମକ ପୂଜା ମଧ୍ୟରେ ସପ୍ତମୀ, ଅଷ୍ଟମୀ, ନବମୀରେ ମା’ଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରାଯିବ।


ମା’ କଟକଚଣ୍ଡୀଙ୍କ ଦର୍ଶନ କରୁଛନ୍ତି ରାଜ୍ୟପାଳ ରଘୁବର ଦାସ।

## ଶିଶୁଙ୍କ ଚିକିତ୍ସା ପାଇଁ ୧ଲକ୍ଷ ଦେଲେ

ରାଜ୍ୟପାଳ କଟକଚଣ୍ଡୀ ମନ୍ଦିର ଗସ୍ତ କରିବାବେଳେ ସିଡିଏ ସେକ୍ଟର-୧୧ ଅଞ୍ଚଳର ଚନ୍ଦନା ଚୌଧୁରୀ ତାଙ୍କୁ ଭେଟି ନିଜ ମାନସିକ ବିକାରଗ୍ରସ୍ତ ଶିଶୁର ଚିକିତ୍ସା ପାଇଁ ସହାୟତା ଲୋଡିଛନ୍ତି। ଶିଶୁଟି କାଉଡିଏନ୍‌ସିଣ୍ଡ୍ରମ ଟାଇପ୍-୧ ରୋଗରେ ଆକ୍ରାନ୍ତ। ଏହି ରୋଗର ଚିକିତ୍ସା ପାଇଁ ରାଜ୍ୟପାଳ ୧ଲକ୍ଷ ଟଙ୍କା ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ସମସ୍ତ ସହାୟତା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏନେଇ ଚନ୍ଦନା କହିଛନ୍ତି, ରାଜ୍ୟପାଳଙ୍କ କଟକ ଗସ୍ତ ଖବରପାଇ ସକାଳୁ ମନ୍ଦିର ପାଖରେ ଅପେକ୍ଷା କରି ରହିଥିଲି। ରାଜ୍ୟପାଳଙ୍କ ସହ କଥା ହେବାର ସୁଯୋଗ ପାଇ ମୋ ପୁଅର ରୋଗ ସମ୍ପର୍କ ଜଣାଇଥିଲି। ତୁରନ୍ତ ସେ ୧ ଲକ୍ଷ ଟଙ୍କା ଦେବା ସହ ଭବିଷ୍ୟତରେ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ବାସ୍କେଟ୍‌ବଲ ଖେଳାଳିଙ୍କୁ ୨୫ ହଜାର

କଟକ ଚାନ୍ଦିନୀଚୌକ ଅଞ୍ଚଳର ପାୟଲ ପରିଡା ଜଣେ ବାସ୍କେଟ୍‌ବଲ ଖେଳାଳି। ରାଜ୍ୟପାଳ କଟକଚଣ୍ଡୀ ମନ୍ଦିର ଆସିବା ଖବରପାଇ ସେ ସେଠାରେ ଅପେକ୍ଷା କରିଥିଲେ। ରାଜ୍ୟପାଳ ତାଙ୍କୁ ପାଖକୁ ଡାକି କଥା ହୋଇଥିଲେ। ଏନେଇ ପାୟଲ କହିଛନ୍ତି, ରାଜ୍ୟପାଳଙ୍କୁ ଭେଟିବା ପାଇଁ ଥିବା ଇଚ୍ଛା ପୂରଣ ହେଇଛି। ରାଜ୍ୟପାଳ ପାଠପଢ଼ା ଓ ବାସ୍କେଟ୍‌ବଲ ଖେଳ ସମ୍ପର୍କରେ ମୋତେ ପଚାରିଥିଲେ। ବିଶେଷକରି ବାହାରକୁ ଖେଳିବା ପାଇଁ ଯାଉଛି କି ନାହିଁ ବୋଲି ପଚାରିବାରୁ ମୋ ବାପା ଧାର୍, କରଜ କରି ଟଙ୍କା ଆଣି ଖେଳିବାକୁ ପଠାଉଛନ୍ତି ବୋଲି କହିଥିଲି। ଏହାପରେ ରାଜ୍ୟପାଳ ମୋତେ ୨୫ ହଜାର ଟଙ୍କା ଦେଇଥିଲେ।

# ଅଳଙ୍କାର ଦୋକାନ, ଘରୁ ଚୋରି

କଣ୍ଟାପଡ଼ା, ୯।୪ (ସୁରନାରାୟଣ ସାହୁ)

ଗୋବିନ୍ଦପୁର ଥାନା ଅନ୍ତର୍ଗତ ଚଉପଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ସୋମବାର ରାତିରେ ଦୁର୍ବୃତ୍ତମାନେ ଟଙ୍କା, ସୁନା ଅଳଙ୍କାର ଓ ଅନ୍ୟ ସାମଗ୍ରୀ ଚୋରିକରି ନେଇଛନ୍ତି। ଏଥିସହ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରଭଡା ନେଇ ଅଳଙ୍କାର ଦୋକାନ କରିଥିବା ଜଣେ ବ୍ୟକ୍ତିଙ୍କ ଦୋକାନର ଶଟର ତାଡି ସମସ୍ତ ଗହଣା ଚୋରି ହୋଇଛି। ଏନେଇ ଘର ମାଲିକ ରଞ୍ଜିତ୍ କୁମାର ବିଶ୍ୱାଳ ମଙ୍ଗଳବାର ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୮୮/୨୪) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ରଞ୍ଜିତ୍‌ଙ୍କ ପରିବାର ଗତ ୨ଦିନ ପୂର୍ବରୁ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ ଘରର ତାଲା ଭାଙ୍ଗି ଆଲମିରାରୁ ୩୫ ହଜାର ଟଙ୍କା ସହ କିଛି ସୁନାଗହଣା ଓ ଏକ ଗ୍ୟାସ ସିଲିଣ୍ଡର ନେଇଯାଇଥିଲେ। ସେହିପରି ତାଙ୍କ ଘରଭଡା ନେଇ ଦୋକାନର କରିଥିବା ଶରତ ସାହୁଙ୍କ ସିସିଟିଭି କ୍ୟାମେରା ଭାଙ୍ଗି ଦୁର୍ବୃତ୍ତମାନେ ଅଳଙ୍କାର ଚୋରି କରି ନେଇଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ରବିନାରାୟଣ ବେହେରା କହିଛନ୍ତି, ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

# ବେଆଇନ ଗୋଚାଲାଣ, ଅଭିଯୁକ୍ତ ଗିରଫ

ଫୁଲନଖରା,୯।୪ (ସତ୍ୟରଞ୍ଜନ ଦାସମହାପାତ୍ର)

ବେଆଇନ ଗୋଚାଲାଣ ଘଟଣାରେ ପାହାଳ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ଶାସନ ଗ୍ରାମର କାଳନ୍ଦୀ ଭୂୟାଁ। ପୋଲିସ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିବା ସହ ସେଥିରେ ଥିବା ୩ଟି ଗୋରୁଙ୍କୁ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ନିକଟରେ ଥିବା ଗୋଶାଳାରେ ଛାଡ଼ିଛି। ସୋମବାର ବିଳମ୍ବିତ ରାତିରେ ପାହାଳ ପୋଲିସ ଅନନ୍ତପୁରଠାରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କାଳନ୍ଦୀ ପିକ୍‌ଅପ୍ ଭ୍ୟାନ୍‌ରେ ନିଆଳିରୁ ଗୋରୁ ବୋଝେଇ କରି କଟକ ଅଭିମୁଖେ ଯାଉଥିବାବେଳେ ପୋଲିସ ହାତରେ ଧରାପଡିଥିଲେ। ଏହି ଗୋରୁ ସମ୍ପର୍କରେ କାଳନ୍ଦୀ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୧୫୭/୨୪) ରୁଜୁ ହୋଇଛି।


କଟକ ବାରବାଟୀ ଷ୍ଟାଡିୟମ ପରିସରରେ ତେଲୁଗୁ ନବବର୍ଷ ଉତ୍ସବ ଉଗାଦି ପାଳନ ଅବସରରେ ଅନୁଷ୍ଠିତ ସଭାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଉଦ୍‌ବୋଧନ ଦେଉଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-207

**କାର୍ଯ୍ୟର ନାମ :** ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ "ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ ଷ୍ଟେସନଠାରେ ରୋମ୍ପ (Ramp) ସହିତ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା" ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 11,62,361.69, EMD / ବିଡ୍ ସୁରକ୍ଷା ଜମା (₹) : 23,300.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରୀ ହେବା ତାରିଖ ଠାରୁ 06 (ଛଅ) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.04.2024 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm's)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର

PR-11/P/24-25



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
'ଟିମ୍ ଆଡ୍‌ମାର୍କ', ଭୁବନେଶ୍ୱର ସଂସ୍ଥା ପାଇଁ 'ଫ୍ଲେକ୍ସ ପ୍ରିଣ୍ଟିଂ ମେସିନ ଅପରେଟର' ଦରକାର। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ।
ଫୋନ୍ ନମ୍ବର: ୯୨୩୮୮୨୨୨୫, ୬୩୭୦୯୪୮୫୦୯, ୭୭୩୫୨୨୦୧୮୮

**MARKETING EXECUTIVE REQUIRED**
Bhubaneswar based TILES & GRANITE SHOWROOM requires Marketing Executive. Preferably Matric Pass (ମାଟ୍ରିକ୍ ପାସ୍) with good communication skill, Age- 20 to 25 years, only male. Salary negotiable.
Contact Mobile No.: 8270000024

**REQUIREMENT**
For a Construction Site
- Data Entry Operator
- Machine Maintenance Mngr.
Ph - 7873907777
sitekhorda@gmail.com

ଚେନ୍ନାଇରେ ରହିବା ସୁବିଧା ସହିତ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ/ ଆବଶ୍ୟକ: ୧. ହାଉସକିପିଂ ବୟ, ୨. ବରିଷ୍ଠ ନାଗରିକଙ୍କ ପାଇଁ କେୟାରଟେକର, ୩. ଘର ପାଇଁ ପୁରୁଷ ରୋଷେୟା ତଥା ହାଉସକିପିଂ/ ଅଗରୱାଲ-9884061210

**WANTED**
ଡ୍ରାଇଭର : ୨ ଜଣ (Tata AC)
ପିକ୍‌ଅପ ବଏ : ୧ ଜଣ (+୨ କିମ୍ବା ଅଧିକ)
ପିକ୍‌ଅପ ବଏ : ୨ଜଣ (ସପ୍ତମ ପାସ)
ମେସିନ ସହକାରୀ : ୨ ଜଣ (ନବମ/ଦଶମ ପାସ୍)
ଯୋଗାଯୋଗ- 9861929740, 9945059654
Email: versacare@yahoo.com

**WANTED**
Urgently required for our office
Site Engineer (M/F), Supervisor (M/F), Marketing Executive (M/F), Front Office (F) Peon (M), Lady Caretaker, Plumber cum Electrician.
For Details Contact or Whatsapp- 9238482524, 9437706594

**STATE SELECTION BOARD**
**DEPARTMENT OF HIGHER EDUCATION, GOVT. OF ODISHA, BHUBANESWAR - 09**
Advt. No.05/2024
ADDENDUM TO
Advertisement No.05/2024 : Recruitment of P.G.Ts
No.: N-1: In continuation of this office Advertisement No. 05/2024, dated 07.03.2024, details of subject-wise and category-wise vacancy position with reservation for recruitment of Post Graduate Teachers (P.G.Ts) have been notified in the official website of the State Selection Board : www.ssbodisha.ac.in
OIPR-11015/11/0001/2425 Sd/- Secretary, SSB



यूनियन बैंक ऑफ इंडिया | Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ, ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫, ଫୋନ୍.: ୦୬୭୪-୨୫୪୧୯୩୬/୨୫୩୮୫୦୨/୨୬, ଇ-ମେଲ୍: crld.robhubaneshwar@unionbankofindia.bank

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ **"ଗଠନାତ୍ମକ / ସାଙ୍କେତିକ / ଭୌତିକ ଦଖଲ"** ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୩୦.୦୪.୨୦୨୪ରିଖରେ** ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ** ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ଓ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ବାଲୁଗାଁ ଶାଖା, ମେନ୍ ରୋଡ୍, ଏଚ୍‌ପି ପେଟ୍ରୋଲ୍ ପମ୍ପ ନିକଟ, ସା/ପୋ.: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦, ଫୋନ୍ ନଂ.: ୯୧୧୩୩୮୨୭୪୧, ଇ-ମେଲ୍: ubin0807427@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ମେସର୍ସ ଶ୍ରୀ ରାମେଶ୍ୱର ଟ୍ରେଡର୍ସ, ୨) ଶ୍ରୀ ଶିବ ପ୍ରସାଦ ଦାସ, ପିତା: ରଜନୀ କାନ୍ତ ଦାସ, ୩) ଶ୍ରୀ ରଜନୀକାନ୍ତ ଦାସ, ପିତା: ଚିନ୍ତାମଣୀ ଦାସ, ୪) ଶ୍ରୀ ବିଶ୍ୱଜିତ୍ ଦାସ, ପିତା: ରଜନୀ କାନ୍ତ ଦାସ, ସମସ୍ତଙ୍କ ଠିକଣା: ସା: ବଡକୁଳ ମେନ୍ ରୋଡ୍, ଥାନା: ବାଲୁଗାଁ, ଖୋର୍ଦ୍ଧା - ୭୫୨୦୩୦ | ୩୧.୧୨.୨୦୨୨ ସୁଦ୍ଧା ଟ.୫୨,୦୦,୫୪୪.୪୭ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୧:** ଶ୍ରୀ ରଜନୀ କାନ୍ତ ଦାସଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୦୫ ଏବଂ ୬୧୪, ଖାତା ନଂ.: ୬୫୮, ମୌଜା: ବଡକୁଳ, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୩୦୦ ଡିସିମିଲି
**ସଂରକ୍ଷିତ ମୂଲ୍ୟ: ଟ.୯୨,୬୪,୭୮୦/- / ଅମାନତ ଜମା: ଟ.୯,୨୬,୪୭୮/- / ବିଡ୍ ବୃଦ୍ଧି ପରିମାଣ: ଟ. ୧,୦୦,୦୦୦/-**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ମେସର୍ସ ଓମ୍ ନୀଳକଣ୍ଠ ମେଡିସିନ୍ ଷ୍ଟୋର, ୨) ଶ୍ରୀ ପୁରୁଷୋତ୍ତମ ଖୁଣ୍ଟିଆ, ୩) ଶ୍ରୀ ଜଗନ୍ନାଥ ଖୁଣ୍ଟିଆ, ସମସ୍ତଙ୍କ ଠିକଣା- ସା/ପୋ: ନାଚୁଣୀ, ଗଙ୍ଗାଧରପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୩୯ | ୨୭.୦୪.୨୦୨୩ ସୁଦ୍ଧା ଟ.୨୧,୨୯,୦୬୬.୫୩ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୨:** ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪୧, ପ୍ଲଟ୍ ନଂ.: ୧୭୦୮, କ୍ଷେତ୍ର: ଏକର ୦.୦୬୫ ଡିସିମିଲି (ଘରବାରୀ) ଏବଂ ଖାତା ନଂ.: ୬୪୨, ପ୍ଲଟ୍ ନଂ.: ୧୭୦୭, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ନାଚୁଣୀ, ସା/ପୋ: ଭବାନୀପୁର, ନାଚୁଣୀ, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୩୯
**ସଂରକ୍ଷିତ ମୂଲ୍ୟ: ଟ.୬୨,୩୭,୦୦୦/- / ଅମାନତ ଜମା: ଟ.୬,୨୩,୭୦୦/- / ବିଡ୍ ବୃଦ୍ଧି ପରିମାଣ: ଟ. ୬୦,୦୦୦/-**

**ପୁରୀ - ୧ ଶାଖା, ଟାଉନ୍ ପୋଲିସ୍ ଷ୍ଟେସନ୍ ସମ୍ମୁଖ, ଗ୍ରାଣ୍ଡ ରୋଡ୍, ପୁରୀ, ଫୋନ୍ ନଂ.: ୭୦୦୦୩୫୫୫୧୫, ଇ-ମେଲ୍: ubin0539449@unionbankofindia.bank**

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ଶ୍ରୀ ଚିତ୍ତରଞ୍ଜନ ସାହୁ, ୨) ଶ୍ରୀ ନୃସିଂହ ସାହୁ, ଉଭୟଙ୍କ ଠିକଣା- ସା/ପୋ.: ଗୋପାଳଜୀ ନଗର, ବ୍ରାହ୍ମଣ ପୋଖରୀ, ବାଲିଘାଟ, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, ୩) ଶ୍ରୀ ବସନ୍ତ ଚିନେରା, ପିତା: କେଦାରନାଥ ଚିନେରା, ସା: ଗଛକାଳୀ ଲେନ୍, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୧ | ୨୧.୦୭.୨୦୨୨ ସୁଦ୍ଧା ଟ.୨,୭୦,୦୦୦/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

**ସମ୍ପତ୍ତିର ବିବରଣୀ-୩:** ଶ୍ରୀ ଚିତ୍ତରଞ୍ଜନ ସାହୁ ଏବଂ ଶ୍ରୀ ନୃସିଂହ ସାହୁ (ବିକ୍ରୟ ଦଲିଲ ନଂ.: ୧୩୭୬, ତାରିଖ. ୦୫.୦୪.୨୦୦୩)ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଲୁଖଣ୍ଡ, ଖାତା ନଂ.: ୫୭, ପ୍ଲଟ୍ ନଂ.: ୨୨୫ ଏବଂ ୨୨୬, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବସ୍ତି ରୋଡ୍, ଦକ୍ଷିଣ: ଖୋଲା ପ୍ଲଟ୍, ପୂର୍ବ: ଅକ୍ଷୟ କୁମାର ଦଳବେହେରା, ପଶ୍ଚିମ: ଶ୍ରୀ ତ୍ରିପାଠୀ
**ସଂରକ୍ଷିତ ମୂଲ୍ୟ: ଟ.୯,୩୫,୨୦୦/- / ଅମାନତ ଜମା: ଟ.୯୪,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/-**

**ଇ-ନିଲାମ ତାରିଖ ଏବଂ ସମୟ : ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : www.mstcecommerce.com**

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ : ଇ-ନିଲାମ ଆରମ୍ଭ ପୂର୍ବରୁ

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ।

ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/home.aspx or https://ibapi.in/Sale_Info_Home.aspxକୁ ଅନୁଧ୍ୟାନ କରନ୍ତୁ।

ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖାରେ ଯୋଗାଯୋଗ କରନ୍ତୁ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ: ଭୁବନେଶ୍ୱର
ତାରିଖ: ୦୯.୦୪.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ରାଷ୍ଟ୍ରୀୟ ନବବର୍ଷ ପାଳିତ

ବୋଲଗଡ଼,୯।୪(ଦେବବ୍ରତ ହୋତା): ବୋଲଗଡ଼ ସଂସ୍କୃତି ସୁରକ୍ଷା ସମିତି ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବୈଠକରେ ଖୋର୍ଦ୍ଧା ଜିଲା ସଂଯୋଜକ ସୁଜାତ ନାରାୟଣ ଶାନ୍ତିକାମୀ ସଭାପତିତ୍ୱ କରିଥିଲେ। ବୋଲଗଡ ବ୍ଲକ ସଂଯୋଜକ ରାମଚନ୍ଦ୍ର ସାହୁ, ସରସ୍ୱତୀ ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି ନାରାୟଣ ସାହୁ, ନାରାୟଣ ରଣସିଂହ, ଗାନ୍ଧୀ କୁମାର ସାହୁଙ୍କ ସମେତ ବୋଲଗଡ଼ ସଂସ୍କୃତି ସୁରକ୍ଷା ସମିତିର ବରିଷ୍ଠ ସଦସ୍ୟମାନେ ଯୋଗଦେଇଥିଲେ। ଖୋର୍ଦ୍ଧା ଜିଲା କୁଟୁମ୍ବ ପ୍ରବୋଧାନ ସଂଯୋଜକ ନିରଞ୍ଜନ ପରମାଣିକ ରାଷ୍ଟ୍ରୀୟ ନବବର୍ଷ ଉପରେ ବୌଦ୍ଧିକ ଜ୍ଞାନ ପ୍ରଦାନ କରିଥିଲେ। ଶତାଧିକ ସ୍ୱୟଂସେବକ ବାଇକ୍‌ରେ ଶିଶୁମନ୍ଦିର ଠାରୁ ଶୋଭାଯାତ୍ରାରେ ବାହାରି ଟିକାତାଳରେ ପହଞ୍ଚିବା ପରେ ଉତ୍ସବ ସମାପନ ହୋଇଥିଲା।

### ନିର୍ବାଚନ ନେଇ ସରପଞ୍ଚ, ସମିତିସଭ୍ୟଙ୍କ ମେଳି

ବୋଲଗଡ଼,୯।୪(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ଅନ୍ତର୍ଗତ ୨୭ ନମ୍ବର (ପିଟୁକୁଳି) ଜୋନର ୭ଟି ପଞ୍ଚାୟତର ୧୧ଜଣ ସରପଞ୍ଚ ଓ ସମିତି ସଭ୍ୟମାନେ ଆରିକମାସ୍ଥିତ ମା' କୋଶଳାସୁଣୀଙ୍କ ପୀଠରେ ଏକ ବୈଠକ କରିଥିଲେ। ପିଟୁକୁଳି ସରପଞ୍ଚଙ୍କ ପ୍ରତିନିଧି ପବିତ୍ର ମୋହନ ମାଝୀ ସଭାପତିତ୍ୱ କରିଥିଲେ। ଆଗାମୀ ସାଧାରଣ ନିର୍ବାଚନ ସମୟରେ ପଞ୍ଚାୟତ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ସହିତ ଅବାଧ ଓ ନିରପେକ୍ଷ ଭୋଟଦାନ ହେବ ସେନେଇ ଆଲୋଚନା ହୋଇଥିଲା। ସେହିପରି ବିଜେଡିର ବିଧାୟକ ଓ ଏମ୍‌ପି ପ୍ରାର୍ଥୀଙ୍କୁ ସମର୍ଥନ କରିବା ପାଇଁ ବୈଠକରେ ପ୍ରତିନିଧିମାନେ ଆଲୋଚନା କରି ନିଷ୍ପତ୍ତି ନେଇଥିଲେ। ସରପଞ୍ଚମାନଙ୍କ ସମ୍ମାନ ଓ ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବାରେ ବାଧାସୃଷ୍ଟି କରୁଥିବା ନେତୃତ୍ୱଙ୍କୁ ବିରୋଧ କରାଯିବ ବୋଲି ଆଲୋଚନା କରାଯାଇଥିଲା। ବୈଠକରେ ପିଟୁକୁଳି, ଅସରଳା, ଧଳାପଥର, କଡବ, ଗୋପାଳପୁର, ସାନପଦର ସରପଞ୍ଚଙ୍କ ସମେତ ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଗୋପାଳପୁର ସରପଞ୍ଚ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟରେ ରାଷ୍ଟ୍ରୀୟ ନବବର୍ଷ

ବେଗୁନିଆ,୯।୪(ସନ୍ଧ୍ୟାରାଣୀ ମିଶ୍ର): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ମାନସ ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବିକାଶ ସମିତିର ପୂର୍ବ ସଂଭାଗ ସଭାପତି କୁଳମଣି ମିଶ୍ର ମୁଖ୍ୟ ଅତିଥି, ଖୋର୍ଦ୍ଧା ଜିଲା ସଙ୍କୁଳ ପ୍ରମୁଖ ନଳିନୀକାନ୍ତ ପଣ୍ଡା ମୁଖ୍ୟବକ୍ତା, ସମ୍ପାଦକ ଦିଲୀପ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦ୍ୟାର୍ଥୀମାନେ ରାଷ୍ଟ୍ର ପ୍ରତି ଉତ୍ସର୍ଗୀକୃତ ହେଲେ ସମାଜରେ ପରିବର୍ତ୍ତନ ହୋଇପାରିବ ବୋଲି କହିଥିଲେ। କୋଷାଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ୍ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଓ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି ଯୋଗଦେଇଥିଲେ। ଆଚାର୍ଯ୍ୟା କସ୍ତୁରୀ କାମୋଦିନୀ ମହାପାତ୍ର, ଶୁଭଦର୍ଶିନୀ ଦାଶ, ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା, ଶିଶୁବାଟିକା ପ୍ରମୁଖ ମମତାରାଣୀ ସାହୁ, ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ଶୁଭସ୍ମିତା ସ୍ୱାଇଁ, ଦିବା ପର୍ଯ୍ୟାୟ ପ୍ରମୁଖ ଯାଜ୍ଞସେନୀ ହୋତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରେମିକ ରାଜୁଙ୍କ ସହ ୨ ସହଯୋଗୀ ଜେଲ ଗଲେ

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)

ରାଜଧାନୀର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଅଞ୍ଚଳରେ ଯୁବତୀଙ୍କୁ ହତ୍ୟା ମାମଲାରେ ମଙ୍ଗଳବାର ପ୍ରେମିକ ସେଖ୍ ରାଜୁ (୩୦)ଙ୍କ ସମେତ ଦୁଇ ସହଯୋଗୀ ଜେଲ ଯାଇଛନ୍ତି। ସହଯୋଗୀ ଦ୍ୱୟ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଓବାଇଦୁର ରହମାନ୍ (୨୨) ଓ ଶେଖ୍ ଜୁନାରୁଲ୍ (୧୯)। ରାଜୁ ଏବଂ ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳର ମୃତା ଭାଗ୍ୟ ଡାକୁଆ ସ୍ଥାନୀୟ ଅଞ୍ଚଳରେ ୩ ମାସ ହେବ ଲିଭ୍ ଇନ୍ ରିଲେଶନଶିପ୍‌ରେ ରହୁଥିଲେ। ତେବେ ଝଗଡ଼ା ପରେ ରବିବାର ସନ୍ଧ୍ୟାରେ ଭାଗ୍ୟ ଫ୍ୟାନ ହୁକ୍‌ରେ ଶାଢି ଦ୍ୱାରା ଆତ୍ମହତ୍ୟା କରିଥିବା ରାଜୁ ବୟାନ ଦେଇଛନ୍ତି। ହେଲେ ଭାଗ୍ୟଙ୍କ ବାପା ହିନଙ୍କ ଏତଲା ପରେ ପୋଲିସ ଏକ ହତ୍ୟା ମାମଲା (ନଂ. ୯୦/୨୦୨୪) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ମୋବାଇଲ ଓ ମୋଟର ସାଇକେଲ।

ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଭାଗ୍ୟଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ। ତେଣୁ ପୋଲିସ ଏ ବିଷୟରେ ସ୍ପଷ୍ଟ ହେବାକୁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି।

#### ରାଜଧାନୀରେ ଯୁବତୀଙ୍କୁ ହତ୍ୟା ମାମଲା

ସୂଚନାଯୋଗ୍ୟ, ଭାଗ୍ୟଙ୍କ ମୃତଦେହ ଲୁଚାଇବାକୁ ରାଜୁ ଯୋଜନା କରିଥିଲେ। ରାଜୁ ତାଙ୍କ ଗାଁର ଦୁଇ ସହଯୋଗୀଙ୍କ ସହିତ ବାଇକ୍‌ରେ ମୃତଦେହ ନେଇ ରବିବାର ରାତି ୧୦ଟା ବେଳେ ଲିଙ୍ଗିପୁର ନଦୀପଠା ବନ୍ଧ ରାସ୍ତାରେ ଯାଉଥିଲେ। ଭାଗ୍ୟଙ୍କ ଗୋଡ଼ ରାସ୍ତାରେ ଘୋଷାରି ହୋଇଯାଉଥିବାରୁ ଲୋକେ ସନ୍ଦେହ କରି ସେମାନଙ୍କୁ ଗୋଡ଼ାଇଥିଲେ। ଫଳରେ ଅଭିଯୁକ୍ତଙ୍କ ୨ଟି ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ରାଜୁ ଓ ତାଙ୍କ ସହଯୋଗୀ ବାଇକ ଏବଂ ଭାଗ୍ୟଙ୍କ ମୃତଦେହ ସେଠାରେ ଛାଡ଼ି ପଳାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପ୍ରଥମେ ରାଜୁଙ୍କୁ କାବୁ କରିଥିଲା।


ଆମ ସଂସ୍କୃତି ଆମ ଖେଳଣା-୨୦୨୪' କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଇଥିବା ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅନ୍ୟମାନେ।

# 'ହଜିଯାଉଥିବା କଳାକୁ ଉଜ୍ଜୀବିତ କରିବ'

ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)

#### ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନରଣଗଡ଼ ପଞ୍ଚାୟତର ନରଣଗଡ଼ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର(ସିଆର୍‌ସିସି) ସ୍ତରୀୟ ଦୁଇଦିନିଆ ଖେଳଣା ପ୍ରସ୍ତୁତି କର୍ମଶାଳା 'ଆମ ସଂସ୍କୃତି ଆମ ଖେଳଣା-୨୦୨୪' କାର୍ଯ୍ୟକ୍ରମ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥପୁର, ହାଡ଼ପଦାର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଦାସ ଏଥିରେ ସଭାପତିତ୍ୱ କରିଥିବା ବେଳେ ସିଆର୍‌ସିସି ସଂଯୋଜିକା ରେବତୀ ପଣ୍ଡା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଭାତ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଭଳି କର୍ମଶାଳା ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ଦକ୍ଷତା ବିକାଶରେ ସହାୟକ ହେବ ବୋଲି କହିଥିଲେ। ହଜିଯାଇଥିବା କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପୁନଃ ଉତ୍‌ଥାନ ସହିତ ଏହାକୁ କୁନି କୁନି ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚାଇବା ଏକ ପ୍ରୟାସ । ଏହି କାର୍ଯ୍ୟକ୍ରମରେ ୭ଟି ବିଦ୍ୟାଳୟର ୩୦ଜଣ ଶିକ୍ଷକ ଯୋଗଦେଇଥିଲେ। ସମ୍ବଳ ଶିକ୍ଷକ (ଆର୍.ପି) ଭାଗୀରଥି ମହାରଣା, ମଳୟ କୁମାର ପାଇକରାୟ, ଲଲାଟ କେଶରୀ ପ୍ରଧାନ, ଜଗନ୍ନାଥ ମାଝି, ମନୋଜ ନାୟକ ଯୋଗଦେଇ ଶିକ୍ଷକମାନଙ୍କୁ ମାଟିରେ ବିଭିନ୍ନ ମୂର୍ତ୍ତି ତିଆରି କୌଶଳ ଶିଖାଇବା ସହିତ କଣ୍ଢେଇ ତିଆରି, କଳା ଓ ହସ୍ତଶିଳ୍ପ ବିଷୟରେ ଶିକ୍ଷା ଦେଇଥିଲେ।

### ରାଜଧାନୀରେ ଆପାର୍ଟମେଣ୍ଟରୁ ପୁଣି ସିରିଜ୍ ଚୋରି

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)

କିଛି ମାସର ବ୍ୟବଧାନ ପରେ ରାଜଧାନୀରେ ପୁଣି ଏକ ଆପାର୍ଟମେଣ୍ଟରୁ ସିରିଜ୍ ଚୋରି ହୋଇଛି। ଏଥର କଳାକନା ବୁଲାଇଛନ୍ତି ଦେହ ଫୁଙ୍ଗୁଳା ଓ ହାପ୍ ପ୍ୟାଣ୍ଟ ପିନ୍ଧିଥିବା ଏକ ଭିନ୍ନ ଗ୍ୟାଙ୍ଗ। ଚୋରମାନେ ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱର ପାହାଳ ଥାନା ଅନ୍ତର୍ଗତ ହଂସପାଳ-ପୁରୀ କେନାଲ ରୋଡ ନିକଟରେ ଥିବା ମେଟ୍ରୋ ସାଟେଲାଇଟ୍ ସିଟିରୁ ସିରିଜ୍ ଚୋରି କରିଛନ୍ତି। କେହି ନ ଥିବା ୩ଟି ଫ୍ଲାଟକୁ ଟାର୍ଗେଟ୍ କରିଥିଲେ। ବି-ବ୍ଲକ୍, ସି-ବ୍ଲକ ଓ ଡି-ବ୍ଲକ୍‌ର ଏସବୁ ଫ୍ଲାଟରେ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଚୋରି ସୁନା ଓ ଟଙ୍କା ୨୦ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଫ୍ଲାଟ ନଂ. ବି-୩୦୩ର ମାଲିକ ଅମର କୁମାର ଦାସ, ଡି-୩୦୮ର ଅଲେଖିଆ ପଣ୍ଡା ଓ ସି-୩୦୮ର ଚିନ୍ମୟ କୁମାର ମହନ୍ତ ଏସଂକ୍ରାନ୍ତରେ ପାହାଳ ଥାନାରେ ଏତଲା ଦେଇଛନ୍ତି। ଏସବୁ ଏତଲାକୁ ଆଧାର କରି ପୋଲିସ ୩ଟି ମାମଲା ନଂ. ୧୫୮, ୧୫୯, ୧୬୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚୋରି ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ରାତି ପ୍ରାୟ ୩ଟାରୁ ୪ଟା ମଧ୍ୟରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ୪ ଚୋର ମୁହଁରେ କପଡ଼ା ଗୁଡ଼ାଇ ଗୋଟିଏ ପରେ ଗୋଟିଏ ବ୍ଲକ୍‌କୁ ଯାଞ୍ଚ କରି ଏହି ଚୋରି କରିଛନ୍ତି। କବାଟ ତାଲା ତାଡ଼ି ଘରେ ପଶିବା ପରେ ଆଲ୍‌ମିରା ଆଦିର ଲକ୍ ଭାଙ୍ଗି ସୁନା ଓ ଟଙ୍କା ନେଇଯାଇଛନ୍ତି।

### ଶୃଙ୍ଖଳିତ, ଅବାଧ ନିର୍ବାଚନ ଉପରେ ଗୁରୁତ୍ୱ



ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)

#### ଦାୟିତ୍ୱ ଗ୍ରହଣକଲେ ନୂତନ ଏସ୍‌ପି

ଖୋର୍ଦ୍ଧା ଜିଲାର ନୂତନ ଏସ୍‌ପି ଭାବେ ମଙ୍ଗଳବାର ବରିଷ୍ଠ ଆଇପିଏସ୍ ଅଧିକାରୀ ଅବିନାଶ କୁମାର କାର୍ଯ୍ୟରେ ଯୋଗଦେଇଛନ୍ତି। ୨୦୦୭ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଏହା ପୂର୍ବରୁ କମିଶନରେଟ୍ ପୋଲିସରେ ଅତିରିକ୍ତ ସିପି ଭାବେ କାର୍ଯ୍ୟରତ ଥିଲେ। ଜିଲା କାର୍ଯ୍ୟାଳୟରେ ଯୋଗଦାନ ପରେ ତାଙ୍କୁ ଜିଲାର ସମସ୍ତ ପୋଲିସ ଅଧିକାରୀ ସ୍ୱାଗତ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ଶୃଙ୍ଖଳିତ, ଅବାଧ, ନିରପେକ୍ଷ ନିର୍ବାଚନ ହେବା ଉପରେ ଗୁରୁତ୍ୱ ଦେଇଥିଲେ। ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଥିଲେ। ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବାକୁ ଥାନା ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
'ଟିମ୍ ଆଡ୍‌ମାର୍କ', ଭୁବନେଶ୍ୱର ସଂସ୍ଥା ପାଇଁ 'ଫ୍ଲେକ୍ସ ପ୍ରିଣ୍ଟିଂ ମେସିନ ଅପରେଟର' ଦରକାର। ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ।
ଫୋନ୍ ନମ୍ବର: ୯୨୩୮୮୨୨୨୫, ୬୩୭୦୯୪୮୫୦୯, ୭୭୩୫୨୨୦୧୮

MARKETING EXECUTIVE REQUIRED
Bhubaneswar based TILES & GRANITE SHOWROOM requires Marketing Executive. Preferably Matric Pass (ମାଟ୍ରିକ୍ ପାସ୍) with good communication skill, Age- 20 to 25 years, only male. Salary negotiable.
Contact Mobile No.:
8270000024

REQUIREMENT
For a Construction Site
• Data Entry Operator
• Machine Maintenance Mngr.
Ph - 7873907777
sitekhorda@gmail.com

ଚେନ୍ନାଇରେ ରହିବା ସୁବିଧା ସହିତ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ/ ଆବଶ୍ୟକ: ୧. ହାଉସକିପିଂ ବୟ, ୨. ବରିଷ୍ଠ ନାଗରିକଙ୍କ ପାଇଁ କେୟାରଟେକର, ୩. ଘର ପାଇଁ ପୁରୁଷ ରୋଷେୟା ତଥା ହାଉସକିପିଂ/ ଅଗରୱାଲ-9884061210

WANTED
ଡ୍ରାଇଭର : ୨ ଜଣ (Tata AC)
ପିକ୍‌ଅପ ବଏ : ୧ ଜଣ (+୨ କିମ୍ବା ଅଧିକ)
ପିକ୍‌ଅପ ବଏ : ୨ଜଣ (ସପ୍ତମ ପାସ)
ମେସିନ ସହକାରୀ : ୨ ଜଣ (ନବମ/ଦଶମ ପାସ୍)
ଯୋଗାଯୋଗ- 9861929740, 9945059654
Email: versacare@yahoo.com

WANTED
Urgently required for our office
Site Engineer (M/F),
Supervisor (M/F),
Marketing Executive (M/F),
Front Office (F) Peon (M),
Lady Caretaker,
Plumber cum Electrician.
For Details Contact or Whatsapp-
9238482524, 9437706594

STATE SELECTION BOARD
DEPARTMENT OF HIGHER EDUCATION, GOVT. OF ODISHA, BHUBANESWAR - 09
Advt. No.05/2024
ADDENDUM TO
Advertisement No.05/2024 : Recruitment of P.G.Ts
No.: N-1: In continuation of this office Advertisement No. 05/2024, dated 07.03.2024, details of subject-wise and category-wise vacancy position with reservation for recruitment of Post Graduate Teachers (P.G.Ts) have been notified in the official website of the State Selection Board : www.ssbodisha.ac.in
OIPR-11015/11/0001/2425
Sd/- Secretary, SSB

# ଆଇନ ସଚେତନତା ଶିବିର

ଗମ୍ଭାରୀମୁଣ୍ଡା,୯।୪(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ଚିଲିକା ତାଲୁକ୍ ଲିଗାଲ ଏଡ୍ କମିଟି ପକ୍ଷରୁ ମଙ୍ଗଳବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚିଲିକା ଜୁଡିସିଆଲ କୋର୍ଟର ବିଚାରପତି ବିକାଶ ଗୋଏଲଙ୍କ ଅଧ୍ୟକ୍ଷତାରେ ଚିଲିକା ଓକିଲ ସଂଘ ସଭାଗୃହରେ ଫୌଜଦାରି ଆଇନର ବିଭିନ୍ନ ଦିଗ ଓ ଗିରଫ ବ୍ୟକ୍ତିଙ୍କ ଆଇନ ଅଧିକାର, ଆଇନ ସହାୟତା ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ବକ୍ତା ଭାବେ ବରିଷ୍ଠ ଓକିଲ ଦିଲୀପ କୁମାର ପଟ୍ଟନାୟକ ଓ ଅତିଥିଭାବେ ଓକିଲ ସଂଘର ସମ୍ପାଦକ ଅଶୋକ କୁମାର ଚମ୍ପତି ମଞ୍ଚାସୀନ ଥିଲେ। ଚିଲିକା ତାଲୁକ୍ ଲିଗାଲ କମିଟି ପକ୍ଷରୁ ଏହାର ସଭ୍ୟ ପ୍ରଦୋଷ କୁମାର ଦାସ ଓ ଅନ୍ୟତମ ସଭ୍ୟ ଦେବାଶିଷ ରଥ, ଚିଲିକା ଓକିଲ ସଂଘର ପୂର୍ବତନ ସଭାପତି ଭାସ୍କର ଚନ୍ଦ୍ର ଘଡ଼େଇ ଓ ଖଗେଶ୍ୱର ପାତ୍ର, ଉପସଭାପତି ସୁରେନ୍ଦ୍ର କୁମାର ପ୍ରଧାନ, କୋଷାଧ୍ୟକ୍ଷ ରାମଚନ୍ଦ୍ର ପଲେଇ, ସହସମ୍ପାଦକ ସୁକାନ୍ତ କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ସଭ୍ୟ କିଶୋର କୁମାର ବେହେରା ଓ ମନୋରଞ୍ଜନ ପରିଡ଼ା, ଆଇନଜୀବୀ ବିବେକାନନ୍ଦ ପଣ୍ଡା, ଅଶୋକ କୁମାର ଜେନା, ଚିତ୍ରସେନ ସାହୁ, ହେମନ୍ତ କୁମାର ସାହୁ, ବିରଞ୍ଚି ବେହେରା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଏଥିରେ ଚିଲିକା କୋର୍ଟର ପଦସ୍ଥ କର୍ମଚାରୀ ସିଦ୍ଧଲାଲ ମାରାଣ୍ଡି ଓ ରାକେଶ କୁମାର ରଥ ଉପସ୍ଥିତ ଥିଲେ।

# ଶୋଭାଯାତ୍ରାରେ ବିଜେଡି ପ୍ରାର୍ଥୀଙ୍କ ଶକ୍ତି ପ୍ରଦର୍ଶନ



ଜଟଣୀ,୯।୪(ରବୀନ୍ଦ୍ରନାଥ ମହାକୁଡ଼)

ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଲାଗି ବିଜେଡିର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ଜଟଣୀ ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ବଳବନ୍ତରାୟ ମଙ୍ଗଳବାର ମିଳିତଭାବେ ପ୍ରଚାର କରିଛନ୍ତି। ମା' ଉମଣେଇଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ମନ୍ଦିର ପରିସରରୁ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଜଟଣୀ ସହର ଏବଂ ବ୍ଲକ ଅଞ୍ଚଳର ବହୁ ବିଜେଡି କର୍ମୀ ଏବଂ ସମର୍ଥକ ସାମିଲ ହୋଇ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ଶୋଭାଯାତ୍ରା ଜଟଣୀ ମୁଖ୍ୟରାସ୍ତାର ହରିଭାଇନା ଛକ, ମହୁଲଗୁଡ଼ିଆ ଛକ, ଥାନା ଛକ, ସୀତାରାମ ଛକ, ଷ୍ଟେଶନ ଛକ ଦେଇ ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ହାଟବଜାର ଆଦି ଅଞ୍ଚଳରେ ଲୋକଙ୍କ ନିକଟକୁ ଯାଇ ତାଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଏଥର ଯୋଡ଼ି ଶଙ୍ଖ ବାଜିବା ସହ ଷଷ୍ଠଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଆସନରେ ବସିବେ। ବିରୋଧୀଙ୍କ କୌଣସି ଅପପ୍ରଚାର କାମ ଦେବନାହିଁ। ବିପୁଳମାତ୍ରାରେ ଜନସାଧାରଣ ବିଜେଡିକୁ ଭୋଟ ଦେବାକୁ ନିଷ୍ପତ୍ତି ନେଇସାରିଛନ୍ତି ବୋଲି ବିଭୂତି କହିଛନ୍ତି।

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2024-T-207
କାର୍ଯ୍ୟର ନାମ : ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ "ସମ୍ବଲପୁର ମଣ୍ଡଳରେ ଟିଟିଲାଗଡ଼ ଷ୍ଟେସନଠାରେ ରେମ୍ପ (Ramp) ସହିତ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା" ସମ୍ବନ୍ଧୀୟ ବିଦ୍ୟୁତ୍ କାର୍ଯ୍ୟ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 11,62,361.69, EMD / ବିଡ୍ ସୁରକ୍ଷା ଜମା (₹) : 23,300.00, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତି ପତ୍ର (LOA) ଜାରୀ ହେବା ତାରିଖ ଠାରୁ 06 (ଛଅ) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.30.04.2024 ରିଖ 1200 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm's)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।
ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ଉପରୋକ୍ତ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-11/P/24-25

यूनियन बैंक ऑफ इंडिया Union Bank of India
भारत सरकार का उपक्रम — A Government of India Undertaking
କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର
୩/୧ଏ, ସିଭିକ୍ ସେଣ୍ଟର, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫, ଫୋନ୍.: ୦୬୭୪-୨୫୪୧୯୩୬/୨୫୩୮୫୦୨/୨୬, ଇ-ମେଲ୍: crld.robhubaneshwar@unionbankofindia.bank

ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮(୬) / ୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ "ଗଠନାତ୍ମକ / ସାଙ୍କେତିକ / ଭୌତିକ ଦଖଲ" ନେଇ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୩୦.୦୪.୨୦୨୪ରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି। ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ଓ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

ବାଲୁଗାଁ ଶାଖା, ମେନ୍ ରୋଡ଼, ଏଚ୍‌ପି ପେଟ୍ରୋଲ୍ ପମ୍ପ ନିକଟ, ସା/ପୋ.: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦, ଫୋନ୍ ନଂ.: ୯୧୧୩୩୮୨୭୪୧, ଇ-ମେଲ୍: ubin0807427@unionbankofindia.bank

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ମେସର୍ସ ଶ୍ରୀ ରାମେଶ୍ୱର ଟ୍ରେଡର୍ସ, ୨) ଶ୍ରୀ ଶିବ ପ୍ରସାଦ ଦାସ, ପିତା: ରଜନୀ କାନ୍ତ ଦାସ, ୩) ଶ୍ରୀ ରଜନୀକାନ୍ତ ଦାସ, ପିତା: ଚିନ୍ତାମଣୀ ଦାସ, ୪) ଶ୍ରୀ ବିଶ୍ୱଜିତ୍ ଦାସ, ପିତା: ରଜନୀ କାନ୍ତ ଦାସ, ସମସ୍ତଙ୍କ ଠିକଣା: ସା: ବଡକୁଳ ମେନ୍ ରୋଡ୍, ଥାନା: ବାଲୁଗାଁ, ଖୋର୍ଦ୍ଧା - ୭୫୨୦୩୦ | ୩୧.୧୨.୨୦୨୨ ସୁଦ୍ଧା ଟ.୫୨,୦୦,୫୪୪.୪୭ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୧: ଶ୍ରୀ ରଜନୀ କାନ୍ତ ଦାସଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୦୫ ଏବଂ ୬୧୪, ଖାତା ନଂ.: ୬୫୮, ମୌଜା: ବଡକୁଳ, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର ୦.୩୦୦ ଡିସିମିଲି
ସଂରକ୍ଷିତ ମୂଲ୍ୟ: ଟ.୯୨,୬୪,୭୮୦/- / ଅମାନତ ଜମା: ଟ.୯,୨୬,୪୭୮/- / ବିଡ୍ ବୃଦ୍ଧି ପରିମାଣ: ଟ. ୧,୦୦,୦୦୦/-

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ମେସର୍ସ ଓମ୍ ନୀଳକଣ୍ଠ ମେଡିସିନ୍ ଷ୍ଟୋର, ୨) ଶ୍ରୀ ପୁରୁଷୋତ୍ତମ ଖୁଣ୍ଟିଆ, ୩) ଶ୍ରୀ ଜଗନ୍ନାଥ ଖୁଣ୍ଟିଆ, ସମସ୍ତଙ୍କ ଠିକଣା- ସା/ପୋ: ନାଚୁଣୀ, ଗଙ୍ଗାଧରପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା - ୭୫୨୦୩୯ | ୨୭.୦୪.୨୦୨୩ ସୁଦ୍ଧା ଟ.୨୧,୨୯,୦୬୬.୫୩ ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୨: ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୬୪୧, ପ୍ଲଟ୍ ନଂ.: ୧୭୦୮, କ୍ଷେତ୍ର: ଏକର ୦.୦୬୫ ଡିସିମିଲି (ଘରବାରୀ) ଏବଂ ଖାତା ନଂ.: ୬୪୨, ପ୍ଲଟ୍ ନଂ.: ୧୭୦୭, କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ମୌଜା: ନାଚୁଣୀ, ସା/ପୋ: ଭବାନୀପୁର, ନାଚୁଣୀ, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍ - ୭୫୨୦୩୯
ସଂରକ୍ଷିତ ମୂଲ୍ୟ: ଟ.୬୨,୩୭,୦୦୦/- / ଅମାନତ ଜମା: ଟ.୬,୨୩,୭୦୦/- / ବିଡ୍ ବୃଦ୍ଧି ପରିମାଣ: ଟ. ୬୦,୦୦୦/-

ପୁରୀ - ୧ ଶାଖା, ଟାଉନ୍ ପୋଲିସ୍ ଷ୍ଟେସନ୍ ସମ୍ମୁଖ, ଗ୍ରାଣ୍ଡ ରୋଡ଼, ପୁରୀ, ଫୋନ୍ ନଂ.: ୭୦୦୦୩୫୫୫୧୫, ଇ-ମେଲ୍: ubin0539449@unionbankofindia.bank

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା: | ବକେୟା ରାଶି |
|---|---|
| ୧) ଶ୍ରୀ ଚିତ୍ତରଞ୍ଜନ ସାହୁ, ୨) ଶ୍ରୀ ନୃସିଂହ ସାହୁ, ଉଭୟଙ୍କ ଠିକଣା- ସା/ପୋ.: ଗୋପାଳଜୀ ନଗର, ବ୍ରାହ୍ମଣ ପୋଖରୀ, ବାଲିଘାଟ, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, ୩) ଶ୍ରୀ ବସନ୍ତ ଚିନେରା, ପିତା: କେଦାରନାଥ ଚିନେରା, ସା: ଗଛକାଳୀ ଲେନ୍, ପୁରୀ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୧ | ୨୧.୦୭.୨୦୨୨ ସୁଦ୍ଧା ଟ.୨,୭୦,୦୦୦/- ସହିତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଓ ଦେୟ |

ସମ୍ପତ୍ତିର ବିବରଣୀ-୩: ଶ୍ରୀ ଚିତ୍ତରଞ୍ଜନ ସାହୁ ଏବଂ ଶ୍ରୀ ନୃସିଂହ ସାହୁ (ବିକ୍ରୟ ଦଲିଲ ନଂ.: ୧୩୭୬, ତାରିଖ. ୦୫.୦୪.୨୦୦୩)ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାଲୁଖଣ୍ଡ, ଖାତା ନଂ.: ୫୭, ପ୍ଲଟ୍ ନଂ.: ୨୨୫ ଏବଂ ୨୨୬, କ୍ଷେତ୍ର: ଏକର୦.୦୨୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ବସ୍ତି ରୋଡ୍, ଦକ୍ଷିଣ: ଖୋଲା ପ୍ଲଟ୍, ପୂର୍ବ: ଅକ୍ଷୟ କୁମାର ଦଳବେହେରା, ପଶ୍ଚିମ: ଶ୍ରୀ ତ୍ରିପାଠୀ
ସଂରକ୍ଷିତ ମୂଲ୍ୟ: ଟ.୯,୩୫,୨୦୦/- / ଅମାନତ ଜମା: ଟ.୯୪,୦୦୦/- / ବିଡ୍ ବୃଦ୍ଧି ପରିମାଣ: ଟ.୧୦,୦୦୦/-

ଇ-ନିଲାମ ତାରିଖ ଏବଂ ସମୟ : ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : www.mstcecommerce.com
ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ : ଇ-ନିଲାମ ଆରମ୍ଭ ପୂର୍ବରୁ
ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବ୍‌ସାଇଟ୍ : https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ।
ବିକ୍ରୟର ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/home.aspx or https://ibapi.in/Sale_Info_Home.aspxକୁ ଅନୁଧ୍ୟାନ କରନ୍ତୁ।
ସବିଶେଷ ବିବରଣୀ ନିମନ୍ତେ ସମ୍ପୃକ୍ତ ଶାଖାରେ ଯୋଗାଯୋଗ କରନ୍ତୁ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) / ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।
ସ୍ଥାନ: ଭୁବନେଶ୍ୱର
ତାରିଖ: ୦୯.୦୪.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ଡିଇଓଙ୍କ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର,(ଅସମାପିକା ସାହୁ): ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଜିଲା ଶିକ୍ଷାଧିକାରୀ (ଡିଇଓ) ଏବଂ ଜିଲା ପ୍ରକଳ୍ପ ଅଧିକାରୀ (ସମଗ୍ର ଶିକ୍ଷା)ଙ୍କ ଦୁଇଦିନିଆ 'ସମୀକ୍ଷା ଓ ଦକ୍ଷତା ବିକାଶ କର୍ମଶାଳା' ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଅଶ୍ୱତୀ ଏସ୍. କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପରବର୍ତ୍ତୀ ସମୀକ୍ଷା ବୈଠକ ପୂର୍ବରୁ ନିଜ ଅଧୀନରେ ଥିବା ବିଇଓମାନଙ୍କୁ ନେଇ ବିଭିନ୍ନ ପ୍ରସଙ୍ଗରେ ବୈଠକ ଶେଷ କରିବାକୁ ଉପସ୍ଥିତ ଥିବା ଜିଲା ଶିକ୍ଷାଧିକାରୀଙ୍କୁ ସଚିବ ନିର୍ଦ୍ଦେଶ ଦେଇଥିଲେ।

**ସଂକ୍ଷେପରେ**

## ରେଳ ଫାଟକରେ ଯାନ୍ତ୍ରିକ ତ୍ରୁଟି
## ଅଟକି ରହିଲା ବହୁ ଗାଡ଼ି, ଯାତ୍ରୀ ହଇରାଣ

ବାରଙ୍ଗ,୯।୪(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ନୂଆ ଏବଂ ବାରଙ୍ଗ ରେଳ ଷ୍ଟେଶନ ମଧ୍ୟରେ ପଦାସାହି ଗାଁ ମୁଣ୍ଡ ରେଳ ଫାଟକରେ ମଙ୍ଗଳବାର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ରେଳଲାଇନ ମଧ୍ୟରେ ବିପଦପୂର୍ଣ୍ଣ ଅବସ୍ଥାରେ ବହୁ ଯାନବାହନ ଫସି ରହିଥିଲା। ଫଳରେ ଦୀର୍ଘ ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପ୍ରକାଶ ଯେ, ମଙ୍ଗଳବାର ଅପରାହ୍ଣ ପ୍ରାୟ ୫ଟାରେ ପଦାସାହିସ୍ଥିତ ରେଳ ଫାଟକର ଉଭୟ ପାର୍ଶ୍ୱରେ ବହୁସଂଖ୍ୟାରେ ଯାନବାହନ ଅଟକି ରହିଥିଲେ। ଫାଟକ ଖୋଲିବା କ୍ଷଣି ନନ୍ଦନକାନନ ପଟୁ ଯାନବାହନ ପଦାସାହି ଅଭିମୁଖେ ଆସିଥିଲା। ହେଲେ କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ଅପରପାର୍ଶ୍ୱ ଫାଟକ ଖୋଲି ନ ଥିଲା। ଫଳରେ ବହୁସଂଖ୍ୟକ ଗାଡ଼ି ସହ ଚାଳକ ବିପଦପୂର୍ଣ୍ଣ ଅବସ୍ଥାରେ ରେଳଲାଇନ ଉପରେ ଅଟକି ରହିଥିଲେ। କିଛି ସମୟ ପରେ ଫାଟକ ଦାୟିତ୍ୱରେ ଥିବା କର୍ମଚାରୀ ସେଠାରେ ପହଞ୍ଚି ଫାଟକରେ ହୋଇଥିବା ଯାନ୍ତ୍ରିକ ତ୍ରୁଟି ମରାମତି କରିଥିଲେ। ଏହାପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏଠାରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ କେହି ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

## ଭାରତ ବିକାଶ ପରିଷଦ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ଉତ୍ସବ

ଭୁବନେଶ୍ୱର,୯।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତ ବିକାଶ ପରିଷଦ ପକ୍ଷରୁ ଓଡ଼ିଶା ପୂର୍ବ ପ୍ରାନ୍ତସ୍ତରୀୟ ରାଷ୍ଟ୍ରୀୟ ନବବର୍ଷ ଓ ନବ ସମ୍ବତ୍ସର ଉତ୍ସବ ମଙ୍ଗଳବାର ରବୀନ୍ଦ୍ର ମଣ୍ଡପଠାରେ ପାଳିତ ହୋଇଯାଇଛି। ପରିଷଦର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଭାରତୀୟ କିଷାନ ସଂଘର କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଶ୍ରୀନିବାସ ଜୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସୃଷ୍ଟିର ପ୍ରାରମ୍ଭ ସହିତ ରାଷ୍ଟ୍ରୀୟ ନବବର୍ଷ ଜଡ଼ିତ। ଋତୁ ପରିବର୍ତ୍ତନ, ପିଲାଙ୍କ ଶ୍ରେଣୀ ପରିବର୍ତ୍ତନ ସମେତ ଆର୍ଥିକ ବର୍ଷ, ଚାଷ ଆଦି ନବସମ୍ବତ ବା ରାଷ୍ଟ୍ରୀୟ ନବବର୍ଷରେ ଆରମ୍ଭ ହୋଇଥାଏ ବୋଲି ସେ କହିଥିଲେ। ଭାରତୀୟ ପରମ୍ପରାର ମୂଳ ହେଉଛି ସାମୂହିକ ଚିନ୍ତନ ବୋଲି ମୁଖ୍ୟଅତିଥି ଭାଷାବିତ୍ ଦେବୀ ପ୍ରସନ୍ନ ପଟ୍ଟନାୟକ କହିଥିଲେ। କ୍ଷେତ୍ରୀୟ ସଂଯୁକ୍ତ ମହାସଚିବ ଶୁଭାଶିଷ କର ଓଡ଼ିଶା ପୂର୍ବ ପ୍ରାନ୍ତର ଦାୟିତ୍ୱଧାରୀଙ୍କୁ ଶପଥ ପାଠ କରାଇଥିଲେ। ପ୍ରାନ୍ତ ସଭାପତି ସତ୍ୟବାଦୀ ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସନ୍ତୋଷ ପାଢ଼ୀ, ବିକ୍ରମ କୁମାର ପ୍ରଧାନ, ବିଶ୍ୱରଞ୍ଜନ ଦାସ, ସନ୍ତୋଷ କୁମାର ସାହୁ, ସଞ୍ଜୟ କୁମାର ସାହୁ, ଅଭିରାମ ପ୍ରସାଦ ଦାସ, ସନ୍ତୋଷ କୁମାର ବରଦାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବ ପ୍ରାନ୍ତ ଅର୍ଥ ସଚିବ ନରସିଂହ ମିଶ୍ର ଧନ୍ୟବାଦ ଦେଇଥିଲେ। ସୁପ୍ରୀତି ରଥ, ରାମଚନ୍ଦ୍ର ଦଳାଇ, ତପସ୍ୱିନୀ ଦାଶ, ନୃସିଂହନାଥ ନନ୍ଦ, ନିହାର ରଞ୍ଜନ ସ୍ୱାଇଁ, ସଂଯୁକ୍ତା ମିଶ୍ର, ବିଜୟ ନନ୍ଦିନୀ ଦୁବେ, ସସ୍ମିତା ବନ୍ଦରନାୟକ, ଶଶିପ୍ରଭା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରେମିକ ରାଜୁଙ୍କ ସହ ୨ ସହଯୋଗୀ ଜେଲ ଗଲେ

**ରାଜଧାନୀରେ ଯୁବତୀଙ୍କୁ ହତ୍ୟା ମାମଲା**

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ମୋବାଇଲ ଓ ମୋଟର ସାଇକେଲ।

ରାଜଧାନୀର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଅଞ୍ଚଳରେ ଯୁବତୀଙ୍କୁ ହତ୍ୟା ମାମଲାରେ ମଙ୍ଗଳବାର ପ୍ରେମିକ ସେଖ୍ ରାଜୁ (୩୦)ଙ୍କ ସମେତ ଦୁଇ ସହଯୋଗୀ ଜେଲ ଯାଇଛନ୍ତି। ସହଯୋଗୀ ଦ୍ୱୟ ହେଲେ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଞ୍ଚଳର ଓବାଇଦୁର ରହମାନ୍ (୨୨) ଓ ଶେଖ୍ ଜୁନାରୁଲ୍ (୧୯)। ରାଜୁ ଏବଂ ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳର ମୃତା ଭାଗ୍ୟ ଡାକୁଆ ସ୍ଥାନୀୟ ଅଞ୍ଚଳରେ ୩ ମାସ ହେବ ଲିଭ୍ ଇନ୍ ରିଲେଶନଶିପ୍‌ରେ ରହୁଥିଲେ। ତେବେ ଝଗଡ଼ା ପରେ ରବିବାର ସନ୍ଧ୍ୟାରେ ଭାଗ୍ୟ ଫ୍ୟାନ ହୁକ୍‌ରେ ଶାଢ଼ି ଦ୍ୱାରା ଆତ୍ମହତ୍ୟା କରିଥିବା ରାଜୁ ବୟାନ ଦେଇଛନ୍ତି। ହେଲେ ଭାଗ୍ୟଙ୍କ ବାପା ହିନଙ୍କ ଏତଲା ପରେ ପୋଲିସ ଏକ ହତ୍ୟା ମାମଲା (ନଂ. ୯୦/୨୦୨୪) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଭାଗ୍ୟଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିନାହିଁ। ତେଣୁ ପୋଲିସ ଏ ବିଷୟରେ ସ୍ପଷ୍ଟ ହେବାକୁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ସୂଚନାଯୋଗ୍ୟ, ଭାଗ୍ୟଙ୍କ ମୃତଦେହ ଲୁଚାଇବାକୁ ରାଜୁ ଯୋଜନା କରିଥିଲେ। ରାଜୁ ତାଙ୍କ ଗାଁର ଦୁଇ ସହଯୋଗୀଙ୍କ ସହିତ ବାଇକ୍‌ରେ ମୃତଦେହ ନେଇ ରବିବାର ରାତି ୧୦ଟା ବେଳେ ଲିଙ୍ଗିପୁର ନଦୀପଠା ବନ୍ଧ ରାସ୍ତାରେ ଯାଉଥିଲେ। ଭାଗ୍ୟଙ୍କ ଗୋଡ଼ ରାସ୍ତାରେ ଘୋଷାରି ହୋଇଯାଉଥିବାରୁ ଲୋକେ ସନ୍ଦେହ କରି ସେମାନଙ୍କୁ ଗୋଡ଼ାଇଥିଲେ। ଫଳରେ ଅଭିଯୁକ୍ତଙ୍କ ୨ଟି ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହାପରେ ରାଜୁ ଓ ତାଙ୍କ ସହଯୋଗୀ ବାଇକ ଏବଂ ଭାଗ୍ୟଙ୍କ ମୃତଦେହ ସେଠାରେ ଛାଡ଼ି ପଳାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ପ୍ରଥମେ ରାଜୁଙ୍କୁ କାବୁ କରିଥିଲା।



ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରେଣ୍ଟାଲ କଲୋନୀରେ ମଙ୍ଗଳବାର ବିଜେଡି ପ୍ରାର୍ଥୀ ସୁଶାନ୍ତ କୁମାର ରାଉତ ଏବଂ ମନ୍ମଥ ରାଉତରାୟ ପ୍ରଚାର କରୁଛନ୍ତି।

## ବର୍ଷ ପ୍ରତିପଦା ଉତ୍ସବ ପାଳିତ

ବାଲିଅନ୍ତା,୯।୪(ନୀଳମାଧବ ସାହୁ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବାସନ୍ତୀ ଦୁର୍ଗା ଭାଗ ପକ୍ଷରୁ ମଙ୍ଗଳବାର ପ୍ରାଚୀ ବିହାରସ୍ଥିତ ବୁଢ଼ାବୁଢ଼ୀ ପଡ଼ିଆରେ ହିନ୍ଦୁ ନବବର୍ଷର ପ୍ରଥମ ଦିନ 'ବର୍ଷ ପ୍ରତିପଦା' ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବାଣୀବିହାର, ଝାରପଡ଼ା ଓ ଲକ୍ଷେଶ୍ୱର ନଗରର ଶତାଧିକ ସ୍ୱୟଂସେବକ ଅଂଶଗ୍ରହଣ କରିଥିଲେ। ସ୍ୱୟଂସେବକମାନେ ସୂର୍ଯ୍ୟ ନମସ୍କାର, ଯୋଗ, ବ୍ୟାୟାମ ଓ ବିଭିନ୍ନ ଆସନ ପ୍ରଦର୍ଶନ କରିଥିଲେ। ଅତିଥି ରୂପେ ପୁରୀ ବିଭାଗ ସଂଘ ଚାଳକ ମନୋରଞ୍ଜନ ସାହୁ, ବାସନ୍ତୀ ଦୁର୍ଗା ଭାଗ ସଂଘ ଚାଳକ ଦେବେନ୍ଦ୍ର ଦାଶ ଓ ଚିନ୍ମୟ ରଞ୍ଜନ ଶତପଥୀ ପ୍ରମୁଖ ଯୋଗଦେଇ ଏହି ଦିନର ମାହାତ୍ମ୍ୟ ବାବଦରେ ଆଲୋକପାତ କରିଥିଲେ। ପରେ ସ୍ୱୟଂ ସେବକମାନେ ନଗର ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମକୁ ସିନ୍ଧୁସାଗର ମହାନ୍ତି, ପ୍ରଶାନ୍ତ ପାତ୍ର ଓ ପ୍ରତାପ ଦ୍ୱିବେଦୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିଭିନ୍ନ ଅଞ୍ଚଳରେ ଶୋଭାଯାତ୍ରା, ବ୍ୟାୟାମ ପ୍ରଦର୍ଶନ



ଶହୀଦନଗର ଦୁର୍ଗାପୂଜା ପଡ଼ିଆରେ ଆର୍‌ଏସ୍‌ଏସ୍ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ସ୍ୱୟଂସେବକମାନେ ଯୋଗ, ବ୍ୟାୟାମ କରୁଛନ୍ତି।

ଭୁବନେଶ୍ୱର, ୯।୪ (ବନ୍ଦନା ସେଠୀ)

**ଆର୍‌ଏସ୍‌ଏସ୍ ପକ୍ଷରୁ ରାଷ୍ଟ୍ରୀୟ ନବବର୍ଷ ପାଳନ**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ସଂଘ ତରଫରୁ ସହରର ୫ଟି ସ୍ଥାନ ଚନ୍ଦକା ବଜାରର ଚନ୍ଦକା କ୍ଲବ ପଡ଼ିଆ, ପ୍ରାଚୀ ବିହାରର ବୁଢ଼ାବୁଢ଼ୀ ପଡ଼ିଆ, ଶହୀଦନଗର ଦୁର୍ଗାପୂଜା ପଡ଼ିଆ, ଡୁମୁଡୁମାର ଓଡ଼ିଶା ପବ୍ଲିକ ସ୍କୁଲ ପରିସର ଏବଂ ସୁନ୍ଦରପଦାର ଏମ୍.ଏମ୍. ମାର୍ଟ ସାମ୍ନା ପଡ଼ିଆରେ ବର୍ଷ ପ୍ରତିପଦା ଉତ୍ସବ ତଥା ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଥିଲା। ଏହି ସ୍ଥାନଗୁଡ଼ିକରୁ ୨ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂସେବକଙ୍କର ଏକ ବିଶାଳ ଶୋଭାଯାତ୍ରା ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଉତ୍ସବ ସ୍ଥାନରେ ସ୍ୱୟଂସେବକମାନଙ୍କ ଦ୍ୱାରା ସୂର୍ଯ୍ୟ ନମସ୍କାର, ଯୋଗ, ବ୍ୟାୟାମ ଏବଂ ବିଭିନ୍ନ ପ୍ରକାର କଳାକୌଶଳ ପ୍ରଦର୍ଶନ କରାଯାଇଥିଲା। ଶ୍ରୀରାମ ଭାଗ ତରଫରୁ ଶହୀଦନଗର ଦୁର୍ଗାପୂଜା ପଡ଼ିଆରେ ଅନୁଷ୍ଠିତ ଉତ୍ସବରେ ସଂଘର ଖୋର୍ଦ୍ଧା ଜିଲା ଓ ଭୁବନେଶ୍ୱର ମହାନଗର ପ୍ରଚାରକ ରାଜେଶ୍ୱର ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଶ୍ଚାତ୍ୟ ନବବର୍ଷ ଏବଂ ଭାରତୀୟ ନବବର୍ଷ ଉପରେ ଆଲୋକପାତ କରିଥିଲେ। ସେହିପରି ଚନ୍ଦ୍ରଶେଖରପୁର ଭାଗରେ ପୁରୀ ବିଭାଗ ପ୍ରଚାର ପ୍ରମୁଖ ଜୟକୃଷ୍ଣ ପୃଷ୍ଟି, ବାସନ୍ତୀ ଦୁର୍ଗା ଭାଗରେ ଚିନ୍ମୟ ଶତପଥୀ, ଖଣ୍ଡଗିରି ଭାଗରେ ବିଭାଗ କାର୍ଯ୍ୟବାହ ପ୍ରସନ୍ନ କୁମାର ସେନାପତି ଏବଂ ଲିଙ୍ଗରାଜ ଭାଗରେ ସୁବ୍ରତ କୁମାର ତ୍ରିପାଠୀ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଚୈତ୍ର ଶୁକ୍ଳ ପ୍ରତିପଦାରେ ବ୍ରହ୍ମା କାଳ ଗଣନା ଆରମ୍ଭ କରିଥିଲେ। ଏଥିସହ ଦେବଦେବୀମାନେ ଏହିଦିନ ସୃଷ୍ଟିର ସଂରଚନା ଆରମ୍ଭ କରିଥିବା ଅଥର୍ବ ବେଦରେ ଉଲ୍ଲେଖ ରହିଛି। ତେଣୁ ଏହିଦିନକୁ ନବବର୍ଷ ଭାବେ ପାଳନ କରାଯାଇଥାଏ। ସେହିପରି ଏହିଦିନକୁ ଭଗବାନ ରାମଙ୍କ ରାଜ୍ୟାଭିଷେକ ଦିବସ ଭାବେ ବିବେଚନା କରାଯାଏ। ଶିଖ୍‌ମାନଙ୍କର ଦ୍ୱିତୀୟ ଗୁରୁ ଅଙ୍ଗଦଦେବଙ୍କ ଜନ୍ମଦିନ ହେବା ସହ ଏହିଦିନ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଆର୍ଯ୍ୟ ସମାଜ ପ୍ରତିଷ୍ଠା କରିଥିଲେ। ସେହିପରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା ଡ. କେଶବ ବଳିରାମ ହେଡ୍‌ଗେୱାର ଜନ୍ମ ଗ୍ରହଣ କରିଥିବା ବକ୍ତାମାନେ ମତ ପ୍ରକାଶ କରିଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଡାଇବେଟିସ ଇଣ୍ଡିଆ ଅନୁଷ୍ଠାନର କର୍ମକର୍ତ୍ତା

କଟକ,୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ଡାଇବେଟିସ ଇଣ୍ଡିଆ ଅନୁଷ୍ଠାନର ଜାତୀୟ କର୍ମକର୍ତ୍ତା ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଡା. ସୌକତ ସାଦ୍ଦିକତଙ୍କ ଦ୍ୱାରା ଗଠିତ ଏହି ଅନୁଷ୍ଠାନ ବିଶ୍ୱରେ ମଧୁମେହ ରୋଗର ନିରାକରଣ ଏବଂ ସଚେତନତା ଦିଗରେ କାର୍ଯ୍ୟ କରୁଛି। ତେବେ ରାଷ୍ଟ୍ରପତିଙ୍କୁ ଭେଟି ଅନୁଷ୍ଠାନ ପକ୍ଷରୁ କରାଯାଉଥିବା ସମସ୍ତ କାର୍ଯ୍ୟ ଓ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟ ଏବଂ ଦେଶରେ ବୃଦ୍ଧି ପାଉଥିବା ମଧୁମେହ ରୋଗର ନିୟନ୍ତ୍ରଣ ଦିଗରେ କର୍ମକର୍ତ୍ତାମାନେ ଆଲୋଚନା କରିଛନ୍ତି ବୋଲି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଭେଷଜ ବିଭାଗର ମୁଖ୍ୟ ତଥା ଡାଇବେଟିସ ଇଣ୍ଡିଆ ଅନୁଷ୍ଠାନର କନ୍‌ଭେନର ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଆଲୋଚନାବେଳେ ଅନୁଷ୍ଠାନର ସଭାପତି ଏସ୍.ଆର୍. ଅରବିନ୍ଦ, ସମ୍ପାଦକ ବଂଶୀ ସାହୁ, ମୁଖ୍ୟ ପରାମର୍ଶଦାତା ପଦ୍ମଶ୍ରୀ ପ୍ରଫେସର ଶଶାଙ୍କ ଜୋଷୀ, ସଂଯୋଜକ ବ୍ରିଜ ମକ୍କର, ଯୁଗ୍ମ ସମ୍ପାଦକ ଅମିତ୍ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ପତଞ୍ଜଳି ପକ୍ଷରୁ 'ଛତ୍ରପତି ଶିବାଜୀ ମହାରାଜ କଥା'



ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)

ଚୈତ୍ର ନବରାତ୍ରି ତଥା ରାମନବମୀ ଏବଂ ଯୋଗଗୁରୁ ରାମଦେବଙ୍କ ୩୦ତମ ସନ୍ନ୍ୟାସ ଦିବସ ଅବସରରେ ସ୍ୱାମୀ ଗୋବିନ୍ଦ ଗିରିଙ୍କ ଦ୍ୱାରା 'ଛତ୍ରପତି ଶିବାଜୀ ମହାରାଜ କଥା'ର ଶୁଭାରମ୍ଭ ହୋଇଛି। ପତଞ୍ଜଳି ଯୋଗପୀଠ-୨ର ଯୋଗଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ସ୍ୱାମୀ ଗୋବିନ୍ଦଦେବ ଗିରି ବ୍ୟାସପୀଠକୁ ପ୍ରଣାମ କରି କଥା ଆରମ୍ଭ କରିବା ପାଇଁ ଯୋଗଗୁରୁ ରାମଦେବ ଏବଂ ଆଚାର୍ଯ୍ୟ ବାଲକୃଷ୍ଣ ମହାରାଜଙ୍କୁ ଅନୁରୋଧ କରିଥିଲେ। ଗିରି ଶିବାଜୀ ମହାରାଜଙ୍କ ରାଜ୍ୟାଭିଷେକଠାରୁ ଆରମ୍ଭ କରି ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପର୍ଯ୍ୟନ୍ତ ବିଭିନ୍ନ ଆଲୋଚନା କରିଥିଲେ। ଛତ୍ରପତି ଶିବାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ବାବା ରାମଦେବ ଆହ୍ୱାନ ଦେଇଥିଲେ। ଜାତି, ଧର୍ମ, ବର୍ଣ୍ଣ, ମତ ଆଦି ଦ୍ୱାରା ଦେଶରେ ସୃଷ୍ଟି ହୋଇଥିବା ବିଭେଦକୁ ଦୂର କରାଯିବା ଉଚିତ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗପୀଠର ବିଭିନ୍ନ ଶାଖାର ଅଧିକାରୀ, ବିଭାଗୀୟ ମୁଖ୍ୟଙ୍କ ସମେତ ପତଞ୍ଜଳି ବିଶ୍ୱବିଦ୍ୟାଳୟ, ଆଚାର୍ଯ୍ୟ ଗୁରୁକୁଳ, ପତଞ୍ଜଳି ଆୟୁର୍ବେଦ ମହାବିଦ୍ୟାଳୟ, ପତଞ୍ଜଳି ଗୁରୁକୁଳ, ପତଞ୍ଜଳି ଗବେଷଣା ପ୍ରତିଷ୍ଠାନ, ପତଞ୍ଜଳି ବାଳିକା ଗୁରୁକୁଳ, ବୈଦିକ ଗୁରୁକୁଳ ଆଦି ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ବିଦ୍ୟାର୍ଥୀମାନେ ଯୋଗ ଦେଇଥିଲେ।

## ଲାୟନ୍ସ କ୍ଲବ ଲୋଟସ୍ ପରିଦର୍ଶନ କଲେ ଡିଷ୍ଟ୍ରିକ୍ଟ ଗଭର୍ନର

ଭୁବନେଶ୍ୱର,୯।୪(ଅନୁରାଧା ମହାରଣା)



ଲାୟନ୍ସ କ୍ଲବ ଲୋଟସ୍‌ର ଡିଷ୍ଟ୍ରିକ୍ଟ ଗଭର୍ନର ଇଂ. ଦିଲୀପ କୁମାର ଦାସ ଲାୟନ୍ସ କ୍ଲବ ଲୋଟସ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସ୍ଥାନୀୟ ଟଙ୍କପାଣି ରୋଡସ୍ଥିତ କେ.ଏମ୍. କନ୍‌ଭେନଶନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ପରିଦର୍ଶନ କରି କ୍ୟାନ୍‌ସର ପୀଡ଼ିତ ଶିଶୁଙ୍କୁ କ୍ଲବ୍ ପକ୍ଷରୁ ଆବଶ୍ୟକ ଉପକରଣ ପ୍ରଦାନ କରାଯାଇଛି। ଏହି ଉତ୍ସବରେ ଡିଜି ଦାସ ଏବଂ ଲାୟନ ସୁନନ୍ଦା ପଣ୍ଡାଙ୍କ ସମେତ ଫାଷ୍ଟ ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ନର ଲାୟନ ସରସ୍ୱତୀ ପାତ୍ର, ସେକେଣ୍ଡ ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ନର ଲାୟନ ହେମନ୍ତ କୁମାର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ଲାୟନ ମଧୁଲିତା ପଟ୍ଟନାୟକ ସଭା ପରିଚାଳନା କରିଥିବାବେଳେ ସେକ୍ରେଟାରୀ ଲାୟନ ନମିତା ମହାପାତ୍ର ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଲାୟନ୍ସ କ୍ଲବ ଲୋଟସ୍ ପକ୍ଷରୁ ଚାରା ରୋପଣ, ସ୍ୱାସ୍ଥ୍ୟ ଶିବିର, ଚକ୍ଷୁ ପରୀକ୍ଷଣ ଏବଂ ଡାଇବେଟିସ ରୋଗ ନିରୂପଣ ପରୀକ୍ଷା, ମହିଳା ଓ ଯୁବ ସଶକ୍ତୀକରଣ ଆଦି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଆୟୋଜନ କରାଯାଉଥିବା ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରିଜିଓନାଲ ଚେୟାରପର୍ସନ ଲାୟନ ଧୀରେନ ଧଳ ଏବଂ ଜୋନ୍ ଚେୟାରପର୍ସନ ଲାୟନ ଅଶୋକ ଅଗ୍ରୱାଲ ପ୍ରମୁଖ ଯୋଗଦେଇଥିଲେ।

## ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

ବାରଙ୍ଗ,୯।୪((ଲିଙ୍ଗରାଜ ରାଉତ)

କଟକ ସଦର ଥାନା ଅଧୀନ ପ୍ରତାପନଗରୀ ଜୈନ ମନ୍ଦିର ନିକଟ ମୁଖ୍ୟ କେନାଲରୁ ଜଣେ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକ ହେଲେ ନଖରା ବାଗଧରାପୁର ଗ୍ରାମର ରାକେଶ ସାହୁ(୨୭)। ପ୍ରକାଶ ଯେ, ରାକେଶ ନରାଜସ୍ଥିତ ଏକ ଦୁଗ୍ଧ ଉତ୍ପାଦନ ସଂସ୍ଥାରେ କାମ କରନ୍ତି। ରବିବାର ରାତିରେ କାମ ସାରି ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ସ୍କୁଟି ଯୋଗେ ଘରକୁ ଫେରୁଥିଲେ। ଫେରିବାବେଳେ କାନପୁର ନିକଟସ୍ଥ ପୁରୀ ମୁଖ୍ୟ କେନାଲରେ କୌଣସି କାରଣରୁ ଭାରସାମ୍ୟ ହରାଇ ଖସିପଡ଼ିଥିଲେ। ପରେ ତାଙ୍କ ସ୍କୁଟି ଓ ମୋବାଇଲକୁ ପୋଲିସ ଜବତ କରିଥିଲା। ସୋମବାର ବାରଙ୍ଗ ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ଖୋଜାଖୋଜି କରିଥିଲେ ମଧ୍ୟ ରାକେଶଙ୍କୁ ପାଇ ନ ଥିଲେ। ପରିବାର ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ଏକାମ୍ରରେ ଭାଜପାର ପଦଯାତ୍ରା



ପୁରୁଣା ଭୁବନେଶ୍ୱର,୯।୪(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ଭାଜପାର ଶକ୍ତି ବୃଦ୍ଧି ପାଇବାରେ ଲାଗିଛି। ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ ପ୍ରତିଦିନ ନିର୍ବାଚନମଣ୍ଡଳୀରେ ପଦଯାତ୍ରା ଓ ସମାବେଶ କରି ଲୋକଙ୍କ ନିକଟକୁ ଯାଉଛନ୍ତି। ସକାଳେ ବିଭିନ୍ନ ପାର୍କ ଓ ଚା' ଖଟି, ପଦଯାତ୍ରା ମାଧ୍ୟମରେ ଲୋକଙ୍କ ସହ ମିଶୁଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୋଖରୀପୁଟ, ନାଗେଶ୍ୱର ଟାଙ୍ଗୀ, ୟୁନିଟ୍-୮, ଶିରିପୁର, ଜାଗମରା ଅଞ୍ଚଳରେ ପଦଯାତ୍ରା କରି ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି ଅବସରରେ ଭାଜପା ବିଧାୟକ ପ୍ରାର୍ଥୀ ବାବୁ ସିଂ କହିଛନ୍ତି, ଏଥର ଏକାମ୍ରରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଅସ୍ମିତା, ସ୍ୱାଭିମାନ ପାଇଁ ଲଢ଼େଇ ହେବ। ଏଥର ଏକାମ୍ରରେ ଭାଜପା ନିଶ୍ଚିତ ବିଜୟଲାଭ କରିବ।

# 'ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦିଆଯାଉ'

**୧୧ରେ ପାଳନ ହେବ ତୃତୀୟ ଛେନାପୋଡ଼ ଦିବସ**

ଭୁବନେଶ୍ୱର,୯।୪(ଶର୍ମିଷ୍ଠା ପାଣିଗ୍ରାହୀ)




ଆସନ୍ତା ୧୧ ତାରିଖରେ ରାଜଧାନୀରେ ତୃତୀୟ ଛେନାପୋଡ଼ ଦିବସ ପାଳନ କରାଯିବ। ଓଡ଼ିଆ ମିଡିଆ ପ୍ରାଇଭେଟ ଲିମିଟେଡ୍ ଏବଂ ନୟାଗଡ଼ ବିକାଶ ମଞ୍ଚର ମିଳିତ ଆନୁକୂଲ୍ୟରେ ସୂଚନାଭବନଠାରେ ଏହା ଆୟୋଜନ ହେବ ବୋଲି ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଓଡ଼ିଶାର ପ୍ରସିଦ୍ଧ ମିଠା ଛେନାପୋଡ଼କୁ ଅଧିକ ଲୋକପ୍ରିୟ ଓ ପ୍ରୋତ୍ସାହନ ଦେବା ଏହି ଉତ୍ସବର ଉଦ୍ଦେଶ୍ୟ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଉତ୍ସବରେ ଛେନାପୋଡ଼ ସଙ୍ଗୀତର ଏକ ଚିତ୍ରରୂପ ଲୋକାର୍ପଣ କରାଯିବ। ସଭା, ସମ୍ବର୍ଦ୍ଧନା, ବନ୍ଧୁମିଳନ ଓ ଖାଦ୍ୟ ପରିବେଷଣ ସାଙ୍ଗକୁ ପାଲା, ଦାସକାଠିଆ, ବାଘ ଶବର ନାଚ, ଧୁଡୁକି, ଦଣ୍ଡନାଚ, ରାମଲୀଳା, ଢଣକୋଇଲା, ଦୁଆରି, ପାରମ୍ପରିକ ସଙ୍ଗୀତ ଓ ଆଧୁନିକ ସଙ୍ଗୀତ ପରିବେଷଣ କରାଯିବ। ସେହିପରି ନୟାଗଡ଼ରୁ ଆନୀତ ସ୍ୱତନ୍ତ୍ର ଛେନାପୋଡ଼ ସାଙ୍ଗକୁ ଅନ୍ୟାନ୍ୟ ନୟାଗଡ଼ ଦ୍ରବ୍ୟ ମଧ୍ୟ ଉତ୍ସବରେ ପ୍ରଦର୍ଶନ କରାଯିବ। ଏଥିସହ ଜିଲାର ଜଣେ ଶ୍ରେଷ୍ଠ ଛେନାପୋଡ଼ କାରିଗରଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ଛେନାପୋଡ଼କୁ ଜିଆଇ ଟ୍ୟାଗ୍ (ଭୌଗୋଳିକ ସ୍ୱୀକୃତି) ମାନ୍ୟତା ଦାବି ସହ ଛେନାପୋଡ଼ର ସ୍ରଷ୍ଟା ସ୍ୱର୍ଗତ ସୁଦର୍ଶନ ସାହୁଙ୍କ ଜନ୍ମଦିନକୁ ଛେନାପୋଡ଼ ଦିବସ ଭାବେ ପାଳନ କରାଯାଇଆସୁଛି। ଅନୁରୂପ ଭାବେ ଅବହେଳିତ ହୋଇପଡ଼ିଥିବା ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ଜନ୍ମସ୍ଥଳୀରେ ଏକ ସ୍ମାରକୀ ନିର୍ମାଣ ସମେତ କବି ଯଦୁମଣି ଏବଂ ଦାସିଆ ଅଜାଙ୍କ ଜନ୍ମପୀଠର ବିକାଶ ପାଇଁ ମଧ୍ୟ ମଞ୍ଚ ସରକାରଙ୍କ ନିକଟରେ ଦାବି ରଖିଛି। ସମ୍ମିଳନୀରେ ମଞ୍ଚର ଆବାହକ ଶୁଭ୍ରାଂଶୁ ପଣ୍ଡା, ସଦସ୍ୟ ସୁବ୍ରତ କୁମାର ନାୟକ, ଆଶିଷ କୁମାର ରଥ, ଶୁଭେନ୍ଦୁ ଶେଖର ମିଶ୍ର, ଆଶୁତୋଷ ଦାସ, ଉମାକାନ୍ତ ମହାପାତ୍ର, ସୁଧାଂଶୁ ଶେଖର ସାହୁ ଏବଂ ରାଜକିଶୋର ଡାକୁଆଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ରାଜଧାନୀରେ ଆପାର୍ଟମେଣ୍ଟରୁ ପୁଣି ସିରିଜ୍ ଚୋରି

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)

**ସିସିଟିଭିରେ କଏଦ ହେଲା ଦୃଶ୍ୟ**



ଏଣେତେଣେ ପଡିଥିବା ସାମଗ୍ରୀ।



ସିସିଟିଭିରେ କଏଦ ହୋଇଥିବା ଚୋରିର ଦୃଶ୍ୟ।

କିଛି ମାସର ବ୍ୟବଧାନ ପରେ ରାଜଧାନୀରେ ପୁଣି ଏକ ଆପାର୍ଟମେଣ୍ଟରୁ ସିରିଜ୍ ଚୋରି ହୋଇଛି। ଏଥର କଳାକନା ବୁଲାଇଛନ୍ତି ଦେହ ଫୁଙ୍ଗୁଳା ଓ ହାଫ୍ ପ୍ୟାଣ୍ଟ ପିନ୍ଧିଥିବା ଏକ ଭିନ୍ନ ଗ୍ୟାଙ୍ଗ। ଚୋରମାନେ ସୋମବାର ବିଳମ୍ବିତ ରାତିରେ ଭୁବନେଶ୍ୱର ପାହାଳ ଥାନା ଅନ୍ତର୍ଗତ ହଂସପାଳ-ପୁରୀ କେନାଲ ରୋଡ ନିକଟରେ ଥିବା ମେଟ୍ରୋ ସାଟେଲାଇଟ୍ ସିଟିରୁ ସିରିଜ୍ ଚୋରି କରିଛନ୍ତି। କେହି ନ ଥିବା ୩ଟି ଫ୍ଲାଟକୁ ଟାର୍ଗେଟ୍ କରିଥିଲେ। ବି-ବ୍ଲକ୍, ସି-ବ୍ଲକ ଓ ଡି-ବ୍ଲକ୍‌ର ଏସବୁ ଫ୍ଲାଟରେ ସୁନା ଅଳଙ୍କାର ଓ ଟଙ୍କା ଚୋରି ହୋଇଛି। ଚୋରି ସୁନା ଓ ଟଙ୍କା ୨୦ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଫ୍ଲାଟ ନଂ. ବି-୩୦୩ର ମାଲିକ ଅମର କୁମାର ଦାସ, ଡି-୩୦୮ର ଅଲେରିଖା ପଣ୍ଡା ଓ ସି-୩୦୮ର ଚିନ୍ମୟ କୁମାର ମହନ୍ତ ଏସଂକ୍ରାନ୍ତରେ ପାହାଳ ଥାନାରେ ଏତଲା ଦେଇଛନ୍ତି। ଏସବୁ ଏତଲାକୁ ଆଧାର କରି ପୋଲିସ ୩ଟି ମାମଲା ନଂ. ୧୫୮, ୧୫୯, ୧୬୧ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଚୋରି ବେଳର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ରାତି ପ୍ରାୟ ୩ଟାରୁ ୪ଟା ମଧ୍ୟରେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ୪ ଚୋର ମୁହଁରେ କପଡ଼ା ଗୁଡ଼ାଇ ଗୋଟିଏ ପରେ ଗୋଟିଏ ବ୍ଲକ୍‌କୁ ଯାଞ୍ଚ କରି ଏହି ଚୋରି କରିଛନ୍ତି। କବାଟ ତାଲା ତାଡ଼ି ଘରେ ପଶିବା ପରେ ଆଲମିରା ଆଦିର ଲକ୍ ଭାଙ୍ଗି ସୁନା ଓ ଟଙ୍କା ନେଇଯାଇଛନ୍ତି। ମଙ୍ଗଳବାର ସକାଳେ ଘଟଣା ଜଣାପଡ଼ିବା ପରେ ଡିସିପି ପ୍ରତୀକ ସିଂ ଅନ୍ୟ ଅଧିକାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଡିସିପି କହିଛନ୍ତି, ଏହି ଗ୍ୟାଙ୍ଗକୁ ଆମେ ଶୀଘ୍ର ଧରିବାକୁ ପ୍ରୟାସ କରୁଛୁ। ଏଥିପାଇଁ ରାଜ୍ୟ ବାହାର ପୋଲିସର ସାହାଯ୍ୟ ନିଆଯିବ ବୋଲି ମଧ୍ୟ ଡିସିପି କହିଛନ୍ତି। ତେବେ ଆପାର୍ଟମେଣ୍ଟର ୬ଟି ବ୍ଲକ୍ ଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକ ପ୍ରଶ୍ନ କରିଛନ୍ତି। ଜଣେ ଆପାର୍ଟମେଣ୍ଟ ବାସିନ୍ଦା କହିଛନ୍ତି, ଆପାର୍ଟମେଣ୍ଟରେ ମାତ୍ର ଜଣେ ସୁରକ୍ଷା କର୍ମୀ ଥିବାବେଳେ ଚାରିପାଖରେ ପାଚେରି ନାହିଁ। ଏଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ନ ଥିବାରୁ ଚୋରି ହୋଇଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଗତ ୩ ମାସ ତଳେ ରାଜଧାନୀର ବିଭିନ୍ନ ଆପାର୍ଟମେଣ୍ଟରୁ ସିରିଜ୍ ଚୋରି ହେଉଥିଲା। ପରେ ପୋଲିସ ଏକାଧିକ ଗ୍ୟାଙ୍ଗକୁ ମଧ୍ୟ ଧରି ଗିରଫ କରିଥିଲା।

## ସଂକ୍ଷେପରେ

### ରାଷ୍ଟ୍ରପତିଙ୍କୁ ଭେଟିଲେ ଡାଇବେଟିସ ଇଣ୍ଡିଆ ଅନୁଷ୍ଠାନର କର୍ମକର୍ତ୍ତା
### ମଧୁମେହର ନିୟନ୍ତ୍ରଣ ଦିଗରେ ଆଲୋଚନା

କଟକ,୯।୪(ଶିଳ୍ପା ପ୍ରିୟଦର୍ଶିନୀ)

ଡାଇବେଟିସ ଇଣ୍ଡିଆ ଅନୁଷ୍ଠାନର ଜାତୀୟ କର୍ମକର୍ତ୍ତା ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି। ଡା. ସୌକତ ସାଦ୍ଦିକତଙ୍କ ଦ୍ୱାରା ଗଠିତ ଏହି ଅନୁଷ୍ଠାନ ବିଶ୍ୱରେ ମଧୁମେହ ରୋଗର ନିରାକରଣ ଏବଂ ସଚେତନତା ଦିଗରେ କାର୍ଯ୍ୟ କରୁଛି। ତେବେ ରାଷ୍ଟ୍ରପତିଙ୍କୁ ଭେଟି ଅନୁଷ୍ଠାନ ପକ୍ଷରୁ କରାଯାଉଥିବା ସମସ୍ତ କାର୍ଯ୍ୟ ଓ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟ ଏବଂ ଦେଶରେ ବୃଦ୍ଧି ପାଉଥିବା ମଧୁମେହ ରୋଗର ନିୟନ୍ତ୍ରଣ ଦିଗରେ କର୍ମକର୍ତ୍ତାମାନେ ଆଲୋଚନା କରିଛନ୍ତି ବୋଲି ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ଭେଷଜ ବିଭାଗର ମୁଖ୍ୟ ତଥା ଡାଇବେଟିସ ଇଣ୍ଡିଆ ଅନୁଷ୍ଠାନର କନ୍‌ଭେନର ଡା. ଜୟନ୍ତ ପଣ୍ଡା ସୂଚନା ଦେଇଛନ୍ତି। ଆଲୋଚନାବେଳେ ଅନୁଷ୍ଠାନର ସଭାପତି ଏସ୍.ଆର୍. ଅରବିନ୍ଦ, ସମ୍ପାଦକ ବଂଶୀ ସାହୁ, ମୁଖ୍ୟ ପରାମର୍ଶଦାତା ପଦ୍ମଶ୍ରୀ ପ୍ରଫେସର ଶଶାଙ୍କ ଜୋଷୀ, ସଂଯୋଜକ ବ୍ରିଜ ମକ୍କର, ଯୁଗ୍ମ ସମ୍ପାଦକ ଅମିତ୍ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ୱେବ୍‌ପୋର୍ଟାଲ ଖବରଦାତାଙ୍କୁ ସଂଘବଦ୍ଧ ଆକ୍ରମଣ

କଟକ,୯।୪(କାର୍ତ୍ତିକ ସାହୁ)

କଟକ ସଦର ଥାନା ଅଧୀନ କାଜିପାଟଣା ଅଞ୍ଚଳରେ ମଙ୍ଗଳବାର ଏକ ୱେବ୍‌ପୋର୍ଟାଲର ଖବରଦାତାଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ସେ ହେଲେ କାଜିପାଟଣା ଅଞ୍ଚଳର ଅରିଥ ମହାପାତ୍ର। ଚିକିତ୍ସା ଲାଗି ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେ ନିଜ କାର୍ଯ୍ୟ ସାରି ରାତି ପ୍ରାୟ ୧୦ଟାରେ ଘରକୁ ଫେରୁଥିବାବେଳେ ୪ ଜଣ ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ତେବେ ଆକ୍ରମଣ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଡିସିପି ଅନିଲ ମିଶ୍ର କହିଛନ୍ତି।

### କେନାଲରୁ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

ବାରଙ୍ଗ,୯।୪((ଲିଙ୍ଗରାଜ ରାଉତ):

କଟକ ସଦର ଥାନା ଅଧୀନ ପ୍ରତାପନଗରୀ ଜୈନ ମନ୍ଦିର ନିକଟ ମୁଖ୍ୟ କେନାଲରୁ ଜଣେ ନିଖୋଜ ଯୁବକଙ୍କ ଗଳିତ ମୃତଦେହ ମଙ୍ଗଳବାର ସକାଳୁ ପୋଲିସ ଜବତ କରିଛି। ମୃତକ ହେଲେ ନଖରା ବାଗଧରାପୁର ଗ୍ରାମର ରାକେଶ ସାହୁ(୨୭)। ପ୍ରକାଶ ଯେ, ରାକେଶ ନରାଜସ୍ଥିତ କାମ ସାରି ରବିବାର ରାତିରେ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ଇ- ସ୍କୁଟି ଯୋଗେ ଘରକୁ ଫେରୁଥିଲେ। କାନପୁର ନିକଟସ୍ଥ ପୁରୀ ମୁଖ୍ୟ କେନାଲରେ ଭାରସାମ୍ୟ ହରାଇ କେନାଲ ଭିତରକୁ ଖସି ପଡ଼ିଥିଲେ। ମଙ୍ଗଳବାର ସକାଳୁ ଜୈନ ମନ୍ଦିର ନିକଟ ମୁଖ୍ୟ କେନାଲରେ ଏକ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ।

# ସୁମନ୍ତ, ଶାରଦା ବଡ଼ ଚ୍ୟାଲେଞ୍ଜର୍ସ

## ମାହାଙ୍ଗା ନିର୍ବାଚନମଣ୍ଡଳୀ

### ପ୍ରତାପଙ୍କ ଗଡ଼ରେ ପୁଅ ବିଜେଡି ପ୍ରାର୍ଥୀ

ନିଶ୍ଚିନ୍ତକୋଇଲି,୯।୪
(ଅଶୋକ କୁମାର ମହାପାତ୍ର)


ଅଙ୍କିତ ପ୍ରତାପ ଜେନା


ଶାରଦା ପ୍ରଧାନ


ସୁମନ୍ତ ଘଡ଼େଇ

୨୦୨୪ ସାଧାରଣ ନିର୍ବାଚନ ଲାଗି ମାହାଙ୍ଗା ନିର୍ବାଚନମଣ୍ଡଳୀରେ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ବିଜେଡି ଏବଂ ଭାଜପା ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଥିବାବେଳେ କଂଗ୍ରେସ ଏହି କ୍ଷେତ୍ରରେ ପଛରେ ରହିଛି। ବିଜେଡିରୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନାଙ୍କ ପୁଅ ଅଙ୍କିତ ପ୍ରତାପ ଜେନା ନିର୍ବାଚନ ମଇଦାନକୁ ଓହ୍ଲାଇଥିବାବେଳେ ଭାଜପାରୁ ସୁମନ୍ତ ଘଡ଼େଇ ପ୍ରାର୍ଥୀ ହୋଇଛନ୍ତି। ତେବେ ଭାଜପାରୁ ଦଳୀୟ ଟିକେଟ ନ ମିଳିବାରୁ ବରିଷ୍ଠ ନେତା ଶାରଦା ପ୍ରଧାନ ଏଠାରୁ ସ୍ୱାଧୀନ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। ତେଣୁ ଏହି ହଟ୍ ସିଟ୍‌ରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଆଲୋଚନା ହେଉଛି।

ଓଡ଼ିଶା ରାଜନୀତିରେ ମାହାଙ୍ଗା ନିର୍ବାଚନମଣ୍ଡଳୀର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏହି ନିର୍ବାଚନମଣ୍ଡଳୀର ଇତିହାସ ଦେଖିଲେ କଂଗ୍ରେସ ଓ ଅଣକଂଗ୍ରେସ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ। କିନ୍ତୁ ୨୦୦୦ ମସିହାରୁ ବିଜେଡି ଏହି ନିର୍ବାଚନମଣ୍ଡଳୀରେ ନିଜ ପତିଆରା ରଖିଛି। ୨୦୦୯ରୁ ବିଧାୟକ ଜେନା କ୍ରମାଗତଭାବେ ୩ଥର ୨୦ହଜାରରୁ ଊର୍ଦ୍ଧ୍ୱ ଭୋଟ ବ୍ୟବଧାନରେ ଏଠାରୁ ବିଜୟୀ ହୋଇଆସୁଛନ୍ତି।

୨୦୦୦ ମସିହାରେ ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସ ଏବଂ ବିଜେଡି ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିଥିଲା। ବିଜେଡିରୁ ଶରତ କର ୪୮ ହଜାର ୩୭୬ ଖଣ୍ଡ ଭୋଟ ପାଇଥିବାବେଳେ କଂଗ୍ରେସରୁ ସେକ୍ ମତଲୁବ ଅଲ୍ଲୀ ୪୫ ହଜାର ୧୯୧ଖଣ୍ଡ ଭୋଟ ପାଇଥିଲେ। କର ୩,୧୭୬ ଖଣ୍ଡ ଭୋଟରେ ବିଜୟୀ ହୋଇ ଓଡ଼ିଶା ବିଧାନସଭାର ବାଚସ୍ପତି ହୋଇଥିଲେ। ୨୦୦୪ରେ ବିଜେଡି କରଙ୍କ ଟିକେଟ କାଟି ଶିକ୍ଷକ ନେତା ବିକ୍ରମ କେଶରୀ ବର୍ମାଙ୍କୁ ଟିକେଟ ଦେଇଥିଲା। ପ୍ରତିଦ୍ୱନ୍ଦ୍ୱୀ ଭାବେ କଂଗ୍ରେସରୁ ପୁନର୍ବାର ମତଲୁବ ଅଲ୍ଲୀ ଟିକେଟ ପାଇଥିଲେ। ଏହି ନିର୍ବାଚନରେ ବର୍ମା ୮ହଜାର ୮୭୦ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ୨୦୦୯ରେ ସୀମା ପୁନଃ ନିର୍ଦ୍ଧାରଣ ପରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହୋଇଥିଲା। ସେତେବେଳେ କିଶୋର ନଗର ନିର୍ବାଚନମଣ୍ଡଳୀ ଉଚ୍ଛେଦ ହୋଇ କିଛି ଅଂଶ ମାହାଙ୍ଗା ଓ ଆଉ କିଛିଅଂଶ କଟକ ସଦର ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିଲା।

ନିଶ୍ଚିନ୍ତକୋଇଲି ବ୍ଲକର ୨୭ ଓ ମାହାଙ୍ଗା ବ୍ଲକର ୩୭ଟି ଗ୍ରାମପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠନ କରାଯାଇଥିଲା। ଏହାକୁ ୭ଟି ଜିଲା ପରିଷଦ ଜୋନରେ ବିଭକ୍ତ କରାଯାଇଥିଲା। ୨୦୦୯ରେ କିଶୋର ନଗରରୁ ଆସି ପ୍ରତାପ ଜେନା ଏହି ଆସନରୁ ବିଜେଡି ଟିକେଟରେ ୮୯,୬୨୮ ଖଣ୍ଡ ଭୋଟ ପାଇଥିଲେ। ସେତେବେଳେ କଂଗ୍ରେସରୁ ମତଲୁବ ଅଲ୍ଲୀ ୬୦,୪୦୮ ଖଣ୍ଡ ଭୋଟ ପାଇଥିଲେ। ଭାଜପା ପ୍ରାର୍ଥୀ ପ୍ରଭାତ ମିଶ୍ରଙ୍କୁ ୬୦୫୦ ଖଣ୍ଡ ଭୋଟ ପାଇଥିଲେ। ଉକ୍ତ ନିର୍ବାଚନରେ ଜେନା ସମସ୍ତଙ୍କ ରେକର୍ଡ ଭାଙ୍ଗି ୨୯,୨୨୦ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ। ୨୦୧୪ରେ ପୁନର୍ବାର ସେ ବିଜେଡିରୁ ଟିକେଟ ପାଇ ୮୯,୫୩୧ ଭୋଟ ପାଇଥିବା ବେଳେ କଂଗ୍ରେସରୁ ମତଲୁବ ଅଲ୍ଲୀ ୨୨,୨୯୭ ଖଣ୍ଡ ଭୋଟ ପାଇଥିଲେ। ଏହି ସମୟରେ ବିକଳ୍ପ ଭାବେ ମାହାଙ୍ଗା ବିକାଶ ପରିଷଦର ଅଧ୍ୟକ୍ଷ ଶାରଦା ପ୍ରଧାନ ସ୍ୱାଧିନ ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ି ୬୧,୬୫୭ ଖଣ୍ଡ ଭୋଟ୍ ପାଇଥିଲେ। ପ୍ରତାପ ୨୭ ହଜାର ୮୭୪ ଖଣ୍ଡ ଭୋଟରେ ବିଜୟୀ ହୋଇଥିଲେ। ପରେ ସେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପାଇ ମନ୍ତ୍ରୀ ହୋଇଥିଲେ। ୨୦୧୯ରେ ପ୍ରତାପ ପୁନର୍ବାର ବିଜେଡିରେ ପ୍ରତିଦ୍ୱନ୍ଦ୍ୱିତା କରି ୧,୦୬,୦୫୪ ଖଣ୍ଡ ପାଇଥିବା ବେଳେ ଶାରାଦ ଭାଜପାରୁ ଟିକେଟ ପାଇ ୬୭,୪୬୯ ଖଣ୍ଡ ଭୋଟ ହାତେଇଥିଲେ। କଂଗ୍ରେସରୁ ଦେବେନ୍ଦ୍ର ସାହୁ ୧୪,୯୨୨ ଖଣ୍ଡ ଭୋଟ ପାଇଥିଲେ। ଏହି ନିର୍ବାଚନରେ ପ୍ରତାପ ୨୯ ହଜାର ୨୨୦ ଖଣ୍ଡ ଭୋଟରେ ବିଜୟୀ ହୋଇ ବିଧାନସଭାରେ ନଗର ଉନ୍ନୟନ,ଆଇନ,ପାନୀୟଜଳ ପଞ୍ଚାୟତିରାଜ ପରି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଥିଲେ। ରାଜ୍ୟ ସରକାରଙ୍କ ବିକାଶମୁଖୀ କାର୍ଯ୍ୟକୁ ନେଇ ପ୍ରତାପ ଚଳିତ ନିର୍ବାଚନରେ ପୁଅଙ୍କୁ ଏଠାରୁ ପ୍ରାର୍ଥୀ କରାଇଥିବାବେଳେ ବିରୋଧୀ ବିଭିନ୍ନ ପ୍ରସଙ୍ଗକୁ ନେଇ ବିଧାୟକଙ୍କୁ ଟାର୍ଗେଟ କରୁଛନ୍ତି। ଏହି ଆସନରେ ବିଜେଡିର ପ୍ରଭାବ ଅଧିକ ଥିବାରୁ ଅଙ୍କିତଙ୍କ ପଲା ଭାରି ରହିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏଭଳି ସ୍ଥିତିରେ ଭୋଟର କାହା ସପକ୍ଷରେ ଯିବେ ତାହା ଦେଖିବାକୁ ବାକି ରହିଲା।

# ହାତୀ ଆକ୍ରମଣରେ ଯୁବକ ମୃତ

ବାଙ୍କୀ,୯।୪ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ଡମପଡ଼ା ବ୍ଲକ ଗୟଳବାଙ୍କ ଗ୍ରାମ ମହାନ୍ତି ସାହିରେ ସୋମବାର ହାତୀ ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଗୋପାଳ ସାହୁଙ୍କ ପୁଅ ମନୋରଞ୍ଜନ (୪୦)। ସେ ଘରୁ ବିଳମ୍ବିତ ରାତିରେ ପରିସ୍ରା କରିବାକୁ ନିଜ ବାଡି ପଛପଟକୁ ଯିବାବେଳେ ଜଙ୍ଗଲୀ ହାତୀ ଆକ୍ରମଣର ଶିକାର ହୋଇଛନ୍ତି। ଘଟଣାସ୍ଥଳରେ ହାତୀ ମନୋରଞ୍ଜନଙ୍କୁ ଦଳିଚକଟି ମାରିଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଖବରପାଇ ଘଟଣାସ୍ଥଳରେ ଡମପଡ଼ା ରେଞ୍ଜର ନିରଞ୍ଜନ ମହାପାତ୍ର ଓ ଭଗିପୁର ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ଏଥିସହ ହାତୀକୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ବାଙ୍କୀ ନିର୍ବାଚନ ମଣ୍ଡଳୀ ଭାଜପା ପ୍ରାର୍ଥୀ ତଥା ଜିଲା ପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି କରିଛନ୍ତି। ମନୋରଞ୍ଜନଙ୍କ ଶେଷକୃତ୍ୟ ସମ୍ପନ୍ନ ପାଇଁ ୧୦ ହଜାର ଟଙ୍କା ସାହାଯ୍ୟ ଯୋଗାଇ ଦିଆଯାଇଥିବା ଡମପଡ଼ା ରେଞ୍ଜ ଅଫିସର ନିରଞ୍ଜନ ମହାପାତ୍ର ପ୍ରକାଶ କରିଛନ୍ତି। ଅଧିକ ସରକାରୀ ସାହାଯ୍ୟ ପାଇଁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ସରକାରଙ୍କଠାରୁ ଅନୁମତି ଆସିବା ପରେ ମୃତକ ପରିବାରବର୍ଗଙ୍କୁ କ୍ଷତିପୂରଣ ବାବଦରେ ୬ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ବୋଲି ମହାପାତ୍ର କହିଛନ୍ତି। ଭଗିପୁର ଫରେଷ୍ଟର ଅନାମ ହେମ୍ବ୍ରମ୍ ଏଥିରେ ସହଯୋଗ କରିଥିଲେ। ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ମନୋରଞ୍ଜନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଅନ୍ଧାର ରାତିରେ ଜନସାଧାରଣ ଘରୁ ଜଙ୍ଗଲ ଭିତରକୁ ନ ଯିବା ପାଇଁ ରେଞ୍ଜ ଅଫିସର ଅନୁରୋଧ କରିଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ



ସାଲେପୁର,୯।୪ (ଅରବିନ୍ଦ ଭୂୟାଁ)

ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ସଂଗ୍ରାମ କେଶରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଚାର୍ଯ୍ୟା ଅଳକା ଦଳାଇ ଯୋଗଦେଇ ପିଲାମାନଙ୍କୁ ହିନ୍ଦୁ ନବବର୍ଷର ମହତ୍ୱ ବିଷୟରେ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଚାର୍ଯ୍ୟ କ୍ଷୀରୋଦ କୁମାର ଦାଶ, ତୋଫାନ କୁମାର ସାମଲ, ସୌମ୍ୟଜିତ୍ ସାହୁ, ଅନ୍ନପୂର୍ଣ୍ଣା ସ୍ୱାଇଁ, କମଳାକୁମାରୀ ସ୍ୱାଇଁ, ତନୁଜା ସାହୁ, ସଂଗୀତା ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା,ଗୁରୁଜୀମାନେ ଏଥିରେ ସହଯୋଗ କରିଥିଲେ।


ତିଗିରିଆସ୍ଥିତ ବିଜେଡି କାର୍ଯ୍ୟାଳୟରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଉପସ୍ଥିତିରେ ଭାଜପା କର୍ମୀମାନେ ବିଜେଡିରେ ସାମିଲ ହୋଇଛନ୍ତି।

### ବିଜେଡିରେ ଯୋଗଦେଲେ ଭାଜପା ନେତା

ତିଗିରିଆ,୯।୪(ଜାଫର ଖାଁ)

ତିଗିରିଆ ବ୍ଲକ ବଡ଼ନାଉପୁଟ ପଞ୍ଚାୟତର ଆଗଧାଡିର ଭାଜପା କର୍ମୀମାନେ ମଙ୍ଗଳବାର ବିଜେଡିରେ ଯୋଗଦେଇଛନ୍ତି। ତିଗିରିଆସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ବଡ଼ନାଉପୁଟ ପଞ୍ଚାୟତର ପ୍ରତାପ ଚନ୍ଦ୍ର ସାମଲ, ପବିତ୍ର ବାରିକ, କାଡିକ ଲେଙ୍କା, ନିବାସ ବେଉରା, ସୁବ୍ରତ ଲେଙ୍କା, ବିରଞ୍ଚି ଲେଙ୍କା, ପ୍ରଭାକର ସାମଲ, ପ୍ରଭାକର ଲେଙ୍କା, ଯୋଗୀନାଥ ଲେଙ୍କା ପ୍ରମୁଖ ଭାଜପା ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ବିଜୁ ଜନତା ଦଳ ସଭାପତି ଅଜିତ କୁମାର ଧୀର, ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ବଡ଼ନାଉପୁଟ ପଞ୍ଚାୟତ ବିଜୁ ଜନତା ଦଳ ସଭାପତି ପ୍ରସନ୍ନ କୁମାର ଚୌଧୁରୀ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମୀଙ୍କୁ ସ୍ୱାଗତ କରିଥିଲେ।

# ଶାବଳରେ ପିଟି ଭାଉଜଙ୍କୁ ହତ୍ୟା

ମଙ୍ଗୁଳି-ଜଗତପୁର,୯।୪ (ମାନସ ସାମଲ)

- ଝିଆରୀ ଗୁରୁତର, ଉତ୍ତେଜନା
- ଅଭିଯୁକ୍ତ ଦିଅର ଫେରାର

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ନପଙ୍ଗ ଗ୍ରାମର ହରିଜନ ସାହିରେ ସୋମବାର ରାତିରେ ଜଣେ ମହିଳାଙ୍କୁ ତାଙ୍କ ଦିଅର ଶାବଳରେ ପିଟି ହତ୍ୟା କରିଛନ୍ତି। ମୃତା ମହିଳା ହେଲେ ମୀନା ଭୋଇ (୪୩)। ଏ ନେଇ ମୀନାଙ୍କ ସ୍ୱାମୀ ମହେଶ୍ୱର ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପାରିବାରିକ କଳହକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ଅଭିଯୋଗ ଅନୁଯାୟୀ, ରବିବାର ରାତିରେ କିଛି ଟଙ୍କାକୁ କେନ୍ଦ୍ରକରି ଭାଉଜ ମୀନା ଓ ଦିଅର ଜୟରାମଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ସୋମବାର ଅପରାହ୍ନରେ ମୀନା ଝିଅ ସହ ସ୍କୁଟିରେ ଚୌଦ୍ୱାରସ୍ଥିତ ଏକ ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କରୁ ଟଙ୍କା ନେଇ ସେମାନେ ସ୍କୁଟିରେ ଘରକୁ ଫେରୁଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜୟରାମ ଘରଠାରୁ ମାତ୍ର ୨୦ମିଟର ଦୂରରେ ଛକି ରହିଥିଲେ। ମୀନା ଓ ତାଙ୍କ ଝିଅ ସ୍କୁଟିରୁ ଓହ୍ଲାଇବା ମାତ୍ରେ ହଠାତ୍ ଜୟରାମ ଏକ ଶାବଳରେ ଉଭୟଙ୍କୁ ଆକ୍ରମଣ କରିଥିଲେ। ମୀନାଙ୍କ ମୁଣ୍ଡ ଓ ବେକରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ପାଟି ଶୁଣି ଘର ଲୋକେ ଓ ପଡୋସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଜୟରାମ ଫେରାର ହୋଇଯାଇଛନ୍ତି। ମୀନାଙ୍କ ଝିଅ ଅବସ୍ଥା ଗୁରୁତର ହେବାରୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳ ଜବତ କରିଛି। ତେବେ ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ହତ୍ୟାକାରୀଙ୍କୁ ପୋଲିସ ଗିରଫ କରିପାରିନାହିଁ। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ଏନେଇ ଥାନାଧିକାରୀ କହିଛନ୍ତି, ହତ୍ୟାକାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ପୋଲିସ ନିୟୋଜିତ କରାଯାଇଛି। ଖୁବ୍‌ଶୀଘ୍ର ତାଙ୍କୁ ଗିରଫ କରାଯିବ।

### ନନ୍ଦନକାନନରେ ୱାଲାବି ଅସୁସ୍ଥ

ବାରଙ୍ଗ,୯।୨(ଲିଙ୍ଗରାଜ ରାଉତ):

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମଙ୍ଗଳବାର ପୁଣି ଏକ ଅଣ୍ଡିରା ୱାଲାବି ଅସୁସ୍ଥ ହୋଇପଡ଼ିଛି। ଗତ କିଛିଦିନ ହେବ ୱାଲାବିଟି ଖାଇବା କମାଇ ଦେଇଛି, ଯାହାକୁ ନେଇ ପ୍ରାଣୀ ବିଭାଗର ଚିନ୍ତା ବଢ଼ିଯାଇଛି। ଡାକ୍ତରମାନେ ତା'ର ଚିକିତ୍ସା ଆରମ୍ଭ କରିଥିଲେ ସୁଦ୍ଧା ୱାଲାବିର ସ୍ୱାସ୍ଥ୍ୟରେ ଉନ୍ନତି ହୋଇନାହିଁ।

### ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷରେ ଶୋଭାଯାତ୍ରା

କଟକ,(ଶିଳ୍ପା ପ୍ରିୟଦର୍ଶିନୀ)/କଟକ ସଦର, ୯।୪(ସୁଶାନ୍ତ କୁମାର ଜେନା)

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅବସରରେ ହିନ୍ଦୁ ନବବର୍ଷ ମହୋତ୍ସବ ସମିତି ପକ୍ଷରୁ ମଙ୍ଗଳବାର କଟକରେ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ପିଠାପୁରସ୍ଥିତ ମଦନମୋହନ ମନ୍ଦିର ନିକଟରୁ ଅପରାହ୍ନ ୪ଟାରେ ବାହାରି ମାଛୁଆ ବଜାରସ୍ଥିତ ଶହୀଦ୍ ପାର୍କଠାରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏନେଇ ଭର୍ତ୍ତୃହରି କହିଛନ୍ତି, ଏହି ଦିବସକୁ ଧୁମ୍‌ଧାମ୍‌ରେ ପ୍ରତ୍ୟେକ ହିନ୍ଦୁ ପାଳନ କରୁଛନ୍ତି। ଏହି ଶୋଭାଯାତ୍ରାରେ କଟକ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନ ସାମିଲ ହୋଇଥିଲା। ପରେ ଶହୀଦ ପାର୍କଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସମିତିର ଆବାହକ ଭାଗବତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଭାବେ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ସୁରେଶ ଚନ୍ଦ୍ର ସାହୁ, ୧୯ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ବୀରେନ୍ଦ୍ର କୁମାର ସାହୁ, ସମିତି ଅଧ୍ୟକ୍ଷ ବିଶ୍ୱଜିତ୍ ସୂର୍ଯ୍ୟବଂଶୀ, ୧୬ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର କାର୍ଯ୍ୟକାରୀ ପରିଚାଳକ ପ୍ରଦୀପ କୁମାର ସାହୁ ଯୋଗଦେଇଥିଲେ। ସମିତି ସମ୍ପାଦକ ପରିକ୍ଷିତ ମହାରଣା କାର୍ଯ୍ୟକ୍ରମ ପରିଚାଳନା ଓ ସଭାପତି କିଶୋର କୁମାର ମହାନ୍ତି ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କ୍ଷୀରୋଦ କୁମାର ସାହୁ, ମାନସ ପଣ୍ଡା, ଗୌତମ ପରିଡା, ଜି. କୈଳାସ ଗୌର, ସହ ସମ୍ପାଦକ ମନୋଜ ନାୟକ, କିଶନ ଶର୍ମା, ସୁଶାନ୍ତ ଦାସ, ପ୍ରତାପ କିଶୋର ସିଂ, ରଶ୍ମିରଞ୍ଜନ ନାୟକ ଉପସ୍ଥିତ ଥିଲେ।

ପରମହଂସନାଥ ଦେବ ଉପନଗର ନୂଆବଜାର, କଟକ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ନେତାଜୀ ପଡିଆରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଥିଲା। ଏଥିରେ ଉପନଗର ସଂଘ ସଂଚାଳକ ଲଳିତେନ୍ଦୁ କାନୁନ୍‌ଗୋ, ବିଭାଗ କାର୍ଯ୍ୟବାହ ଶରତ ସେନ, ମୁଖ୍ୟବକ୍ତା ନଗର ଶାରୀରିକ ପ୍ରଶିକ୍ଷଣ ପ୍ରମୁଖ ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ ଉକ୍ତ ଦିବସର ବିଶେଷତ୍ୱ ଓ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଉପନଗର କାର୍ଯ୍ୟବାହ ପଙ୍କଜ କୁମାର ନାୟକ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ୧୧ଟି ଶାଖାର ଶତାଧିକ ସ୍ୱୟଂସେବକ ଓ ଶୁଭେଚ୍ଛୁ ଯୋଗଦେଇଥିଲେ।

# ପ୍ରକାଶ ଭାଜପା ଛାଡ଼ିବାରୁ ସମର୍ଥକ ଅସନ୍ତୁଷ୍ଟ

### ଦଳୀୟ ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ବୈଠକରେ ନିଷ୍ପତ୍ତି

ସାଲେପୁର,୯।୪ (ଅରବିନ୍ଦ ଭୂୟାଁ)



ପ୍ରକାଶ ବେହେରା ଭାଜପା ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହେବାପରେ ସାଲେପୁର ନିର୍ବାଚନ ମଣ୍ଡଳୀରେ ତାଙ୍କୁ ସମର୍ଥକମାନେ ବିରୋଧ କରିଛନ୍ତି। ଏନେଇ ସୋମବାର ଅପରାହ୍ନରେ ତାଙ୍କ ସମର୍ଥକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୋପିନାଥପୁର ମାଧବାନନ୍ଦ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଭାଜପା ନେତା କୁଞ୍ଜମୋହନ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଯୁବନେତା ରଶ୍ମିରଞ୍ଜନ ଲେଙ୍କା ନେତୃତ୍ୱ ନେଇଥିଲେ। ବୈଠକରେ ସେମାନେ ଚଳିତ ନିର୍ବାଚନରେ ସାଲେପୁର ନିର୍ବାଚନ ମଣ୍ଡଳୀରୁ ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୀର୍ଘବର୍ଷ ଧରି ପ୍ରକାଶ ସାଲେପୁର ନିର୍ବାଚନ ମଣ୍ଡଳୀରେ ଭାଜପାର ନେତୃତ୍ୱ ନେଉଥିଲେ। କିନ୍ତୁ ଚଳିତ ନିର୍ବାଚନରେ ସେ ବିଜେଡି ଦଳରେ ସାମିଲ ହୋଇ କଟକ-ବାରବାଟୀ ନିର୍ବାଚନ ଆସନରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି। ଏନେଇ ସମର୍ଥକମାନେ ଅସନ୍ତୋଷ୍ୟବ୍ୟକ୍ତ କରିଛନ୍ତି। ଏହି ବୈଠକରେ ମଣ୍ଡଳ ଭାଜପା ସଭାପତି ସରୋଜ କର, ଲକ୍ଷ୍ମୀଧର ନାଥ, ମନୋରଞ୍ଜନ ରାଉତ, ଦିଲୀପ କୁମାର ରାଉତ, ଅଞ୍ଜନ ସାହୁ, ଗଣେଶ୍ୱର ରାଉତ, ହରେକୃଷ୍ଣ ରାଉତରାୟ, ତ୍ରିଲୋଚନ ପାତ୍ର, ସୁଶାନ୍ତ କୁମାର ପଡ଼ିଆରୀ, ହେମନ୍ତ କୁମାର ଦାଶ, କରୁଣାକର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ବଡ଼ମ୍ବା ମାଟିର କଳା, ସଂସ୍କୃତି, ଐତିହ୍ୟ ଅନନ୍ୟ

### ବୃହଦମ୍ବା ବୈଶାଖୀ ମହୋତ୍ସବ ଉଦ୍‌ଘାଟିତ

ବଡ଼ମ୍ବା,୯।୪(ମାୟାଧର ମଲ୍ଲିକ ):


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

କଳା, ସଂସ୍କୃତି ଏବଂ ବାଣିଜ୍ୟ ପ୍ରତିଭାର ମହାପର୍ବ ଦ୍ୱିତୀୟ ବୃହଦମ୍ବା ବୈଶାଖୀ ମହୋତ୍ସବ ସ୍ଥାନୀୟ ବଡ଼ମ୍ବା କଲେଜ ପଡିଆରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ବାଦ୍‌ଶାହା, ବଡ଼ମ୍ବା, ମହାବୀର ବଣିକ ସଂଘ ଓ ୩ ନମ୍ବର ୱାର୍ଡର ମିଳିତ ଆନୁକୂଲ୍ୟରେ ଆୟୋଜିତ ଉକ୍ତ ମହୋତ୍ସବ ଦୀର୍ଘ ୭ ଦିନ ଧରି ଚାଲିବ। ଉଦ୍‌ଘାଟନୀ ଉତ୍ସବରେ କ୍ଲବ ବାଦଶାହା ସଭାପତି ସଞ୍ଜୟ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିବା ସହ ବଡ଼ମ୍ବା ମାଟିର କଳା, ସଂସ୍କୃତି ଓ ଐତିହ୍ୟ ଅନନ୍ୟ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ କ୍ଲବ ବାଦଶାହା ଉପଦେଷ୍ଟା ବିରଞ୍ଚି କୁମାର ଜେନା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପରମାନନ୍ଦ ସେଠୀ, ଆମ୍ବ କମିଟି ଅଧ୍ୟକ୍ଷ ପ୍ରଦୀପ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ରାଉତ, ଶିକ୍ଷାବିତ୍ ରସାନନ୍ଦ ଲେଙ୍କା, ଭବାନୀ ପ୍ରସାଦ ତରାସିଆ, ସମିତି ସଭ୍ୟା ଗୋଲାପ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ସୁମିତ କୁମାର ଶତପଥୀ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବରାଜ ପାଟଶାଣୀ, ସୁବ୍ରତ କୁମାର ପାଟଶାଣୀ, ସଞ୍ଜୟ କୁମାର ଶତପଥୀ, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅର୍ପିତା ଚୌଧୁରୀ, ଗୌତମ ଗିରି, ଆର୍ଯ୍ୟନ ଡ୍ୟାନ୍ସ ଗ୍ରୁପ, ବ୍ୟାକପ ଗ୍ରୁପଙ୍କ ସଂଗୀତ ଓ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମରେ ସୋନାଲି ଆକର୍ଷଣୀୟ ଆଙ୍କରିଂ କରିଥିଲେ।

## ସଂକ୍ଷେପରେ

### ନିଖୋଜ ଗଗନଙ୍କ ଝୁଲନ୍ତା ମୃତଦେହ ଜବତ

ଖୋର୍ଦ୍ଧା,୯।୪ (ପ୍ରଭାତ ପାଣିଗ୍ରାହୀ): ଜଟଣୀ ଥାନା ଅଧୀନ ବଡ଼ତୋଟା ଗ୍ରାମର ଗଗନ ବିହାରୀ ମହାକୁଡ଼ ଗତ ମାର୍ଚ୍ଚ ୨୮ତାରିଖ ସକାଳେ କେଉଁଆଡେ ପଳାଇଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଖୋର୍ଦ୍ଧା ଆଦର୍ଶ ଥାନା ଅଧୀନ ପାଇକତିଗିରିଆ ଓ ଗୁରୁଜଙ୍ଗ ମଝିରେ ଥିବା ଜଙ୍ଗଲ ବିଭାଗର ହାଇଟେକ ନର୍ସରୀ ଜଙ୍ଗଲରୁ ତାଙ୍କ ମୃତଦେହ ଜବତ ହୋଇଛି। ତେବେ ଶରୀରଟି ପଚି ଗନ୍ଧ ହେଉଥିବା ଜଣାପଡ଼ିଛି। ଖବରପାଇ ଆଦର୍ଶ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ପରିବାର ଲୋକଙ୍କୁ ଜଣାଇବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଅନ୍ୟପଟେ ଗଗନଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ମା'ଜାଗୁଲାଈଙ୍କ ବାସନ୍ତିକ ଦୁର୍ଗାପୂଜା ଆରମ୍ଭ

ଜଟଣୀ,୯।୪(ରବୀନ୍ଦ୍ରନାଥ ମହାକୁଡ଼): ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମସ୍ଥିତ ମା'ଜାଗୁଲାଈଙ୍କ ବାସନ୍ତିକ ଦୁର୍ଗାପୂଜା ଓ ନବରାତ୍ର ମହୋତ୍ସବ ଆରମ୍ଭ ହୋଇଛି। ମଙ୍ଗଳବାର ସକାଳେ ମାନସିକ ବ୍ରତଧାରୀ ମହିଳା ଓ ପୁରୁଷମାନେ ନୂତନ ବସ୍ତ୍ର ପରିଧାନ କରି ଜଳଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ମା'ଙ୍କ ଯଜ୍ଞ ମଣ୍ଡପରେ କଳସ ସ୍ଥାପନା ପରେ ସାଲା ମଣ୍ଡନ ସୂର୍ଯ୍ୟ ପୂଜା ହୋଇଥିଲା। ସନ୍ଧ୍ୟାରେ ମା'ଙ୍କୁ ମହାସ୍ନାନ କରାଯାଇ ପ୍ରଥମେ ଶୈଳପୁତ୍ରୀ ବେଶରେ ମା'ଙ୍କୁ ଭୂଷିତ କରାଯାଇଥିଲା। ଶ୍ରଦ୍ଧାଳୁ ମା'ଙ୍କୁ ଶୈଳପୁତ୍ରୀ ବେଶରେ ଦର୍ଶନ କରିଥିଲେ। ରାତି ୮ଟା ପରେ ମା'ଙ୍କୁ ବ୍ରାହ୍ମଚାରିଣୀ ବେଶରେ ସଜ୍ଜିତ କରାଯାଇ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଚଣ୍ଡୀପାଠ ସହିତ ମା'ଭକ୍ତଙ୍କୁ ଦର୍ଶନ ଦେବାର ମନ୍ଦିର ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା ବୋଲି ମୁଖ୍ୟ ପୂଜକ ମନୋରଞ୍ଜନ ପଣ୍ଡା କହିଛନ୍ତି। ଚିତ୍ରକର ବିଜୟ କୁମାର ପଣ୍ଡା ବେଶ କରାଇଥିବା ବେଳେ ଅଭିରାମ କର ଓ ତାଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା କର କର୍ତ୍ତାକର୍ତ୍ତୀ ଭାବେ ଦାୟିତ୍ୱ ତୁଲାଇବେ ବୋଲି କମିଟି ସମ୍ପାଦକ ଏଲ୍.ଡି ମହାନ୍ତି ସୂଚନା ଦେଇଛନ୍ତି।

### ବିଶ୍ୱଶାନ୍ତି ମହାଯଜ୍ଞ

ଟାଙ୍ଗୀ,୯।୪(ରଘୁନାଥ ସାହୁ) ଟାଙ୍ଗୀ ବ୍ଲକ ଅଚ୍ୟୁତପୁର ପଞ୍ଚାୟତ ନାଲସିଂହ ଗଡ଼ଗ୍ରାମସ୍ଥିତ ମା' ତାରିଣୀଙ୍କ ପୀଠରେ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଯାଇଛି। ସୋମବାର ଅଙ୍କୁରାରୋପଣ ପରେ ମଙ୍ଗଳବାର ଜଳଯାତ୍ରା କାର୍ଯ୍ୟକ୍ରମ ହୋଇଥିଲା। ସଙ୍କଳ୍ପଧାରୀ ମହିଳା ପୁରୁଷମାନେ ସକାଳେ ନୂତନବସ୍ତ୍ର ପରିଧାନ କରି ମଳାଗୁଣୀ ନଦୀ ନିକଟରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ କଳସରେ ନଦୀଜଳକୁ ଧାରଣକରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଘଟ ସ୍ଥାପନ ହେବାପରେ ଯଜ୍ଞକାର୍ଯ୍ୟ ଆରମ୍ଭ ହୋଇଥିଲା। ୧୦ ତାରିଖରେ ସୂର୍ଯ୍ୟପୂଜା, ଯଜ୍ଞକର୍ମ, ଶାଳାପୂଜା, ୧୧ ତାରିଖରେ ପୂର୍ଣ୍ଣାହୁତି କାର୍ଯ୍ୟ ଅନୁଷ୍ଠିତ ହେବ। ଏଥିରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ ଯଜ୍ଞ କମିଟି ପକ୍ଷରୁ ନିବେଦନ କରାଯାଇଛି।

# ପରିବେଶ ପାଇଁ ପଲିଥିନ୍ ବିପଦ

## କଟକଣା ସତ୍ତ୍ୱେ ବଢ଼ିଚାଲିଛି ବ୍ୟବହାର

ଖୋର୍ଦ୍ଧା, ୯।୪ (ପ୍ରଭାତ ପାଣିଗ୍ରାହୀ)



ପ୍ଲାଷ୍ଟିକ୍ ଏବଂ ପଲିଥିନ୍ ଲୋକଙ୍କ ଜୀବନରେ ଏକ ଅଂଶବିଶେଷ ପାଲଟିଗଲାଣି। ପଲିଥିନ୍ ବ୍ୟବହାର ଉପରେ କଟକଣା ସତ୍ତ୍ୱେ କେହି ମାନିବାକୁ ନାରାଜ। ଖୋର୍ଦ୍ଧା ସହରରେ ପ୍ଲାଷ୍ଟିକ୍ ଏବଂ ପଲିଥିନ ବ୍ୟବହାର ଉପରେ କଟକଣା କେବଳ ପ୍ରହସନ ମାତ୍ର। ଏବେ ପଲିଥିନ ପରିବେଶ ପାଇଁ ଚିନ୍ତାର କାରଣ ସାଜିଛି। ଭବିଷ୍ୟତରେ ଏହା ମାନବ ସମାଜ ନିମନ୍ତେ ଘାତକ ସାଜିବାକୁ ଯାଉଥିବା ଜାଣି ମଧ୍ୟ କେହି ସଚେତନ ହେବାକୁ ରାଜି ନୁହନ୍ତି। ରାଶନ ସାମଗ୍ରୀ, ଫଳ, ପନପରିବା ଏପରି କି ଔଷଧ ଏବଂ ଖାଦ୍ୟପଦାର୍ଥ ଲାଗି ମଧ୍ୟ ପଲିଥିନ ବ୍ୟବହାର କରାଯାଉଛି। ପରିସ୍ଥିତି ଏପରି ହେଲାଣି ଯେ ସବୁ କାମରେ ଲୋକେ ପ୍ଲାଷ୍ଟିକ୍, ପଲିଥିନ ଲୋଡୁଛନ୍ତି। ତେବେ ବ୍ୟବହାର ପରେ ତାହାକୁ ଏଣେତେଣେ ରାସ୍ତାକଡ଼ରେ ଫୋପାଡ଼ି ଦେଉଛନ୍ତି। ସେହିପରି ସହରର ଏକାଧିକ ଡ୍ରେନ୍‌ରେ ପ୍ଲାଷ୍ଟିକ, ପଲିଥିନ ଭର୍ତ୍ତିହୋଇଥିବା ବେଳେ ରାସ୍ତାକଡ଼ରେ ପଡ଼ିରହୁଛି। ଗୋରୁଗାଈ, କୁକୁର, ପଶୁପକ୍ଷୀ ଖାଦ୍ୟ ଲାଳସାରେ ଏହାକୁ ଏଣେତେଣେ ପକାଉଛନ୍ତି।

ଏଥିଯୋଗୁ ପରିବେଶ ପ୍ରଦୂଷିତ ହେବା ସହ ଜୈବବିବିଧତା ନଷ୍ଟ କରୁଛି। ସରକାରୀ କଟକଣା ସତ୍ତ୍ୱେ ଲୋକେ ଏହାକୁ ଜାବୁଡ଼ି ଧରିଥିବାରୁ ଆଗକୁ ବଡ଼ ବିପଦକୁ ଟାଣି ଆଣିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଦିନକୁ ଦିନ ସହରାଞ୍ଚଳରେ ପ୍ରଦୂଷଣ ମାତ୍ରା ବଢ଼ିଚାଲିଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ।

ପ୍ରକାଶ ଯେ, ରାଜ୍ୟ ସରକାର ପ୍ରଥମେ ୫ଟି ମହାନଗର ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା ସମେତ ପୁରୀ ସହରରେ ଏହାର ବ୍ୟବହାର ଉପରେ କଟକଣା ଜାରି କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ଜିଲାରେ ମଧ୍ୟ ଲାଗୁ କରାଯାଇଥିଲା। ପ୍ଲାଷ୍ଟିକ୍, ପଲିଥିନ ବ୍ରିକି, ଉତ୍ପାଦନ ଆମଦାନୀ, ରପ୍ତାନି କିମ୍ବା ବଣ୍ଟନ ଉପରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କଟକଣା ଜାରି କରାଯାଇଥିଲା। ତେବେ ପ୍ରଥମେ ପୌର ପ୍ରଶାସନ ପକ୍ଷରୁ ଧରପଗଡ଼ ପରେ ଏବେ ଶିଥିଳ ପଡ଼ିଯାଇଛି। ରାସ୍ତାକଡ଼ ଉଠା ଦୋକାନୀ, ଫୁଟ୍‌ପାଥ୍ ବ୍ୟବସାୟୀଙ୍କଠାରୁ ସମସ୍ତ ହୋଟେଲ, ପାନ ଦୋକାନ, ବଡ଼ ବ୍ୟବସାୟିକ ପ୍ରତିଷ୍ଠାନରେ ଖୁଲମ୍‌ଖୁଲା ଏହା ବ୍ୟବହାର କରାଯାଉଛି। ସହରସାରା ପଲିଥିନ ବ୍ୟବହାର ସତ୍ତ୍ୱେ ବିଭାଗୀୟ ଉଦାସୀନତା ଏହାକୁ ପରୋକ୍ଷରେ ପ୍ରୋତ୍ସାହିତ କରୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପଟେ ସହରର ଏକାଧିକ ଡ୍ରେନ୍‌ରେ ପ୍ଲାଷ୍ଟିକ, ପଲିଥିନ ବର୍ଷ ବର୍ଷ ଧରି ପଡିରହି ପାଣି ନିଷ୍କାସନରେ ବାଧା ସୃଷ୍ଟିକରୁଛି। ଗୋପୀନାଥ ସାହି, ଉପରସାହି, ରାଧାବଲ୍ଲଭ ସାହି ଓ ବରୁଣେଇ ସାହି, ସାମନ୍ତରାପୁର ଛକ, ଖ୍ରୀଷ୍ଟିଆନ ସାହି, ବାସେଳି ସାହି, ମାଛ ମାର୍କେଟ, ଉପଜିଲାପାଳଙ୍କ ବାସଭବନ ପଛପଟ ଆଦି ସାହିର ନାଳରେ ବର୍ଷ ବର୍ଷ ଧରି ପ୍ଲାଷ୍ଟିକ୍ ଓ ପଲିଥିନ ଜମିରହିଛି। ଫଳରେ ବର୍ଷା ହେଲେ ଖୋର୍ଦ୍ଧା ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ବର୍ଷାଦିନ ପୂର୍ବରୁ ନାଳରେ ଜମିରହିଥିବା ପ୍ଲାଷ୍ଟିକ୍, ପଲିଥିନ ବାହାର କରାଯିବା ଲାଗି ସାଧାରଣରେ ଦାବି ହେଉଛି।





ଜଟଣୀ କୁଦିଆରୀସ୍ଥିତ ମା' ଜାଗୁଲାଈଙ୍କ ଶୈଳପୁତ୍ରୀ ଓ ବ୍ରହ୍ମଚାରିଣୀ ବେଶ।



ରାମେଶ୍ୱର ପଞ୍ଚାୟତସ୍ଥିତ ମା' ବନଦୁର୍ଗାଙ୍କ ଶୈଳପୁତ୍ରୀ ବେଶ।

# ଧରାପଡ଼ିଲେ ୩ ବ୍ରାଉନ୍‌ସୁଗାର ବେପାରୀ




## ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର, ମୋବାଇଲ, ବାଇକ୍ ଓ ଟଙ୍କା ଜବତ

ଜଟଣୀ, ୯।୪ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ଥାନା ପୋଲିସ ମଙ୍ଗଳବାର ୩ ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଜିଲା ପିପିଲି ଥାନା ଅଧୀନ ଜୟପୁରକିଲା ଅଞ୍ଚଳର ସବୀର ଅଲି ଖାନ୍ ଓରଫ୍ ସବୀର(୪୦), ଜଟଣୀ ଥାନା ରଥିପୁର ଗ୍ରାମ ବଡ଼ିମସ୍‌ଜିଦ୍ ସାହିର ଜମିର ଖାନ୍ ଓରଫ୍ ଜମିର(୩୦) ଏବଂ ରଥିପୁର ଟାଙ୍ଗୀସାହିର ମହମ୍ମଦ ରାଜୁ ଓରଫ୍ ରାଜୁ(୨୮)। ଏମାନଙ୍କ ନିକଟରୁ ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର, ୨ଟି ମୋବାଇଲ ଫୋନ୍, ଦୁଇଟି ବାଇକ୍ ଏବଂ ୮୫୦ ଟଙ୍କା ଜବତ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫୭/୨୪)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ କହିଛନ୍ତି। ସୂଚନା ମୁତାବକ, କୁଦିଆରୀ ମାଲ୍‌ଗୋଦାମ ଠାରେ ବ୍ରାଉନ୍‌ସୁଗାର ବେପାର ପାଇଁ ଉପରୋକ୍ତ ଅଭିଯୁକ୍ତମାନେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ବେପାରୀମାନଙ୍କୁ ଗିରଫ କରିବା ସହ ବ୍ରାଉନ୍‌ସୁଗାର, ଟଙ୍କା, ବାଇକ୍ ଓ ମୋବାଇଲ ଆଦି ଜବତ କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତମାନେ ଦୋଷ ସ୍ୱୀକାର କରିବା ସହିତ ଉକ୍ତ ନିଶା ସାମଗ୍ରୀ ବାଲେଶ୍ୱର ଅଞ୍ଚଳରୁ ଆଣି ଜଟଣୀ ଏବଂ ଆଖପାଖ ଅଞ୍ଚଳ ଏବଂ କଲେଜ ପଢୁଥିବା ଯୁବକଙ୍କୁ ବିକ୍ରି କରିବା ପାଇଁ ଅପେକ୍ଷା କରିଥିଲେ ବୋଲି କହିଥିଲେ।

### ଶୈଳପୁତ୍ରୀ ବେଶରେ ଦର୍ଶନ ଦେଲେ ବନଦୁର୍ଗା

ନିରାକାରପୁର,୯।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତରେ ଥିବା ମା' ବନଦୁର୍ଗାଙ୍କ ପୀଠରେ ବାସନ୍ତିକ ଚୈତ୍ର ନବରାତ୍ରର ପ୍ରଥମ ଦିବସରେ ଶୈଳପୁତ୍ରୀ ବେଶରେ ମା' ଦର୍ଶନ ଦେଇଛନ୍ତି। ସକାଳେ ମଙ୍ଗଳ ଆଳତି, କଳସ ପୂଜା, ସୂର୍ଯ୍ୟପୂଜା, ପଞ୍ଚଦେବତା ପୂଜା, ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀ ପାଠ, ସନ୍ଧ୍ୟା ବାଲଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଡ. କୃପାସିନ୍ଧୁ ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ ପଣ୍ଡିତ ତପନ କୁମାର ମହାପାତ୍ର ସହଯୋଗ କରିଥିଲେ। ସାମାଜିକ କର୍ମୀ ଦିଲୀପ କୁମାର ସାହୁ, ଲିଙ୍ଗରାଜ ଜେନାଙ୍କ ସମେତ ବହୁ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଦିବ୍ୟବେଶ ଦର୍ଶନ କରିଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ ନେଇ ଅସନ୍ତୋଷ

ବେଗୁନିଆ,୯।୪(ସନ୍ଧ୍ୟାରାଣୀ ମିଶ୍ର)

ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘର ବାହାରକୁ ପାଦ କାଢ଼ିବାକୁ ଡରୁଛନ୍ତି। ରାସ୍ତାଘାଟ ଶୁନ୍‌ଶାନ୍ ହୋଇପଡୁଛି। ଏହି ସମୟରେ ବେଗୁନିଆ ବ୍ଲକ ଅଞ୍ଚଳରେ ଅଘୋଷିତ ବିଦ୍ୟୁତ୍ କାଟ ଓ ଲୋ ଭୋଲ୍‌ଟେଜ୍ ଯୋଗୁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ବର୍ଷା ଆସିବା ପୂର୍ବରୁ ବିଦ୍ୟୁତ୍ ସଂଯୋଗ କାଟିଦିଆଯାଉଛି। ଏପରି କି ବର୍ଷା ନ ହେଲେ ମଧ୍ୟ ଘଣ୍ଟା ଘଣ୍ଟା ଧରି ବଦ୍ୟୁତ୍ କଟାଯାଉଥିବା ନଜିର ରହିଛି। ବିଦ୍ୟୁତ୍ ବିତରଣ କମ୍ପାନୀ ଉପଭୋକ୍ତାଙ୍କଠାରୁ ଠିକ୍ ସମୟରେ ବିଲ୍ ଆଦାୟ କରୁଥିବା ବେଳେ ସେବା ଦେବା କ୍ଷେତ୍ରରେ ସେତିକି ତତ୍ପରତା ପ୍ରକାଶ କରୁନାହିଁ। ବେଗୁନିଆ ବିଦ୍ୟୁତ୍ ଉପଖଣ୍ଡ ଅଧୀନରେ ୪ଟି ବିଦ୍ୟୁତ୍ ସେକ୍ସନ ବେଗୁନିଆ,ବାଘମାରୀ, ସୁନାଖଳା ଏବଂ କଳାପଥର ଥିବା ବେଳେ ଖୋର୍ଦ୍ଧା ଏବଂ ଜଙ୍କିଆ ସେକ୍ସନ ଅଧୀନରେ କେତେକ ଗ୍ରାମ ରହିଛି। ବିଶେଷକରି ସକାଳେ ଏବଂ ସନ୍ଧ୍ୟାରେ ବିଦ୍ୟୁତ୍ କାଟ୍ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅଞ୍ଚଳବାସୀଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇଦେବା କ୍ଷେତ୍ରରେ ବିତରଣ କମ୍ପାନୀ ଓ ପ୍ରଶାସନ ଦୃଷ୍ଟିଦେବାକୁ ଶିକ୍ଷାବିତ୍ ଭଗବାନ ପଣ୍ଡା, ଆଇନଜୀବୀ ପ୍ରଦୀପ୍ତ କୁମାର ମଙ୍ଗରାଜ, ସାମାଜିକ କର୍ମୀ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଦାବି କରିଛନ୍ତି।

# ରାଷ୍ଟ୍ରୀୟ ନବବର୍ଷ ଭାରତର ଅସ୍ମିତା

ଖୋର୍ଦ୍ଧା, ୯।୪ (ପ୍ରଭାତ ପାଣିଗ୍ରାହୀ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍ଏସ୍) ଖୋର୍ଦ୍ଧା ଶାଖା ଆନୁକୂଲ୍ୟରେ ମଙ୍ଗଳବାର ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ବିଜେବି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଆଦ୍ୟ ସରସଂଘ ଚାଳକ ପ୍ରଣାମ ଦେଇଥିଲେ। ଜିଲା ସଂଘଚାଳକ ନିରଞ୍ଜନ ସାହୁ, ନଗର ସଂଘଚାଳକ କିଶୋର ଚନ୍ଦ୍ର ବରାଳ ଅତିଥି ଏବଂ ସହ ନଗର ସଂଘଚାଳକ ସତ୍ୟବାନ ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଭାରତ ମାତାର ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଧ୍ୱଜବନ୍ଦନା ପରେ ମୁଖ୍ୟବକ୍ତା ରାଷ୍ଟ୍ରୀୟ ନବବର୍ଷର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ରାଷ୍ଟ୍ରୀୟ ନବବର୍ଷ ଭାରତୀୟ ଅସ୍ମିତା, ସଂସ୍କୃତି, ପରମ୍ପରାର ପ୍ରତୀକ। ଆଜିର ଦିନରେ ବ୍ରହ୍ମାଙ୍କ ଦ୍ୱାରା କାଳଗଣନା ପ୍ରାରମ୍ଭ ଓ ଯୁଗାପବ୍ଦ ଆରମ୍ଭ, ଭଗବାନ ରାମଚନ୍ଦ୍ରଙ୍କ ରାଜାଭିଷେକ, ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ଶକାବ୍ଦ ଓ ଶାଳିବାହାନବ୍ଦ ଗଣନା ଆରମ୍ଭ, ମହର୍ଷି ଦୟାନନ୍ଦଙ୍କ ଦ୍ୱାରା ଆର୍ଯ୍ୟସମାଜ ପ୍ରତିଷ୍ଠା, ଦେବୀ ଦୁର୍ଗାଙ୍କ ନବଦିନାତ୍ମକ ପୂଜା ଆରମ୍ଭ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଂସ୍ଥାପକ ଡ. କେଶବ ବଳିରାମ ହେଡ୍‌ଗୱାରଙ୍କ ଜନ୍ମଦିବସ, ସନ୍ଥ ଝୁଲେଲାଲଙ୍କ ଜନ୍ମ, ଏହି ସମୟରେ ମହାରାଷ୍ଟ୍ରରେ ଗୁଡିପଡ୍‌ୱା, କର୍ନାଟକରେ ଯୁଗାଡି, ଉତ୍ତର ଭାରତରେ ବୈଶାଖୀ, ଆନ୍ଧ୍ର ଓ ତେଲଙ୍ଗାନାରେ ଉଗାଡି, ଗୋଆ ଓ କେରଳରେ ସମ୍ବସର ପାଡୁଆ, କଶ୍ମୀରରେ ନଭରେହ, ମଣିପୁରରେ ସାଜିବୁ ନୋଙ୍ଗମା ପାନବା ଭାବେ ନବବର୍ଷ ପାଳନ କରାଯାଇଥାଏ। ଗଣିତଜ୍ଞ ଭାସ୍କରାଚାର୍ଯ୍ୟ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଦିନ, ମାସ ଏବଂ ବର୍ଷ ହିସାବ କରି ହିନ୍ଦୁ ପଞ୍ଜିକା ରଚନା କରିଥିଲେ। ଚୈତ୍ର ଶୁକ୍ଳ ପ୍ରତିପଦାରୁ ଅନେକ ସ୍ଥାନରେ ପଞ୍ଜିକା ଆରମ୍ଭ ହୋଇଥାଏ। ବର୍ଷସାରା ପର୍ବ ଉତ୍ସବ ଏବଂ ରୀତିନୀତିରେ ଶୁଭ ସମୟ ସ୍ଥିର ହୋଇଥାଏ। ତେଣୁ ଏହି ଦିନକୁ ଭାରତୀୟ ନବବର୍ଷ ଭାବେ ପାଳନ କରାଯାଉଛି। ବ୍ୟକ୍ତି ସ୍ୱାର୍ଥ ଅପେକ୍ଷା ମୁଁ ଯାହାକିଛି କରିବି, ତାହା ସମାଜ ଏବଂ ରାଷ୍ଟ୍ର ସ୍ୱାର୍ଥ ପାଇଁ ସଙ୍କଳ୍ପ ନେବାକୁ ଆହ୍ୱାନ କରିଥିଲେ।

### ଶୋଭାଯାତ୍ରାରେ ଉପାସନାଙ୍କ ଶକ୍ତି ପ୍ରଦର୍ଶନ

କୃଷ୍ଣପ୍ରସାଦ,୯।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର ପ୍ରାର୍ଥୀ ପ୍ରଚାର ଆରମ୍ଭ କରିଦେଲେଣି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଉପାସନା ମହାପାତ୍ର ବାଇକ୍ ଶୋଭାଯାତ୍ରା ମାଧ୍ୟମରେ ତାଙ୍କ ଶକ୍ତି ପ୍ରଦର୍ଶନ କରିଛନ୍ତି। ଜହ୍ନିକୁଦାଠାରୁ ତିଛଣ ଯାଏ ସମର୍ଥକଙ୍କ ସହ ଆସିଥିଲେ। ପରେ ଗ୍ରାମର ଏକ କ୍ଲବଘରେ ବୁଲୁ ଦାଶଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ବରିଷ୍ଠ ନେତା ରଘୁନାଥ ବଡୁ, ମଣ୍ଡଳ ସଭାପତି ଦୀନବନ୍ଧୁ ଜେନା, ସଂଗ୍ରାମ କେଶରୀ ଜେନା, ମିଟୁ ସାମନ୍ତସିଂହାର, ସୁରେନ୍ଦ୍ର ବିଶ୍ୱାଳ, ପ୍ରଦୀପ ଜେନା ପ୍ରମୁଖ ଯୋଗଦେଇ ବିପୁଳ ସଂଖ୍ୟାରେ ଉପାସନାଙ୍କୁ ଭୋଟ ଦେବାକୁ ନିଷ୍ପତ୍ତି ନେଇଥିଲେ। ସେବା କରିବାର ସୁଯୋଗ ମିଳିଲେ ସାତପଡ଼ା-ଜହ୍ନିକୁଦା ଚିଲିକାରେ ଏକ ସ୍ଥାୟୀ ସେତୁ ନିର୍ମାଣ ତାଙ୍କର ପ୍ରଥମ କାର୍ଯ୍ୟ ହେବ ବୋଲି ଉପାସନା କହିଥିଲେ।

### ସପ୍ତଚଣ୍ଡୀ ଯଜ୍ଞ ପୂର୍ଣ୍ଣାହୁତି

ବୋଲଗଡ଼,୯।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ମା' ରାମଚଣ୍ଡୀଙ୍କ ମନ୍ଦିର ପରିସରରେ ତିନିଦିନ ଧରି ଚାଲିଥିବା ସପ୍ତଚଣ୍ଡୀ ଯଜ୍ଞର ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଛି। ରବିବାର ଅଧିବାସ ଓ ଅଙ୍କୁରାରୋପଣ, ସୋମବାର ଜଳଯାତ୍ରା, ଶାଳାପୂଜା, ଅଗ୍ନି ସ୍ଥାପନ ଓ ମଙ୍ଗଳବାର ସୂର୍ଯ୍ୟପୂଜା, ଗୋପୂଜା, ଶାଳାପୂଜା ଓ ପୂର୍ଣ୍ଣାହୁତି ହୋଇଥିଲା। ପଣ୍ଡିତ ରମେଶ ଚନ୍ଦ୍ର କରଙ୍କ ସମେତ ପଣ୍ଡିତ ଭବାନୀ ଶଙ୍କର ମିଶ୍ର, ଅମ୍ରିତ୍ କୁମାର କର, ଲକ୍ଷ୍ମୀଧର ପ୍ରହରାଜ, ଚକ୍ରଧର ମହାପାତ୍ର, ପ୍ରମୋଦ କୁମାର ମହାପାତ୍ର, ମା' ରାମଚଣ୍ଡୀଙ୍କ ସେବାସୀ ପ୍ରମୁଖ ବୈଦିକ ରୀତିନୀତି ଅନୁସାରେ ଯଜ୍ଞ ଦାୟିତ୍ୱ ନିର୍ବାହ କରିଥିଲେ। କର୍ତ୍ତା ଭାବେ ତ୍ରିନାଥ ମହାପାତ୍ର ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ବାଙ୍କୋଇ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମୁକୁଳା ପଡ଼ିଛି ବିଦ୍ୟୁତ୍ ଟ୍ରାନ୍ସଫର୍ମର

## ସୁରକ୍ଷା ପାଚେରି ନିର୍ମାଣ ଦାବି

ବେଗୁନିଆ,୯।୪ (ସନ୍ଧ୍ୟାରାଣୀ ମିଶ୍ର)



ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ଫଳରେ ଅନେକ ସମୟରେ ଧନଜୀବନ ହାନି ହେଉଥିବା ବେଳେ ଏହାର ସୁରକ୍ଷା ବାଡ଼ ନିର୍ମାଣ କରାଯିବା ଲାଗି ସ୍ଥାନୀୟ ସଚେତନ ନାଗରିକମାନେ ଦାବି କରିବା ସହ ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟିଦେବାକୁ ନିବେଦନ କରିଛନ୍ତି। ସିମୋର-ବାଘମାରୀ ପୂର୍ତ୍ତ ବିଭାଗ ରାସ୍ତାର ଦିନିଆରୀ ଛକ ନିକଟ ରାସ୍ତାପାର୍ଶ୍ୱରେ ମୁକୁଳା ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି। ସେହିପରି ଗଅଁପୁର-କଣ୍ଟାମଲିମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ଥିବାରୁ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ସୃଷ୍ଟି କରିଛି। ତୁରନ୍ତ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ପାଚେରି ସହିତ ଆବଶ୍ୟକ ଉପକରଣ ଲଗାଯାଇ ଆବଦ୍ଧ କରାଯାଉ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବେଗୁନିଆ ଟିପିସିଓଡିଏଲ୍‌ର ଉପଖଣ୍ଡ ଅଧିକାରୀ ଇଞ୍ଜିନିୟର ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ କହିଛନ୍ତି, ମୁକୁଳା ଅବସ୍ଥାରେ ଟ୍ରାନ୍ସଫର୍ମରଗୁଡ଼ିକ ରହିଛି ବୋଲି ଜାଣି ନ ଥିଲି। ଖୁବ୍‌ଶୀଘ୍ର ଉକ୍ତ ସ୍ଥାନଗୁଡ଼ିକ ଆବଦ୍ଧ କରାଯିବା ଲାଗି ପଦକ୍ଷେପ ନିଆଯିବ।

# ଶ୍ରୀଜଗନ୍ନାଥ ମହୋତ୍ସବ ଉଦ୍‌ଘାଟିତ



ମହୋତ୍ସବରେ ପ୍ରଦର୍ଶିତ ମହାପ୍ରଭୁଙ୍କ ବିଭିନ୍ନ ବେଶ।

ବେଗୁନିଆ,୯।୪(ହରପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆରେ 'ଶ୍ରୀଜଗନ୍ନାଥ' ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ପୁରୀ ଶ୍ରୀମନ୍ଦିରସ୍ଥିତ ଶ୍ରୀଜଗନ୍ନାଥଙ୍କ କୁଳ ପୁରୋହିତ ଡ. ସିଦ୍ଧେଶ୍ୱର ମହାପାତ୍ର ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମା' କାଳିକା ଦେବୀ ମନ୍ଦିର ପରିଚାଳନା ସମିତି ଏବଂ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଆୟୋଜିତ ମହୋତ୍ସବ ସଦର ମହକୁମାସ୍ଥିତ ମା' ଦୁର୍ଗାଦେବୀଙ୍କ ପଡ଼ିଆ ପରିସରରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୋଇଛି। ପଡ଼ିଆ ପରିସରରେ ପ୍ରଦର୍ଶିତ ହୋଇଥିବା ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥଙ୍କ ୨୪ ପ୍ରକାରର ବେଶ, ଲାଗି ହେଉଥିବା ୫୬ ପ୍ରକାର ଭୋଗ ଏବଂ ଶ୍ରୀଅଙ୍ଗ ଲାଗି ବସ୍ତ୍ର ଆକର୍ଷଣ ସାଜିଛି। ପ୍ରକାଶ ଯେ, ମଙ୍ଗଳବାର ପୂର୍ବାହ୍ନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମରୁ ଆଜ୍ଞାମାଳ ଆସିବା ପରେ ବେଗୁନିଆ ବଡ଼ସାହିସ୍ଥିତ ଦଧିବାମନ ଦେବଙ୍କ ପୀଠ ପରିସରରେ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନ ୩ଟାରେ ଆଜ୍ଞାମାଳକୁ ବିଧି ମୁତାବକ ଶୋଭାଯାତ୍ରାରେ ଗ୍ରାମ ଓ ବଜାର ପରିକ୍ରମା କରାଯିବା ପରେ ମହୋତ୍ସବ ପଡ଼ିଆକୁ ଶ୍ରଦ୍ଧାଳୁମାନେ ପାଛୋଟି ନେଇଥିଲେ। ଭକ୍ତମାନେ କଳସ ଶୋଭାଯାତ୍ରାରେ ଆସି ଯଜ୍ଞବେଦିରେ ଘଟ ସ୍ଥାପନ କରିଥିଲେ। ପୁରୋହିତଙ୍କ ଯଜ୍ଞବିଧି ମୁତାବକ ମନ୍ତ୍ର ଉଚ୍ଚାରଣ ପରେ ବୈଦିକ ମହାଯଜ୍ଞ ଓ ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ସନ୍ଧ୍ୟା ୬ଟାରୁ ବକ୍ତାମାନେ ଶ୍ରୀଜଗନ୍ନାଥଙ୍କ କଥାମୃତ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ବୁଝାଇଥିଲେ।

### ତ୍ରୟୋଦଶ ଶମ୍ଭୁ ଦଣ୍ଡ ମିଳନ ଆଜି

ନିରାକାରପୁର,୯।୪ (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତରେ ବୁଧବାର ତ୍ରୟୋଦଶ ଶମ୍ଭୁ ଦଣ୍ଡ ମିଳନ କମିଟି ପକ୍ଷରୁ ନିରାକାରପୁର ହାଇସ୍କୁଲ ପରିସରରେ ୫ମ ବାର୍ଷିକ ଦଣ୍ଡ ମିଳନ ଉତ୍ସବ ଅନୁଷ୍ଠିତ ହେବ। ଏରେ ନିରାକାରପୁରର ନୀଳକଣ୍ଠେଶ୍ୱର ଦେବ, ଲେଣ୍ଡୋର ଚନ୍ଦନେଶ୍ୱର ଦେବ, ଅରାଞ୍ଚଳର ଗ୍ରାମେଶ୍ୱର ଦେବ, ବାଦୁରାବରର କୁମୁଦେଶ୍ୱର ଦେବ, ଆସେଳି ଅଞ୍ଚଳର ଚନ୍ଦନେଶ୍ୱର ଦେବ, ହଜ ଅଞ୍ଚଳର ନଟେଶ୍ୱର ଦେବ, କପିଳେଶ୍ୱରପୁରର କପିଳେଶ୍ୱର ଦେବ, ମୁକୁନ୍ଦପୁରର ଈଶାନେଶ୍ୱର ଦେବ, ସୋରଡ଼ପୁରର କପିଳେଶ୍ୱର ଦେବ, ଗୁଣ୍ଠୁଣିର ଶ୍ରୀକୃଷ୍ଣେଶ୍ୱର ଦେବ, ପାଣ୍ଡପାଟଣାର କପିଳେଶ୍ୱର ଦେବ, ରମାବିଲିର ନୀଳକଣ୍ଠେଶ୍ୱର ଦେବ ଯୋଗଦେବେ। ଏହି ଅବସରରେ ଠାକୁରମାନେ ପ୍ରଥମେ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଏକତ୍ରିତ ହେବେ। ସେଠାରୁ ଶୋଭାଯାତ୍ରାରେ ଆସି ହାଇସ୍କୁଲ ପଡ଼ିଆରେ ଦଣ୍ଡ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ହୃଷୀକେଶ ରାଉତରାୟ, ବିପିନ ରାଉତରାୟ, କୈଳାସ ଚନ୍ଦ୍ର ରାଉତରାୟ, ବିଜୟ ଜୟସିଂହ ପ୍ରମୁଖ ପ୍ରକାଶ କରିଛନ୍ତି।

# 'ରାଷ୍ଟ୍ର ପ୍ରତି ସମର୍ପିତ ହୁଅନ୍ତୁ'

ଖୋର୍ଦ୍ଧା,୯।୪(ପ୍ରଭାତ ପାଣିଗ୍ରାହୀ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ସଂସ୍କୃତି ସୁରକ୍ଷା ସମିତି ଆନୁକୂଲ୍ୟରେ ରାଷ୍ଟ୍ରୀୟ ନବବର୍ଷ ସମାରୋହ ଶିଶୁମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ତଥା ଆରଏସଏସ ପ୍ରାନ୍ତ ସହସେବା ପ୍ରମୁଖ ବେଲେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜେନ୍ଦ୍ର ନରେନ୍ଦ୍ର ଯୋଗଦେଇଥିଲେ। ବିଭାଗ ଘୋଷ ପ୍ରମୁଖ ତଥା ଆରଏସଏସ ପ୍ରାନ୍ତ କାର୍ଯ୍ୟକାରିଣୀ ସଦସ୍ୟ ଗିରିଜା ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମଗ୍ର ବିଶ୍ୱକୁ ଭାରତ ବସୁଧୈବ କୁଟୁମ୍ବକମ, ସର୍ବେ ଭବନ୍ତୁ ସୁଖିନହ ବାର୍ତ୍ତା ଦେଇ ଆସିଛି। ନିଜକୁ ଭାରତୀୟ ବୋଲି ଗର୍ବ କରନ୍ତୁ। କେବଳ ନିଜେ, ନିଜ ପରିବାର ନୁହଁ ସମସ୍ତଙ୍କ ମଙ୍ଗଳ ଚିନ୍ତନ କରନ୍ତୁ। ଜଣେ ସଚେତନ ନାଗରିକଭାବେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁଭାବେ ପାଳନ କରନ୍ତୁ। ରାଷ୍ଟ୍ର ପ୍ରତି ସମର୍ପିତ ହୁଅନ୍ତୁ। ରାଷ୍ଟ୍ର ପାଇଁ ଏକ ଘଣ୍ଟା ସମୟ ଦିଅନ୍ତୁ ବୋଲି କହିଥିଲେ। ସଭାପତିତ୍ୱ ଭାଷଣରେ ସାହୁ କହିଥିଲେ, ଭାରତ ବର୍ଷର ମହାନ ସଂସ୍କୃତି ପରମ୍ପରା ହଜିବାକୁ ବସିଛି। ଆମ ସଂସ୍କୃତି ଠାରୁ ବିମୁଖ ହୋଇ ପାଶ୍ଚାତ୍ୟ ସଂସ୍କୃତିକୁ ଯାବୁଡି ଧରୁଛୁ। ସଂସ୍କୃତି ଆମ ପରିଚୟ। ଏହା ହଜିଲେ ଅସ୍ତିତ୍ୱ ହଜିଯିବ ବୋଲି କହିଥିଲେ। ସମିତି ସମ୍ପାଦକ ସ୍ୱାଗତ ଭାଷଣ ସହ ପ୍ରଶାନ୍ତ ବେହେରା ବିବରଣୀ ପାଠ କରିଥିଲେ। ସିଦ୍ଧେଶ୍ୱର ସିଂହ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଭକ୍ତି ସଙ୍ଗୀତ, ଦେଶାତ୍ମବୋଧକ ସଙ୍ଗୀତ, ଓଡ଼ିଶୀ ଏକକ, ଦଳଗତ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା।

**ନୂଆ ଗାଁ ଆତ୍ମାରାମ ବାଳାଶ୍ରମରେ ରାଷ୍ଟ୍ରୀୟ ନବବର୍ଷ**

ଚାରିଛକ,(ଶିଶିର ସ୍ୱାଇଁ): ଚାରିଛକ ଥାନା ଅଧୀନ ନୂଆ ଗାଁ ଆତ୍ମାରାମ ବାଳା ଆଶ୍ରମ ଶ୍ରୀରାମ ମନ୍ଦିର ପରିସରରେ ଆଶ୍ରମର ଗଣେଶ ବାବା ନେତୃତ୍ୱରେ ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ଏହି ରାଷ୍ଟ୍ରୀୟ ନବବର୍ଷରେ ଆଶ୍ରମ ପରିସରରେ ଏକ ସତ୍ସଙ୍ଗ ସହିତ ନାମ କୀର୍ତ୍ତନ, ଗୀତା, ଭାଗବତ ପାଠ କରାଯିବା ସହ ଆଧ୍ୟାତ୍ମିକ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଚାରିଛକ ଅଞ୍ଚଳର ସାମାଜିକ କର୍ମୀ ତଥା ଆଇଆରଏସ୍ ଚନ୍ଦ୍ରକାନ୍ତ ଦଳାଇ, ପରିବେଶ ପ୍ରେମୀ ଡ. କେଦାରନାଥ ସାହୁ, ମନସ୍ୱିନୀ ସ୍ୱାଇଁ, ଚାରିଛକ ପ୍ରେସ କ୍ଲବ ସଭାପତି ଶିଶିର ସ୍ୱାଇଁ, ଭକ୍ତ ବିପିନ ବିହାରୀ ମହାନ୍ତି, ବିନୋଦ ପ୍ରଧାନ, ବସନ୍ତ ମଲ୍ଲ ସହିତ ଶତାଧିକ ଭକ୍ତ ଉପସ୍ଥିତ ଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୪।୨୦୨୪

| | |
|---|---|
| ୩,୯୫,୯୫୮ ଟଙ୍କା | |
| ସୁନା | ୧୨୦ ମିଲିଗ୍ରାମ |
| ରୁପା | ୧୫.୭୫୦ ଗ୍ରାମ |

# ପରମ୍ପରା, ସଂସ୍କୃତି, ରୀତିନୀତି ଅକ୍ଷୁଣ୍ଣ ରଖିବାକୁ ବାର୍ତ୍ତା

### ରାଷ୍ଟ୍ରୀୟ ନବବର୍ଷ ପାଳିତ

ପୁରୀ,୯।୪(ଅଜିତ୍ ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ପକ୍ଷରୁ ମଙ୍ଗଳବାର ରାଷ୍ଟ୍ରୀୟ ନବବର୍ଷ ପାଳନ କରାଯାଇଛି। ରାଷ୍ଟ୍ରୀୟ ନବବର୍ଷ ଚୈତ୍ରଶୁକ୍ଳ ପ୍ରତିପଦା ସୃଷ୍ଟିର ଆରମ୍ଭ ଦିବସକୁ ଭାରତୀୟ ପରମ୍ପରା ସଂସ୍କୃତି ଏବଂ ରୀତିନୀତି ଅକ୍ଷୁଣ୍ଣ ରଖିବା ପାଇଁ ଜନସାଧାରଣଙ୍କୁ ସଚେତନର ବାର୍ତ୍ତା ପହଞ୍ଚାଇଛି ପ୍ରଚାର ସମିତି। ଏହି ପରିପ୍ରେକ୍ଷୀରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଗୋବର୍ଦ୍ଧନ ପୀଠ ପରିସରରୁ ଆଦିତ୍ୟବାହିନୀ, ପ୍ରଜାପିତା ବ୍ରହ୍ମାକୁମାରୀ, ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବିଦ୍ୟାଭାରତୀ, ସଂସାର ଭାରତୀ, ଭାରତୀୟ ମଜଦୁର ସଂଘ, ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ତଥା ଧାର୍ମିକ ଅନୁଷ୍ଠାନ ତରଫରୁ ସିଂହଦ୍ୱାରଠାରୁ ଭବ୍ୟ ଶୋଭାଯାତ୍ରାରେ ବାହାରି ମୁକ୍ତାକାଶ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ସମିତିର ସଭାପତି ମହାବୀର ରୁଦ୍ରନାରାୟଣ ସାହୁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଅରବିନ୍ଦ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୂର୍ବ କ୍ଷେତ୍ରର କ୍ଷେତ୍ରୀୟ କାର୍ଯ୍ୟବାହ ଦୁର୍ଗା ପ୍ରସାଦ ସାହୁ ରାଷ୍ଟ୍ରୀୟ ନବବର୍ଷର ଐତିହ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୂର୍ବତନ ନିର୍ଦ୍ଦେଶକ ଲଳିତ କୁମାର ସାହୁ ଯୋଗଦେଇ ଚୈତ୍ର ଶୁକ୍ଳ ପ୍ରତିପଦାକୁ ହିନ୍ଦୁ ନବବର୍ଷ ଭାବେ ପାଳନ କରିବାକୁ ସନ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବାଗ୍ମୀ ପ୍ରିୟମ୍ବଦା ଦାଶ ଏବଂ ସାମାଜିକ ସଦ୍‌ଭାବନା ପ୍ରାନ୍ତୀୟ କାର୍ଯ୍ୟକାରୀ ସଦସ୍ୟ ରାଜକିଶୋର ସାହୁ ଯୋଗଦେଇଥିଲେ। ଏହି ଅବସରରେ ୧୯୯୨ ଅଯୋଧ୍ୟା ଯାଇଥିବା କାର ସେବକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମସ୍ତ କୃତୀ ପ୍ରତିଭାଗୀମାନଙ୍କୁ କଳାପାଇଁ ପ୍ରତିଭାସମ୍ମାନ ଓ ମାନପତ୍ର ଦିଆଯାଇଥିଲା। ସେହିପରି ବିଭିନ୍ନ ଅନୁଷ୍ଠାନ ଓ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ 'ରାମ୍ ଆଏଙ୍ଗେ', ପାରମ୍ପରିକ ଓଡ଼ିଶୀ ନୃତ୍ୟ, ଯୋଗ ପିରାମିଡ୍, ବ୍ୟାୟାମ ଯୋଗ, ଶେଷରେ ମ୍ୟାଜିକ୍ ଶୋ' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ପୁରୁଷୋତ୍ତମ ନାୟକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା ବିକାଶ ଦତ୍ତ କରିଥିଲେ। ଶେଷରେ ରଞ୍ଜନ କୁମାର ମହାରଣା ଧନ୍ୟବାଦ ଦେଇଥିଲେ।



ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ମୁକ୍ତାକାଶ ରଙ୍ଗମଞ୍ଚରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ୮ ଦିନରେ ୨୬.୭୩ ଲକ୍ଷ ଟଙ୍କା ଜରିମାନା ଆଦାୟ

### ପୁରୀ ଆଞ୍ଚଳିକ ପରିବହନ ବିଭାଗର ସ୍ପେଶାଲ୍ ଡ୍ରାଇଭ

ପୁରୀ,୯।୪( ଅଜିତ୍ ମହାନ୍ତି)

ପୁରୀ ଆଞ୍ଚଳିକ ପରିବହନ ବିଭାଗ ଓ ପୋଲିସର ମିଳିତ ସହଯୋଗରେ ସଦର ମହକୁମାର ବାସେଳି ସାହି ସମେତ ଜିଲାର ବିଭିନ୍ନ ସ୍ଥାନରେ ଗତ ୧ତାରିଖଠାରୁ ୮ ତାରିଖ ପର୍ଯ୍ୟନ୍ତ ଅଚାନକ ଚଢାଉ କରାଯାଇଥିଲା। ଏହି ସ୍ପେଶାଲ ଡ୍ରାଇଭ ସମୟରେ ୧୩ ଜଣ ମଦ୍ୟପ ଚାଳକ ଓ ସେମାନଙ୍କ ଗାଡ଼ିକୁ କୋର୍ଟଚାଲାଣ କରାଯାଇଛି। ଏଥିସହିତ ବିନା ହେଲମେଟରେ ୯୩ ଜଣ, ଗାଡ଼ି ଚଳାଇବାବେଳେ ମୋବାଇଲ ଫୋନ ବ୍ୟବହାର କରୁଥିବା ଅଭିଯୋଗରେ ୩ଜଣ, ଅନ୍ୟାନ୍ୟ ମାମଲାରେ ୨୧ ଜଣ, ଓଭର୍ ସ୍ପିଡ ପାଇଁ ୧୫୧ ଜଣଙ୍କ ସମେତ ସମୁଦାୟ ୨୮୧ଗୋଟି ଚାଲାଣ କଟା ଯାଇଛି। ମୋଟ ୨୬ଲକ୍ଷ ୭୩ହଜାର ୩୨୭ଟଙ୍କା ଜରିମାନା ଆଦାୟ କରାଯାଇଛି। ପରିବହନ ବିଭାଗ କମିଶନର ଅମିତାଭ ଠାକୁରଙ୍କ ନିର୍ଦ୍ଦେଶ କ୍ରମେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ରଙ୍କ ପରାମର୍ଶ ଓ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରୀ ଆର୍‌ଟିଓ ରବିନ୍ ପଟ୍ଟନାୟକ,ଏମ୍‌ଭିଆଇ ରାଜେଶ କୁମାର ମହାପାତ୍ର, ସହକାରୀ ଏମ୍‌ଭିଆଇ ଅମିତ୍ କୁମାର ରଣା ଓ ଟ୍ରାଫିକ ଇନ୍‌ସପେକ୍ଟର ସୁମନ୍ତ ପାତ୍ରଙ୍କ ସହିତ ପୁରୀ ଆଞ୍ଚଳିକ ପରିବହନ ବିଭାଗର ସମସ୍ତ କର୍ମଚାରୀ ସାମିଲ ଥିଲେ। ଆଗକୁ ସହର ତଥା ଜିଲାର ବିଭିନ୍ନ ସ୍ଥାନରେ ଅଚାନକ ଚଢ଼ାଉ ଜାରି ରହିବ ବୋଲି ପୁରୀ ଆରଟିଓ ପଟ୍ଟନାୟକ ସୂଚନା ଦେଇଛନ୍ତି। ବେପରୁଆ ଗାଡ଼ିଚାଳକ ଏଣିକି ସଚେତନ ଓ ସାବଧାନ ହୋଇ ସଡ଼କ ସୁରକ୍ଷା ଆଇନକୁ ମାନି ଚଳିବା ଓ ନିଜର ବହୁମୂଲ୍ୟ ଜୀବନକୁ ବଞ୍ଚାଇବା ସହିତ ରାସ୍ତାରେ ସାଧାରଣ ଲୋକଙ୍କ ଜୀବନକୁ ସୁରକ୍ଷିତ ରଖିବାକୁ ପଟ୍ଟନାୟକ ନିବେଦନ କରିଛନ୍ତି।

### ସଂକ୍ଷେପରେ

## ବାପା, ପୁଅଙ୍କ ଆକ୍ରମଣରେ ଜଣେ ଆହତ

ବଳଙ୍ଗା,୯।୪(କେଦାରେଶ୍ୱର ନନ୍ଦ):

ଜାଗାବାଡ଼ି ବିବାଦକୁ କେନ୍ଦ୍ର କରି ବଳଙ୍ଗା ଥାନା ଅଧୀନ ମାଧିପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ କଟୁରୀରେ ଆକ୍ରମଣ କରି ଜୀବନରେ ମାରିଦେବାକୁ ଉଦ୍ୟମ କରାଯାଇଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୯୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗ୍ରାମର ରଶ୍ମିରଞ୍ଜନ ଜେନାଙ୍କ ସ୍ତ୍ରୀ ମମତା ସିଂ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ରଶ୍ମିରଞ୍ଜନଙ୍କ ପଡ଼ୋଶୀ କାର୍ତ୍ତିକ ଜେନା ବାଡ଼ିପଟ ଜାଗାରେ ଥିବା ଫଳନ୍ତି ଅମୃତ ଭଣ୍ଡା ଗଛକୁ ହାଣି ଦେଇଥିବା ସେ ଦେଖିଥିଲେ। ଏହି ସମୟରେ କାର୍ତ୍ତିକ ଓ ତାଙ୍କ ପୁଅ ସଂଗ୍ରାମ ହାତରେ ଧରିଥିବା କଟୁରୀରେ ରଶ୍ମୀରଞ୍ଜନଙ୍କୁ ଆକ୍ରମଣ କରିବା ସହ ତାଙ୍କ ତଣ୍ଟିକୁ ଚିପିଦେଇଥିଲେ। ରଶ୍ମିରଞ୍ଜନ ତଳେ ପଡ଼ିଯିବାରୁ ତାଙ୍କ ମୃତ୍ୟୁ ହୋଇଥିବା ଭାବେ ବାପା, ପୁଅ ସେଠାରୁ ପଳାଇଯାଇଥିଲେ। ପରେ ସ୍ତ୍ରୀ ମମତା ତାଙ୍କୁ ଉଦ୍ଧାର କରି ନିକଟ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ବାପାଙ୍କୁ ଆକ୍ରମଣ କରି ପୁଅ ଗିରଫ

ଅସ୍ତରଙ୍ଗ,୯।୪(ପ୍ରଦୀପ୍ତ ଦୀକ୍ଷିତ):

ଭୁଲିଗଲେ ରକ୍ତର ସମ୍ପର୍କ। ଜନ୍ମ କଲା ବାପାକୁ ନୃଶଂସ ଭାବେ ହାଣିଲେ ପୁଅ। ଏହି ଘଟଣା ଅସ୍ତରଙ୍ଗ ବ୍ଲକ ନୂଆଗଡ ସାମୁଦ୍ରିକ ଥାନା ଅଧୀନ ମଧୁପୁର ଗ୍ରାମରେ। ଏଥିରେ ସାମୁଦ୍ରିକ ଥାନା ପୋଲିସ ପୁଅ ପ୍ରସନ କୁମାର ନାୟକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଏନେଇ ୧୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ପୂର୍ବରୁ ଜମିଜମା ବିବାଦକୁ ନେଇ ଶତ୍ରୁତା ଥିବାବେଳେ କୌଣସି କାରଣ ନ ଥାଇ ପ୍ରସନ୍ନ ଉତ୍‌କ୍ଷିପ୍ତ ହୋଇ ବୟସ୍କ ବାପା ବୃନ୍ଦାବନ ନାୟକଙ୍କୁ କାଠ ଫାଳିଆରେ ଆକ୍ରମଣ କରିଥିଲେ। ଏହାପରେ ସେ ବାପାଙ୍କ ବେକକୁ ଗାମୁଛାରେ ଚିପିବାକୁ ଚେଷ୍ଟା କରିଥିଲେ। ଏଥିରେ ବୃନ୍ଦାବନଙ୍କ ଡାହାଣ ଗୋଡ଼ରେ ଶକ୍ତ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରେ କଟକ ସ୍ଥାନାନ୍ତର କରାଯାଇଛି।

# କାଳିକା ନୃତ୍ୟ ଦେଖି ଭକ୍ତ ବିମୋହିତ

କାକଟପୁର,୯।୪(ଶୁଭଦର୍ଶନ ମିଶ୍ର):

କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ତୃତୀୟ ପାଳି ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାତ୍ର ୩ ଘଟିକାରେ ମନ୍ଦିର ଦ୍ୱାର ଫିଟାଯାଇ ମଙ୍ଗଳ ଆଳତି, ଭିତର ଶୋଧ, ସ୍ନାନ, ବେଶ, ଚନ୍ଦନଲାଗି ପରେ ସୂର୍ଯ୍ୟପୂଜା, ବଲ୍ଲଭ ନୀତି କରାଯାଇଥିଲା। ପରେ ସକାଳ ଧୂପ, ବନ୍ଦାପନା, ଆଳତି ପରେ ସର୍ବସାଧାରଣଙ୍କ ଦର୍ଶନ ପାଇଁ ମନ୍ଦିର ସାହାଣମେଳା କରାଯାଇଥିଲା। ମାତୃଭକ୍ତ ଉତ୍ତର ଓ ସିଂହଦ୍ୱାର ଦେଇ ବ୍ୟାରିକେଡ୍ ମଧ୍ୟରେ ଲମ୍ବାଧାଡ଼ିରେ ମନ୍ଦିର ଗର୍ଭଗୃହକୁ ଯାଇ ମା'ଙ୍କ ଚନ୍ଦନ ବେଶ ଦର୍ଶନ କରିଥିଲେ। ମହିଳାମାନେ ମନ୍ଦିର ବେଢ଼ାରେ ପରିବାରର ମଙ୍ଗଳ କାମନାକରି ବିରି, ଚାଉଳ, ଜାମୁଡାଳରେ ମନ୍ଦିର ବେଢ଼ା ଓଳାଇବା ସହିତ ପଣ୍ଡେଇ ପୂଜା କରିଥିଲେ। ମାନସିକଧାରୀ ଭକ୍ତ ହାତରେ ନାଲି ଶାଢ଼ି, ଶଙ୍ଖା, ସିନ୍ଦୂର ଧରି ମା'ଙ୍କୁ ପୂଜା କରିଥିଲେ। ଅପରାହ୍ନ ୨ଟା ବେଳକୁ ଝଙ୍କଡ଼ ପୀଠରୁ ଆସିଥିବା ରାଉଳ ସେବକ ଓ ସ୍ଥାନୀୟ ଅଞ୍ଚଳର ଭୋଇ ପାଟୁଆମାନେ ଏକ ଶୋଭାଯାତ୍ରାରେ ପ୍ରାଚୀନଦୀର ଘଣ୍ଟତୋଳା ତୁଠକୁ ଯାଇ ପାଣିତୋଳି ଘଟ ସ୍ଥାପନା କରି ମନ୍ଦିରକୁ ଆସିଥିଲେ। ମା'ଙ୍କ ଆଜ୍ଞାମାଳ ପାଇବା ପରେ ପାଟୁଆମାନେ ଘଣ୍ଟ, ଢୋଲ ଓ କାହାଳି, ହରିବୋଲ ହୁଳହୁଳି ଶବ୍ଦ ମଧ୍ୟରେ ଘଣ୍ଟପାଟୁଆ ନୃତ୍ୟ କରିଥିଲେ। ଭକ୍ତ ଓ ଶ୍ରଦ୍ଧାଳୁ ମାନସିକ ଚୁଡ଼ାଘଷା ଭୋଗ ମା'ଙ୍କୁ ଲାଗି କରିଥିଲେ। ତୃତୀୟ ପାଳି ରାତ୍ରିରେ ପୀଠରେ ମା'ଙ୍କ ସ୍ୱତନ୍ତ୍ର ସେବକ କାଳିକା ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ଦେଖିବାକୁ ବହୁ ଦୂରଦୂରାନ୍ତରୁ ଭକ୍ତ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା। ଭକ୍ତଙ୍କ ଗହଳିକୁ ଦୃଷ୍ଟିରେ ରଖି କାକଟପୁର ଥାନା ଅଧିକାରୀ ବିଜୟ କେତନ ବେହେରା, ଏସ୍‌ଆଇ ପ୍ରମୋଦ ସେଠୀଙ୍କ ତତ୍ତ୍ୱାବଧାନରେ ପୋଲିସ ବାହିନୀ ସଜାଗ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଶୁ ଚିକିତ୍ସାକେନ୍ଦ୍ର ସ୍ଥାପନ କରାଯାଇ ଭକ୍ତଙ୍କୁ ସେବା ପ୍ରଦାନ କରାଯାଇଥିଲା।





## ଶିଶୁମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ

ଯୋଗେଶ୍ୱରପୁର,୯।୪ (ରଶ୍ମିରଞ୍ଜନ ସାହୁ ):

ନୟାହାଟ ଫାଣ୍ଡି ଅଧୀନ ଯୋଗେଶ୍ୱରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପ୍ରଧାନ ଆଚାର୍ଯ୍ୟ ପ୍ରଦ୍ୟୁମ୍ନ ନାୟକ ଅଧ୍ୟକ୍ଷତା କରିବା ସହିତ ହିନ୍ଦୁ ନବବର୍ଷ ପାଳନର ଯଥାର୍ଥତା ପ୍ରତିପାଦନ କରିଥିଲେ। ମୁଖ୍ୟ ଅତିଥି ରୂପେ ପୁରୀ ଜିଲା ମାର୍ଗ ପ୍ରମୁଖ ତଥା ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ପ୍ରେମାନନ୍ଦ ପାତ୍ର ଯୋଗଦେଇ ଆମ ସଂସ୍କୃତି ଓ ପରମ୍ପରା କିପରି କଳୁଷିତ ହୋଇଯାଉଛି, ସେ ବିଷୟରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଆଚାର୍ଯ୍ୟ ଅଜୟ ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପ୍ରଭାତ ବେହେରା, କାର୍ତ୍ତିକ ଚନ୍ଦ୍ର ଓଝା, ବେବିନା ପାଣି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଗ୍ନିକାଣ୍ଡରେ ୬ ବଖରା ଘର ଭସ୍ମୀଭୂତ

ଅସ୍ତରଙ୍ଗ,୯।୪ (ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା):

ଅସ୍ତରଙ୍ଗ ବ୍ଲକ ଝାଡ଼ଲିଙ୍ଗ ପଞ୍ଚାୟତ ନାନପୁର ଗ୍ରାମର କେଦାର ଲେଙ୍କାଙ୍କ ଘରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଫଳରେ ୬ ବଖରା ଚାଳ ଘର ଜଳିଯିବା ସହ ଘରର ଆସବାବପତ୍ର, ସୁନା ଅଳଙ୍କାର ପୋଡ଼ି ନଷ୍ଟ ହୋଇଯାଇଛି। ପାଖାପାଖି ୧୦ ଲକ୍ଷ ଟଙ୍କା ମୂଲ୍ୟର ସମ୍ପତି ଜଳି ପାଉଁଶ ହୋଇଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି। ସୂଚନା ମୁତାବକ, କେଦାରଙ୍କ ସ୍ତ୍ରୀ ମଧ୍ୟାହ୍ନ ସମୟରେ ରୋଷେଇ କରୁଥିଲେ। ହଠାତ ଅନ୍ୟ ଏକ ଘରୁ ନିଆଁ ଉଠି ଅଳ୍ପ କିଛି ସମୟ ମଧ୍ୟରେ ସମସ୍ତ ଘରକୁ ଅଗ୍ନି ସଂଯୋଗ ହୋଇଯାଇଥିଲା। ଏଥିରେ ୬ ବଖରା ଘର ଜଳି ଭସ୍ମିଭୂତ ହୋଇଯାଇଛି। ଖବର ପାଇ କୋଣାର୍କ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେଦାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗାଁ ଲୋକେ ଦାବି କରିଛନ୍ତି।

## 'ଖୁବ୍‌ଶୀଘ୍ର ନିର୍ବାଚନ ପ୍ରଚାର ଆରମ୍ଭ ହେବ'



ଗୋପ,୯।୪(ଭାରତୀ ଭୂଷଣ ଉପାଧ୍ୟାୟ):

ଗୋପ ବିଜେଡି କାର୍ଯ୍ୟାଳୟଠାରେ ବିଜେଡିର ଏକ ସାଂଗଠନିକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋପ ବ୍ଲକ ୧୪ ପଞ୍ଚାୟତର ପର୍ଯ୍ୟବେକ୍ଷକ ଜୀବନାନନ୍ଦ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଶତାଧିକ ନେତୃତ୍ୱଙ୍କ ସହ ବିଧାୟକ ସମୀର ରଞ୍ଜନ ଦାଶ ମଧ୍ୟ ଯୋଗ ଦେଇଥିଲେ। ବୈଠକ ଆରମ୍ଭରୁ ନେତୃତ୍ୱ ମାନେ ଟିକେଟ ମିଳିବାକୁ ନେଇ ପ୍ରଶ୍ନ କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଶ୍ଚିତ ଭାବେ ମୋ ଉପରେ ଆସ୍ଥା ପ୍ରକଟ କରିଛନ୍ତି ବୋଲି ବିଧାୟକ ଦାଶ କହିଥିଲେ।

ପ୍ରକାଶ ଯେ, ପୁରୀ ଜିଲାର ୬ଟି ନିର୍ବାଚନମଣ୍ଡଳୀ ମଧ୍ୟରୁ ଗତ ସାଧାରଣ ନିର୍ବାଚନରେ ନିମାପଡ଼ା ବିଧାୟକ ଦାଶ ୩୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିରୋଧିଙ୍କୁ ପରାଜିତ କରି ରେକର୍ଡ ସୃଷ୍ଟି କରିଥିଲେ। ପରେ ଦାଶ ନବୀନ ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗର ମନ୍ତ୍ରୀ ଦାୟିତ୍ୱ ନେଇଥିଲେ। ବିଧାୟକ ଦାଶ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କ୍ରମାଗତ ଭାବେ ୩ ଥର ବିରୋଧି ପ୍ରାର୍ଥୀଙ୍କୁ ପରାଜିତ କରିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ନିମାପଡ଼ା ନିର୍ବାଚନମଣ୍ଡଳୀରୁ ଭାଜପା ଦଳରୁ ୩ ଥର ପରାଜିତ ହୋଇଥିବା ପ୍ରଭାତୀ ପରିଡ଼ାଙ୍କୁ ଦଳ ପ୍ରାର୍ଥୀ କରିଥିବାବେଳେ ପୁଣି ୪ର୍ଥ ଥର ଲାଗି ବିଧାୟକ ଦାଶ ବିଜେଡିରୁ ପ୍ରାର୍ଥୀ ହୋଇ ପରିଡ଼ାଙ୍କୁ ପରାଜିତ କରିବେ ବୋଲି ସୂଚନା ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ୬ଷ୍ଠ ଥର ଲାଗି ମୁଖ୍ୟମନ୍ତ୍ରୀ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ବୈଠକରେ ଗୋପ ବ୍ଲକ ବିଜେଡି ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିବାବେଳେ ଖୁବ୍ ଶୀଘ୍ର ନିର୍ବାଚନ ପ୍ରଚାର ଆରମ୍ଭ ହେବ ବୋଲି ବିଧାୟକ ସୂଚନା ଦେଇଥିଲେ। ବୈଠକରେ ନିର୍ବାଚନ ମଣ୍ଡଳୀସ୍ତରୀୟ ସମ୍ପାଦକ ରବୀନ୍ଦ୍ର ନାୟକ, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ପୟରା ପଞ୍ଚାୟତ ସରପଞ୍ଚ ସୁମନ୍ତ ନାୟକ, ପୂର୍ବତନ ସରପଞ୍ଚ ନୀରଞ୍ଜନ ଶଗଡ଼ିଆ, ବିଭୂତି ଭୂଷଣ ସାହୁ, ପ୍ରହ୍ଲାଦ ସ୍ୱାଇଁ, ଯୁବ ନେତୃତ୍ୱ କରୁଣାକର ସାହୁ, ଶରତ ନାୟକ, ଗୌତମ ପଣ୍ଡା, ପୁରୀ ଜିଲା ଯୁବ ସାଧାରଣ ସମ୍ପାଦକ ମନଦୀପ୍ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପରମ୍ପରା ସଂସ୍କୃତି ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ

### ଗୋପ ଲୋକ ଉତ୍ସବର ତୃତୀୟ ସନ୍ଧ୍ୟା

ଗୋପ,୯।୪(ଭାରତୀ ଭୂଷଣ ଉପାଧ୍ୟାୟ):

ଗ୍ରାମାଞ୍ଚଳରୁ ଦିନକୁ ଦିନ ସଂସ୍କୃତି ପରମ୍ପରା ହଜିଯାଉଛି। ଏହି ପରମ୍ପରା ସଂସ୍କୃତି ଭାଇଚାରାକୁ ବଞ୍ଚାଇବା ପାଇଁ ସମସ୍ତଙ୍କ ଉଦ୍ୟମ ର ଆବଶ୍ୟକତା ରହିଛି ବୋଲି ମୁଖ ଅତିଥି ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ସମସ୍ତ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଧାପକ ପ୍ରକାଶ ଚନ୍ଦ୍ର ଖଟୋଇ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଗୋପ ମେଳଣ କମିଟି ସମ୍ପାଦକ ସତ୍ୟପୀର ନାୟକ, ଗୋପ ଅଗ୍ନିଶମ ବାହିନୀର ଅଧିକାରୀ ବସନ୍ତ ପାତ୍ର, ଯୁବ ସାମାଜିକ କର୍ମୀ ବ୍ରଜକିଶୋର ସାହୁ, ଶିକ୍ଷାବିତ୍ ସୁକାନ୍ତ ଶତୃଶଲ୍ୟ, ଜଟାଧାରୀ ବେହେରା, ନରେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ମେଳଣ ଏକ ମିଳନର ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାହିଁ କେଉଁ କାଳରୁ ଓ ବ୍ରିଟିଶ ଶାସନ ସମୟର ଏହି ଶ୍ରୀଗୋପାଳଜୀଉଙ୍କ ସାଗର ସ୍ନାନ ମେଳଣ ତଥା ଗୋପ ଲୋକ ଉତ୍ସବ ଫିକା ପଡୁଥିବାରୁ ସମସ୍ତଙ୍କ ସହଯୋଗ ସାହାଯ୍ୟର ହାତ ବଢାଇବାର ସମୟ ଆସିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।





ଗୋପ ଲୋକ ଉତ୍ସବର ତୃତୀୟ ସନ୍ଧ୍ୟାରେ ଛାତ୍ରୀମାନଙ୍କ ଦ୍ୱାର ପରିବେଷିତ ନୃତ୍ୟ ।

# କଣାସ ଅଞ୍ଚଳରେ ଅରୂପ, ସଞ୍ଜୟଙ୍କ ପ୍ରଚାର

ପୁରୀ,୯।୪(ଅଜିତ୍ ମହାନ୍ତି)
କଣାସ,(ବିଭୂତି ଭୂଷଣ ତ୍ରିପାଠୀ):

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ରାଜନୈତିକ ପାଣିପାଗ ସେହି ଅନୁପାତରେ ଉଷ୍ମ ହେବାରେ ଲାଗିଲାଣି। ଭୋଟରମାନଙ୍କୁ ନିଜ ଆଡକୁ ଆଣିବା ପାଇଁ ରାଲି, ଜନସଭା କରି ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର ଜାରି ରଖିଛନ୍ତି। ଏହି ପରିପେକ୍ଷୀରେ ମଙ୍ଗଳବାର ବିଜେଡି ପକ୍ଷରୁ ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ସତ୍ୟବାଦୀ ବିଧାନସଭା ପ୍ରାର୍ଥୀ ସଞ୍ଜୟ ଦାସବର୍ମା କଣାସ ଅଞ୍ଚଳରେ ଏକ ବିଶାଳ ଶୋଭାଯାତ୍ରା କରିଛନ୍ତି। ଉଭୟ ନେତା ତ୍ରିଲୋଚନ ପୁର ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ପଞ୍ଚାୟତ ସମିତି ସମ୍ମୁଖରେ ପହଞ୍ଚିଥିଲେ। ପରେ ଶହୀଦ୍ ସ୍ମୃତି ପୀଠରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେଠାରୁ ଶୋଭାଯାତ୍ରାରେ ବାହାରି ଦାସବର୍ମା କଣାସର ମା' କୁଞ୍ଜେଶ୍ୱରୀଙ୍କ ପାଖରେ ପୂଜା ଅର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ। ମହାବାତ୍ୟା ହେଉ କିମ୍ବା ପ୍ରଳୟଙ୍କରୀ ବନ୍ୟା ସବୁବେଳେ ସେ କଣାସବାସୀଙ୍କ ପାଖରେ ରହିଆସିଛନ୍ତି ବୋଲି କହିଥିଲେ। ସତ୍ୟବାଦୀ ପଣ୍ଡିତ ଗୋପବନ୍ଧୁ ଦାସ ଓ ପଞ୍ଚ ସଖାଙ୍କ ସେବା, ତପସ୍ୟା ଓ ସମର୍ପଣର ଭୂମି। କଣାସ ସଂଗ୍ରାମର ଅନନ୍ୟ ଭୂମି, ଏହି ଭଳି ଏକ ପ୍ରାଚୁର୍ଯ୍ୟ ଓ ସଂସ୍କୃତି ସମ୍ପନ୍ନ ନିର୍ବାଚନ ମଣ୍ଡଳୀର ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ଅରୂପ ପଟ୍ଟନାୟକଙ୍କୁ ସାଂସଦ ଏବଂ ତାଙ୍କୁ ବିଧାୟକ ପ୍ରାର୍ଥୀ କରିଛନ୍ତି ବୋଲି ଦାସବର୍ମା କହିଥିଲେ। ପରେ ଉଭୟ ନେତା କଣାସରୁ ଶୋଭାଯାତ୍ରାରେ ବାହାରି ଆଳିବାଡ଼ ପଞ୍ଚାୟତ ଦେଇ କଣାସର ଅଧିଷ୍ଠାତ୍ରୀ ଦେବୀ ମା'ଭଗବତୀଙ୍କ ପୀଠକୁ ଯାଇ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହା ପରେ ପ୍ରଣମ୍ୟ ସନ୍ଥ ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ସାଧନା ପୀଠ କରମଳା ଶାନ୍ତି ଆନନ୍ଦ ଆଶ୍ରମ ଯାଇ ସମାଧିପୀଠ ଦର୍ଶନ କରିବା ସହିତ କରମଳା ମଠର ଆଚାର୍ଯ୍ୟଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଅରୂପ ପଟ୍ଟନାୟକ ଓ ଦାସବର୍ମାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।



ଶୋଭାଯାତ୍ରାରେ ବିଜେଡି ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ, ସତ୍ୟବାଦୀ ବିଧାନସଭା ଆସନ ପ୍ରାର୍ଥୀ ସଞ୍ଜୟ ଦାଶ ବର୍ମା ଓ ଅନ୍ୟମାନେ ।

# 'ଗଛ ବଞ୍ଚାଅ ଜୀବନ ବଞ୍ଚାଅ' ଛାତ୍ରୀଛାତ୍ରଙ୍କ ନାରାବାଜି

### କଣାସ-ଡେଲାଙ୍ଗ ରାସ୍ତା ପ୍ରଶସ୍ତୀକରଣ ନେଇ ଅବାଧ ଗଛକଟାକୁ ବିରୋଧ

ଡେଲାଙ୍ଗ,୯।୪(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ- କଲ୍ୟାଣପୁର ରାସ୍ତା ପ୍ରଶସ୍ତୀକରଣର ପାଇଁ ଅବାଧ ଗଛ କଟାକୁ ନେଇ ମଙ୍ଗଳବାର ଡେଲାଙ୍ଗ କଣାସ ରାସ୍ତାର କଲ୍ୟାଣପୁର କଲେଜ ସମ୍ମୁଖରେ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀମାନେ ପ୍ଲାକାର୍ଡ ଧରି ଗଛ ବଞ୍ଚାଅ ଜୀବନ ବଞ୍ଚାଅ ନାରାବାଜୀ ଦେଇଥିଲେ।

ସୂଚନା ଥାଉକି, ୨୦୧୪ ମସିହାରେ ଏହି ରାସ୍ତାରେ ବନ ବିଭାଗ ଲକ୍ଷାଧିକ ଟଙ୍କା ବ୍ୟୟରେ ରାସ୍ତାପାର୍ଶ୍ୱ ବନୀକରଣ କରିଥିଲା। ଏବେ ରାସ୍ତାର ପ୍ରଶସ୍ତୀକରଣ ନିମନ୍ତେ ୨ ପାର୍ଶ୍ୱରୁ ୪ ଫୁଟ ପ୍ରଶସ୍ତୀକରଣ କରିବାକୁ ଥିବାବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ଗଛଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ଡେଲାଙ୍ଗରୁ କଲ୍ୟାଣପୁର ପର୍ଯ୍ୟନ୍ତ କାଟି ଦିଆଯାଉଛି। ଏନେଇ ବନ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ରାସ୍ତା ପ୍ରଶସ୍ତୀକରଣ ପାଇଁ ପୂର୍ତ୍ତ ବିଭାଗ ନିହାତି ଆବଶ୍ୟକ ଗଛଗୁଡ଼ିକୁ କାଟିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବନ ବିଭାଗ କହିଛି। ହେଲେ ପୂର୍ତ୍ତ ବିଭାଗ ମନ ଇଚ୍ଛା ଗଛଗୁଡ଼ିକୁ କାଟି ପକାଉଥିବାରୁ ଏହାକୁ ନେଇ ଜନ ଅସନ୍ତୋଷ ବୃଦ୍ଧିପାଇଛି। ସ୍ଥାନୀୟ ଅଧିବାସୀ ଓ କଲ୍ୟାଣପୁର ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ପରିବେଶବିତ୍‌ଙ୍କ ପ୍ରତିବାଦ ଖବର ପାଇ ଭୁବନେଶ୍ୱରରୁ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଦୀପ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ, ସହକାରୀ ଯନ୍ତ୍ରୀ ସିଦ୍ଧେଶ୍ୱର ବେହେରା, ସଡ଼କ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଦିଗମ୍ବର ସ୍ୱାଇଁ ପ୍ରମୁଖ ଆନ୍ଦୋଳସ୍ଥଳରେ ପହଞ୍ଚିଥିଲେ। ପ୍ରତିବାଦକାରୀଙ୍କ ସହ ଆଲୋଚନା କରି ନିହାତି ଆବଶ୍ୟକ ପଡୁଥିବା ଗଛଗୁଡ଼ିକୁ କେବଳ କଟାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପ୍ରତିବାଦ ସ୍ଥଗିତ ରହିଥିଲା। ଏହି ପ୍ରତିବାଦରେ ପରିବେଶବିତ୍ ଅର୍ପିତ ମହାପାତ୍ର, ଅଧ୍ୟାପିକା ବିଷ୍ଣୁପ୍ରିୟା ଦେଇ, ଅଧ୍ୟାପକ କୈଳାଶ ଚନ୍ଦ୍ର ସାହୁ, ଅଜୟ ନାୟକ, ସମ୍ପଦ ପ୍ରଧାନ, ତ୍ରିଲୋଚନପୁର ସରପଞ୍ଚଙ୍କ ପ୍ରତିନିଧି ଗୁଣନିଧି ପାତ୍ର, ଡା. ବିଶ୍ୱରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



ଅବାଧ ଗଛ କଟାକୁ ବିରୋଧ କରି ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଗଛ ବଞ୍ଚାଅ ଜୀବନ ବଞ୍ଚାଅ' ସଚେତନତା ବାର୍ତ୍ତା ଦିଆଯାଉଛି ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ବନ୍ଦିତା



@ ସୁଧାଂଶୁ



@ ଆଲୋକ



@ ଅନ୍ୱେଷ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରୀ ବେଳାଭୂମିରେ ଶତାଧିକ ମୃତ ଜେଲିଫିସ୍

ପୁରୀ,୯।୪(ଅଜିତ୍ ମହାନ୍ତି)

ପୁରୀ ବେଳାଭୂମିରେ ମଙ୍ଗଳବାର ବହୁ ସଂଖ୍ୟାରେ ମୃତ ଜେଲି ଫିସ୍ ପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ପର୍ଯ୍ୟଟକମାନେ ସମୁଦ୍ରରେ ଗାଧୋଇବା ପାଇଁ ଭୟ କରିଛନ୍ତି। ପୂର୍ବରୁ ମଧ୍ୟ ଏପରି ଶହ ଶହ ଜେଲି ଫିସ୍ ମରି ପୁରୀ ବେଳାଭୂମିରେ ଲାଗିଥିବା ଦେଖିବାକୁ ମିଳିଥିଲା। ଏପରିକି ମୃତ ଜେଲି ଫିସ୍ ପର୍ଯ୍ୟଟକଙ୍କ ଦେହରେ ଲାଗିବା ପରେ ସେମାନେ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି ହୋଇଥିବା ମଧ୍ୟ ନଜିର ରହିଛି। ତେବେ ଜେଲିଫିସ୍ ମରିବାର କାରଣ ଜଣାପଡୁ ନ ଥିଲେ ମଧ୍ୟ ତାପମାତ୍ରା ପରିବର୍ତ୍ତନ ଏହାର କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ଏଭଳି ସ୍ଥିତିରେ ପର୍ଯ୍ୟଟକମାନେ ଯେପରି



ସୁବିଧାରେ ତଥା ସୁରକ୍ଷିତ ଭାବରେ ସ୍ନାନ କରିପାରିବେ ସେଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯିବା ସହ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଦିଗବାରେଣୀ ଛକ ବେଳାଭୂମିରେ ଶହ ଶହ ସଂଖ୍ୟାରେ ଜେଲି ଫିସ ଭାସୁଥିବା ଦେଖିବାକୁ ମିଳିଥିଲା। ଏହା ବିଷାକ୍ତ ହୋଇଥିବାରୁ ସମୁଦ୍ରରେ ଗାଧୋଉଥିବା ପର୍ଯ୍ୟଟକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ଜେଲି ଫିସ୍‌ର ଲାଳ ଶରୀରରେ ଲାଗିବା ଦ୍ୱାରା ସଂକ୍ରମଣ ହୋଇଥାଏ। ଦେହ କୁଣ୍ଡାଇ ହେବା ସହ ଲାଲ୍ ପଡ଼ିଯାଏ। ବର୍ତ୍ତମାନ ପେଣ୍ଟକଟାରୁ ଆରମ୍ଭ କରି ଲାଇଟହାଉସ୍ ପର୍ଯ୍ୟନ୍ତ ବେଳାଭୂମିରେ କୁଢ଼ କୁଢ଼ ବିରଳ ଜେଲିଫିସ୍‌ଙ୍କ ମୃତଦେହ ପଡ଼ିରହିଛି। ପୁରୀ ବେଳାଭୂମିରେ ଲାଇଫ୍‌ଗାର୍ଡ ଭାବେ କାମ କରୁଥିବା ଗୋବିନ୍ଦ ହରିଙ୍କ କହିବା ଅନୁଯାୟୀ, ଅମାବାସ୍ୟା ଯାଇଥିବାରୁ ସମୁଦ୍ରରେ ଜୁଆର ଅଧିକ ରହିଛି। ଜୁଆର ସମୟରେ ସମୁଦ୍ର ମଧ୍ୟରୁ ମୃତ ଜେଲିଫିସ୍ କୂଳରେ ଆସି ଲାଗୁଛନ୍ତି। ତେବେ ଖରାଦିନେ ଏହିଭଳି ମଲା ଜେଲି ଫିସ୍ କୂଳକୁ ଆସିଥାନ୍ତି। ତିନି ଚାରି ରଙ୍ଗର ଜେଲି ଫିସ୍ ରହିଛନ୍ତି। ସେଥିମଧ୍ୟରୁ ଧଳା ରଙ୍ଗର ଜେଲିଫିସ୍ କ୍ଷତିକାରକ। ଉକ୍ତ ଜେଲିଫିସ୍ ପର୍ଯ୍ୟଟକଙ୍କ ଦେହରେ ଲାଗିଲେ ୨୪ ଘଣ୍ଟା ପର୍ଯ୍ୟନ୍ତ ଯନ୍ତ୍ରଣା ଦେଇଥାଏ। ତେବେ ପ୍ରବଳ ଗରମ କାରଣରୁ ଏପରି ହେଉଥିବା ଅନୁମାନ କରାଯାଇଛି। ସେହିପରି ଫଟୋଗ୍ରାଫର ଭାବରେ କାର୍ଯ୍ୟ କରୁଥିବା ବଟକୃଷ୍ଣ ସ୍ୱାଇଁଙ୍କ କହିବା ଅନୁଯାୟୀ ଖରାଦିନେ ମୁଖ୍ୟତଃ ଏହି ଜେଲି ଫିସ୍ କୂଳରେ ଲାଗୁଛନ୍ତି। ଅନେକ ସମୟରେ ପର୍ଯ୍ୟଟକଙ୍କ ଦେହରେ ଲାଗି ଯାଇଥାନ୍ତି, ଯାହାଫଳରେ ପର୍ଯ୍ୟଟକମାନେ ସମସ୍ୟା ଭୋଗିଥାନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ପୁରୀ ସମୁଦ୍ରକୂଳ ବେଳାଭୂମି ପର୍ଯ୍ୟଟକଙ୍କ ପେଣ୍ଠସ୍ଥଳୀ ହୋଇଥିବାରୁ ଏଠାରେ ଦୈନିକ ହଜାର ହଜାର ଲୋକଙ୍କ ଭିଡ଼ ହୋଇଥାଏ। ତେଣୁ ଏଥିପ୍ରତି ପ୍ରଶାସନ ଧ୍ୟାନ ଦେବା ଆବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। ତେବେ ବିଶେଷଜ୍ଞଙ୍କ କହିବା ଅନୁଯାୟୀ ହିଟ୍ ୱେଭ୍ କାରଣରୁ ଏପରି ମୃତ ଜେଲି ଫିସ୍ କୂଳରେ ଲାଗୁଛନ୍ତି। ସମୁଦ୍ର ମଧ୍ୟରେ ପ୍ରବଳ ତାତି ରହିଲେ ଜେଲି ଫିସ୍‌ମାନେ ପବନ ବହିବା ଦିଗରେ ଭାସି ଭାସି କୂଳକୁ ଆସିଥାନ୍ତି ବୋଲି ବିଶେଷଜ୍ଞମାନେ ଅନୁମାନ କରୁଛନ୍ତି।

# ରହସ୍ୟରେ ବକ୍ସର ସରୋଜିନୀଙ୍କ ମୃତ୍ୟୁ

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)

## କ୍ୟାପିଟାଲ ହସ୍ପିଟାଲରେ କାନ୍ଦି ଚେତା ହରେଇଲେ ମା'

ଭୁବନେଶ୍ୱର ନାଗେଶ୍ୱରଟାଙ୍ଗୀ ହରିହର ବିଦ୍ୟାପୀଠ ନିକଟସ୍ଥ ଏକ ହଷ୍ଟେଲ ପରିସରରୁ ସରୋଜିନୀ ସୁନ୍ଦରା (୨୧)ଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାରେ ରହସ୍ୟ ଲାଗିରହିଛି। ଏକମାତ୍ର ରୋଜଗାରିଆ ଝିଅକୁ ହରାଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ପୋଲିସ ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବାବେଳେ ମୃତ୍ୟୁକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରୋଜିନୀଙ୍କ ମୃତ୍ୟୁକୁ ମା' ବାପା ସହଜରେ ଗ୍ରହଣ ପାରିନାହାନ୍ତି। ହତ୍ୟା ଅଭିଯୋଗ ଆଣି ମା' ରଙ୍ଗବତୀ ସୁନ୍ଦରା ମଙ୍ଗଳବାର ଏ ସଂକ୍ରାନ୍ତରେ ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ଏହାକୁ ଆଧାର କରି ପୋଲିସ ତଦନ୍ତ ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ମଙ୍ଗଳବାର



ସରୋଜିନୀ ସୁନ୍ଦରା

କ୍ୟାପିଟାଲ ହସ୍ପିଟାଲ ବ୍ୟବଚ୍ଛେଦ ଗୃହ ନିକଟର ଦୃଶ୍ୟ ହୃଦୟବିଦାରକ ଥିଲା। ମା' ବାପା କାନ୍ଦି କାନ୍ଦି ଲୁହ ଝରାଉଥିବା ଦେଖିବାକୁ ମିଳିଥିଲା। ଏପରିକି ମା' ରଙ୍ଗବତୀ କାନ୍ଦି କାନ୍ଦି ଚେତା ହରାଉଥିଲେ। ସରୋଜିନୀ ନ୍ୟାୟ ପାଉ ବୋଲି ରଙ୍ଗବତୀ କୋହଭରା କଣ୍ଠରେ କହିଛନ୍ତି।

ସୂଚନା ଅନୁଯାୟୀ, ମୃତା ଯୁବତୀ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମର ସରୋଜିନୀ ସୁନ୍ଦରା (୨୧) ଜଣେ ବକ୍ସର ଥିଲେ। ସେ ଗତ ଜାନୁଆରୀରେ ରାଉରକେଲାରେ ଅନୁଷ୍ଠିତ ଆନ୍ତଃଜିଲା ବକ୍ସିଂ ଚାମ୍ପିୟନଶିପ୍‌ରେ ଭାଗ ନେଇଥିଲେ। ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ କିଛିଦିନ ଉକ୍ତ ହଷ୍ଟେଲରେ ରହି ଏକ ହୋଟେଲରେ କାମ କରୁଥିଲେ। ଏହି କାମ କରି ପରିବାରକୁ ମଧ୍ୟ ଆର୍ଥିକ ସାହାଯ୍ୟ ଯୋଗାଉଥିଲେ। ସୋମବାର ସନ୍ଧ୍ୟାରେ ଉକ୍ତ ହଷ୍ଟେଲରେ ସରୋଜିନୀଙ୍କ ରୁମ୍ ବହୁ ସମୟ ଧରି ବନ୍ଦ ରହିବାରୁ ସମସ୍ତଙ୍କ ସନ୍ଦେହ ଉପୁଜିଥିଲା। ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ସରୋଜିନୀଙ୍କୁ ଫ୍ୟାନ୍‌ରେ ଏକ ଗାମୁଛାରେ ମୃତାବସ୍ଥାରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ତେବେ ଭବିଷ୍ୟତରେ ବକ୍ସିଂ, ଖୋଖୋ ଆଦି କ୍ରୀଡ଼ାରେ ସୁନାମ ଆଣିବା ପାଇଁ ଲକ୍ଷ୍ୟ ରଖିଥିବା ସରୋଜିନୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଚାରିଆଡେ ଚର୍ଚ୍ଚା ଲାଗି ରହିଛି। ଯଦି ସରୋଜିନୀ ଆତ୍ମହତ୍ୟା କରିଥାନ୍ତି, ତେବେ ସେ ଏଭଳି ଚରମ ପଦକ୍ଷେପ କାହିଁକି ନେଲେ ବୋଲି ତାହା ପଛର ସତ୍ୟତା ପଦାକୁ ଆସୁ ବୋଲି ଦାବି ହୋଇଛି।

# ଆଜି ମହାପ୍ରଭୁଙ୍କ ଦର୍ଶନ ୪ ଘଣ୍ଟା ବନ୍ଦ

## ବନକଲାଗି ନୀତି ହେବ

ପୁରୀ,୯।୪(ଅଜିତ୍ ମହାନ୍ତି)

ଚୈତ୍ର ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥି ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ଏହା ଅନ୍ୟତମ। ବୁଧବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବନକଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ବନକଲାଗି ନୀତି ଅନୁଷ୍ଠିତ ହୋଇଥାଏ।

# ଚାକିରି ଦେବା ଆଳରେ ୫.୫୦ ଲକ୍ଷ ଠକେଇ

ଭୁବନେଶ୍ୱର,୯।୪(ସତ୍ୟଜିତ୍ ରାଉତ)

- ୨ ବର୍ଷ ପରେ ଫେରାର ଠକଙ୍କୁ ଧରିଲା ସାଇବର ପୋଲିସ
- ୫୫ ହଜାର ଟଙ୍କା, ୨ ମୋବାଇଲ ଫୋନ୍ ଜବତ

ଚାକିରି ଦେବା ଆଳରେ ୫ ଲକ୍ଷ ୫୦ ହଜାର ଟଙ୍କା ଠକିନେଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ୨ବର୍ଷ ପରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଗିରଫ କରିଛି। ଜଗତ୍‌ସିଂହପୁର ଜିଲା ପୋଲିସ ସହାୟତାରେ ସାଇବର ପୋଲିସ ସମ୍ପୃକ୍ତ ଅଭିଯୁକ୍ତ ଏରସମା ଥାନା ଅଞ୍ଚଳର ସୂର୍ଯ୍ୟକାନ୍ତ ବାରିକ (୪୦)ଙ୍କୁ ଗିରଫ କରିଥିବାବେଳେ ତାଙ୍କଠାରୁ ୫୫ ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ୍ ଜବତ ହୋଇଛି। ସୂର୍ଯ୍ୟକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ଜାମିନ ନାମଞ୍ଜୁର ହୋଇଯିବାରୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ଯାଜପୁର ଜିଲା ଜେନାପୁର ଥାନା ଅଞ୍ଚଳର ଅଭିଯୋଗକାରୀ ତ୍ରିଶକ୍ତିଧର ନାୟକ(୨୭)ଙ୍କୁ ରାଜଧାନୀରେ ସୂର୍ଯ୍ୟକାନ୍ତ ଫସାଇଥିଲେ। ଏସ୍‌ବି ପ୍ରାଇଭେଟ୍ ଲିଃ କମ୍ପାନୀରେ ଚାକିରି କରୁଥିବା ସୂର୍ଯ୍ୟକାନ୍ତ ତାଙ୍କୁ କହିଥିଲେ। ତ୍ରିଶକ୍ତିଙ୍କୁ ଅମିନ ଓ ଆର୍‌ଆଇ ଭଳି ସରକାରୀ ଚାକିରି ଏବଂ ପ୍ରାଇଭେଟ୍ ଜବ୍ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିଲାଗି ୨୦୨୧ ଏପ୍ରିଲ ୧୦ରୁ ୨୦୨୨ ଅକ୍ଟୋବର ୨୧ ତାରିଖ ମଧ୍ୟରେ ସେ ତ୍ରିଶକ୍ତିଙ୍କଠାରୁ ଫୋନ୍ ପେ ଓ ନଗଦ ଆକାରରେ ସବୁ ଟଙ୍କା ନେଇଥିଲେ। ଏହାପରେ ସୂର୍ଯ୍ୟକାନ୍ତ ଆଉ ଧରାଛୁଆଁ ଦେଇ ନ ଥିଲେ। ଏନେଇ ତ୍ରିଶକ୍ତିଙ୍କ ଏତଲାକ୍ରମେ ୨୦୨୨ ନଭେମ୍ବର ୨୦ରେ ସାଇବର ଥାନା ପୋଲିସ ଏକ ମାମଲା (ନଂ. ୩୮/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର, ୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,
ଇମେଲ୍: crld.robhubaneshwar@unionbankofindia.bank
ରୂପାଲି ସ୍କୋୟାର ଶହୀଦ ନଗର ଶାଖା (୧୦୫୮୧)
ଇପିକଲ୍ ହାଉସ୍, ଜନପଥ, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୩୭୯୧୬

**କୃଷି ସ୍ୱର୍ଣ୍ଣ ଋଣ ବକେୟା ଦେୟ ପଇଠ କରିବା ନିମନ୍ତେ ଅନ୍ତିମ ସ୍ମାରକ ଏବଂ ନିଲାମ ପତ୍ର**

ଚିଠି ନଂ.: 10581/Rupali Square/2024/15 ତାରିଖ:୧୭.୦୧.୨୦୨୪

ପ୍ରାପ୍ତେଷୁ,
ଶ୍ରୀ ଅଭିଜିତ୍ ବାରିକ, ପ୍ଲଟ ନଂ.୫୦, ଏକଦନ୍ତ ଆର୍କେଡ, ଫ୍ଲାଟ ନଂ.୪, ଡିଏଭି ସ୍କୁଲ ନିକଟ, କଳିଙ୍ଗ ନଗର, ଭୁବନେଶ୍ୱର, ପିନ୍- ୭୫୧୦୦୩ ।

ବିଷୟ: ସ୍ୱର୍ଣ୍ଣ ଋଣ ଆକାଉଣ୍ଟ ନଂ. ୧୦୫୮୧୬୫୪୦୦୦୦୮୩ ର ବକେୟା ଦେୟ: ଟ.୧,୫୦,୪୦୦/- ।

ଦୟାକରି ଆମର ଚିଠି ନଂ.୨ (ତାରିଖ: ୧୩.୧୧.୨୦୨୩) କୁ ଅନୁସରଣ କରନ୍ତୁ ଯେଉଁଥିରେ ଆପଣଙ୍କୁ ଆପଣଙ୍କ ସ୍ୱର୍ଣ୍ଣ ଋଣ ଆକାଉଣ୍ଟରେ ପର୍ଯ୍ୟାପ୍ତ ମାର୍ଜିନ ରଖିବାକୁ / ଋଣ ଆକାଉଣ୍ଟ ନିୟମିତ କରିବାକୁ କୁହାଯାଇଥିଲା । ଋଣ ସୁବିଧାକୁ ଉପଲବ୍ଧ କରିବା ନିମନ୍ତେ ଆପଣ ନିମ୍ନଲିଖିତ ଡକ୍ୟୁମେଣ୍ଟଗୁଡିକୁ କାର୍ଯ୍ୟକାରୀ କରିଛନ୍ତି :
ଡିପି ନୋଟ୍, AD02 (A), ଲାଏନ୍ ଚିଠି ଏବଂ ଅନ୍ୟାନ୍ୟ ସ୍ୱର୍ଣ୍ଣ ଋଣ ବିସ୍ତୃତ ଫର୍ମାଟ ।
ଆପଣ ତା.୩୦.୦୩.୨୦୨୩ରିଖରେ ଚିଠି ଦ୍ୱାରା ଆପଣ ଗ୍ରହଣ କରିଥିବା ଋଣ ସୁବିଧାର ଦାୟୀତ୍ୱକୁ ସ୍ୱିକାର କରିସାରିଛନ୍ତି । ବର୍ତ୍ତମାନ ଆପଣ ଦେବାକୁ ଥିବା ସ୍ୱର୍ଣ୍ଣ ଋଣ ଆକାଉଣ୍ଟର ବକେୟା ଦେୟ: ତା.୧୭.୦୧.୨୦୨୪ରିଖ ପର୍ଯ୍ୟନ୍ତ ସୁଧ ସହିତ ଟ.୧,୫୦,୪୦୦/-(ଏକ ଲକ୍ଷ ପଚାଶ ହଜାର ଚାରି ଶହ ଟଙ୍କା ମାତ୍ର) । ଆପଣଙ୍କୁ ବାରମ୍ବାର ଅନୁରୋଧ କରାଯିବା ସତ୍ତ୍ୱେ ଆପଣ ଋଣର ବକେୟା ଦେୟ ଏବଂ ସୁଧକୁ ପଇଠ କରିବାରେ ଅବହେଳା କରିବା ସହିତ ବର୍ତ୍ତମାନ ସୁଦ୍ଧା ପଇଠ କରିନାହାଁନ୍ତି ।
ପରିଶେଷରେ ଆମେ ଆପଣଙ୍କୁ ଜଣାଇଦେଉଛୁ ଯେ ଆପଣ ଟ.୧,୫୦,୪୦୦/- ସହିତ ତା୩୦.୦୩.୨୦୨୩ରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ତ୍ରୟ ମାସିକ /ଅର୍ଦ୍ଧ ବାର୍ଷିକ କମ୍ପାଉଣ୍ଡ ସୁଧ ୮.୬୫% ହାରରେ ପଇଠ କରନ୍ତୁ କିମ୍ବା ଏହି ବିଜ୍ଞାପନ ତାରିଖ ଠାରୁ ୧୫ ଦିନ ମଧ୍ୟରେ ଶାଖା ସହିତ ବିଚାରବିମର୍ଶକରି ଅତିରିକ୍ତ ସୁନା ଅଳଙ୍କାର ବନ୍ଧକ ରଖିବାର ବ୍ୟବସ୍ଥା କରନ୍ତୁ । ଅନ୍ୟଥା ଆପଣଙ୍କ ଋଣ ଆକାଉଣ୍ଟରେ ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାର ଗୁଡିକୁ ଉପଯୁକ୍ତ ବିଧି ଏବଂ ବ୍ୟବସ୍ଥା ଅନୁସାରେ ନିଲାମ କରିଦିଆଯିବ ।
ଆପଣଙ୍କର ବିଶ୍ୱସ୍ତ,
ପରିଚାଳକ

ତାରିଖ: ୦୯.୦୪.୨୦୨୪, ସ୍ଥାନ: ଭୁବନେଶ୍ୱର — ଶାଖା ପରିଚାଳକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ:ଭୁବନେଶ୍ୱର, ୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫,
ଇମେଲ୍: crld.robhubaneshwar@unionbankofindia.bank

**ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬)/୯(୧) ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର ସମ୍ପତ୍ତିଗୁଡିକ ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ ରହିଛି, ଯାହାକୁ **ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ** (ସୁରକ୍ଷିତ ଋଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ସାଙ୍କେତିକ/ଭୌତିକ ଦଖଲ ନେଇ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ ନିମ୍ନଲିଖିତ ତାରିଖରେ ବିକ୍ରୟ କରିବା ନିମନ୍ତେ ସ୍ଥିର କରିଛନ୍ତି । ନିମ୍ନରେ ବର୍ଣ୍ଣିତ ଋଣଗ୍ରହୀତା/ବନ୍ଧକଦାତା/ ଜାମିନ୍‌ଦାରମାନେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କୁ ଦେବାକୁ ଥିବା ବକେୟା ଦେୟ ନିମ୍ନରେ ପ୍ରଦାନ କରାଗଲା । ସଂରକ୍ଷିତ ମୂଲ୍ୟ, ଅମାନତ ଜମା ଏବଂ ବିଡ୍ ବୃଦ୍ଧି ପରିମାଣ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା ।

**ଷ୍ଟେସନ ସ୍କୋୟାର ଶାଖା,** ପ୍ଲଟ ନଂ.୧୨୧ ଏବଂ ୧୨୨, ଖାରବେଳ ନଗର, ଷ୍ଟେସନ ସ୍କୋୟାର, ଭୁବନେଶ୍ୱର, ଓଡିଶା, ପିନ୍- ୭୫୧୦୦୧
ମୋବାଇଲ୍ ନଂ.:୯୭୭୭୬୬୬୫୪୩, ଇମେଲ୍: ubin0903337@unionbankofindia.bank

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା: | ବକେୟା ଦେୟ |
|---|---|
| (୧) ମେସର୍ସ ଓଡି ପ୍ଲାଷ୍ଟ, ସତ୍ତ୍ୱାଧିକାରୀ: ଶ୍ରୀ ସଚିଦାନନ୍ଦ ଦାସ, ପ୍ଲଟ ନଂ.୫୮/ଇ, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ପାତ୍ରପଡା, ଭୁବନେଶ୍ୱର- ୭୫୧୦୦୯ । | ତା.୧୫.୦୭.୨୦୨୨ ସୁଦ୍ଧା ଟ.୧,୧୧,୫୩,୦୮୫/- ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ-୧: ଫ୍ୟାକ୍ଟ୍ରି ଜମି ଏବଂ ଗୃହ ଯାହାର ଇଡ୍‌କୋ ପ୍ଲଟ ନଂ.୫୮/ଇ, ରେଭିନ୍ୟୁ ଖାତା ନଂ.୫୦୩, ରେଭିନ୍ୟୁ ପ୍ଲଟ ନଂ.୫୪(ପି), ସମୁଦାୟ ଜମି ଏରିଆ: ଏ୦.୧୧୫ ଡିସିମିଲି, ଭଗବାନପୁର ଇଣ୍ଡଷ୍ଟ୍ରିଆଲ ଏରିଆ, ମୌଜା: ଭଗବାନପୁର, ତହସିଲି: ଭୁବନେଶ୍ୱର, ଥାନା: ତମାଣ୍ଡୋ, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍- ୭୫୧୦୧୯ ।
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୯୧,୪୦,୬୫୬/- / ଅମାନତ ଜମା: ଟ.୯,୧୪,୦୬୫/- / ବିଡ୍ ବୃଦ୍ଧି ରାଶି: ଟ.୧,୦୦,୦୦୦/-

**ମଧୁସୂଦନ ନଗର ଶାଖା,** ପ୍ଲଟ ନଂ.୨୬୯, ସଚିବାଳୟ ମାର୍ଗ, ମଧୁସୂଦନ ନଗର, ୟୁନିଟ୍-୪, ଭୁବନେଶ୍ୱର, ପିନ୍-୭୫୧୦୨୨,
ମୋବାଇଲ୍ ନଂ.: ୮୨୬୦୪୮୯୫୯୫, ଇମେଲ୍: ubin0808954@unionbankofindia.bank

| ଋଣଗ୍ରହୀତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା: | ବକେୟା ଦେୟ |
|---|---|
| (୧) ଶ୍ରୀ ସତ୍ୟଜିତ୍ ପଣ୍ଡା, ପ୍ଲଟ ନଂ.୨୧୬୯(ଅଂଶ), କେଦାରଗୌରୀ ରୋଡ, ଭୁବନେଶ୍ୱର-୭୫୧୦୦୨, (୨)ଶ୍ରୀ ଦେବବ୍ରତ ନାୟକ, ପିତା: ଶ୍ରୀ ବ୍ରହ୍ମାନନ୍ଦ ନାୟକ, ଗୀତା ନିବାସ, ରବି ଟକିଜ୍ ରୋଡ, ବ୍ରଜବନ୍ଧୁ କଲ୍ୟାଣ ମଣ୍ଡପ ନିକଟ, ଭୁବନେଶ୍ୱର-୭୫୧୦୦୨, (୩) ୰ଶ୍ରୀ ଲିଙ୍ଗରାଜ ରାଉତରାୟ, ପିତା: ଶ୍ରୀ ହୃଦାନନ୍ଦ ରାଉତରାୟ, ପ୍ଲଟ ନଂ.୬୬୪/୪୨୩୨, ରାମେଶ୍ୱର ପାଟଣା, ଭୁବନେଶ୍ୱର-୭୫୧୦୦୨ଙ୍କ ସମସ୍ତ ଆଇନଗତ ଉତ୍ତରାଧିକାରୀମାନେ । | ତା.୧୭.୦୮.୨୦୨୩ ସୁଦ୍ଧା ଟ.୪୮,୬୯,୯୬୩.୦୪ ସହିତ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ |

ସମ୍ପତ୍ତି ନଂ-୨: ଶ୍ରୀ ସତ୍ୟଜିତ୍ ପଣ୍ଡାଙ୍କ ନାମରେ ଥିବା ବାସପୋଯୋଗି ଫ୍ଲାଟ ଯାହା ରୟାଲ ରେସିଡେନ୍ସିର ଫ୍ଲାଟ ନଂ.୩୨, ଏହାର ପ୍ଲଟ ନଂ.୮୭୭/୨୬୧୯ (ଜିଏ ପ୍ଲଟ ନଂ.ଏନ୍/୩-୭୧), ଖାତା ନଂ.୧୪୨୭(ଜିଏ), ମୌଜା: ଜୟଦେବ ବିହାର (ୟୁନିଟ-୧୬), ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ପିନ୍-୭୫୧୦୧୫, ଚାରିପାର୍ଶ୍ୱରେ: ଉତ୍ତର- ଫ୍ଲାଟ ନଂ.୩୧, ଦକ୍ଷିଣ- ଖୋଲା ସ୍ଥାନ, ପୂର୍ବ- ଖୋଲା ସ୍ଥାନ, ପଶ୍ଚିମ- ଖୋଲା ସ୍ଥାନ ।
ଦଖଲର ପ୍ରକାର: ସାଙ୍କେତିକ / ସଂରକ୍ଷିତ ମୂଲ୍ୟ: ଟ.୬୫,୮୮,୯୦୦/- / ଅମାନତ ଜମା: ଟ.୬,୫୮,୮୯୦/- / ବିଡ୍ ବୃଦ୍ଧି ରାଶି: ଟ.୭୦,୦୦୦/-

ଇ-ନିଲାମ ତାରିଖ ଏବଂ ସମୟ: ତା.୩୦.୦୪.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ (ପ୍ରତ୍ୟେକ ପାଇଁ ଅସୀମ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବସାଇଟ୍: www.mstcecommerce.com

ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ଇ-ନିଲାମ ଆରମ୍ଭ ପୂର୍ବରୁ

ପଞ୍ଜିକରଣ, ଲଗଇନ୍ ଏବଂ ନିଲାମର ନିୟମାବଳୀ ନିମନ୍ତେ ୱେବସାଇଟ୍:https://www.mstcecommerce.com/auctionhome/ibapi/index.jsp ଦେଖନ୍ତୁ

ବିକ୍ରୟ ନିୟମ ଓ ସର୍ତ୍ତାବଳୀର ସବିଶେଷ ବିବରଣୀ ନିମନ୍ତେ ଲିଙ୍କ୍ https://www.unionbankofindia.co.in/english/home.aspx or https://ibapi.in/Sale_Info_Home.aspx କୁ ଅନୁଧ୍ୟାନ କରନ୍ତୁ ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮(୬) / ରୁଲ ୯(୧) ଅନୁଯାୟୀ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୦୯.୦୪.୨୦୨୪ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ


# ମଧ୍ୟବର୍ତ୍ତିକାଳୀନ ରହିତାଦେଶ ଆବେଦନ ଖାରଜ

## ନିରଞ୍ଜନଙ୍କୁ ଅଦାଲତି ଝଟକା

କଟକ,୯।୪ (କାର୍ତ୍ତିକ ସାହୁ)

ଲୋକସେବକ ମଣ୍ଡଳର ପୂର୍ବତନ ଆଜୀବନ ସଦସ୍ୟ ନିରଞ୍ଜନ ରଥଙ୍କୁ ଅଦାଲତି ଝଟ୍‌କା ଲାଗିଛି। ଗୋପବନ୍ଧୁ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ୍ ଆଣ୍ଡ ରିସର୍ଚ୍ଚ(ଜିମ୍‌ସାର)ରେ ପରିଚାଳନାଗତ ବିଭ୍ରାଟ, ପାଣ୍ଠି ଦୁରୁପଯୋଗ ଏବଂ ଅନ୍ୟାନ୍ୟ ଅନିୟମିତତା ଅଭିଯୋଗରେ ଲୋକସେବକ ମଣ୍ଡଳ ପକ୍ଷରୁ ରଥଙ୍କୁ ଆଜୀବନ ସଭ୍ୟ ପଦରୁ ଅବ୍ୟାହତି ଦିଆଯାଇଥିଲା। ଏହାର ବିରୋଧରେ ଅନ୍ତରୀଣ ଅଙ୍କୁଶ ଲଗାଇବାକୁ ରଥ କଟକସ୍ଥିତ ବରିଷ୍ଠ ଦେୱାନୀ ବିଚାରପତି(ପ୍ରଥମ) ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ତେବେ ଅଦାଲତ ଉକ୍ତ ଆବେଦନକୁ ସୋମବାର ଖାରଜ କରିଦେଇଛନ୍ତି। ପ୍ରତିପକ୍ଷଙ୍କ ଉପରେ ମଧ୍ୟବର୍ତ୍ତୀ ଅଙ୍କୁଶ ଜାରି କରିବାର କୌଣସି ଜରୁରୀ ଆବଶ୍ୟକତା ଅନୁଭବ କରୁ ନାହାନ୍ତି ବୋଲି ଅଦାଲତସ୍ପଷ୍ଟକରିଛନ୍ତି। ଆସନ୍ତା ମେ ୮ ତାରିଖରେ ଏହାର ମୂଳ ମାମଲାର ଶୁଣାଣି ଧାର୍ଯ୍ୟ ହୋଇଛି।

ପ୍ରକାଶ ଯେ, ୨୦୨୪ ଜାନୁଆରୀ ୨୪ରେ ମିଳିଥିବା ରିପୋର୍ଟରେ ଜିମ୍‌ସାରରେ ଏକାଧିକ କୋଟି ଟଙ୍କାର ଆର୍ଥିକ ଅନିୟମିତତା ହୋଇଥିବା ଦର୍ଶାଯାଇଥିଲା। ଲୋକସେବକ ମଣ୍ଡଳର ସମ୍ବିଧାନର ଧାରା ୮ରେ ଧାର୍ଯ୍ୟ ବ୍ୟବସ୍ଥା ଅନୁସାରେ ସଭାପତିଙ୍କ ଉପରେ ନ୍ୟସ୍ତ କ୍ଷମତା ବଳରେ ସଭାପତି ଅନିୟମିତତା ଅଭିଯୋଗରେ ନିରଞ୍ଜନ ରଥଙ୍କୁ କୋଷାଧ୍ୟକ୍ଷ ପଦରୁ ଅବ୍ୟାହତି ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ଅନ୍ତରୀଣ ପଦକ୍ଷେପ ଭାବେ ୧୮୬୭ ପ୍ରେସ୍ ଓ ରେଜିଷ୍ଟ୍ରେଶନ ଅଫ୍ ବୁକ୍ସ ଆକ୍ଟର ବ୍ୟବସ୍ଥା ଅନୁସାରେ ୨୦୨୪ ଫେବୃଆରୀ ୨୧ତାରିଖ ଠାରୁ ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କୁ 'ସମାଜ'ର ମୁଦ୍ରାକର ଓ ପ୍ରକାଶକ ଭାବେ ଲୋକସେବକ ମଣ୍ଡଳର ସଭାପତି ନିଯୁକ୍ତି ଦେଇଛନ୍ତି। 'ସମାଜ', 'ଜିମ୍‌ସାର' ଓ 'ସତ୍ୟବାଦୀ' ସମେତ ଲୋକସେବକ ମଣ୍ଡଳର କୌଣସି କାର୍ଯ୍ୟରେ ନିରଞ୍ଜନ ରଥ ସମ୍ପୃକ୍ତ ରହିବେ ନାହିଁ ବୋଲି ସଭାପତି ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବହୁ ଦୁର୍ନୀତି, ପ୍ରିୟାପ୍ରୀତି, ତଥ୍ୟ ଗୋପନ ଭଳି ଗୁରୁତର ଅଭିଯୋଗ ଉପରେ ପ୍ରସ୍ତାବିତ ତଦନ୍ତକୁ ଚାପ ଓ ପ୍ରଭାବ ମୁକ୍ତ ରଖିବା ଉଦ୍ଦେଶ୍ୟରେ ଲୋକସେବକ ମଣ୍ଡଳର ଆଜୀବନ ସଭ୍ୟ ପଦରୁ ରଥଙ୍କୁ ଗତ ମାର୍ଚ୍ଚ ୨୯ତାରିଖରେ ସଭାପତି ନିଲମ୍ବନ କରିଥିଲେ।

# ପ୍ରାର୍ଥୀ ଘୋଷଣା ସରୁନି, ଚିନ୍ତାରେ ଆଶାୟୀ

ଭୁବନେଶ୍ୱର, ୯।୪(ସୁନିତ୍ ମିଶ୍ର)

ଆସନ୍ତା ମେ ୧୩, ୨୦, ୨୫ ଏବଂ ଜୁନ୍ ୧ରେ ଓଡ଼ିଶାର ୨୧ ଲୋକ ସଭା ଏବଂ ୧୪୭ ବିଧାନସଭା ଆସନରେ ଭୋଟ ହେବ। ସେହି କ୍ରମରେ ଦେଖିଲେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଲାଗି ନାମାଙ୍କନ ଦାଖଲ ପାଇଁ ଆଉ ମାତ୍ର ୮ ଦିନ ସମୟ ରହିଛି। ହେଲେ ଓଡ଼ିଶାର ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ଏପର୍ଯ୍ୟନ୍ତ ସବୁ ଆସନରେ ନିଜର ପ୍ରାର୍ଥୀ ଘୋଷଣା କରିପାରିନାହାନ୍ତି। କଂଗ୍ରେସରୁ ଏକାଧିକ ନେତା ଦଳ ଛାଡ଼ି ଅନ୍ୟ ଦଳକୁ ଯାଉଥିବାବେଳେ ଭାଜପା ଅସନ୍ତୁଷ୍ଟ ବିଜେଡି ନେତାଙ୍କୁ ଦଳରେ ସାମିଲକରି ନିଜ ଦଳର ମୂଳ ନେତାମାନଙ୍କୁ ଅସନ୍ତୁଷ୍ଟ କରୁଥିବା ଲକ୍ଷ୍ୟ କରାଯାଉଛି, ଯେଉଁଥିଲାଗି ଭାଜପା ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା କରିବା ପରଠାରୁ ବହୁ ବିଧାନସଭା କ୍ଷେତ୍ରରୁ ଆଶାୟୀଙ୍କ ସମର୍ଥକମାନେ ଆସି ଦଳୀୟ କାର୍ଯ୍ୟାଳୟଠାରେ ପ୍ରତିବାଦ ଏବଂ ବିରୋଧ ପ୍ରକ୍ରିୟା ଜାରି ରଖିଛନ୍ତି। ସେହିପରି ବିଜେଡି ଅନ୍ୟ ଦଳର ଅନେକ ନେତାଙ୍କୁ ଆମଦାନୀ କରି ଟିକେଟ ଦେବା କାରଣରୁ ବହୁ ନେତା ଅସନ୍ତୁଷ୍ଟ ହୋଇ ଦଳ ଛାଡୁଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥିତିରେ ୩ ଦଳରେ ପ୍ରାର୍ଥୀ ଘୋଷଣା ସରୁ ନ ଥିବା ବେଳେ ବାକି ଥିବା ଆସନରେ ଆଶାୟୀଙ୍କ ଚିନ୍ତା ଦିନକୁ ଦିନ ବଢ଼ିଚାଲିଛି।

ଭାଜପା ଗୋଟିଏ ପର୍ଯ୍ୟାୟରେ ୧୧୨ ବିଧାନସଭା ଓ ସମସ୍ତ ୨୧ ଲୋକ ସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଘୋଷଣା କରିସାରିଲାଣି। ତେବେ ବାଲେଶ୍ୱର ଲୋକ ସଭା ଆସନକୁ ଛାଡ଼ିଦେଲେ ଅନ୍ୟ କୌଣସି ନିର୍ବାଚନମଣ୍ଡଳୀରେ ଏମ୍‌ପି ଟିକେଟ ପାଇଁ ଦଳରେ ଖୋଲାଖୋଲି ଦ୍ୱନ୍ଦ୍ୱ ଦେଖିବାକୁ ମିଳୁନାହିଁ। ବାଲେଶ୍ୱର ଲୋକ ସଭା ଆସନ ପାଇଁ ଏୀର ଖାରବେଳ ସ୍ୱାଇଁ ଖୋଲାଖୋଲି ଦଳୀୟ ଟିକେଟ ପାଇଁ ଦାବି କରୁଥିବା ଦେଖିବାକୁ ମିଳିଛି। ଏପର୍ଯ୍ୟନ୍ତ ଆହୁରି ୩୫ଟି ବିଧାନସଭା ଆସନରେ ଭାଜପା ପ୍ରାର୍ଥୀ ଘୋଷଣା ନ କରି ଝୁଲାଇ ରଖିଛି। ଫଳରେ ବିଜେଡିରୁ ଅସନ୍ତୁଷ୍ଟ ହୋଇ ଟିକେଟ ଆଶାରେ ଥିବା ଅନେକ ନେତା ଏବେ ଚିନ୍ତାରେ ପଡ଼ିଗଲେଣି। ଯେହେତୁ ଭାଜପା ଘୋଷଣା କରିଥିବା ଟିକେଟ ମଧ୍ୟରୁ ଅନେକ ସ୍ଥାନରେ ଏବେ ବିରୋଧ ଦେଖିବାକୁ ମିଳୁଛି ତାହା ମଧ୍ୟ ଦଳ ପାଇଁ ଚିନ୍ତାର ବିଷୟ ପାଲଟିଛି। ଧର୍ମଶାଳା, ମାହାଙ୍ଗା, ରଣପୁର, ଜୟଦେବ, ଖୋର୍ଦ୍ଧା, ହିଞ୍ଜିଳି ଭଳି ବହୁ ଆସନରେ ଟିକେଟ ଘୋଷଣା ପରେ ଭାଜପାର ସମସ୍ୟା ବଢ଼ିଛି।

ସେହିପରି ବିଜେଡି ୩ଟି ପର୍ଯ୍ୟାୟରେ ଏ ପର୍ଯ୍ୟନ୍ତ ମୋଟ ୧୦୮ଟି ବିଧାନସଭା ଆସନ ଓ ୨୦ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି। ହେଲେ ଆହୁରି ୩୯ଟି ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନ(ବାଲେଶ୍ୱର) ପାଇଁ ଦଳ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଇପାରି ନାହିଁ। କେତେକ ଆସନରେ ବିଜେଡି ବିରୋଧୀ ଦଳରୁ ନେତାଙ୍କୁ ଆଣି ଟିକେଟ ଦେଉଥିବା ଲକ୍ଷ୍ୟ କରାଯାଉଛି। ଗତଥର ତୁଳନାରେ ଏଥର ନିର୍ବାଚନରେ ଏହି ପ୍ରକ୍ରିୟାକୁ ବିଜେଡି ଅଧିକ ଉପଯୋଗ କରୁଥିବା ଲକ୍ଷ୍ୟ କରାଯାଉଛି। ଅନ୍ୟପଟେ ବାଲେଶ୍ୱର ଲୋକ ସଭା ଆସନରେ ଦଳ କାହାକୁ ଟିକେଟ ଦେବ ସେନେଇ ବିଚାରବିମର୍ଶ ଜାରି ରଖିଛି। ଏହି ଆସନରେ ମଧ୍ୟ ଶାସକ ଦଳ ଅନ୍ୟ ଦଳରୁ ଆମଦାନୀ କରି ଆଣିଥିବା ଜଣଙ୍କୁ ଟିକେଟ ଦେବା ଯଥେଷ୍ଟ ସମ୍ଭାବନା ଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

କଂଗ୍ରେସ ମଧ୍ୟ ଏଯାଏଁ ୮ଟି ଲୋକ ସଭା ଏବଂ ୪୭ଟି ବିଧାନସଭା ଆସନରେ ପ୍ରାର୍ଥୀ ଦେଇଛି। ଦୁଇଟି ଆସନ ଦଳ ମେଣ୍ଟକୁ ଛାଡ଼ି ଦେଇଛି। ଏହିପରି ମୋଟ ୪୯ଟି ଆସନରେ ଦଳ ପ୍ରାର୍ଥୀ ଘୋଷଣା କରିସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବାକି ୧୩ ଲୋକ ସଭା ଏବଂ ୯୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ଅନେକ ନେତା କଂଗ୍ରେସ ଛାଡ଼ି ନିକଟରେ ବିଜେଡି ଏବଂ ଭାଜପାରେ ଯୋଗଦେଇ ସେମାନଙ୍କ ଟିକେଟରେ ଏଥର ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି। ବରିଷ୍ଠ ନେତା ଗଣେଶ୍ୱର ବେହେରା, ଅଂଶୁମାନ ମହାନ୍ତି, ସୁରେନ୍ଦ୍ର ସିଂଭୋଇଙ୍କ ଭଳି ଅନେକ ନେତା ବିଜେଡି ଟିକେଟରୁ ନିର୍ବାଚନ ଲଢୁଛନ୍ତି। ତେଣୁ କଂଗ୍ରେସ ପ୍ରାର୍ଥୀ ଚୟନ ନେଇ ଚିନ୍ତାରେ ପଡ଼ିଯାଇଛି। ଦଳ ପ୍ରଗମନ ଆପ୍‌ରେ ଯେଉଁ ହଜାର ହଜାର ଲୋକ ଟିକେଟ ପାଇଁ ଆବେଦନ କରିଥିବା କଥା କହୁଥିଲା ସେଥିରେ କେତେ ସତ୍ୟତା ରହିଛି ତାହା ମଧ୍ୟ ଜଣାପଡୁନାହିଁ। ଆସନ୍ତା ୧୩ରେ ସିଇସି ବୈଠକ ଥିବାବେଳେ ଏହାପରେ ଯାଇ ଦଳ ବାକି ଆସନଗୁଡିକ ପାଇଁ ପ୍ରାର୍ଥୀ ଘୋଷଣା କରିବ ବୋଲି ଜଣାପଡ଼ିଛି।



ଯାଜପୁର ଜିଲଶ ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀରୁ ଆଶାୟୀ ପ୍ରାର୍ଥୀ ହିମାଂଶୁ ଶେଖର ସାହୁଙ୍କୁ ଟିକେଟ ଦେବା ଦାବିରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ତାଙ୍କ ସମର୍ଥକଙ୍କ ବିକ୍ଷୋଭ ପ୍ରଦର୍ଶନ।

# ବିଜେଡିରେ ଭଦ୍ରକ ପୌରାଧକ୍ଷା ଗୁଲମକ୍କି



ଶଙ୍ଖଭବନଠାରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ଲୋକ ସଭା ସଦସ୍ୟା ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଉପସ୍ଥିତିରେ ଭଦ୍ରକ ପୌରାଧକ୍ଷା ଗୁଲମକ୍କି ହବିବ୍ ବିଜେଡିରେ ଯୋଗ ଦେଇଛନ୍ତି।

ଭୁବନେଶ୍ୱର,୯।୪(ଅନିଲ ଦାସ)

ଭଦ୍ରକ ପୌରପାଳିକାର ପୌରାଧକ୍ଷା ଗୁଲମକ୍କି ହବିବଙ୍କ ସମେତ ଶତାଧିକ କର୍ମୀ ମଙ୍ଗଳବାର ଶଙ୍ଖଭବନଠାରେ ପୂର୍ବତନ ମନ୍ତ୍ରୀ ତଥା ଭଦ୍ରକ ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ଦାସବର୍ମା, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ଡକ୍ଟର ସସ୍ମିତ ପାତ୍ର, ଭଦ୍ରକ ଲୋକ ସଭା ସଦସ୍ୟ ମଞ୍ଜୁଲତା ମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଗୁଲମକ୍କି ଦଲୱାଜି ହବିବ ନିର୍ବାଚିତ ହୋଇଥିଲେ। ଦଳରେ ସାମିଲ ହୋଇଥିବା ଗୁଲମକ୍କିଙ୍କ ସହ ଶତାଧିକ କର୍ମୀଙ୍କୁ ବିଜେଡି ନେତାମାନେ ଉପଢୌକନ ଦେଇ ସ୍ୱାଗତ କରିଛନ୍ତି। ଦଳରେ ଯୋଗଦାନ ଫଳରେ ବିଶେଷକରି ଭଦ୍ରକ ନିର୍ବାଚନମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ସେମାନେ କହିଛନ୍ତି। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଗୁଲମକ୍କି କହିଛନ୍ତି, ସ୍ୱାଧୀନ ଭାବେ ଲଢ଼ି ମଧ୍ୟ ବିଜେଡିକୁ କେବେ ବିରୋଧ କରିନାହୁଁ। ନବୀନ ପଟ୍ଟନାୟକ ଓ ବିଜୁବାବୁଙ୍କୁ ଆଦର୍ଶ ଭାବି ନିର୍ବାଚନ ଲଢ଼ିବୁ। ନବୀନବାବୁଙ୍କ ହାତମୁଠା ଟାଣ କରିବୁ। ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବାକୁ ପ୍ରୟାସ କରିବୁ। ଭଦ୍ରକ ପୌରପାଳିକାକୁ ଆହୁରି ଆଗକୁ ନେବାକୁ ପ୍ରୟାସ କରିବୁ। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତିଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବା ସେ କହିଛନ୍ତି। ଦଳ ତାଙ୍କୁ ଓ ତାଙ୍କ ସହଯୋଗ ଦେଇଥିବା ସମସ୍ତ କର୍ମୀଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ଉପସ୍ଥିତ ଥିଲେ।

## ଏକାମ୍ରରେ ନିର୍ଦ୍ଦଳୀୟ ପ୍ରାର୍ଥୀ ହୋଇପାରନ୍ତି ଅମିୟ

ପୁରୁଣା ଭୁବନେଶ୍ୱର,
୯।୪(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱରର ଏକାମ୍ର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ(ବିଜେଡି) ଏବଂ ଭାରତୀୟ ଜନତା ପାର୍ଟି(ଭାଜପା) ନିଜର ପ୍ରାର୍ଥୀଙ୍କୁ ଦୋହରାଇଛନ୍ତି। ବିଜେଡିରୁ ଅଶୋକ ଚନ୍ଦ୍ର ପଣ୍ଡା ପ୍ରାର୍ଥୀ ହୋଇଥିବା ବେଳେ ଭାଜପା ବାବୁ ସିଂଙ୍କ ଉପରେ ଭରସା କରିଛି। କଂଗ୍ରେସର ପ୍ରାର୍ଥୀ ଚୟନ ନେଇ କୌଣସି ନିଷ୍ପତ୍ତି ହୋଇପାରିନାହିଁ। ଏସବୁ ମଧ୍ୟରେ ୨୦୧୪ରେ ଏକାମ୍ର କ୍ଷେତ୍ରରେ ବିଜେଡି ପ୍ରାର୍ଥୀଙ୍କୁ ଟକ୍କର ଦେଇଥିବା ସାମାଜିକକର୍ମୀ ଅମିୟ ଦାସଙ୍କ ନୀରବତା ଏବେ ଏକାମ୍ର କ୍ଷେତ୍ରରେ ଚର୍ଚ୍ଚାର ବିଷୟ ପାଲଟିଛି। ବର୍ଷ ତମାମ ଅନେକ କ୍ଲବ, ସାମାଜିକ ସଙ୍ଗଠନରେ ରହି ବହୁ ସାମାଜିକ କାର୍ଯ୍ୟକ୍ରମରେ ସେ ନିଜକୁ ଜଡ଼ିତ ରଖିଛନ୍ତି। ଏକାମ୍ର କ୍ଷେତ୍ରରେ ବିଜେପି ସଙ୍ଗଠନକୁ ସୁଦୃଢ଼ କରିବାପାଇଁ ଅମୀୟ ଦାସଙ୍କ ଅବଦାନ ବହୁତ ରହିଆସିଛି। ୨୦୧୯ରେ ହଠାତ୍ ବିଜେଡିରୁ ଆସି ଭାଜପାରେ ଯୋଗଦାନ ପରେ ବାବୁ ସିଂ ଟିକେଟ ପାଇବା ଘଟଣା ସେତେବେଳେ ଅମୀୟ ଓ ତାଙ୍କ ସମର୍ଥକଙ୍କୁ ନିରାଶ କରିଥିଲା। ସମ୍ଭବତଃ ଦଳୀୟ କନ୍ଦଳରୁ ଏକାମ୍ର କ୍ଷେତ୍ରରେ ଭାଜପା ହାରିଥିଲା। ଚଳିତ ନିର୍ବାଚନରେ ଅମୀୟ ଯଦିଓ ଭାଜପାରେ ଅଛନ୍ତି, କିନ୍ତୁ ଏପର୍ଯ୍ୟନ୍ତ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି। ଏହି ପରିପ୍ରେକ୍ଷୀରେ ଅମୀୟ ଦାସ କହିଛନ୍ତି, ରାଜନୀତିକୁ ସେବା ଭାବେ ଗ୍ରହଣ କରିଛନ୍ତି। ପଦପଦବୀ ଏକ ପ୍ରକ୍ରିୟା। ଚଳିତ ନିର୍ବାଚନରେ ଅନେକ ସଙ୍ଗଠନର କର୍ମକର୍ତ୍ତା ଏବଂ ବିଭିନ୍ନ ପଞ୍ଚାୟତ ଓ ବିଏମ୍‌ସି ଅଞ୍ଚଳର ଶୁଭେଚ୍ଛୁଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି। ଦଳୀୟ ଟିକଟ ନ ମିଳିଲେ ମଧ୍ୟ ନିର୍ବାଚନରେ ନିର୍ଦ୍ଦଳୀୟ ଭାବେ ପ୍ରତିଦ୍ୱନ୍ଦିତା କରିବାକୁ ମନସ୍ଥ କରିଥିବା ଜଣାଇଛନ୍ତି।

# 'ସାଲୁଜା ଯୁଆଡେ, ଆମେ ସିଆଡେ'

କଣ୍ଟାବାଞ୍ଜି, ୯।୪ (ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ହରିଭବନରେ ମଙ୍ଗଳବାର କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ବ୍ଲକ ସମେତ କଣ୍ଟାବାଞ୍ଜି ଏନଏସିର ସହସ୍ରାଧିକ କର୍ମୀ ଓ ସମର୍ଥକ, ବିଭିନ୍ନ ବ୍ଲକର କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଆଗାମୀ ନିର୍ବାଚନରେ ପୁଣି ଥରେ ସାଲୁଜାଙ୍କୁ ବିଧାୟକଭାବେ ବିପୁଳ ଭୋଟରେ ନିର୍ବାଚିତ କରିବାକୁ ସମ୍ମିଳନୀରେ ଶପଥ ନେଇଥିଲେ। ସମସ୍ତ କର୍ମୀ, ସମର୍ଥକ ଓ କାର୍ଯ୍ୟକର୍ତ୍ତା ସାଲୁଜା ଯେଉଁଠି ରହିବେ ତାଙ୍କ ସହ ସମସ୍ତେ ରହି ସମର୍ଥନ ଦେବେ ବୋଲି ସେଠାରେ ଘୋଷଣା କରିଥିଲେ।




କଂଗ୍ରେସ କର୍ମୀ ସମ୍ମିଳନୀରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ସମର୍ଥକ।

ସମ୍ମିଳନୀରେ ପ୍ରଥମେ ମୁରିବାହାଲ ବ୍ଲକ ୩୦ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଗୋପୀନାଥ ପାଣିଗ୍ରାହୀ ଅଞ୍ଚଳର ବିକାଶରେ ବିଧାୟକ ସାଲୁଜାଙ୍କ ଯୋଗଦାନ ସମ୍ପର୍କରେ କହିଥିଲେ। କଣ୍ଟାବାଞ୍ଜି ବିକାଶରେ ସେ ଏକମାତ୍ର ନେତା ବୋଲି କହିଥିଲେ। ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷଙ୍କ ପ୍ରତିନିଧି ତଥା ସମିତି ସଭ୍ୟ ଭୋଳାନାଥ ବେହେରା ଅଞ୍ଚଳର ବିକାଶରେ ସାଲୁଜା ଏକମାତ୍ର ବିକଳ୍ପ ବୋଲି କହିଥିଲେ।

ବିଧାୟକ ସାଲୁଜା ତାଙ୍କ ବକ୍ତବ୍ୟରେ ଆଗାମୀ ବିଧାନସଭା ନିର୍ବାଚନରେ ବିଜୟୀ ହେବାକୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇ କର୍ମୀ ଓ ସମର୍ଥକଙ୍କୁ ଉତ୍ସାହିତ କରିଥିଲେ। ଚାଷୀର ଫସଲ ବୀମା, ବାର୍ଦ୍ଧକ୍ୟ ଭତ୍ତା, ରାସ୍ତାଘାଟ ହେଉ କିମ୍ବା ବ୍ୟକ୍ତିଗତ ସମସ୍ୟା ହେଉ ବିରୋଧୀଠାରୁ କର୍ମୀ ଯାଏ ସମସ୍ତଙ୍କ ସମସ୍ୟାର ସମାଧାନ ପାଇଁ ସେ ଚେଷ୍ଟାକରି ଆସିଛନ୍ତି ବୋଲି କହିଥିଲେ। ନିଜକୁ କଣ୍ଟାବାଞ୍ଜି ମାଟିର ସନ୍ତାନ ବୋଲି କହି ସେ ଯେଭଳି ବିକାଶ କାର୍ଯ୍ୟ କରିବେ ଅନ୍ୟଠାରୁ ଆସିଥିବା ଲୋକେ ଏଠାରେ କ'ଣ ବିକାଶ କରିବେ ବୋଲି କହିଥିଲେ। ଦୀର୍ଘଦିନରୁ କଣ୍ଟାବାଞ୍ଜିର ଦାଦନ ସମସ୍ୟା, ଜଳସେଚନର ବ୍ୟବସ୍ଥା ସହିତ ଜିଲା ଦାବି କଥା ବିଧାନସଭାରେ ସେ ଉଠାଇ ଆସିଥିବା ସୂଚନା ଦେଇଥିଲେ। ଆଗାମୀ ଦିନରେ କଣ୍ଟାବାଞ୍ଜି ଜିଲା ଦାବିକୁ ସରକାରଙ୍କଠାରେ ଉପସ୍ଥାପନ କରି ସଫଳ ହେବେ ବୋଲି ସାଲୁଜା ଦୃଢ଼ତାର ସହ କହିଥିଲେ।

# ଅନୁଗୋଳ ଟିକେଟ ପାଇଁ ସମର୍ଥକଙ୍କୁ ନେଇ ମେଳି

■ ନବୀନ ନିବାସ, ଶଙ୍ଖଭବନ ଯିବାକୁ ଅନୁମତି ପାଇଲେନି
■ ନିର୍ଭର ପ୍ରତିଶ୍ରୁତି ପରିବର୍ତ୍ତେ କେବଳ ଆଶ୍ୱାସନା ଚର୍ଚ୍ଚା

ଭୁବନେଶ୍ୱର,(ଅନିଲ ଦାସ)/ ଅନୁଗୋଳ,
୯।୪ (ଅମିତ କୁମାର ସାମଲ)

ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିର ଟିକେଟ ଝମେଲା ତୁଟୁନି। ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା ଯେତିକି ବିଳମ୍ବ ହେଉଛି ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ଆଶା ଆଶଙ୍କା ସେତିକି ବଢୁଛି। ତେଣୁ ମଙ୍ଗଳବାର ଅନୁଗୋଳ ନିର୍ବାଚନମଣ୍ଡଳୀର କେତେଜଣ ଦଳୀୟ ନେତା ଓ ସମର୍ଥକଙ୍କୁ ନେଇ ବିଧାୟକ ସିଂହ ତାଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ମେଳି କରିବା ସହ ଟିକେଟ୍ ହାତେଇବାକୁ ପ୍ରୟାସ କରିଥିଲେ। ତୁରନ୍ତ ଟିକେଟ ଘୋଷଣା କରିବାକୁ ସମର୍ଥକମାନେ କରିଥିଲେ। ଯଦି ରଜନୀକାନ୍ତଙ୍କ ଟିକେଟ କଟେ ତେବେ ବିଜେଡି ଉପରେ ନିଶ୍ଚିତ ପ୍ରଭାବ ପଡ଼ିବ ଏବଂ ସାମୂହିକ ଇସ୍ତଫା ଦେବେ ବୋଲି ଅନୁଗୋଳ ପୌରପାଳିକା କାଉନସିଲରମାନେ ଚେତାବନୀ ଦେଇଥିଲେ। ହେଲେ ଏପରି ଉଦ୍ୟମ ସତ୍ତ୍ୱେ ରଜନୀକାନ୍ତଙ୍କୁ ଦଳ ପକ୍ଷରୁ ନିର୍ଭର ପ୍ରତିଶ୍ରୁତି ମିଳି ନ ଥିବା କୁହାଯାଉଛି। ଏପରି କି ଶଙ୍ଖଭବନ କି ନବୀନ ନିବାସ ଯାଇ ଦାବି ଜଣାଇବାକୁ ଅନୁମତି ଦିଆଯାଇ ନାହିଁ। ତେବେ ଏହି ମେଳି ଖବରପାଇ ଘଟଣାସ୍ଥଳକୁ ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଆସିଥିଲେ ହେଁ କେବଳ ଆଶ୍ୱାସନା ଦେଇଥିବା ଚର୍ଚ୍ଚା ହେଉଛି। ଫଳରେ ରଜନୀକାନ୍ତଙ୍କ ସମର୍ଥକମାନେ ନିରାଶ ହୋଇଥିବା ଆଲୋଚନା ହେଉଛି।



ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଅନୁଗୋଳ ବିଧାୟକଙ୍କ ସହିତ ସମର୍ଥକମାନେ।

# ସିଇଙ୍କ ନିକଟରେ ଫେରାଦହେଲା ଭାଜପା

ଭୁବନେଶ୍ୱର,୯।୪(ସୁନିତ୍ ମିଶ୍ର)

ବିଜେଡି ବିରୋଧରେ ପୁଣି ଥରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ଫେରାଦ ହୋଇଛି। ଭାଜପା ଅଭିଯୋଗ କରିଛି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡି ମହିଳାମାନଙ୍କୁ ଢାଲକରି ୨୦୨୪ ସାଧାରଣ ନିର୍ବାଚନ ବୈତରଣୀ ପାରହେବା ଲାଗି ବିଜେଡି ହୀନ ଚକ୍ରାନ୍ତ କରୁଛି। ମହିଳାଙ୍କୁ ସମ୍ମାନ ଦେବା ପରିବର୍ତ୍ତେ ତାଙ୍କୁ ନିର୍ବାଚନ ପ୍ରଚାରରେ ବିନିଯୋଗ କରି ଭୋଟରଙ୍କୁ ବିଜେଡି ଟଙ୍କା ବାଣ୍ଟିବା କାର୍ଯ୍ୟରେ ବ୍ୟବହାର କରୁଛି। ପ୍ରଶାସନିକ ଅଧିକାରୀ ଓ ମିଶନ ଶକ୍ତିର ସିଆର୍‌ପି, ଏମ୍‌ବିକେମାନଙ୍କୁ ନିର୍ବାଚନ ପ୍ରଚାରରେ ଲଗାଇ ବିଜେଡି ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଙ୍ଘନ କରୁଛି। ଆଶାକର୍ମୀ ଓ ଆଶାକର୍ମୀ ମହାସଂଘ ସମ୍ପାଦକ ବବିତା ରାଉତ, କେତେଜଣ ଅଙ୍ଗନୱାଡି କର୍ମୀ ଗଞ୍ଜାମରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି, ଯାହାର ଫଟୋ ଓ ଭିଡିଓ ବର୍ତ୍ତମାନ ତଥ୍ୟ ପ୍ରମାଣ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦିଆଯାଇଛି। ନିର୍ବାଚନ ଆଚରଣ ବିଧି ଲାଗୁହେବା ପରେ ବିଜେଡି ଆଦିବାସୀ ବିକାଶ ବିଭାଗକୁ ୫୨୮ କୋଟି ଟଙ୍କା ଗୋଟିଏ ଏନ୍‌ଜିଓକୁ ମଞ୍ଜୁର କରିଛନ୍ତି, ଯାହା ଆଇନ ବିରୋଧ। ତେଣୁ ଅର୍ଥ ମଞ୍ଜୁର କରିଥିବା ଅଫିସର ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଭାଜପା ଦାବି କରିଛି।

# ରାଉରକେଲାରୁ ଲଢ଼ିବେ ଦିଲୀପ

ରାଉରକେଲା,୯।୪
(ବିପ୍ଳବ ରଞ୍ଜନ ଦାଶ)

ଆସନ୍ତା ମେ ୨୦ ତାରିଖରେ ସୁନ୍ଦରଗଡ଼ ଜିଲାରେ ଉଭୟ ଲୋକ ସଭା ଓ ବିଧାନସଭା ପାଇଁ ଭୋଟ୍ ଗ୍ରହଣ କରାଯିବ। ତେବେ ନିର୍ବାଚନ ସମୟ ଯେତିକି ପାଖେଇ ଆସୁଛି ରାଉରକେଲା ରାଜନୀତି ସେତିକି ସରଗରମ ହେବାରେ ଲାଗିଛି। ରାଉରକେଲା ବିଧାନସଭା ଆସନ ପାଇଁ ବିଜେଡି ପୁଣି ସାରଦା ପ୍ରସାଦ ନାୟକଙ୍କ ଉପରେ ଆସ୍ଥା ପ୍ରକଟ କରିଥିବା ବେଳେ କଂଗ୍ରେସ ବୀରେନ୍ଦ୍ର ନାଥ ପଟ୍ଟନାୟକଙ୍କୁ ପ୍ରାର୍ଥୀ କରିଛି। ଭାଜପା ଏଯାଏ କାହାକୁ ପ୍ରାର୍ଥୀ ଘୋଷଣା କରିନାହିଁ। ଭାଜପା ପକ୍ଷରୁ କିଏ ପ୍ରାର୍ଥୀ ହେବେ ସେନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିବା ବେଳେ ମଙ୍ଗଳବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କୁ



ଦିଲୀପ ରାୟ

ନେଇ ବଡ଼ ଖବର ସାମ୍ନାକୁ ଆସିଛି। ରାଉରକେଲା ବିଧାନସଭା ଆସନରେ ଦିଲୀପ ରାୟ ଭାଜପା ପ୍ରାର୍ଥୀ ହେବା ସୁନିଶ୍ଚିତ। କେବଳ ଦଳ ପକ୍ଷରୁ ଆନୁଷ୍ଠାନିକ ଘୋଷଣାକୁ ଅପେକ୍ଷା କରାଯାଇଛି ବୋଲି ଭାଜପାର ସୁନ୍ଦରଗଡ଼ ଲୋକ ସଭା ପ୍ରାର୍ଥୀ ଜୁଏଲ ଓରାମ ସବଡେଗା ଓ ତଳସରା ନିର୍ବାଚନୀ କ୍ଷେତ୍ରକୁ ଦଳୀୟ ପ୍ରଚାରରେ ଆସି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଫଳରେ ଦିଲୀପ ନିର୍ବାଚନ ଲଢିବେ କି ନାହିଁ ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡିଛି। ରାଉରକେଲାରେ ଦିଲୀପ ଭାଜପା ପ୍ରାର୍ଥୀ ହେଲେ ବିଜେଡି ପ୍ରାର୍ଥୀ ସାରଦାଙ୍କ ସହ ତାଙ୍କର ଲଢେଇ ହେବ ବୋଲି ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ୧୯୯୯ରେ ଝାଡ଼ଖଣ୍ଡର କୋଇଲା ଖଣି ଆବଣ୍ଟନରେ ଅନିୟମିତତାକୁ ନେଇ ପୂର୍ବରୁ ଦିଲୀପ ରାୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। ମାମଲାର ନିର୍ଦ୍ଦିଷ୍ଟ ସ୍ଥିତିକୁ ଦୃଷ୍ଟିରେ ରଖି କୋଇଲା ଦୁର୍ନୀତି ମାମଲାରେ ଦିଲୀପଙ୍କ ଦୋଷୀ ସାବ୍ୟସ୍ତ ରାୟ ଉପରେ ଦିଲ୍ଲୀ ହାଇକୋର୍ଟ ସୋମବାର ସ୍ଥଗିତାଦେଶ ଦେଇଛନ୍ତି। ଫଳରେ ସେ ୨୦୨୪ ନିର୍ବାଚନ ଲଢିପାରିବେ ବୋଲି ସ୍ପଷ୍ଟ ହୋଇଛି।

# ବିଜେଡି-ଭାଜପା ଅସନ୍ତୁଷ୍ଟଙ୍କୁ ଅନେଇଛି କଂଗ୍ରେସ

ବାଲେଶ୍ୱର, ୯।୪(ମାନସ ବିଶ୍ୱାଳ)

କଂଗ୍ରେସ ଏପର୍ଯ୍ୟନ୍ତ ବାଲେଶ୍ୱର ଲୋକସଭା ଏବଂ ଜିଲାର କୌଣସି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ। ଭାଜପା ଇତିମଧ୍ୟରେ ଜଳେଶ୍ୱର, ରେମୁଣା, ବାଲେଶ୍ୱର, ସୋର ଓ ସିମୁଳିଆ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଏବଂ ଲୋକସଭା ପାଇଁ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ନାମ ଘୋଷଣା କରିଛି। ସେହିପରି ବିଜେଡି ଜଳେଶ୍ୱର, ବସ୍ତା, ବାଲେଶ୍ୱର, ସୋର ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କ ନାମ ଘୋଷଣା କରିସାରିଛି। ଅବଶ୍ୟ ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ପଛରେ ପଡ଼ିଯାଇଛି। ଶୁଣିବାକୁ ମିଳୁଛି, ହାତ ଦଳ ଶ୍ରୀକାନ୍ତ ଜେନାଙ୍କୁ ବାଲେଶ୍ୱର ଲୋକସଭା ପାଇଁ ପ୍ରାର୍ଥୀ କରିପାରେ। ଯଦି ସେ ପ୍ରାର୍ଥୀ ହୁଅନ୍ତି ତେବେ ଦଳରେ ଥିବା ତାଙ୍କର ଅନୁଗତ ବରିଷ୍ଠ ଓ ଛାମୁଆ ନେତାମାନେ ବିଭିନ୍ନ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ହେବା ନେଇ ଆଶା ବାନ୍ଧିଲେଣି। ଅନ୍ୟପକ୍ଷରେ ଗତ ୨୦୧୯ରେ ଲୋକସଭା କ୍ଷେତ୍ରରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ନବଜ୍ୟୋତି ପଟ୍ଟନାୟକ ମଧ୍ୟ ଲବିରେ ଅଛନ୍ତି। ତେବେ ଜିଲାର ବାଲେଶ୍ୱର ବିଧାନସଭା ଆସନଟି ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏଠାରୁ ପ୍ରାର୍ଥୀ ହେବା ପାଇଁ କଂଗ୍ରେସର ଏକାଧିକ ବ୍ୟକ୍ତି ଆବେଦନ କରିଛନ୍ତି। ଅପରପକ୍ଷେ ବିଜେଡି ଓ ଭାଜପା ଜିଲାର ସମସ୍ତ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀଙ୍କ ନାମ ଘୋଷଣା ପରେ କଂଗ୍ରେସ ତା'ର ପ୍ରାର୍ଥୀଙ୍କ ନାମ ଘୋଷଣା କରିବ ବୋଲି ଶୁଣିବାକୁ ମିଳିଛି। ଫଳରେ ଉଭୟ ଦଳରୁ ଅସନ୍ତୁଷ୍ଟଙ୍କୁ ନିଜ ଦଳରେ ସାମିଲ କରି ଜିଲାରେ ଭଲ ଫଳାଫଳ କରିବା ପାଇଁ କଂଗ୍ରେସ ଅନାଇ ବସିଛି।



ବିକ୍ରମ ପଣ୍ଡା



ସରୋଜ ଲେଙ୍କା

ବାଲେଶ୍ୱର ବିଧାନସଭା ଆସନରୁ ଚଳିତ ନିର୍ବାଚନ ପାଇଁ ବିଜେଡି ପ୍ରାର୍ଥୀ ସ୍ୱରୂପ ଦାସ ଏବଂ ଭାଜପା ପ୍ରାର୍ଥୀ ମାନସ ଦତ୍ତଙ୍କ ନାମ ଘୋଷଣା ପରେ ସେମାନେ କର୍ମୀମାନଙ୍କୁ ନେଇ ସମ୍ମିଳନୀ ଏବଂ ନିର୍ବାଚନୀ ପ୍ରଚାର ଆରମ୍ଭ କରିସାରିଲେଣି। ମାତ୍ର କଂଗ୍ରେସ ଏ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିଲେ ବି ଆଶାୟୀମାନେ ସେମାନଙ୍କ କାର୍ଯ୍ୟକ୍ରମ ଆରମ୍ଭ କରିଦେଇଥିବା ଦେଖିବାକୁ ମିଳିଛି। ଗୋଟିଏପଟେ କଂଗ୍ରେସର ପୁରୁଖା ନେତା ତଥା କାଉନସିଲର ପଦ୍ମଲୋଚନ ଲେଙ୍କାଙ୍କ

## ବାଲେଶ୍ୱର ରାଜନୀତି

ପୁଅ ସରୋଜ ଲେଙ୍କା ଆଶାୟୀ ପ୍ରାର୍ଥୀ ଅଛନ୍ତି। ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ସହଯୋଗ ତାଙ୍କ ପ୍ରତି ରହିଥିବା ଚର୍ଚ୍ଚା ଚାଲିଛି। ଏଥିସହ ସରୋଜ ମଧ୍ୟ ତାଙ୍କର ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଦେଇଛନ୍ତି। ଅପରପକ୍ଷେ ବିଭିନ୍ନ ସମୟରେ ବିଧାୟକଙ୍କୁ ଟାର୍ଗେଟ କରି ଜନସମାବେଶଠାରୁ ଆରମ୍ଭ କରି ଘର ଘର ବୁଲି ପ୍ରଚାର କରୁଥିବା ବିକ୍ରମ ପଣ୍ଡାଙ୍କ ନାମ ମଧ୍ୟ କଂଗ୍ରେସ ଆଶାୟୀ ପ୍ରାର୍ଥୀ ତାଲିକାରେ ରହିଛି। ସେ ନିଜର ପ୍ରଚାର ପ୍ରସାର କାର୍ଯ୍ୟ ଚଳାଇଥିଲେ ବି କଂଗ୍ରେସରୁ ଲଢ଼ିବେ କି ନାହିଁ ତାହା ସ୍ପଷ୍ଟ ହୋଇନି। ଅନ୍ୟପଟେ ସରୋଜ କଂଗ୍ରେସରେ ରହି ଦଳର ନିର୍ଦ୍ଦେଶ ଅନୁସାରେ କାମ କରିଚାଲିଛନ୍ତି। କୁହାଯାଉଛି, ଯଦି ଶ୍ରୀକାନ୍ତ ଜେନା ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ନ୍ତି, ତେବେ ବିକ୍ରମଙ୍କୁ କଂଗ୍ରେସ ପ୍ରାର୍ଥୀ କରିପାରେ। ଏହାରି ଭିତରେ ଦଳର ନିଷ୍ପତ୍ତି ଅଟକିଥିବା ବେଳେ ଆଗାମୀ ଦିନରେ କଂଗ୍ରେସ କାହାକୁ ପ୍ରାର୍ଥୀ କରୁଛି ତାହା ଦେଖିବାକୁ ବାକି ରହିଲା।

# ସେନ୍‌ସେକ୍ସର ସର୍ବକାଳୀନ ରେକର୍ଡ

■ ୭୫,୦୦୦ ଉପରେ ସେନ୍‌ସେକ୍ସ

■ ୨୩,୦୦୦ ନିକଟବର୍ତ୍ତୀ ନିଫ୍ଟି-୫୦



ନୂଆଦିଲ୍ଲୀ,୯।୪

ଚଳିତ ଆର୍ଥିକ ବର୍ଷର ୨ସପ୍ତାହ କାରବାରର ୨ଦିନରେ ଘରୋଇ ଶେୟାର ବଜାର ଏକ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଥିଲା। ଏପରିକି ଶେୟାର ବଜାରର ପ୍ରାଥମିକ ପର୍ଯ୍ୟାୟ କାରବାର (ସକାଳ ୧୦ ଘଟିକା) ସମୟରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ବା ବିଏସ୍‌ଇ ସେନ୍‌ସେକ୍ସ ପ୍ରଥମ ଥର ପାଇଁ ୭୫,୦୦୦ (୭୫,୧୨୪.୨୮) ଅଙ୍କ ଅତିକ୍ରମ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ବା ଏନ୍‌ଏସ୍‌ଇ ନିଫ୍ଟି-୫୦ର କାରବାର ମଧ୍ୟ ୨୩,୦୦୦(୨୨,୭୬୫.୧୦) ଅଙ୍କର ନିକଟବର୍ତ୍ତୀ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାରର କାରବାର ମଙ୍ଗଳବାର ସକଳା ସମୟରେ ବିଏସ୍‌ଇ ସେନ୍‌ସେକ୍ସର କାରବାର ୩୮୧.୭୮ ପଏଣ୍ଟ ବା ୦.୫୧% ବଢି ୭୫,୧୨୪.୨୫ ଅଙ୍କରେ ରହିଥିଲାବେଳେ ଏନ୍‌ଏସଇ ନିଫ୍ଟି-୫୦ର କାରବାରରେ ମଧ୍ୟ ୯୮.୮ ବା ୦.୪୪% ବୃଦ୍ଧି ଘଟି ୨୨,୭୬୫.୧୦ଅଙ୍କରେ ପହଞ୍ଚିଯାଇଥିଲା। ସୂଚନାଯୋଗ୍ୟ, ପୁଞ୍ଜିବଜାରର ସୂଚନା ଅନୁଯାୟୀ, ସୋମବାର ଘରୋଇ ଶେୟାର ବଜାରର କାରବାର ୪୦୦ ଲକ୍ଷ କୋଟିରେ ସାମିଲ ହୋଇଥିଲାବେଳେ ଉଭୟ ବିଏସ୍‌ଇ ଏବଂ ଏନ୍‌ଏସ୍‌ଇ ପାଇଁ ମଧ୍ୟ ଏହା ଏକ ଐତିହାସିକ ସଫଳତା ବୋଲି ବଜାର ବିଶେଷଜ୍ଞମାନେ ମତପ୍ରକାଶ କରିଥିଲେ।

## ଶେୟାର ବଜାର କାରବାରରେ ହ୍ରାସ

ଦିନକ ପରେ ପୁଣି ଥରେ ଘରୋଇ ଶେୟାରବଜାରକାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୯ (୫୮.୮୦) ପଏଣ୍ଟ କମି ୭୪,୬୮୪(୭୪,୬୮୩.୭୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୪ (୨୩.୫୫) ପଏଣ୍ଟ ହ୍ରାସ ଘଟି ୨୨,୬୪୩(୨୨,୬୪୨.୭୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ରାଜେଶ ପିଏନ୍‌ବିର ନୂତନ ଅଞ୍ଚଳ ମୁଖ୍ୟ

ଭୁବନେଶ୍ୱର,୯।୪



ରାଜେଶ କୁମାର

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟର ଅଞ୍ଚଳ ମୁଖ୍ୟ (ମହାପ୍ରବନ୍ଧକ) ଭାବେ ରାଜେଶ କୁମାର ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ବର୍ଦ୍ଧମାନ ମଣ୍ଡଳ କାର୍ଯ୍ୟାଳୟରେ ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୧୯୯୫ରେ ରାଜେଶ ବ୍ୟାଙ୍କିଙ୍ଗ୍ କ୍ୟାରିୟର ଆରମ୍ଭ କରିଥିବାବେଳେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ଦିଲ୍ଲୀ ଓ ଓଡ଼ିଶା ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ସେ ଭିନ୍ନ ଭିନ୍ନ ପଦପଦବୀରେ ରହି କାର୍ଯ୍ୟ କରିଛନ୍ତି। ଏପରିକି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ କୁମାରଙ୍କର ବ୍ୟାପକ ଅଭିଜ୍ଞତା ରହିଛି। ସେହିଭଳି ଆଞ୍ଚଳିକ ମୁଖ୍ୟ ଭାବେ ଯୋଗଦେବା ପରେ କୁମାର ଖୁଚୁରା, କୃଷି ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ଉପରେ ପ୍ରାଧାନ୍ୟ ଦେବା ସହ ବ୍ୟବସାୟିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଓ ପିଏନ୍‌ବିକୁ ଆଗାମୀ ପିଢ଼ିର ପସନ୍ଦଯୋଗ୍ୟ ବ୍ୟାଙ୍କ ରୂପେ ଗଢି ତୋଳିବା ସହ ଡିଜିଟାଲ ବ୍ୟାଙ୍କିଙ୍ଗକୁ ଲୋକପ୍ରିୟତା କରାଇବା ଉପରେ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ସେହିପରି ରାଜ୍ୟରେ ଶାଖା ନେଟ୍‌ୱର୍କକୁ ବିସ୍ତାର କରିବା ଓ ରାଜ୍ୟରେ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଲ୍ୟାଣ୍ଡସ୍କେପ୍‌ରେ ବ୍ୟାଙ୍କିଙ୍ଗ୍ କାରବାରକୁ ବୃଦ୍ଧି କରାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଅପରପକ୍ଷରେ ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ବାଲେଶ୍ୱରଠାରେ ବ୍ୟାଙ୍କର ୫ଟି ମଣ୍ଡଳ କାର୍ଯ୍ୟାଳୟ ରହିଥିବା ବେଳେ ରାଜ୍ୟରେ ପିଏନ୍‌ବିର ମୋଟ ୩୪୪ଟି ଶାଖା ରହିଛି।

# ମାର୍ଚ୍ଚରେ ୮୪,୯୫୪ ୟୁନିଟ୍ ଯାନ ବିକ୍ରି

ଭୁବନେଶ୍ୱର,୯।୪

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ(ଏଫ୍‌ଏଡିଏ ବା ଫାଡା) ର ମାସିକ ଯାନ ବିକ୍ରି ଫଳାଫଳ ନିକଟରେ ପ୍ରକାଶ ପାଇଛି। ଏପରିକି ୨୦୨୪ ମାର୍ଚ୍ଚରେ ଉଭୟ ସର୍ବଭାରତୀୟ ଓ ରାଜ୍ୟସ୍ତରୀୟ ଖୁଚୁରା ଗାଡ଼ି ବିକ୍ରି ଫଳାଫଳ ବା ଯାନ ବିକ୍ରି ତଥ୍ୟ ଫାଡା ପକ୍ଷରୁ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଫାଡାର ଓଡ଼ିଶା ରାଜ୍ୟ ୟୁନିଟ୍ ପକ୍ଷରୁ ମଧ୍ୟ ମାର୍ଚ୍ଚ ମାସର ଯାନ ବିକ୍ରି ତଥ୍ୟ ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ବିଶେଷକରି ୨୦୨୪ ମାର୍ଚ୍ଚରେ ଓଡ଼ିଶାରେ ମୋଟ ୮୪, ୯୫୪ ୟୁନିଟ୍ ଯାନ ବିକ୍ରି କରାଯାଇଥିଲାବେଳେ ୨୦୨୩ ସମାନ ମାସ ମଧ୍ୟରେ ୬୫,୪୭୮ ୟୁନିଟ୍ ବିକ୍ରି ହୋଇଥିଲା। ଫଳରେ ଗତ ବର୍ଷ ମାର୍ଚ୍ଚ ମାସର ବିକ୍ରି ତୁଳନାରେ ଚଳିତ ବର୍ଷ ମାର୍ଚ୍ଚ ମାସର ବିକ୍ରି ପରିମାଣ ପ୍ରାୟ ୩୦% (୨୯.୭୪%) ବୃଦ୍ଧି ଘଟିଛି। ଅପରପକ୍ଷରେ ରାଜ୍ୟର ଖୁଚୁରା ଯାନ ବିକ୍ରି ମଧ୍ୟ ପୂର୍ବ ବର୍ଷର ସମାନ ଅବଧି ଅନୁଯାୟୀ ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଯଥାକ୍ରମେ ଦୁଇଚକିଆ ୩୨.୨୭%, ତିନିଚକିଆ ୩୯.୧୭%, ସିଭି ୨୬.୧୫ %, ପିଭି ୭.୦୧% ଏବଂ ଟ୍ରାକ୍ଟର ୪୨.୬୦% ବିକ୍ରି ଅଭିବୃଦ୍ଧି ହୋଇଛି। ଏ ସମ୍ପର୍କରେ ଫାଡା ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ପ୍ରଦୀପ ଅଗ୍ରୱାଲ କହିଛନ୍ତି, ଚଳିତ ବର୍ଷ ମାର୍ଚ୍ଚରେ ରାଜ୍ୟ ଅଟୋମୋବାଇଲ ଶିଳ୍ପର କାରବାର ବେଶ୍ ଉତ୍ସାହଜନକ ରହିଛି। ବିଶେଷକରି ଘରୋଇ ବଜାରରେ ୨ ଚକିଆ ଯାନର ବିକ୍ରି ଅଭିବୃଦ୍ଧି ଜାରି ରହିଥିଲାବେଳେ ଅନ୍ୟାନ୍ୟ ବର୍ଗର ଯାନ ବିକ୍ରିରେ ମଧ୍ୟ ସୁଧାର ଆସିବା ସହ ଭଲ କାରବାର କରୁଥିବା ଲକ୍ଷ୍ୟ କରାଯାଇଛି।

# ଭୁବନେଶ୍ୱରରେ ମାରୁତି ସୁଜୁକିର ମାଇଲେଜ୍ ରାଲି

ଭୁବନେଶ୍ୱର,୯।୪

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ (ଏମ୍‌ଏସ୍‌ଆଇଏଲ୍) ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଗ୍ରାଣ୍ଡ ଭିଟାରା'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଏକ ଅଭିନବ କାର୍ଯ୍ୟକ୍ରମ 'ଗ୍ରାଣ୍ଡ ଭିଟାରା ଷ୍ଟ୍ରଙ୍ଗ୍ ହାଇବ୍ରିଡ୍ ମାଇଲେଜ୍ ରାଲି'ର ଆୟୋଜନ ସମ୍ପର୍କରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର୍ସ ଓ ଗ୍ରାହକଙ୍କ ମଧ୍ୟରେ ଏକ ଭାବ ବିନିମୟ ସହ 'ଗ୍ରାଣ୍ଡ ଭିଟାରା ଷ୍ଟ୍ରଙ୍ଗ୍ ହାଇବ୍ରିଡ୍ ମାଇଲେଜ୍ ରାଲି'ର ସଫଳ ସମାପ୍ତି ପାଇଁ ଏକ ବିଶେଷ କାର୍ଯ୍ୟକ୍ରମର ଆୟୋଜନ ନିକଟରେ କରାଯାଇଥିଲା। ଅପରପକ୍ଷରେ ଭୁବନେଶ୍ୱରର ଟ୍ରାଇଡେଣ୍ଟ ହୋଟେଲ ପରିସରରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ପୁରୀ ନିକଟସ୍ଥ ଏକ ଲୋକପ୍ରିୟ ୱାଟର ପାର୍କ ଠାରେ ଶେଷ ହୋଇଥିଲା।

ଏପରିକି ଏହି ଗ୍ରାହକଚାଳିତ ଇଭେଣ୍ଟ 'ଗ୍ରାଣ୍ଡ ଭିଟାରା'ରେ ଷ୍ଟ୍ରଙ୍ଗ୍ ହାଇବ୍ରିଡ୍ ଟେକ୍ନୋଲୋଜି ଦ୍ୱାରା ପ୍ରଦାନ କରାଯାଇଥିବା ଅସାଧାରଣ ଇନ୍ଧନଦକ୍ଷତା ଏବଂ ଏକ ବର୍ଦ୍ଧିତ ଡ୍ରାଇଭିଂ ଅଭିଜ୍ଞତାକୁ ଆଲୋକିତ କରିବା ସହିତ ୨୩ ଉତ୍ସାହୀ ଗାଡି ମାଲିକ ଭୁବନେଶ୍ୱର ମାଇଲେଜ ରାଲିରେ ଅଂଶଗ୍ରହଣ କରିଥିଲେ।




ଭୁବନେଶ୍ୱରଠାରେ ମାରୁତି ସୁଜୁକି ପକ୍ଷରୁ ଆୟୋଜିତ 'ଗ୍ରାଣ୍ଡ ଭିଟାରା ଷ୍ଟ୍ରଙ୍ଗ୍ ହାଇବ୍ରିଡ୍ ମାଇଲେଜ ରାଲି'କୁ କମ୍ପାନୀର ବରିଷ୍ଠ ଅଧିକାରୀ କାର୍ତ୍ତିକ ରାଜା ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି। ଏହି ଅବସରରେ କମ୍ପାନୀର ସହଯୋଗୀ ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଟିପିସିଓଡିଏଲ୍‌ର ଅଭିନବ ପ୍ରୟାସ

ଭୁବନେଶ୍ୱର,୯।୪

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍)ର ସମସ୍ତ କାର୍ଯ୍ୟ ପରିସରରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ଏପରିକି କମ୍ପାନୀର ଅଭିନବ ପ୍ରୟାସ ମାଧ୍ୟମରେ ଲକ୍ଷାଧିକ ଲୋକଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି। ବିଶେଷକରି ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ପ୍ରାଥମିକତା ଦେବା ସହ କାର୍ଯ୍ୟ କ୍ଷେତ୍ର ପରିସରରେ ଜଡ଼ିତ ଥିବା ସମସ୍ତଙ୍କ ଜୀବନ ପ୍ରତି କମ୍ପାନୀ ଗୁରୁତ୍ୱାରୋପ କରିଛି। ସେହିଭଳି ୨୦୨୪ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ର ୭୬ତମ ବାର୍ଷିକୀ ଉତ୍ସବ ପାଳନ କରାଯାଉଛି। ଉକ୍ତ ଉତ୍ସବର ଏକ ଅଂଶ ଭାବେ ଡବ୍ଲ୍ୟୁଏଚ୍‌ଓ 'ମୋ ସ୍ୱାସ୍ଥ୍ୟ, ମୋ ଅଧିକାର'କୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ-୨୦୨୪ର ବିଷୟବସ୍ତୁ ଭାବେ ଚୟନ କରିଛି, ଯାହା ମୌଳିକ ମାନବିକ ଅଧିକାର-ଗୁଣାତ୍ମକ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ସୂଚନାର ଉପଲବ୍ଧତା ଉପରେ ଗୁରୁତ୍ୱାରୋପ କରୁଛି। ସେହିପରି ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପ୍ରତି ପ୍ରତିବଦ୍ଧତା ଥିବା ଟିପିସିଓଡିଏଲ୍ ତା'ର କାର୍ଯ୍ୟକ୍ଷେତ୍ର ପରିସରରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି।

ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ କହିଛନ୍ତି, ଆମେ କେବଳ ଆମର କର୍ମଚାରୀଙ୍କ ଭିତରେ ନୁହେଁ ବରଂ ଆମେ ଯେଉଁ ଗୋଷ୍ଠୀ ସହ ଜଡ଼ିତ ରହିଛୁ ସେମାନଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବାର ମହତ୍ତ୍ୱକୁ ବୁଝିଛୁ। ଏପରିକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମର ପଦକ୍ଷେପ ସମସ୍ତ ଅଂଶୀଦାରଙ୍କ କଲ୍ୟାଣ ପାଇଁ ଦୃଢ଼ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରୁଛି ଏବଂ ଉତ୍ତମ ସ୍ୱାସ୍ଥ୍ୟ ଓ ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଆମର ବିଶ୍ୱାସକୁ ସୁଦୃଢ଼ କରୁଛି।

## ନୀତି ରାଜନୀତି

# ସନାତନଙ୍କ ଭୂମିକା ଉପରେ ନଜର

## କେନ୍ଦୁଝର ଜିଲାରେ ପ୍ରାର୍ଥୀ ଘୋଷଣାରେ ବିଳମ୍ବ

କେନ୍ଦୁଝର,୯।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହେଉଥିବାରୁ ବିଭିନ୍ନ ଦଳର କର୍ମୀ, ନେତା ନିରାଶ ହୋଇ ପଡୁଥିବା ଲକ୍ଷ୍ୟ କରାଯାଉଛି। କେନ୍ଦୁଝର ଲୋକ ସଭା ଆସନ ସହିତ ୬ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମେ ୨୫ରେ ନିର୍ବାଚନ ହେବ। ଯଦିଓ ଏକ ମାସରୁ ଅଧିକ ସମୟ ବାକି ରହିଛି, ତଥାପି ଯେଉଁଭଳି ଭାବରେ ପ୍ରାର୍ଥୀ ଘୋଷଣା ହେଉଛି ତାହା ବିଚିତ୍ର ସ୍ଥିତି ସୃଷ୍ଟି କରୁଛି।

ଲୋକ ସଭା ପ୍ରାର୍ଥୀ ସମେତ ୬ଟି ଯାକ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ପଛରେ ପଡ଼ିଯାଇଛି। ଏପରିକି ଦଳର ପ୍ରଚାର ମଧ୍ୟ ଆରମ୍ଭ ହୋଇ ପାରୁନାହିଁ। ଚିନ୍ତାରେ ଆଶାୟୀ ପ୍ରାର୍ଥୀମାନେ ରହିଥିବା ବେଳେ ବିଶେଷକରି ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଥିବା ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ସିଂ ଲାଗୁରି ଓ ତାଙ୍କ ସ୍ତ୍ରୀ ପୂର୍ବତନ ସାଂସଦ ଶକୁନ୍ତଳା ଲାଗୁରୀ ଏବଂ ପୂର୍ବତନ ସଦର ବିଜେଡି ବିଧାୟକ ସୁବର୍ଣ୍ଣ ନାୟକ ଓ ତାଙ୍କ ସ୍ତ୍ରୀ ପୂର୍ବତନ ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ପ୍ରତିଭା ମଞ୍ଜରୀ ନାଏକଙ୍କ ମଧ୍ୟରୁ ୨ଜଣ ଟିକେଟ ପାଇବା ସ୍ପଷ୍ଟ ସୂଚନା ମିଳିଥିଲେ ହେଁ ତୁରନ୍ତ ଘୋଷଣା ହେଉ ନ ଥିବାରୁ ସମସ୍ତେ ଚିନ୍ତାରେ ରହିଛନ୍ତି। ବିଜେଡି ଓ ଭାଜପା ଏମ୍‌ପି ପ୍ରାର୍ଥୀ ଘୋଷଣା କରିଥିବା ବେଳେ ବିଜେଡି ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଆନନ୍ଦପୁର, ତେଲକୋଇ, ପାଟଣା ଓ ଚମ୍ପୁଆ ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରି ନାହିଁ। ସେହିଭଳି ଭାଜପା ଘଷିପୁରା, ତେଲକୋଇ, ଚମ୍ପୁଆ ଓ ପାଟଣା ନିର୍ବାଚନମଣ୍ଡଳୀ ପାଇଁ ମଧ୍ୟ ପ୍ରାର୍ଥୀ ଘୋଷଣା କରିନାହିଁ।

ବର୍ତ୍ତମାନ ସନାତନ ମହାକୁଡ଼ଙ୍କ ପାଇଁ କେନ୍ଦୁଝର ରାଜନୈତିକ ସମୀକରଣ ଅଟକି ରହିଥିବାବେଳେ ସେ ଖୁବ୍‌ଶୀଘ୍ର ବିଜେଡିରେ ଯୋଗଦେବେ। ଏହାସହ ଚମ୍ପୁଆରୁ ଟିକେଟ ନେଇ ପାଟଣା, ତେଲକୋଇ, ଆନନ୍ଦପୁରରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଛିଡ଼ାକରାଇ ଜିତାଇବେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କୁଶ ଆପଟଙ୍କ ପ୍ରାର୍ଥୀ ହେବା ଆଶା ମଉଳି ଯାଇପାରେ। ତେବେ ଏନେଇ ସନାତନ ମୁହଁ ଖୋଲି ନ ଥିଲେ ମଧ୍ୟ ତାଙ୍କ ସମର୍ଥକମାନେ ଏଭଳି କୁହାକୁହି ହେଉଛନ୍ତି। ସନାତନ ଗୋଟିଏ ଦଳରେ ମିଶିବେ ଏବଂ ଚମ୍ପୁଆ ସହିତ ଅନ୍ୟ କେତେକ ନିର୍ବାଚନମଣ୍ଡଳୀରେ ନିଜ ପସନ୍ଦର ପ୍ରାର୍ଥୀ ଦେବାକୁ ଚାହୁଁଥିବାରୁ ତାଙ୍କ ଉପରେ ସମସ୍ତଙ୍କର ନଜର କେନ୍ଦ୍ରୀଭୂତ ହୋଇଛି।



ସନାତନ ମହାକୁଡ଼

ବିଜେଡି ଏମ୍‌ପି ପ୍ରାର୍ଥୀ ଭାବେ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କ ନାମ ଘୋଷଣା କରିଥିବା ବେଳେ ଭାଜପା ପୂର୍ବତନ ଏମ୍‌ପି ଅନନ୍ତ ନାୟକଙ୍କୁ ପ୍ରାର୍ଥୀ କରିଛି। ଉଭୟଙ୍କ ମଧ୍ୟରେ କଡ଼ା ମୁକାବିଲା ହେବାକୁ ଯାଉଥିବାରୁ ଦୁଇ ପ୍ରାର୍ଥୀ ପ୍ରଚାର, ବନ୍ଧୁ ମିଳନ, ସଭାସମିତି ଆଦି ଆରମ୍ଭ କରିଦେଇଛନ୍ତି। ସେହିପରି ବିଜେଡି ଘଷିପୁରା ନିର୍ବାଚନମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ବଦ୍ରୀନାରାୟଣ ପାତ୍ର, ପାଟଣା ପାଇଁ ପୂର୍ବତନ ବିଧାୟକ ଜଗନ୍ନାଥ ନାୟକଙ୍କ ନାମ ଘୋଷଣା କରିଛି। ଆନନ୍ଦପୁରରେ ଭାଜପା ଆଲୋକ ସେଠୀଙ୍କ ନାମ ଘୋଷଣା କରି ସାରିଥିବା ବେଳେ ବିଜେଡି ପ୍ରାର୍ଥୀ ଘୋଷଣା କରିନାହିଁ। କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ପୂର୍ବତନ ପୌରାଧ୍ୟକ୍ଷା ମୀନା ମାଝିଙ୍କ ନାମ ଘୋଷଣା କରିଥିବା ବେଳେ ଭାଜପା ପୂର୍ବତନ ବିଧାୟକ ମୋହନ ମାଝିଙ୍କୁ ରିପିଟ୍ କରିଛି। ଗତ ନିର୍ବାଚନରେ ମୋହନ ମାତ୍ର ୧,୨୦୦ ଭୋଟରେ ବିଜେଡି ପ୍ରାର୍ଥୀଙ୍କୁ ହରାଇ ବିଜୟୀ ହୋଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପଞ୍ଚାୟତ ନିର୍ବାଚନରେ ବିଜେଡି ଏହି ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ସମସ୍ତ ଜିଲା ପରିଷଦ ସଭ୍ୟ ଆସନ ହାସଲ କରି ସ୍ଥିତିକୁ ମଜଭୁତ କରିପାରିଛି। ଏଣୁ ପଞ୍ଚାୟତସ୍ତରରେ ବିଜେଡି ସୃଦୃଢ଼ ଥିବାରୁ ମୋହନ କିପରି ମୀନାଙ୍କୁ ମୁକାବିଲା କରିବେ ତାହା ତାଙ୍କ ପାଇଁ ମୁଖ୍ୟ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରୁଛନ୍ତି।

# ସମ୍ବଲପୁରବାସୀ ମୋଦିଙ୍କ ସହ ରହିଛନ୍ତି: ଧର୍ମେନ୍ଦ୍ର

ସମ୍ବଲପୁର,୯।୪ (ଭବାନୀ ଶଙ୍କର ଭୋଇ)

ଭାଜପା ପକ୍ଷରୁ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜିଲା ସମେତ ଦେବଗଡ, ଆଠମଲ୍ଲିକ ଓ ଛେଣ୍ଡିପଦାରେ ଧୂଆଁଧାର ପ୍ରଚାର ଆରମ୍ଭ କରିଦେଇଛନ୍ତି। ମଙ୍ଗଳବାର ସମ୍ବଲପୁରଠାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କ ସାଙ୍ଗଠନିକ ବୈଠକରେ ସେ ଯୋଗଦେଇ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ। ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ବିକଶିତ ଭାରତ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ସେ ଆହୁରି କହିଛନ୍ତି, ଦେଶରେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ଜନକଲ୍ୟାଣକାରୀ ସରକାର ଚାଲିଛି। ଅନ୍ୟ ରାଜ୍ୟରେ ଲୋକମାନେ ଏହାକୁ ଗ୍ରହଣ କରିସାରିଲେଣି। ଓଡ଼ିଶାବାସୀ ମଧ୍ୟ ପୁଣି ଥରେ ତୃତୀୟଥର ପାଇଁ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବେ। ଏହାସହ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆଣିବାକୁ ଓଡ଼ିଶାବାସୀ ମନସ୍ଥ କଲେଣି ବୋଲି ସେ କହିଛନ୍ତି। ଏହି ବୈଠକରେ ସମ୍ବଲପୁର ଅଞ୍ଚଳର ବହୁ ବରଷ୍ଠ ଭାଜପା କର୍ମୀ ସାମିଲ ହୋଇଥିଲେ। ପରେ ସେ ମାନେଶ୍ୱରସ୍ଥିତ ଶ୍ରୀରାମ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସମ୍ବଲପୁର ଗୋବିନ୍ଦପାଲିଠାରେ ସାମାଜିକ ସଂଗଠନ ସେବା ଭାରତୀ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ସାମିଲ ହୋଇଥିଲେ। ସଂଗଠନର ଏପରି ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଠେଲକୋପଡ଼ାଠାରେ ଚାଲିଥିବା ବୁଢୀମା'ଙ୍କ ଯାତ୍ରାରେ ସାମିଲ ହୋଇ ଆଶୀର୍ବାଦ ନେଇଥିଲେ।



ବୁଢୀମା'ଙ୍କ ଯାତ୍ରାରେ ସାମିଲ ହୋଇଥିବା ଅବସରରେ ଧର୍ମେନ୍ଦ୍ର ପ୍ରଧାନ।

# ଘୋଷଣା ହୋଇପାରୁନି କଂଗ୍ରେସ ପ୍ରାର୍ଥୀ ତାଲିକା

## ବରୀ ବିଧାନସଭା କ୍ଷେତ୍ର

ବରୀ,୯।୪(ମହେନ୍ଦ୍ର ସ୍ୱାଇଁ)

୨୦୦୦ ମସିହାରୁ ବରୀ ବିଧାନସଭା ନିର୍ବାଚନମଣ୍ଡଳୀରେ କୌଣସି କଂଗ୍ରେସ ପ୍ରାର୍ଥୀ ନିର୍ବାଚନ ଲଢ଼ି ବିଜୟର ସ୍ୱାଦ ଚାଖି ନାହାନ୍ତି। ଚଳିତ ନିର୍ବାଚନ ଲାଗି ତାରିଖ ଘୋଷଣା ପରେ ମଧ୍ୟ କଂଗ୍ରେସ ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନ ଥିବାରୁ ଦଳୀୟ କର୍ମୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

୨୦୧୪ ନିର୍ବାଚନରେ ଶାସକ ଦଳ ପ୍ରାର୍ଥୀ ଦେବାଶିଷ ନାୟକ ୫୯, ୮୦୦ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଶ୍ୱରଞ୍ଜନ ମଲିକ ୫୨,୬୨୮ ଖଣ୍ଡ, ଭାଜପାର ପ୍ରାର୍ଥୀ ନୀଳମଣି ସାମଲ ୯,୧୮୩ ଖଣ୍ଡ ଓ କଂଗ୍ରେସ ପ୍ରାର୍ଥୀ ଗଗନ ବିହାରୀ ଜେନା ୭,୬୮୨ ଖଣ୍ଡ ଭୋଟ ପାଇଥିଲେ। ସେତେବେଳେ ଶାସକ ଦଳ ପ୍ରାର୍ଥୀ ଦେବାଶିଷ ନାୟକ ୭,୧୭୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଥିଲେ। କିନ୍ତୁ ୨୦୧୯ରେ ବରୀର ରାଜନୈତିକ ଚିତ୍ର ଓଲଟପାଲଟ ହୋଇଯାଇଥିଲା। ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିବା ବିଶ୍ୱରଞ୍ଜନ ମଲିକ ଭାଜପାରେ ଯୋଗଦେଇ ଶାସକ ଦଳର ପ୍ରାର୍ଥୀ ସୁନନ୍ଦା ଦାସଙ୍କୁ କଡ଼ା ଟକ୍କର ଦେଇ ୪୦୬୨ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ ହୋଇଥିଲେ। କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ୭୦୮୨ ଖଣ୍ଡ ଭୋଟ ପାଇ ଅମାନତ ହରାଇଥିଲେ। ବର୍ତ୍ତମାନ ସୁଦ୍ଧା କଂଗ୍ରେସ ପ୍ରାର୍ଥୀ ଘୋଷଣା କରି ନ ଥିବା ଏହି ଦଳର ଦୁର୍ବଳତାକୁ ପଦାରେ ପକାଇ ଦେଇଛି।

ଗତଥର କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ଦଳ ଛାଡ଼ିବା ପରେ ଯୁବନେତା ଅମରେଶ ପରିଡ଼ା ତୃଣମୂଳ ସ୍ତରରେ କଂଗ୍ରେସ କର୍ମୀଙ୍କୁ ଏକଜୁଟ କରିଥିଲେ। ଅପରପକ୍ଷରେ ଜିଲା କଂଗ୍ରେସ ନେତ୍ରୀ ଆରତି ଦେଓ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟା କଳ୍ପନା ପଣ୍ଡା, ବରୀ ନିର୍ବାଚନମଣ୍ଡଳୀ ଯୁବ ସଭାପତି, ପୂର୍ବତନ ନୌସେନା ଅଧିକାରୀ ତଥା ବିଶିଷ୍ଟ କଂଗ୍ରେସ ନେତା ନବକିଶୋର ସାମଲଙ୍କ ପୁଅ ଅପୂର୍ବ ସାମଲ ମଧ୍ୟ କଂଗ୍ରେସ ଟିକେଟ ଦୌଡ଼ରେ ରହିଛନ୍ତି। ଦଳ ଡିଆଁ ରାଜନୀତି ଚାଲିଥିବାରୁ ମୂଳ କଂଗ୍ରେସ ପରିବାରରୁ ଦଳରେ ଦୀର୍ଘ ଦିନ ଧରି କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ପ୍ରାର୍ଥୀ କରାଯିବାକୁ ଆଶାୟୀ ପ୍ରାର୍ଥୀ କଳ୍ପନା ପଣ୍ଡା ମତ ରଖିଛନ୍ତି। ସେହିପରି କଂଗ୍ରେସ ଏକ ଶୃଙ୍ଖଳିତ ଦଳ, ଆମେ ଶୃଙ୍ଖଳାରେ ବିଶ୍ୱାସ କରୁ। ଆମ ଦଳ ଯାହାକୁ ପ୍ରାର୍ଥୀ ଘୋଷଣା କରିବ ଆମେ ସମସ୍ତେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ଲାଭ କରିବା କ୍ଷେତ୍ରରେ ସହଯୋଗ କରିବୁ ବୋଲି ଯୁବ ସମାଜସେବୀ ଅପୂର୍ବ ସାମଲ, ନାରୀ ନେତ୍ରୀ ଆରତୀ ଦେଓ ଓ ଇଞ୍ଜିନିୟର ଅମରେଶ ପରିଡ଼ା କହିଛନ୍ତି।



ଆରତି ଦେଓ



ଅମରେଶ ପରିଡ଼ା



କଳ୍ପନା ପଣ୍ଡା



ଅପୂର୍ବ ସାମଲ

# ଗୌରହରି ବିଶୋଇ ଗଞ୍ଜାମ ଜିଲା ଯୁବ ବିଜେଡି ସମ୍ପାଦକ ନିଯୁକ୍ତ

ଭୁବନେଶ୍ୱର,୯।୪(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା ସେରଗଡ ବ୍ଲକ ସେରଗଡ଼ ଗ୍ରାମର ଗୌରହରି ବିଶୋଇଙ୍କୁ ଗଞ୍ଜାମ ଜିଲା ବିଜୁ ଯୁବ ଜନତା ଦଳ ସମ୍ପାଦକ ଭାବେ ନିଯୁକ୍ତି ଦେଇଛନ୍ତି। ସେହିପରି ବିଜେଡି ସଭାପତି ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ଅମରେଶ ପଣ୍ଡାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର କରି ନେଇଛନ୍ତି। ଏ ନେଇ ମଙ୍ଗଳବାର ବିଜେଡି ପକ୍ଷରୁ ଜାରି ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

## ଅମରେଶ ପଣ୍ଡାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ

# 'ଏକ୍ସ'ରେ ଧର୍ମେନ୍ଦ୍ରଙ୍କୁ ବବିଙ୍କ ଟାର୍ଗେଟ

ସମ୍ବଲପୁର,୯।୪
(ଭବାନୀ ଶଙ୍କର ଭୋଇ)

କେନ୍ଦ୍ରମନ୍ତ୍ରୀ ତଥା ଭାଜପାରୁ ସମ୍ବଲପୁର ସାଂସଦ ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଖଟିଆରେ ରୋଗୀ ବୁହାହେବା ଘଟଣାରେ ମଙ୍ଗଳବାର ରାଜ୍ୟରେ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସରକାରଙ୍କୁ ଘେରିବା ପରେ ସମ୍ବଲପରରୁ ବିଜେଡି ସାଂସଦ ପ୍ରାର୍ଥୀ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି) ସମ୍ବଲପୁର-କଟକ ରାଜପଥର ଦୁରବସ୍ଥା ସହ କେନ୍ଦ୍ର ସରକାରଙ୍କ ଅପାରଗତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ବବି ଏକ୍ସରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଲେଖିଛନ୍ତି- ଧର୍ମେନ୍ଦ୍ର ଭାଇ, ଗତ ୧୦ବର୍ଷରେ ସମ୍ବଲପୁର-କଟକ ଏନ୍‌ଏଚ୍-୫୫ର ଦୁରବସ୍ଥା ଯୋଗୁ ୨୦୦ରୁ ଅଧିକ ଦୁର୍ଘଟଣାରେ ୪୦୦ରୁ ଅଧିକ ଜୀବନ ଯାଇଛି। କାହା ପାଇଁ, କାହାର ଅପାରଗତା ଓ ସ୍ଥାଣୁତା ଯୋଗୁଁ ଆପଣ ୧୦ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ ମଧ୍ୟ ସାମାନ୍ୟ ରାସ୍ତା କାମଟିଏ ସାରିପାରିଲେ ନାହିଁ। ଏହାଠାରୁ ବଡ଼ ବିଫଳତା ଆଉ କ'ଣ ହୋଇପାରେ? କେଉଁ ମୁହଁ ନେଇ ଆପଣ ସମ୍ବଲପୁରବାସୀଙ୍କୁ ସାମ୍ନା କରିବେ, ଯାହାଙ୍କର ଜୀବନରେଖାକୁ ଆପଣ ବିପର୍ଯ୍ୟସ୍ତ କରି ରଖିଛନ୍ତି। କେନ୍ଦ୍ରମନ୍ତ୍ରୀ ଭାବେ ଆପଣଙ୍କର ୧୦ ବର୍ଷର ବିଫଳତାର ଚିଠା ସମ୍ବଲପୁରବାସୀଙ୍କ ପାଖରେ ଅଛି। ଜନସାଧାରଣ ଆପଣଙ୍କୁ ଉଚିତ ଜବାବ ଦେବେ। ପ୍ରଣବଙ୍କ ମନ୍ତବ୍ୟ ପରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ କହିଛନ୍ତି, ପ୍ରଣବ ବାବୁ, ଆପଣଙ୍କ ୨୫ ବର୍ଷ ସରକାର ନିଜ ବିଫଳ ରୂପାନ୍ତରଣକୁ ଲୁଚାଇବାକୁ ଚେଷ୍ଟା କେଲେ ବି କେବେ ଲୁଚିବନି। ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ପାଇଁ କ'ଣ କରିଛନ୍ତି ସାଧାରଣ ଜନତା ଜାଣିଛନ୍ତି ବୋଲି ନାଉରୀ କହିଛନ୍ତି।



Pranab Prakash Das
@pranabpdas
Follow

.@dpradhanbjp ଭାଇ, ଗତ ୧୦ ବର୍ଷ ମଧ୍ୟରେ ସମ୍ବଲପୁର-କଟକ ଏନଏଚ-୫୫ର ଦୂରାବସ୍ଥା ଯୋଗୁଁ ୨୦୦ରୁ ଅଧିକ ଦୁର୍ଘଟଣାରେ ୪୦୦ରୁ ଅଧିକ ବହୁମୂଲ୍ୟ ଜୀବନ ଚାଲିଯାଇଛି। କାହା ପାଇଁ? କାହାର ଅପାରଗତା ଓ ସ୍ଥାଣୁତା ଯୋଗୁଁ? ଆପଣ ୧୦ ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ ମଧ୍ୟ ସାମାନ୍ୟ ରାସ୍ତା କାମଟିଏ ସାରିପାରିଲେ ନାହିଁ। ଏହାଠାରୁ ବଡ଼ ବିଫଳତା ଆଉ କ'ଣ ହୋଇପାରେ? କେଉଁ ମୁହଁ ନେଇ ଆପଣ ସମ୍ବଲପୁରବାସୀଙ୍କୁ ସାମ୍ନା କରିବେ। ଯାହାଙ୍କର ଜୀବନରେଖାକୁ ଆପଣ ବିପର୍ଯ୍ୟସ୍ତ କରି ରଖିଛନ୍ତି। କେନ୍ଦ୍ରମନ୍ତ୍ରୀ ଭାବେ ଆପଣଙ୍କର ୧୦ ବର୍ଷର ବିଫଳତାର ଚିଠା ସମ୍ବଲପୁରବାସୀଙ୍କ ପାଖରେ ଅଛି। ଜନସାଧାରଣ ଆପଣଙ୍କୁ ଉଚିତ୍ ଜବାବ ଦେବେ।

ପ୍ରଣବ ଦାସଙ୍କ ଏକ୍ସରେ ଦିଆଯାଇଥିବା ମତାମତ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୁଖ୍ୟ ଡ୍ର'ରେ ରତପର୍ଣ୍ଣା, ଶ୍ୱେତପର୍ଣ୍ଣା

**ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍**

ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)

ଓଡ଼ିଶାର ପଣ୍ଡା ସିଷ୍ଟର୍ସ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଚାଇନାର ନିଙ୍ଗବୋଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ର ମହିଳା ଡବଲ୍ସ ମୁଖ୍ୟ ଡ୍ର'ରେ ପ୍ରବେଶ କରିଛନ୍ତି। ଗ୍ରୁପ୍ 'ଏ'ରେ ଦୁଇ ଭଉଣୀ ଉଭୟ ଡବଲ୍ସ ମ୍ୟାଚ ଜିତି ଏହି ସଫଳତା ପାଇଛନ୍ତି। ମୁଖ୍ୟ ଡ୍ର'ର ପ୍ରଥମ ରାଉଣ୍ଡରେ ସେମାନେ ଚାଇନିଜ ଯୋଡ଼ି ଶୁ ଜିଆନ ଝାଙ୍ଗ୍ ଓ ୟୁ ଝେଙ୍ଗ୍‌ଙ୍କୁ ଭେଟିବେ। ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ସେମାନଙ୍କ ଡବଲ୍ସ କ୍ୱାଲିଫାଇଂରେ ପ୍ରଥମେ ବାଂଲାଦେଶୀ ଯୋଡ଼ି ଉର୍ମି ଅକ୍ତର/ନାସିମା ଖାତୁନଙ୍କୁ ୨୧-୬, ୨୧-୬ରେ ଏବଂ ପରେ ମାକାଉର ୱେ ଚି ଏଙ୍ଗ୍ ଓ ପାଇ ଚି ୱା'ଙ୍କୁ ୨୧-୧୮, ୨୧-୧୬ରେ ହରାଇ ଦେଇଥିଲେ। ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍ ପରି ଏକ ସମ୍ମାନଜନକ ପ୍ରତିଯୋଗିତାର ମୁଖ୍ୟ ଡ୍ର'ରେ ପ୍ରବେଶ କରି ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ମୁଖ୍ୟ ଟୁର୍ନାମେଣ୍ଟରେ ମଧ୍ୟ ସେମାନେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରହିଛି। ଉବର କପ୍ ପାଇଁ ଘୋଷିତ ଭାରତୀୟ ଦଳରେ ଦୁହେଁ ସ୍ଥାନ ପାଇ ନ ଥିଲେ। ମାତ୍ର ଏହି ପ୍ରଦର୍ଶନ ପରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବାଇ) ଏ ଦୁଇ ଖେଳାଳିଙ୍କୁ ଜାତୀୟ ଦଳରେ ସାମିଲ କରିବ ବୋଲି ବ୍ୟାଡ୍‌ମିଣ୍ଟନ ପ୍ରେମୀମାନେ ଆଶା ରଖିଛନ୍ତି। ଉଭୟ ଭଉଣୀ କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଆଗାମୀ ଟୁର୍ନାମେଣ୍ଟ ଲାଗି ଏ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।






# ହାଇଦ୍ରାବାଦ ୨ ରନ୍‌ରେ ବିଜୟୀ

ଚଣ୍ଡୀଗଡ,୯।୪

ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍(ଆଇପିଏଲ୍)ରେ ସନରାଇଜର୍ସ ହାଇଦ୍ରାବାଦ ୨ ରନରେ ପଞ୍ଜାବ କିଙ୍ଗ୍ସକୁ ହରାଇ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି। ସନରାଇଜର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୮୨ ରନ୍ କରିଥିଲା। ଜବାବରେ ପଞ୍ଜାବ ୨୦ ଓଭରରେ ୬ ଉଇକେଟ ହରାଇ ୧୮୦ ରନ୍ କରିପାରିଥିଲା।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ସନ୍‌ରାଇଜର୍ସର ଟପ୍ ଅର୍ଡର କିନ୍ତୁ ପଞ୍ଜାବ ବୋଲରଙ୍କ ଆଗରେ ଫେଲ ମାରିଥିଲା। ଟ୍ରାଭିସ୍ ହେଡ୍(୨୧) ଓ ଅଭିଷେକ ଶର୍ମା(୧୬) ପ୍ରଥମ ଉଇକେଟରେ ୨୭ ରନ୍ ଯୋଡିଥିଲେ। ତେବେ ମଧ୍ୟକ୍ରମ ବ୍ୟାଟିଂ ବିଫଳତା କାରଣରୁ ଦଳ ୬୪ ରନ୍‌ରେ ୪ ଉଇକେଟ ହରାଇଥିଲା। ପ୍ରଥମ ଅର୍ଦ୍ଧଶତକ ହାସଲ କରି ନୀତୀଶ ରେଡ୍ଡୀ ୬୪ ରନ୍‌ର ଇନିଂସ ଖେଳିଥିଲେ। ୩୭ ବଲ୍ ଖେଳିଥିବା ନୀତୀଶ ୪ ଚୌକା ଓ ୫ ଛକା ମାରିଥିଲେ। ଅବଦୁଲ ସମଦ(୨୫)ଙ୍କ ସହ ମିଶି ସେ ପଞ୍ଚମ ଉଇକେଟରେ ୫୦ ରନ୍ ଯୋଡିଥିଲେ। ପଞ୍ଜାବ ପକ୍ଷରୁ ଅର୍ଶଦୀପ ୪, ସାମ୍ କୁରାନ୍ ଓ ହର୍ଷଲ ପଟେଲ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୮୩ ରନ୍ ଲକ୍ଷ୍ୟର ପିଛା କରୁଥିବା ପଞ୍ଜାବ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୦ ରନ୍‌ରେ ୩ ଉଇକେଟ ହରାଇଥିଲା। ସାମ କୁରାନ ୨୯ ଓ ସିକନ୍ଦର ରାଜା ୨୮ ରନ୍ କରି ଇନିଂସ ସଜାଡିଥିଲେ। ଗତ ମ୍ୟାଚ୍‌ର ହିରୋ ଶଶାଙ୍କ ଓ ଆଶୁତୋଷ ପୁଣି ଥରେ କମାଣ ସମ୍ଭାଳିଥିଲେ। ଶଶାଙ୍କ ୨୫ ବଲ୍ ଖେଳି ୬ ଚୌକା ଓ ୧ ଛକା ସହ ୪୬ ରନ୍ କରିଥିଲେ। ଆଶୁତୋଷ ୧୫ ବଲ୍ ଖେଳି ୩ ଚୌକା ଓ ୨ ଛକା ସହ ୩୩ ରନ୍ କରିଥିଲେ। ଅନ୍ତିମ ଓଭରରେ ୨୯ ରନ୍ ଆବଶ୍ୟକ ଥିବା ବେଳେ ଉଭୟ ୨୭ ରନ୍ ସଂଗ୍ରହ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଭୁବନେଶ୍ୱର କୁମାର ୨ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
**ରାଜସ୍ଥାନ ବନାମ ଗୁଜରାଟ**
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ପ୍ଲେୟର ଅଫ୍ ଦି ମ୍ୟାଚ୍ ନୀତୀଶ କୁମାର ରେଡ୍ଡୀ।

**ସଂକ୍ଷିପ୍ତ ସ୍କୋର**

ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୮୨/୯ (ନୀତୀଶ ରେଡ୍ଡୀ-୬୪, ଅବଦୁଲ ସମଦ-୨୫, ଟ୍ରାଭିସ୍ ହେଡ୍-୨୧, ଅର୍ଶଦୀପ ସିଂ-୪/୨୯, ହର୍ଷଲ ପଟେଲ-୨/୩୦, ସାମ୍ କୁରାନ-୨/୪୧)। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୮୦/୬ (ଶଶାଙ୍କ ସିଂ-୪୬*, ଆଶୁତୋଷ ଶର୍ମା-୩୩*, ସାମ କୁରାନ୍-୨୯, ଭୁବନେଶ୍ୱର କୁମାର-୨/୩୨, ପ୍ୟାଟ କମିନ୍ସ-୧/୨୨, ଟି. ନଟରାଜନ-୧/୩୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୪ | ୪ | ୦ | ୮ | +୧.୧୨୦ |
| କୋଲକାତା ନାଇଟ ରାଇଡର୍ସ | ୪ | ୩ | ୧ | ୬ | +୧.୫୨୮ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୩ | ୧ | ୬ | +୦.୭୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୩ | ୨ | ୬ | +୦.୬୬୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୩ | ୨ | ୬ | +୦.୩୪୪ |
| ପଞ୍ଜାବ କିଙ୍ଗ୍ସ | ୫ | ୨ | ୩ | ୪ | -୦.୧୯୬ |
| ଗୁଜରାଟ ଟାଇଟନ୍ସ | ୫ | ୨ | ୩ | ୪ | -୦.୭୯୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୨ | -୦.୭୦୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୫ | ୧ | ୪ | ୨ | -୦.୮୪୩ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୧ | ୪ | ୨ | -୧.୩୭୦ |

**କଳାହାଣ୍ଡି କପ୍**

# ବିନାୟକ, ସୌମ୍ୟ, ଓମ୍, ଦୀନେଶଙ୍କ ଶତକ

ଭୁବନେଶ୍ୱର, ୯।୪ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ମଙ୍ଗଳବାର କଳାହାଣ୍ଡି କପ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ୬ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଗଞ୍ଜାମ, କେନ୍ଦ୍ରାପଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସମ୍ବଲପୁର 'ବି' ଦଳ ବିଜୟ ହାସଲ କରିଛି। ଗଜପତିର ବିନାୟକ ସାହୁ, ଗଞ୍ଜାମର ସୌମ୍ୟ ରଞ୍ଜନ ବିଶ୍ୱାଳ ଓ ଓମ୍ ଟି. ମୁଣ୍ଡେ ଏବଂ କଳାହାଣ୍ଡିର ଦୀନେଶ କୁମାର ମାଝି ଶତକ ହାସଲ କରିଛନ୍ତି। ଜଗତ୍‌ସିଂହପୁରର ସୋହମ୍ ସାହୁ ୫ ଉଇକେଟ ସଫଳତା ପାଇଛନ୍ତି। ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଗଞ୍ଜାମ ୫ ଉଇକେଟରେ ଗଜପତିକୁ ହରାଇ ଦେଇଛି। ବିନାୟକ ସାହୁ (୧୧୦ ରନ)ଙ୍କ ଶତକ ସହାୟତାରେ ଗଜପତି ୪୭ ଓଭରରେ ୬ ଉଇକେଟ ହରାଇ ୨୬୬ ରନ କରିଥିବାବେଳେ ଗଞ୍ଜାମ ୪୬.୧ ଓଭରରେ ୫ ଉଇକେଟ ହରାଇ ୨୬୯ ରନ ସଂଗ୍ରହ କରି ନେଇଥିଲା। ଦୁଇ ଖେଳାଳି ସୌମ୍ୟ ରଞ୍ଜନ ବିଶ୍ୱାଳ(୧୦୩) ଓ ଓମ୍ ଟି. ମୁଣ୍ଡେ (୧୦୧) ଶତକ ହାସଲ କରି ଦଳକୁ ବିଜୟୀ କରିଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୧ରେ କେନ୍ଦ୍ରାପଡ଼ା ୮ ଉଇକେଟରେ କନ୍ଧମାଳକୁ ପରାସ୍ତ କରିଛି। କନ୍ଧମାଳ ୧୩୩ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ କେନ୍ଦ୍ରାପଡ଼ା ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ନବରଙ୍ଗପୁର ୧୧୯ ରନରେ ମାଲକାନଗିରିକୁ ହରାଇ ଦେଇଛି। ନବରଙ୍ଗପୁର ୧୭୯ ରନରେ ସମସ୍ତ ଉଇକେଟ ହରାଇଥିଲା। ମାତ୍ର ମାଲକାନଗିରି ୧୩.୨ ଓଭରରେ ୬୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା।


ଦୀନେଶ କୁମାର ମାଝି

କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ କଳାହାଣ୍ଡି ୧୦୦ ରନରେ ଜଗତ୍‌ସିଂହପୁରକୁ ହରାଇ ଦେଇଛି। ଦୀନେଶ କୁମାର ମାଝି (୧୫୩)ଙ୍କ ଶତକ ସତ୍ତ୍ୱେ କଳାହାଣ୍ଡି ୩୫.୩ ଓଭରରେ ୨୬୦ ରନକରି ଅଲ୍‌ଆଉଟ ହୋଇଥିଲା। ବିପକ୍ଷ ଦଳର ସୋହମ୍ ସାହୁ ୫ ଉଇକେଟ ଅକ୍ତିଆର କରିଥିଲେ। ଜଗତ୍‌ସିଂହପୁର ଇନିଂସ ୧୬୦ ରନ ମଧ୍ୟରେ ସୀମିତ ରହିଯାଇଥିଲା। ନିମପୁର ପଡ଼ିଆରେ ବଲାଙ୍ଗୀର ୭ ଉଇକେଟରେ ସୋନପୁରକୁ ପରାସ୍ତ କରିଛି। ସୋନପୁରର ୧୫୦ ରନ ଜବାବରେ ବଲାଙ୍ଗୀର ୨୬.୫ ଓଭରରେ ୩ ଉଇକେଟ ହରାଇ ୧୫୨ ରନ ସଂଗ୍ରହ କରି ନେଇଥିଲା। ବାରବାଟୀ ଷ୍ଟାଡିୟମରେ ସମ୍ବଲପୁର 'ବି' ୬ ଉଇକେଟରେ ଦେବଗଡ଼କୁ ହରାଇଛି। ଦେବଗଡ଼ ୧୧୨ ରନରେ ସୀମିତ ରହିଥିବାବେଳେ ସମ୍ବଲପୁର 'ବି' ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରି ଯାଇଥିଲା। ସିଲଭର-ଏ ଗ୍ରୁପ୍‌ର ଶୀର୍ଷ ଦଳ କେନ୍ଦ୍ରାପଡ଼ା ଓ ସିଲ୍‌ଭର-ବି ଗ୍ରୁପ୍‌ର ସମ୍ବଲପୁର ମଧ୍ୟରେ କ୍ୱାଲିଫାୟର/ଏଲିମିନେଟର ମ୍ୟାଚ ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ।


# Classified Everyday 0674-2580101, 2549949




**BRIDE WANTED**

Brahmin Divorcee, 1967/ Doctor, well settled Bhubaneswar (caste no bar) "VAISNABI". 0674-2551286, 7008967858. D-71072

**GROOM WANTED**

58 ବୟସ୍କା Height- 5', 90,000/- ଦରମା Widow ଏକାକୀ ରହୁଥିବା ବ୍ରାହ୍ମଣ ଝିଅଙ୍କୁ ସନ୍ତାନ/ନିଃସନ୍ତାନ ପୁଅ ଦରକାର। 7873680393. D-038

Wanted a fair complexioned Ht- 5'2", below 36 years of age bride for a DIV Defence Officer. Mob- 8480210256. D-71581




**REAL ESTATE**
**SALE**

Gharabari Plots at Uttara, Patrapada. 2/3BHK Flats in Bhubaneswar. 8270370007. D-037

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ବାସୋପଯୋଗୀ **SC** ପ୍ଲଟ୍ ବିକ୍ରିହେବ। **9437152956, 9337513276.** D-010

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର Bypass sqft.-500/-. 9348232008. D-75941

ଉତ୍ତରା ନିକଟ ଗୁଡ଼ିଆପୋଖରୀ ସାଇ ମନ୍ଦିର ସମ୍ମୁଖ NH ଠାରୁ 500mtr. ଦୂରତାରେ 2200sqft. ବାଉଣ୍ଡରୀ ସହ ଘରବାଡ଼ି plot ବିକ୍ରୟ ହେବ। Rs.- 1560/-. 9439049194, 7978551614. D-67131

**Flat for sale-** ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳ NH-5 କଡ଼ରେ 1BHK flat କିଣନ୍ତୁ। ମାତ୍ର **@14.99 lakh**ରେ। Mob- 8249177191, 8249079730. D-031

ଭୁବନେଶ୍ୱର ହଂସପାଳ, (ବାଲିଅନ୍ତା) ରେ ଘରବାଡ଼ି **East Facing single plot possession** ଥାଇ ବିକ୍ରି କରିବି। ମୂଲ୍ୟ-**23,60,000/-. Contact- 6370469894.** D-75942

ଫୁଲନଖରାଠାରେ **New Sum Hospital** ଠାରୁ ଅଳ୍ପ ଦୂରତାରେ **Petal International School**କୁ ଲାଗି ଘରବାରି ପ୍ଲଟ୍ **finance**ରେ ମିଳୁଅଛି। **sqft.-950/-. Contact- 8658992600.** D-039

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Kerala body massage best therapist Bhubaneswar. 9348457050. D-016

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75726

Newly opend central SPA full-body massage. Trend therapist. 8456885600. D-75729

Newly open health benefits SPA special offer @ 999 Bapujinagar. 8018429809. D-76113

Newly open Jyoti Spa positively health benefits (Expert Therapist). 8458067955. D-76111

Relax, refresh your body, mind by expert therapist. Contact- 9938843929. D-76112

**EDUCATION**

Medical exam Registration (Only Practitioners)- BAMS, BHMS, BUMS, D.Pharma, GNM.9893869473. D-061

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**LOST**

ମୁଁ ଅନିତା ବଗର୍ତ୍ତି, ସ୍ୱାମୀ- ବୃନ୍ଦାବନ ପାଣ୍ଡେ, ଗ୍ରାମ- ବ୍ରାହ୍ମଣିପାଲି, ପୋଷ୍ଟ- ଖର୍ଜୁରା, ଜିଲ୍ଲା- ବଲାଙ୍ଗୀର। ମୁଁ E.Doc ନଂ.-10312101837 ତା. 14.07.2021ରେ ପଞ୍ଜୀକୃତ ବିକ୍ରୟ କାରବାର ଅନୁଯାୟୀ ଏକ ଜମି କିଣିଛି। ଏହାର ମୂଳ ମଧ୍ୟବର୍ତ୍ତୀ ବିକ୍ରୟ କାରବାର E.Doc No.- 10311203311 ଏବଂ RSD No.-3056 dt. 05.11.2012 ଯାହା ମୋତେ ହସ୍ତାନ୍ତର କରାଯାଇଥିଲା ତାହା କୌଣସି ସ୍ଥାନରେ ହଜିଯାଇଛି, ଯେତେବେଳେ ମୁଁ ବଲାଙ୍ଗୀର ମହାଦେବ ମନ୍ଦିର ଛକରୁ ରାଜେନ୍ଦ୍ର କଲେଜ ଛକକୁ ଆସୁଥିଲି। ବହୁତ ଖୋଜାଖୋଜି କରିବା ପରେ ମଧ ତାହାର ସନ୍ଧାନ ପାଇଲି ନାହିଁ। ଯଦି କୌଣସି ବ୍ୟକ୍ତି ପାଆନ୍ତି ଦୟାକରି ଆଡ୍‌ଭୋକେଟ୍ ଆଶୁତୋଷ ପଟ୍ଟନାୟକ ମୋ ନଂ.- 7008043907 ରେ ଜଣାବାକୁ ଅନୁରୋଧ। ୪-୦୪୬

ଏତଦ୍ୱାରା ମୁଁ ପାରାଉ ଟୁଡୁ, ପିତା- ସ୍ୱର୍ଗତ ଦୁବରାଜ ଟୁଡୁ, ସା- ଚିତ୍ରିଟାଙ୍ଗର, ପୋ- ହେସଡ଼ା, ଥାନା-ଜାମଦା, ଜିଲ୍ଲା- ମୟୂରଭଞ୍ଜ ସତ୍ୟପାଠ ନଂ.-3107, ତା. 27.03.2024 ଏବଂ ରାଇରଙ୍ଗପୁର ଥାନା ଏତଲା ସଂ.-24, ତାରିଖ 28.03.2024 ଆଧାରରେ ଜଣାଉଅଛି ଯେ ପ୍ଲଟ୍ ନଂ.- 1489/1616 ମଉଜା ନୂଆଗାଁ, ତହସିଲ ରାଇରଙ୍ଗପୁର, ଏକର 0.17 ଡିସିମିଲ ଯାହା ବନ୍ଧୁଆ ମହାନ୍ତଙ୍କ ଦ୍ୱାରା ବିମଳ କୁମାର ମହାନ୍ତ ଏବଂ ସରୋଜ କୁମାର ମହାନ୍ତଙ୍କୁ ବିକ୍ରି ଦଲିଲ ସଂ.-164, 165 ଓ 167 ତା. 01.03.2002 ଦ୍ୱାରା ବିକ୍ରି କରାଯାଇଥିଲା। ବର୍ତ୍ତମାନ ମୋ ଅଧିକାରରେ ଅଛି ଓ ଉକ୍ତ ଦଲିଲ କେଉଁଠି ହଜିଯାଇଛି। ଏଣୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଯଦି କେହି ଉକ୍ତ ସମ୍ପତ୍ତି ସମ୍ବନ୍ଧରେ ଆପତ୍ତି ଓ ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି ତେବେ ଏହି ସୂଚନାର 15 ଦିନ ମଧ୍ୟରେ ରଜତ କୁମାର କର, ଓକିଲ, ଏଲ୍.ଆଇ.ସି. ଏଚ୍.ଏଫ୍.ଏଲ୍. ବାଲେଶ୍ୱର, ମୋବାଇଲ ନଂ-9937943086 ସହିତ ଯୋଗାଯୋଗ କରନ୍ତୁ। ୪-୦୬୦

**AFFIDAVIT**

By the virtue of an affidavit before the Court of Executive Magistrate, Jatni, I Snehalata Bihari have changed my name to Snehalata Misra according to my husband's surname i.e. Sandeep Misra for all future purpose. D-054

I, Soumyaswarupa Pradhan(32), W/o- Sushanta Kumar Behera, Vill- Radhanathpur, P.S.- Basudevpur, Dist.- Bhadrak. In my son Sourav Kumar Behera and Swastik Kumar Behera's school admission register my name is wrongly mentioned Soumyaswarupa Behera. By this affidavit I want to correction my above title name from Soumyaswarupa Behera to Soumyaswarupa Pradhan in the school admission register. D-057

I, Sibanika Sarangi, D/o- Mahendra Nath Sarangi, resident of Plot No- 3610, Lane 5A, Gouri Nagar, Bhubaneswar, P.O./P.S.- Old Town, Dist.- Khordha, PIN- 751002 Odisha declare by this affidavit No.- CF- 22/23 dtd- 05.08.2023 that now onwards I shall be known as **Shivanika Sarangi** for all future purposes. D-059

By virtue of an affidavit before Executive Magistrate, Karanjia, I Pradeep Kumar Behera, Village- Chadheibhol, P.O.- Ghosada, Karanjia, Mayurbhanj States that my name has been wrongly recorded as Bulu Behera in my Aadhaar Card XXXXXXXX 8501, I want to change my name in Aadhaar Card from Bulu Behera to Pradeep Kumar Behera. Henceforth I shall be known as Pradeep Kumar Behera for all purposes. D-053

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**CLASSIFIED DISPLAY**
MORE SPACE • SAME PRICE
TARIFF · GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1 ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 7382841797

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଭେଣ୍ଡିର ଉନ୍ନତ କିସମ



**ବ**ର୍ଷ ସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମବିହନଲଗାନ୍ତୁଯଥା–ଉତ୍କଳ,ଗୌରବ, ଅର୍କ,ଅନାମିକା,ଉପହାର,ପର୍ବାଣୀକ୍ରାନ୍ତି ଏବଂ ହାଇବ୍ରିଡ୍ କାତୀୟ ଯଥା–ବର୍ଷା,ବିଜୟ, ବିଶାଳ,ତାରା, ଆଧୁନିକ,ଅତ୍ୟାଧୁନିକ,ସୁପ୍ରିୟ ମଧ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କି.ଗ୍ରା. ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ ଶଗଡ଼ ଗୋବରଖତ,୪୨କି.ଗ୍ରା. ଯବକ୍ଷାରଜାନ,୨୫କି.ଗ୍ରା. ଫସ୍ଫରସ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦–୨୫ ଶଗଡ଼ ଗୋବରଖତ,୮୦କି.ଗ୍ରା. ଯବକ୍ଷାରଜାନ ୪୦କି.ଗ୍ରା. ଫସ୍ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ସେ.ମି. ବ୍ୟବଧାନରେ ମଞ୍ଜି ପୋତନ୍ତୁ।

## ରଜନୀଗନ୍ଧାରେ ସାର ପ୍ରୟୋଗ

**ପୂ**ର୍ବରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ,ଶ୍ରୀଙ୍ଗାର,କୋଏମ୍ବାଟୋର ସିଙ୍ଗଲ ଓ ସୁହାସିନୀ(ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୨୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍ଫରସ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡ଼ିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪–୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡ଼ିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।



## ଲାଭଜନକ ଫଳଚାଷ



**ଓ**ଡ଼ିଶାର ଜଳବାୟୁରେ ନାନା ପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମିରେ ମଧ ଫଳଚାଷ ଲାଭଜନକ ଭାବେ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ୨/୩ ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳାହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ,କମଳା,ନଡ଼ିଆ,ପିଜୁଳି,ପଣସ, ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ,କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ସେ.ମି. ଚଉଡ଼ା ଓ ୧୫ସେ.ମି. ଗଭୀରରେ ନାଳୀ ଖୋଳାଯାଏ।

# ଗୋବନ୍ଧ୍ୟା ନିରାକରଣ



ଡା. ବୀରକିଶୋର ପରିଡ଼ା

**ସା**ଧାରଣତଃ ଗୋବନ୍ଧ୍ୟା ବା ଗୋରୁଗାଈଙ୍କ ବନ୍ଧ୍ୟାଦୋଷ ୨ ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଲା – ସ୍ଥାୟୀ ବନ୍ଧ୍ୟାଦୋଷ, ଅନ୍ୟଟି ହେଲା – ଅସ୍ଥାୟୀ ବନ୍ଧ୍ୟାଦୋଷ।

**ସ୍ଥାୟୀ ବନ୍ଧ୍ୟାଦୋଷ**

ଛଡ଼ା ବା ଗାଈର ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶର ଅପ୍ରାକୃତିକ ଗଠନ, ନିକୃଷ୍ଟ ଗଠନ କିମ୍ବା ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ଯୋଗୁ ଯେଉଁ ଗାଈଙ୍କୁ ପ୍ରଜନନକ୍ଷମ କରାଯାଇପାରିବ ନାହିଁ, ସେହି ଅବସ୍ଥାକୁ ସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ସଂକ୍ଷେପରେ କହିବାକୁ ଗଲେ, ଗାଈ ବା ଛଡ଼ା ଆଦୌ ବାଛୁରୀ ଜନ୍ମକରି ନପାରିବାର କ୍ଷମତାକୁ ସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।

**ଅସ୍ଥାୟୀ ବନ୍ଧ୍ୟାଦୋଷ**

ଯଉଁ ଗାଈ ବା ଛଡ଼ାର ଜନନେନ୍ଦ୍ରିୟ ପ୍ରଣାଳୀର ବିଭିନ୍ନ ଅଂଶ ଯଥା – ଡିମ୍ବକୋଷ, ଜରାୟୁ ଇତ୍ୟାଦିର ଗଠନ ଆଶାଜନକ ଭାବେ ହୋଇ ନ ଥିବ ; କିନ୍ତୁ ଚିକିତ୍ସା, ଉପଯୁକ୍ତ ଖାଦ୍ୟ ଓ ଲାଳନପାଳନ ଦ୍ୱାରା ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମ କରି ଗର୍ଭବତୀ କରାଯାଇପାରିବ, ସେହି ଅବସ୍ଥାକୁ ଅସ୍ଥାୟୀ ବନ୍ଧ୍ୟାଦୋଷ କୁହାଯାଏ । ପ୍ରଜନନ ଶକ୍ତିର ହ୍ରାସକୁ ଅସ୍ଥାୟୀ ଗୋବନ୍ଧ୍ୟା କହନ୍ତି ।

ଉପରୋକ୍ତ ୨ ବନ୍ଧ୍ୟାଦୋଷ ମଧ୍ୟରୁ ଗାଈ ବା ଛଡ଼ାର ସ୍ଥାୟୀ ବନ୍ଧ୍ୟାଦୋଷ ନିରାକରଣ କରିବା ସମ୍ଭବ ହୁଏ ନାହିଁ ଏବଂ ଆର୍ଥିକ ଦୃଷ୍ଟିକୋଣରୁ ଏହାର ନିରାକରଣ ପାଇଁ ପଦକ୍ଷେପ ନେବା ବାଞ୍ଛନୀୟ ନୁହେଁ। କିନ୍ତୁ ଅସ୍ଥାୟୀ ବନ୍ଧ୍ୟାଦୋଷ ପାଇଁ ଗାଈ ବା ଛଡ଼ାକୁ ପରୀକ୍ଷା ନିରୀକ୍ଷା କରି ଉପଯୁକ୍ତ ଯତ୍ନ ଯଥା – ଚିକିତ୍ସା, ଉତ୍ତମ ଖାଦ୍ୟ ଯୋଗାଣ, ଉନ୍ନତ ଲାଳନପାଳନ ଦ୍ୱାରା ପ୍ରଜନନକ୍ଷମ କରାଯାଇ ଗୋପାଳକମାନଙ୍କ ସମସ୍ୟା ସମାଧାନ କରାଯାଇପାରିବ।

**ଅସ୍ଥାୟୀ ବନ୍ଧ୍ୟାଦୋଷର କାରଣ**

ସାଧାରଣତଃ, ମାଈ ବାଛୁରୀ ଜନ୍ମହେବା ପରଠାରୁ ଛଡ଼ା ହେବା ପର୍ଯ୍ୟନ୍ତ କିମ୍ବା ଗାଈଟି ଜନ୍ମ କରିସାରିବା ପରେ ଠିକ୍ ସମୟରେ ବିଭିନ୍ନ କାରଣରୁ ଗରମକୁ ଆସନ୍ତି ନାହିଁ କିମ୍ବା ପ୍ରଜନନକ୍ଷମ ବା ଗର୍ଭବତୀ ହୋଇପାରନ୍ତି ନାହିଁ । ଏହାର କେତୋଟି ମୁଖ୍ୟ କାରଣ ହେଲା–

- ଉତ୍ତମ ସୁଷମ ଖାଦ୍ୟ, ଖାଦ୍ୟପ୍ରାଣ ଓ ଧାତବ ଲବଣର ଅଭାବକ।
- ଜନନେନ୍ଦ୍ରିୟ ପ୍ରଣାଳୀର କୌଣସି ଅଂଶ ଉପଯୁକ୍ତ ଭାବେ ବୃଦ୍ଧି ନ ଘଟିବା।
- ଶରୀରର ବିଭିନ୍ନ ଗ୍ରନ୍ଥି ଦ୍ୱାରା ହର୍‌ମୋନ୍ ଉତ୍ପାଦନର ଅଭାବ ହରାଇବା।
- ଶରୀର ବିଭିନ୍ନ ରୋଗ ଦ୍ୱାରା ରୋଗାକ୍ରାନ୍ତ ହୋଇ ଦୁର୍ବଳ ଅବସ୍ଥା ଉପୁଜିବା ଯଥା – ଯକ୍ଷ୍ମା, ଫାଟୁଆ, ଛେରାରୋଗ ଏବଂ କୃମିରୋଗ ଇତ୍ୟାଦି।
- ଜନନେନ୍ଦ୍ରିୟ ପ୍ରଣାଳୀର ଅଂଶଗୁଡ଼ିକ ବିଭିନ୍ନ ଜୀବାଣୁ ଦ୍ୱାରା ଆକ୍ରାନ୍ତ ହେବା ଦ୍ୱାରା ଗାଈଗୁଡ଼ିକ ବାରମ୍ବାର ଲେଉଟାଇଥାନ୍ତି ବା ଗରମକୁ ଆସିଥାନ୍ତି। –ଗାଈଙ୍କର ବାର୍ଦ୍ଧକ୍ୟ ଅବସ୍ଥାରେ ଦାନ୍ତ ପଡ଼ିଯାଏ । ତେଣୁ ଖାଦ୍ୟ ପଦାର୍ଥ ସହଜରେ ହଜମ ହୁଏ ନାହିଁ । ଫଳରେ ଗାଈ ଗରମକୁ ଆସନ୍ତି ନାହିଁ।
- ବିଭିନ୍ନ ପ୍ରକାର ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥା : ସାଧାରଣତଃ ଗାଈମାନେ ବର୍ଷା ଓ ଶୀତଦିନେ ଯଥେଷ୍ଟ ଘାସ ଖାଇବାକୁ ପାଉଥିବାରୁ ଅଧିକ ଗରମକୁ ଆସି ଗର୍ଭବତୀ ହୁଅନ୍ତି । କିନ୍ତୁ ଖରାଦିନେ, ଖାଦ୍ୟାଭାବ ସହ ହର୍‌ମୋନ୍‌ର ଅଭାବ ଯୋଗୁ ଖୁବ୍ କମ୍ ଗାଈ ଗରମକୁ ଆସିଥାନ୍ତି।
- ଉପଯୁକ୍ତ ଲାଳନପାଳନର ଅବ୍ୟବସ୍ଥା ଇତ୍ୟାଦି।

> ''ସାଧାରଣତଃ ଦେଶୀ ଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି । ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ ମାସରୁ ୩ ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ । ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି । ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନ ଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରୀଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ ।''



**ବନ୍ଧ୍ୟାଦୋଷ କିପରି ଜାଣିବ :** ସାଧାରଣତଃ ଦେଶୀ ଛଡ଼ା ୨ବର୍ଷରୁ ଅଢ଼େଇବର୍ଷ ମଧ୍ୟରେ ଓ ବିଭିନ୍ନ ସଙ୍କର ଜାତୀୟ ଛଡ଼ା ବର୍ଷେରୁ ଦେଢ଼ବର୍ଷ ମଧ୍ୟରେ ପୂର୍ଣ୍ଣାବସ୍ଥା ପ୍ରାପ୍ତ ହୁଏ ଏବଂ ପ୍ରଜନନକ୍ଷମ ହୋଇଥାନ୍ତି। ଛଡ଼ାଟି ଗର୍ଭବତୀ ହୋଇ ଜନ୍ମ କରିସାରିବା ପରେ ୨ରୁ ୩ମାସ ମଧ୍ୟରେ ତା'ର ପୁନର୍ବାର ଋତୁସ୍ରାବ ହେବା ଉଚିତ । ଏଥିରେ ବ୍ୟତିକ୍ରମ ଘଟିଲେ ଗୋପାଳକ ଜାଣିନେବା ଉଚିତ ଯେ, ଛଡ଼ା କିମ୍ବା ଗାଈର ଅସ୍ଥାୟୀ ବନ୍ଧ୍ୟାଦୋଷ ଉପୁଜିଛି । ଯେହେତୁ ଗାଈଟିଏ ଗର୍ଭଧାରଣକରି ବାଛୁରୀଟିଏ ପ୍ରତିବର୍ଷ ଜନ୍ମ ନ ଦେଲେ କ୍ଷୀର ଉତ୍ପାଦନ ହୁଏ ନାହିଁ ଏବଂ ବର୍ଷକ ବ୍ୟବଧାନରେ ବାଛୁରୀଟି ଜନ୍ମ ନ ହେଲେ ଆର୍ଥିକ ଦୃଷ୍ଟିକୋଣରୁ ଗୋପାଳନ ଲାଭଜନକ ନୁହେଁ । ଗୋପାଳକମାନେ ମନେରଖିବା ଉଚିତ, ଯେପରିକି ଗାଈଙ୍କର ଅସ୍ଥାୟୀ ବନ୍ଧ୍ୟାଦୋଷ ନ ହୁଏ।

**କାହାଠାରେ ଗୋବନ୍ଧ୍ୟା ଲକ୍ଷଣ ବେଶି ଦେଖାଯାଏ :** ଆମର ଦେଶୀ ଗାଈଗୁଡ଼ିକ ସାଧାରଣତଃ ସବୁଜ ଘାସ, ଜଙ୍ଗଲଜାତ ଲଟାପତ୍ର ଉପରେ ନିର୍ଭରକରି ଚଳନ୍ତି । ତଥାପି ଦେଶୀଗାଈଗୁଡ଼ିକ ପ୍ରାୟ ୨ରୁ ୩ବର୍ଷ ବ୍ୟବଧାନରେ ବାଛୁରୀ ଜନ୍ମ କରନ୍ତି । ସଙ୍କର ଜାତୀୟ ଗାଈଗୁଡ଼ିକ ଉପଯୁକ୍ତ ଖାଦ୍ୟ ତଥା ଉତ୍ତମ ସୁଷମ ଗୋଖାଦ୍ୟ, ସବୁଜ ଘାସ ଇତ୍ୟାଦି ଅଭାବରୁ ସାଧାରଣତଃ ଠିକ୍ ସମୟରେ ଗରମକୁ ଆସନ୍ତି ନାହିଁ କିମ୍ବା ଋତୁସ୍ରାବ ହୁଏ ନାହିଁ । ସଙ୍କର ଜାତୀୟ ଗାଈ ବେଶି ପରମାଣରେ କ୍ଷୀର ଉତ୍ପାଦନ କରିବା ସହ ଉପଯୁକ୍ତ ଖାଦ୍ୟର ଅଭାବ, ବିଭିନ୍ନ ପ୍ରକାର ପାରିପାର୍ଶ୍ୱିକ ଜଳବାୟୁ ନେଇ ଅସ୍ଥାୟୀ ବନ୍ଧ୍ୟାଦୋଷ ଦେଖାଯାଏ ।

**ଗୋବନ୍ଧ୍ୟା ଦୋଷ ଯୋଗୁ ଗୋପାଳକମାନଙ୍କ ସମସ୍ୟା :** ବର୍ତ୍ତମାନ ପରିସ୍ଥିତିରେ ଦୁଗ୍ଧର ଚାହିଦା ମେଣ୍ଟାଇବା ପାଇଁ ସଙ୍କର ଜାତୀୟ ଗୋପାଳନ ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରାଯାଉଛି । ଏହାଦ୍ୱାରା ସେମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବା ସଙ୍ଗେ ସଙ୍ଗେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧିପାଇବ । ଏହି ପରିସ୍ଥିତିରେ ସଙ୍କର ଜାତୀୟ ଛଡ଼ା ଓ ଗାଈ ଯଦି ଠିକ୍ ସମୟରେ ଅର୍ଥାତ୍ ବର୍ଷକୁ ଥରେ ବାଛୁରୀ ଜନ୍ମ ନ କରନ୍ତି, ତା' ହେଲେ ଚାଷୀର ଉପରୋକ୍ତ ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ । ଫଳରେ ଚାଷୀର ଆର୍ଥିକ ଅବସ୍ଥାରେ ମଧ ଅବନତି ଦେଖାଦେବ ଏବଂ ତା'ର ମେରୁଦଣ୍ଡ ଭାଙ୍ଗିଯିବ । ତେଣୁ ଗୋବନ୍ଧ୍ୟା ନିରାକରଣ ଚାଷୀ ଓ ଖାଉଟିଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ । (କ୍ରମଶ..)

–ପ୍ରାକ୍ତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିଭାଗ)
ପ୍ଲଟ ନଂ–୨୭୬, ଲକ୍ଷ୍ମୀପ୍ରିୟା ଭବନ,
ମହାନଦୀ ବିହାର, କଟକ
ମୋ : ୯୪୩୭୬୦୭୩୧୨

## ସ୍ୱଳ୍ପ ଅବଧି ଧାନ କିସମ ଚୟନ



**ମ**ରୁଡି ସହଣୀ ଥିବା ଗଭୀର ଚେର,ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି ଧାନ କିସମ ଚୟନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯାହାଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗ, ପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ବିଶୋଧନ ପାଇଁ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ କରନ୍ତୁ। ଢ଼ିପ ଜମିଗୁଡିକରେ କେବଳ ଧାନ ନକରି ଅନ୍ୟ ଫସଲ ଯଥା– ମୁଗ ,ବିରି, ହରଡ,ମାଣ୍ଡିଆ,ମକା, ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳୀରେ ଖତ ପ୍ରୟୋଗ କରନ୍ତୁ। ମରୁଡି ସହି ପାରୁଥିବା ଧାନ କିସମ ଯଥା– ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରୀ, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ। ଧାନ ବିହନକୁ ସୋଡିୟମ୍ ଫସଫେଟ ଦ୍ରବଣ (ଏକ ଲିଟର ପାଣିରେ ୩୫୮ ମିଲିଗ୍ରାମ)୬ଘଣ୍ଟା ବତୁରାନ୍ତୁ ଓ ତାପରେ ଶୁଖାଇ ବୁଣନ୍ତୁ। ଏହାଦ୍ୱାରା ବିହନ ଭଲ ଗଜା ହୋଇଥାଏ ଓ ତଳି ଭଲ ବଢ଼ିଥାଏ।

## କୁଜିସାରୁ ଚାଷ କରୁଥିଲେ...



**ଅ**ଧିକ ଅମଳକ୍ଷମ କୁଜିସାରୁ ପାଇଁ ତେଲିଆ, ମୁକ୍ତାକେଶୀ,ଟୋପି,ସାତମୁଖ ଓ ଝାଙ୍କଡି ଆଦି କିସମ ଚୟନ କରନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ସାରୁ ଫସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨–୩ ଓଡ ଗଭୀର ଚାଷ କରିବା ପରେ ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡ କରି ସମତୁଲ କରନ୍ତୁ। ଶେଷ ଓଡ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ସଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ, ୨୪କିଗ୍ରା ଫସଫରସ, ୧୬କିଗ୍ରା ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭–୧୦ଦିନ ପରେ ୨୦କିଗ୍ରା ଯବକ୍ଷାରଜାନ,୨୦କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ।

## ଢିପ ଜମିରେ ଡାଲିଜାତୀୟ ଫସଲ ଚାଷ



**ଜ**ମି ପ୍ରସ୍ତୁତକରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

## ବିହନ ବ୍ୟବହାର ପୂର୍ବରୁ...



**ଘ**ରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୃଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା– ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡ଼ିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ। ବର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚ ଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତ ମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ।

## ଆଖୁ ୧୦୫ଦିନର ହୋଇଥିଲେ...

**ଆ**ଖୁ ଫସଲ ଲଗାଇବାର ୧୦୫ଦିନର ହୋଇଯାଇଥିଲେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୩୩ କି.ଗ୍ରା. ଯବକ୍ଷାରଜାନ ଓ ୧୨କି.ଗ୍ରା. ପଟାସ ସାର ପ୍ରୟୋଗକରି ହୁଡ଼ା ଟେକି ଦିଅନ୍ତୁ। ବର୍ତ୍ତମାନ ଆଖୁରେ ପିଲ ବାହାରିବା ସମୟ। ତେଣୁ ପ୍ରତି ୧୦ଦିନ ଅନ୍ତରରେ ଜଳସେଚନ କରନ୍ତୁ। ଗଛମୂଳ ଓଦା ରହିବା ଲାଗି ଶୁଖିଲା ପତ୍ର ଦ୍ୱାରା ନାଳୀଗୁଡିକୁ ଆଚ୍ଛାଦ କରନ୍ତୁ। ଗ୍ରୀଷ୍ମଋତୁରେ ଜଳାଭାବରୁ ଫସଲକୁ ରକ୍ଷା କରିବା ସକାଶେ ଶତକଡା ୪ ଭାଗ (୧ ଲିଟର ପାଣିରେ ୪୦ଗ୍ରାମ ହିସାବରେ ) ପଟାସ ସାର ପତ୍ରସିଞ୍ଚା କରନ୍ତୁ। ଶୁଖିଲା ଆଖୁ ପତ୍ରକୁ ଗଛରୁ ଛଡ଼ାଇଦେଇ ଆଖୁ ଲଗାଇବାର ୫ ମାସ ହୋଇଥିଲେ ଭେଳା ବାନ୍ଧନ୍ତୁ। ୨ ଧାଡ଼ିର ଆଖୁ ଗଛକୁ ଏକାଠି ଟାଣି ଭେଳା ବାନ୍ଧିଲେ ଆଖୁଗଛ ପବନରେ ପଡ଼ିଯାଏ ନାହିଁ।

## ଚିନାବାଦାମ ବୁଣିବା ସମୟରେ...



**ଚି**ନାବାଦାମ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

# ଜବାବ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଡବ୍ଲ୍ୟୁଏଫ୍ଆଇ ବାସନ୍ଦ ପ୍ରସଙ୍ଗ

**ନୂଆଦିଲ୍ଲୀ, ୯।୪ (ପି.ଟି.)**

ଭାରତୀୟ ରେସ୍‌ଲିଂ ମହାସଂଘ (ଡବ୍ଲ୍ୟୁଏଫ୍ଆଇ)କୁ ବାସନ୍ଦ ପ୍ରସଙ୍ଗରେ କେନ୍ଦ୍ର କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ଦିଲ୍ଲୀ ହାଇକୋର୍ଟ। ୧୫ ଓ ୨୦ ବର୍ଷରୁ କମ୍ ରେସ୍‌ଲିଂ ଟୁର୍ନାମେଣ୍ଟ ଆୟୋଜନ ପାଇଁ ରହିଥିବା ପ୍ରକ୍ରିୟାକୁ ଅନୁସରଣ କରି ନ ଥିବା କାରଣରୁ କେନ୍ଦ୍ର କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ଡବ୍ଲ୍ୟୁଏଫ୍ଆଇକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବାସନ୍ଦ କରାଯାଇଥିଲା। ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ଡିସେମ୍ବର ୨୧ ତାରିଖରେ ହୋଇଥିବା ବେଳେ ୩ ଦିନ ପରେ ଏହାକୁ ବାସନ୍ଦ କରାଯାଇଥିଲା। ଫଳରେ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା ଡବ୍ଲ୍ୟୁଏଫ୍ଆଇ। ମଙ୍ଗଳବାର ଉକ୍ତ ଆବେଦନର ଶୁଣାଣି କରିବା ସହ ଜବାବ ରଖିବା ପାଇଁ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ମେ' ୨୮ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ତାରିଖ ଧାର୍ଯ୍ୟ କରିଛନ୍ତି। ଜଷ୍ଟିସ୍ ସୁବ୍ରମଣ୍ୟମ ରାମପ୍ରସାଦ ଏହି ମାମଲାର ଶୁଣାଣି କରିଥିଲେ। ଡବ୍ଲ୍ୟୁଏଫ୍ଆଇ ପକ୍ଷରୁ ଆଡଭୋକେଟ ଦୟାନ କ୍ରିଷ୍ଣନ ମାମଲା ପରିଚାଳନା କରିଥିଲେ। କ୍ରୀଡା ମନ୍ତ୍ରଣାଳୟର ନିଷ୍ପତ୍ତି ଆଇନ ବିରୁଦ୍ଧ ଓ ଏହା ଜାତୀୟ ସ୍ପୋର୍ଟ୍ସ କୋଡ୍‌ର ଉଲ୍ଲଂଘନ କରୁଛି ବୋଲି ସେ ଦାବି କରିଥିଲେ। ନିୟମ ଅନୁଯାୟୀ କୌଣସି ଫେଡେରେଶନକୁ ବାସନ୍ଦ କରିବା ପୂର୍ବରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯିବା କଥା। ମାତ୍ର କ୍ରୀଡା ମନ୍ତ୍ରଣାଳୟ ସିଧାସଳଖ ବାସନ୍ଦ କରି ଏହାର ଉଲ୍ଲଂଘନ କରିଥିଲେ। ନବ ନିର୍ବାଚିତ ଡବ୍ଲ୍ୟୁଏଫ୍ଆଇ ତରବରିଆ ଭାବେ ନିୟମ ବହିର୍ଭୂତ କାର୍ଯ୍ୟ କରି ୧୫ ଓ ୨୦ ବର୍ଷରୁ କମ୍ ରେସ୍‌ଲିଂ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଯାଉଥିଲା ବୋଲି କେନ୍ଦ୍ର କ୍ରୀଡା ମନ୍ତ୍ରଣାଳୟ ବାସନ୍ଦର କାରଣ ଭାବେ ଦର୍ଶାଇଛି।

ଉଲ୍ଲେଖଯୋଗ୍ୟ ଯେ, ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଅନୁଗାମୀ ସଞ୍ଜୟ ସିଂ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ମହିଳା ଖେଳାଳିଙ୍କୁ ଯୌନ ନିର୍ଯାତନା ଦାବିରେ ବ୍ରିଜ୍ ଭୂଷଣ ନିଜ ପଦରୁ ଓହରିଥିଲେ। ଡିସେମ୍ବର ୨୧ ତାରିଖରେ ସଞ୍ଜୟ ସିଂ ନିର୍ବାଚିତ ହେବା ଦିନ ହିଁ ୧୫ ଓ ୨୦ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟ ପାଇଁ ଘୋଷଣା କରିଥିଲେ। ବର୍ଷ ଶେଷ ହେବା ପୂର୍ବରୁ ଗୋଣ୍ଡାସ୍ଥିତ ନନ୍ଦିନୀ ନଗରରେ ଏହି ଟୁର୍ନାମେଣ୍ଟ ହେବ ବୋଲି ସଞ୍ଜୟ ଘୋଷଣା କରିଥିଲେ। ତେବେ ଏଭଳି ତରବରିଆ ନିଷ୍ପତ୍ତି ପଛର କାରଣ ଜଣା ପଡି ନ ଥିବା ବେଳେ ଏହାକୁ ବିରୋଧ କରାଯାଇଥିଲା। ଡବ୍ଲ୍ୟୁଏଫ୍ଆଇ ସମ୍ବିଧାନର ଅନୁଚ୍ଛେଦ-୩ ଅନୁସାରେ ଜାତୀୟ ସିନିୟର/ଜୁନିୟର/ସବ୍ ଜୁନିୟର ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କିତ ନିଷ୍ପତ୍ତି କେବଳ କାର୍ଯ୍ୟକାରୀ କମିଟି ଗ୍ରହଣ କରିଥାଏ। ଏହାକୁ ଉଲ୍ଲଂଘନ କରି ସଞ୍ଜୟ ନିଜେ ନିଜେ ଟୁର୍ନାମେଣ୍ଟ ସମ୍ପର୍କରେ ଘୋଷଣା କରିଥିଲେ। ସେହିପରି ଅନ୍ୟୂନ ୧୫ ଦିନ ପୂର୍ବରୁ କାର୍ଯ୍ୟକାରୀ କମିଟିର ବୈଠକରେ ଏହା ପାରିତ ହୋଇଥାଏ। ଜରୁରିକାଳୀନ ପରିସ୍ଥିତି ରହିଥିଲେ ସର୍ବନିମ୍ନ ୭ ଦିନ ପୂର୍ବରୁ ଏହି ନିଷ୍ପତ୍ତିକୁ ପାରିତ କରାଯାଏ। ଉପସ୍ଥିତ ସଦସ୍ୟଙ୍କ ମଧ୍ୟରୁ ଏକ ତୃତୀୟାଂଶ ସମର୍ଥନ ମିଳିବା ପରେ ହିଁ ଏହା ପାରିତ ହୋଇଥାଏ। ସଞ୍ଜୟ ସିଂ ଏକପାଖିଆ ଭାବରେ ଏଭଳି ନିଷ୍ପତ୍ତି ନେଇ ନିଜ ପଦ ମର୍ଯ୍ୟାଦାର ଗରିମା କ୍ଷୁଣ୍ଣ କରିଥିବାରୁ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ବାସନ୍ଦ କରାଯାଇଥିଲା।

# ରୌପ୍ୟରେ ପରିଣତ ହେଲା ଐଶ୍ୱର୍ଯ୍ୟାଙ୍କ ବ୍ରୋଞ୍ଜ

**ନୂଆଦିଲ୍ଲୀ, ୯।୪(ପି.ଟି.)**



୨୦୨୩ ଏସିଆନ ଚାମ୍ପିୟନଶିପ୍ ୪୦୦ ମିଟର ରେସ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ଜିତିଥିବା ଉଜ୍‌ବେକିସ୍ତାନର ଫରିଦା ସୋଲିୟେଭା ଡୋପ୍ ଟେଷ୍ଟରେ ଧରାପଡ଼ିବାରୁ ତାଙ୍କଠାରୁ ପଦକ ପ୍ରତ୍ୟାହାର କରିନିଆଯାଇଛି। ଫଳରେ ଏହି ରେସ୍‌ରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ପାଇଥିବା ଭାରତର ଐଶ୍ୱର୍ଯ୍ୟା ମିଶ୍ର ବର୍ତ୍ତମାନ ପଦୋନ୍ନତି ପାଇଛନ୍ତି। ବର୍ତ୍ତମାନ ସେ ରୌପ୍ୟର ହକ୍‌ଦାର ହୋଇଛନ୍ତି। ଗତବର୍ଷ ଜୁଲାଇ ୧୩ରେ ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସୋଲିୟେଭାଙ୍କଠାରୁ ମୂତ୍ର ନମୁନା ସଂଗ୍ରହ କରାଯାଇଥିଲା। ସେଥିରେ ନିଷିଦ୍ଧ ଦ୍ରବ୍ୟ ମେଲ୍‌ଡୋନିୟମ ଠାବ କରାଯାଇଥିଲା। ଫଳରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ସେହିଦିନଠାରୁ ତାଙ୍କର ସମସ୍ତ ଫଳାଫଳକୁ ରଦ୍ଦ କରିଦେଇଛି। ଏଥିସହିତ ତାଙ୍କୁ ୨୦୨୩ ସେପ୍ଟେମ୍ବର ୧୩ରୁ ବାସନ୍ଦ କରିଛି। ସୋଲିୟେଭା ୫୨.୯୫ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ଏବଂ ମିଶ୍ର ୫୩.୦୭ ସେକେଣ୍ଡ ଟାଇମିଂରେ ତୃତୀୟ ହୋଇଥିଲେ। ଶ୍ରୀଲଙ୍କାର ନାଦିଶା ରାମନାୟକେ ୫୨.୬୧ ସେକେଣ୍ଡ ଟାଇମିଂରେ ସ୍ୱର୍ଣ୍ଣ ପାଇଥିଲେ। ମିଶ୍ର ଆହୁରି ମଧ୍ୟ ମିକ୍ସଡ ୪x୪୦୦ମିଟର ରିଲେ ଟିମ୍‌ର ଅଂଶବିଶେଷ ଥିଲେ। ଚାମ୍ପିୟନଶିପ୍‌ରେ ମହିଳା ୪x-୪୦୦ମିଟର ରିଲେରେ ଏକ ବ୍ରୋଞ୍ଜ ଲାଭ କରିଥିଲେ। ଭାରତ ଏହି ଚାମ୍ପିୟଶିପ୍‌ରେ ୬ ସ୍ୱର୍ଣ୍ଣ ସହ ୨୭ ପଦକ ଜିତି ତୃତୀୟ ହୋଇଥିଲା।

# ରୋନାଲ୍‌ଡୋଙ୍କୁ ରେଡ୍ କାର୍ଡ, ସସ୍‌ପେଣ୍ଡ

**ଆବୁଧାବି, ୯।୪ (ଏ.ପି.)**

ଅଲ୍-ନାସର ଓ ଅଲ୍-ହିଲାଲ ମଧ୍ୟରେ ଅନୁଷ୍ଠିତ ସାଉଦି ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଏକ ସେମିଫାଇନାଲ ମ୍ୟାଚରେ ରେଡ୍‌କାର୍ଡ ଯୋଗୁ କ୍ରିଷ୍ଟିଆନୋ ରୋନାଲ୍‌ଡୋ ତାଙ୍କର ଆଗାମି ଦୁଇଟି ଗେମ୍‌ରୁ ସସ୍‌ପେଣ୍ଡ ହୋଇଛନ୍ତି। ୫ଥର ସମ୍ମାନଜନକ ବାଲନ ଡି'ଅର ପୁରସ୍କାର ଜିତିଥିବା ରୋନାଲ୍‌ଡୋ ୨୦୨୨ ଡିସେମ୍ବରରେ ଅଲ୍ ନାସର କ୍ଲବ ସହିତ ଚୁକ୍ତି କରିଥିଲେ। ଆବୁଧାବିରେ ଖେଳାଯାଇଥିବା ଏହି ମ୍ୟାଚର ୮୬ତମ ମିନିଟ୍‌ରେ ସେ ବିପକ୍ଷ ଅଲ-ହିଲାଲ ଡିଫେଣ୍ଡର ଅଲି ଅଲ୍-ବୁଲାହିଙ୍କୁ କହୁଣି ମାରିଥିଲେ। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ରେଡ୍‌କାର୍ଡ ପରେ ପଡ଼ିଆ ଛାଡ଼ିବା ବେଳେ ରେଫରିଙ୍କୁ ଇଙ୍ଗିତ କରିଥିବାରୁ ଏହି ୩୯ ବର୍ଷୀୟ ମହାନ ଫୁଟ୍‌ବଲ ଖେଳାଳି ଆହୁରି ଦଣ୍ଡିତ ହୋଇପାରନ୍ତି। ଏହି ମ୍ୟାଚରେ ଅଲ-ନାସରଙ୍କଠାରୁ ଅଲ୍-ହିଲାଲ ୨-୧ ଗୋଲରେ ହାରିଯାଇଥିଲ। ରୋନାଲ୍‌ଡୋ ପଡ଼ିଆ ଛାଡ଼ିବା ବେଳକୁ ସାଲେମ ଅଲ୍ ଦସାରି ଓ ବ୍ରାଜିଲିଆନ ଓ୍ୱିଙ୍ଗର ମାଲ୍‌କମଙ୍କ ଗୋଲ୍ ବଳରେ ଅଲ୍-ନାସେର ବିପକ୍ଷରେ ଅଲ୍-ହିଲାଲ ୨-୦ ଗୋଲ୍‌ରେ ଆଗୁଆ ରହିଥିଲା। ପରେ ଇଞ୍ଜୁରି ସମୟ ଖେଳ ବେଳେ ସେନେଗାଲ ଇଣ୍ଟରନ୍ୟାଶନାଲ ସାଡିଓ ମାନେଙ୍କ ଏକ ଗୋଲ ପରିଶୋଧ କରିଦେଇଥିଲେ। ଫଳରେ ହିଲାଲା ଦଳ ଗୁରୁବାର ଅଲ-ଇତିହାଦ ସହିତ ଫାଇନାଲ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିପାରିଛି।



ଅଲ୍-ବୁଲାହିଙ୍କୁ କହୁଣି ମାରିବା ଅବସରରେ କ୍ରିଷ୍ଟିଆନୋ ରୋନାଲ୍‌ଡୋ।

# ଜୋକୋଭିଚ୍, ବୋପାନ୍ନାଙ୍କ ବିରଳ ରେକର୍ଡ

**ମଣ୍ଟେକାର୍ଲୋ, ୯।୪ (ପି.ଟି.):** ଭାରତୀୟ ଡବଲ୍ସ ଟେନିସ୍ ତାରକା ରୋହନ ବୋପାନ୍ନା ଓ ସର୍ବିୟାର ନୋଭାକ୍ ଜୋକୋଭିଚ୍ ଏଟିପି ର୍‌ୟାଙ୍କିଂରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଉଭୟ ଖେଳାଳି ବୟସ୍କ ଆଥ୍‌ଲେଟ ଭାବରେ ଏଟିପି ର୍‌ୟାଙ୍କିଂରେ ପ୍ରଥମ ସ୍ଥାନରେ ରହିବାର ସୌଭାଗ୍ୟ ହାସଲ କରିଛନ୍ତି। ନିକଟରେ ଜୋକୋଭିଚ୍ ମଣ୍ଟେକାର୍ଲୋ ମାଷ୍ଟର୍ସରେ ଚାମ୍ପିୟନ ହୋଇଥିଲେ। ଏହି ଅବସରରେ ଦୁଇ ଖେଳାଳିଙ୍କ ମଧ୍ୟରେ ହୋଇଥିବା ବାର୍ତ୍ତାଳାପକୁ ଏଟିପି ଏହାର ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛି। ୪୪ ବର୍ଷୀୟ ବୋପାନ୍ନା ପୁରୁଷ ଡବଲ୍ସରେ ବୟସ୍କ ଖେଳାଳି ଭାବରେ ୧ ନମ୍ବର ସ୍ଥାନ ହାସଲ କରିଥିଲେ। ଅନ୍ୟପକ୍ଷରେ ୩୬ ବର୍ଷୀୟ ଜୋକୋଭିଚ୍ ସୁଇଜରଲାଣ୍ଡର ରୋଜର ଫେଡେରରଙ୍କୁ ପଛରେ ପକାଇ ବୟସ୍କ ଖେଳାଳି ଭାବରେ ପୁରୁଷ ସିଙ୍ଗଲ୍ସରେ ଏକ ନମ୍ବର ମାନ୍ୟତା ହାସଲ କରିଛନ୍ତି। ଟେନିସ୍ ଆମକୁ ଅନେକ ଜିନିଷ ଶିଖାଇଥାଏ। ଅଭିଜ୍ଞତା ହିଁ ଜୀବନର ସବୁଠାରୁ ବଡ ଉପଲବ୍ଧି ବୋଲି ଜୋକୋଭିଚ୍‌ଙ୍କୁ କହିଥିଲେ ବୋପାନ୍ନା। ଆମେ ବୟସ୍କ, ମାତ୍ର ସୁନାଠାରୁ କମ୍ ନୁହେଁ ବୋଲି କହିଥିଲେ ଜୋକୋଭିଚ୍।

# ଜାତୀୟ ମହିଳା ହକି ଲିଗ୍ ୩୦ରୁ

**ନୂଆଦିଲ୍ଲୀ, ୯।୪ (ପି.ଟି.):** ଜାତୀୟ ମହିଳା ହକି ଲିଗର ଉଦ୍‌ଘାଟନୀ ସଂସ୍କରଣ ରାଞ୍ଚିରେ ଏପ୍ରିଲ ୩୦ରୁ ମେ ୧୦ ପର୍ଯ୍ୟନ୍ତ ହେବ। ହକିଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଏହା ଘୋଷଣା କରାଯାଇଛି। ଏହି ଲିଗ୍‌ରେ ଦେଶର ଉଦୀୟମାନ ଖେଳାଳି ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ପୁଣେଠାରେ ଅନୁଷ୍ଠିତ ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍‌ର ୮କ୍ୱାର୍ଟରଫାଇନାଲିଷ୍ଟ ହରିୟାଣା, ମହାରାଷ୍ଟ୍ର, ଝାଡ଼ଖଣ୍ଡ, ମଧ୍ୟ ପ୍ରଦେଶ, ବେଙ୍ଗଲ, ମିଜୋରାମ, ମଣିପୁର ଓ ଓଡ଼ିଶାକୁ ନେଇ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ଲିଗ୍ ଖେଳାଯିବ। ଲିଗ୍‌ରେ ୨୧ବର୍ଷରୁ କମ୍ ଖେଳାଳିଙ୍କ ପ୍ରଦର୍ଶନ ଦେଖିବାକୁ ମିଳିବ। ଚୟନକର୍ତ୍ତାମାନେ ଭବିଷ୍ୟତର ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଲାଗି ଖେଳାଳି ଚୟନର ସୁଯୋଗ ପାଇବେ। ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ କେବେ ହେବ ତାହା ଘୋଷଣା କରାଯାଇ ନାହିଁ।




# ଗୋଆର ରୋମାଞ୍ଚକ ବିଜୟ

## ଇଣ୍ଡିଆନ୍ ସୁପର୍ ଲିଗ୍

**ରାଞ୍ଚି,୯।୪:** ଇଣ୍ଡିଆନ୍ ସୁପର୍ ଲିଗ୍‌ରେ ମଙ୍ଗଳବାର ଜାମସେଦପୁର ଏଫ୍‌ସିକୁ ୩-୨ରେ ହରାଇ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି ଏଫ୍‌ସି ଗୋଆ। ଇଞ୍ଜୁରୀ ଟାଇମରେ ବୋର୍ଜା ହେରେରା ଗୋଆ ପକ୍ଷରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ। ଜାମସେଦପୁର ପାଇଁ ରେଇ ଟାଚିକାୱା(୧୭) ଓ ସେମିନଲେନ ଡୌଙ୍ଗେଲ(୭୩) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଗୋଆ ପକ୍ଷରୁ ନୋଆ ସାଦୌଇ (୨୧), କାର୍ଲୋସ ମାର୍ଟିନେଜ୍ (୨୮) ଓ ବୋର୍ଜା ହେରେରା (୯୦+୫) ମିନିଟରେ ଗୋଲ ଦେଇଥିଲେ।

ଜେଆର୍‌ଡି ଟାଟା ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଖେଳା ଯାଇଥିବା ମ୍ୟାଚ୍‌ରେ ୧୭ ତମ ମିନିଟରେ ୬ ୟାର୍ଡ ଦୂରରୁ ଏକ ଶକ୍ତିଶାଳୀ ଶଟ୍ ଜରିଆରେ ଗୋଲ ସ୍କୋର କରିଥିଲେ ରେଇ ଟାଚିକାୱା। ଏହାର ୪ ମିନିଟ ମଧ୍ୟରେ କାର୍ଲ ମ୍ୟାକହଗ୍‌ଙ୍କ ଆସିଷ୍ଟରେ ଗୋଆ ପକ୍ଷରୁ ନୋଆ ସାଦୌଇ ଗୋଲ୍ ଦେଇ ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ନୋଆ ସାଦୌଇଙ୍କ ଆସିଷ୍ଟରୁ ୨୮ ତମ ମିନିଟରେ କାର୍ଲୋସ ମାର୍ଟିନେଜ୍ ସ୍କୋର କରିବା ସହ ଗୋଆକୁ ୨-୧ରେ ଆଗୁଆ କରିଥିଲେ। ପ୍ରଥମାର୍ଦ୍ଧ ୨-୧ରେ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଗୋଆ ସାମାନ୍ୟ ରକ୍ଷଣାତ୍ମକ ଢଙ୍ଗରେ ଆରମ୍ଭ କରିଥିଲା। ୭୩ ମିନିଟରେ ସେମିନଲେନ ଡୌଙ୍ଗେଲ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ଥିତିକୁ ଆଣିଥିଲେ। ମ୍ୟାଚ୍ ଡ୍ର ଆଡକୁ ଯାଉଥିବା ବେଳେ ଇଞ୍ଜୁରୀ ଟାଇମ୍‌ରେ ବୋର୍ଜା ହେରେରା ଗୋଲ ଦେଇଥିଲେ। ଏହା ସହ ୨୧ ମ୍ୟାଚ୍‌ରୁ ୧୨ ବିଜୟ ସହ ୪୨ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି ଏଫ୍‌ସି ଗୋଆ।



ଗୋଲ ସ୍କୋର ପରେ ବୋର୍ଜା ହେରେରା (ଡାହାଣ)

Explore Hyundai's advanced technology for an unmatched experience.
Drive home your favorite Hyundai car and avail exciting benefits.




PRASA-2024

Benefits made just for you

| | Cash benefits up to* | Exchange | Pride of India / Corporate | Total benefits up to* |
|---|---|---|---|---|
| Grand i10 NIOS | ₹35 000 | ₹10 000 | ₹3 000 | ₹48 000 |
| AURA | ₹20 000 | ₹10 000 | ₹3 000 | ₹33 000 |
| VENUE | ₹25 000 | ₹10 000 | - | ₹35 000 |
| i20 | ₹25 000 | ₹10 000 | - | ₹35 000 |

Hyundai Click to Buy Scan here
3 YEAR 1 00 000km** Warranty Coverage
3 YEAR Unlimited** Kilometer Warranty
UPTO 7 YEARS Extended Warranty^
3 YEARS Road Side Assistance (RSA)
UPTO 5 YEARS Shield of Trust Running Repair Package
UPTO 5 YEARS Shield of Trust Super Maintenance Package
HYUNDAI

FOR INFORMATION CONTACT: TOLL FREE: 1800114645; ANGUL: BINOD HYUNDAI, PH: 8093147272, BALANGIR: BINOD HYUNDAI, PH: 8117067272; BHUBANESWAR: ADITYA HYUNDAI, TAMANDO, PH: 7873999645, NAYAGARH, PH: 7873999331; SACHIVALAYA MARG, UNIT IV, PH: 7873999988, LEWIS ROAD, PH: 7873999523; UTKAL HYUNDAI, PAHAL, PH: 6371750223; RASULGARH, PH: 8093066006; PATIA, PH: 9861455661; BERHAMPUR: UTKAL HYUNDAI, PH: 9437964843; BALASORE: PREMIER HYUNDAI, PH: 9938449810; BHADRAK, PH: 9938449806; BARIPADA: PREMIER HYUNDAI, PH: 9938449811; CUTTACK: OSL HYUNDAI, PH: 9338104597; PARADEEP, PH: 7077736590; JAGATSINGHPUR, PH: 7077736600, DHENKANAL, PH: 9338685216; UTKAL HYUNDAI, PH: 9437063221; KEONJHAR, PH: 9937117471, JAJPUR, PH: 7077719045; ROURKELA: KOSHALA HYUNDAI, PH: 7440022333; RAJGANGPUR, PH: 8093598037; SAMBALPUR: AAKASHDEEP HYUNDAI, PH: 9437070126; BARGARH: SAKAMBARI HYUNDAI, PH: 6370101797; JHARSUGUDA: INFINITY HYUNDAI, PH: 7077011114; SUNDERGARH, PH: 7606003303; JEYPORE: HSPL HYUNDAI, PH: 8480330001; SIMILIGUDA, PH: 8480330001; RAYAGADA, PH: 8480330001; BHAWANIPATNA, PH: 8480330040; UTTARA: ADITYA HYUNDAI, PH: 7873999545, PURI, PH: 7873999980;

my Hyundai app
Hyundai Promise Certified Pre-Owned Car
Scan to chat with us

*Terms & Conditions apply. Benefits include cash discount, exchange bonus and benefits for government or corporate employees, whichever is applicable. Benefits may vary with variants and are subject to change without prior notice. **3-year warranty or upto 1 00 000 km whichever is earlier for Grand i10 NIOS, AURA, i20 & i20 N line. 3-year unlimited km warranty is applicable for VENUE, VENUE N Line, CRETA, ALCAZAR, TUCSON, VERNA, KONA Electric and IONIQ 5. ^Upto 7 years extended warranty is applicable only for petrol variants. HMIL reserves the right to withdraw/modify the scheme without prior notice. Visit your nearest Hyundai dealership for more details. Hyundai urges you to follow traffic rules - these are meant to keep you safe on roads.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ